# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜୁଲାଇ ୩୧/୨୦୧୯ (୧୬ ପୃଷ୍ଠା) Sambalpur, Wednesday, July 31 / 2019 ★★

୧୫ଶ ଭାଗ ୨୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ପୃଥ୍ୱୀ ଶ' ଡୋପ ଟେଷ୍ଟରେ ବିଫଳ**

ଡୋପ ଟେଷ୍ଟରେ ବିଫଳ ହୋଇଥିବାରୁ କ୍ରିକେଟର ସମସ୍ତ ଫର୍ମାଟରୁ ୮ ମାସ ପାଇଁ ବାସନ୍ଦ ହୋଇଛନ୍ତି ଭାରତର ପ୍ରତିଭା ସମ୍ପନ୍ନ ଖେଳାଳି ପୃଥ୍ୱୀ ଶ'।

୧୫

୦୨

**'ଗୁଲାବୋ ସିତାବୋ'ରେ ଆୟୁଷ୍ମାନ୍**

ଅଭିନେତା ଆୟୁଷ୍ମାନ୍ ଖୁରାନା ପରବର୍ତ୍ତୀ ଫିଲ୍ମ 'ଗୁଲାବୋ ସିତାବୋ' ଶୁଟିଂ ପାଇଁ ପ୍ରସ୍ତୁତ ହେଉଛନ୍ତି।



# ତିନି ତଲାକ୍ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

## ସପକ୍ଷରେ ୯୯, ବିପକ୍ଷରେ ୮୪ ଭୋଟ

**ନୂଆଦିଲ୍ଲୀ,୩୦।୭(ପି.ଟି.)**

ଶେଷରେ ବହୁପ୍ରତୀକ୍ଷିତ ଟ୍ରିପଲ ତଲାକ୍ ବା ତିନି ତଲାକ୍ ବିଲକୁ ପାର୍ଲାମେଣ୍ଟର ମଞ୍ଜୁରୀ ମିଳିଛି। ମୁସ୍‌ଲିମ୍ ମହିଳାଙ୍କ ବିବାହ ସୁରକ୍ଷା ଅଧିକାର ପାଇଁ ଉଦ୍ଦିଷ୍ଟ ଏହି ବିଲ୍ ମଙ୍ଗଳବାର ରାଜ୍ୟ ସଭାରେ ଗୃହୀତ ହୋଇଛି। ବିଲ୍ ସପକ୍ଷରେ ୯୯ ଭୋଟ ପଡ଼ିଥିବାବେଳେ ବିପକ୍ଷରେ ଯାଇଛି ୮୪ ଭୋଟ। ବିଜେଡିର ସମର୍ଥନ ଏବଂ ଏନ୍‌ଡିଏ ସହଯୋଗୀ ଜେଡିୟୁ ଓ ଏଆଇଏଡିଏମ୍‌କେ ସଦସ୍ୟମାନେ କକ୍ଷତ୍ୟାଗ କରିବା ପରେ ଉଚ୍ଚ ସଦନରେ ବିଲ୍‌କୁ ଗୃହୀତ କରାଇବାରେ ଅସୁବିଧା ହୋଇ ନ ଥିଲା। ଏହା ପୂର୍ବରୁ ଉକ୍ତ ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ବିରୋଧୀ ଆଣିଥିବା ପ୍ରସ୍ତାବ କାଟ୍ ଖାଇଥିଲା। ଉକ୍ତ ପ୍ରସ୍ତାବ ସପକ୍ଷରେ ୮୪ ଓ ବିପକ୍ଷରେ ୧୦୦ ଭୋଟ ପଡ଼ିଥିଲା। ଏହି ଐତିହାସିକ ବିଲ୍ ପାସ୍ ହେବା ଫଳରେ ଏଣିକି କୌଣସି ମୁସଲମାନ ପୁରୁଷ ତତ୍‌କ୍ଷଣ ତିନିଥର ତଲାକ୍ କହି ନିଜ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଲେ ତାହା ଅପରାଧର ପର୍ଯ୍ୟାୟଭୁକ୍ତ ହେବ। ସମ୍ପୃକ୍ତ ସ୍ୱାମୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି।

ମୁସଲିମ୍ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍ ଗତ ସପ୍ତାହରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ମଙ୍ଗଳବାର ରାଜ୍ୟ ସଭାରେ ପାରିତ ହୋଇଛି। ୨୪୨ ଆସନ ବିଶିଷ୍ଟ ରାଜ୍ୟ ସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୧୨୧ ସଦସ୍ୟଙ୍କ ସମର୍ଥନ ଜରୁରୀ। ଗୃହରେ ଏନ୍‌ଡିଏ ସଦସ୍ୟଙ୍କ ସଂଖ୍ୟା ୧୦୭। ଜେଡିୟୁ ଏବଂ ଏଆଇଏଡିଏମ୍‌କେ କକ୍ଷତ୍ୟାଗ କରିବା ଫଳରେ ସଂଖ୍ୟାଗରିଷ୍ଠତା ପାଇଁ ସଂଖ୍ୟା ଖସିଯାଇଥିଲା। ସେହିପରି ବିଜେଡି ଏହି ବିଲ୍‌କୁ ସମର୍ଥନ କରିଥିଲା। ସମାଜବାଦୀ ପାର୍ଟି (ଏସ୍‌ପି), ବହୁଜନ ସମାଜ ପାର୍ଟି (ବିଏସ୍‌ପି), ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଏବଂ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର କେତେଜଣ ସଦସ୍ୟଙ୍କ ଅନୁପସ୍ଥିତି ବିଲ୍ ପାସ୍ କରାଇବା ପାଇଁ ଏନ୍‌ଡିଏକୁ ସାହାଯ୍ୟ କରିଥିଲା। ଉଚ୍ଚ ସଦନରେ ଶାସକ ମେଣ୍ଟର ସଂଖ୍ୟାବଳ ନ ଥିଲେ ହେଁ ଗତ ସପ୍ତାହରେ ଯେଭଳି ରଣନୀତି ଆପଣେଇ ସୂଚନା ଅଧିକାର (ଆର୍‌ଟିଆଇ) ସଂଶୋଧନ ବିଲ୍‌କୁ ଗୃହୀତ କରାଇବାରେ ସରକାର ସକ୍ଷମ ହୋଇଥିଲେ, ଟ୍ରିପଲ୍ ତଲାକ୍ ବିଲ୍ କ୍ଷେତ୍ରରେ ମଧ୍ୟ ସମାନ ଉପାୟ କରାଯାଇଥିଲା। ବିଧେୟକ ଉପରେ ରାଷ୍ଟ୍ରପତିଙ୍କ ମୋହର ବାଜିବା ପରେ ଗତ ଫେବୃୟାରୀ ୨୧ରେ ଅଣାଯାଇଥିବା ଅଧ୍ୟାଦେଶ ବଦଳରେ ଏହି ବିଲ୍ ଆଇନରେ ପରିଣତ ହୋଇ ଦେଶରେ କାର୍ଯ୍ୟକାରୀ ହେବ।

ରାଜ୍ୟ ସଭାରେ ବିତର୍କ ଓ ଗୃହୀତ କରାଇବା ପାଇଁ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଟ୍ରିପଲ୍ ତଲାକ୍ ବିଲ୍‌କୁ ଆଗତ କରିଥିଲେ। ସେ କହିଥିଲେ, ଅନେକ ମୁସ୍‌ଲିମ୍ ଦେଶରେ ଏହି ପ୍ରଥାକୁ ନିଷିଦ୍ଧ ଘୋଷଣା କରାଯାଇଛି। ହେଲେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇ ସୁଦ୍ଧା ଏଠାରେ ସେପରି କରାଯାଇ ପାରିନାହିଁ। ହିନ୍ଦୁମାନଙ୍କ କ୍ଷେତ୍ରରେ ଯୌତୁକ ଦାବି

☞ ପୃଷ୍ଠା–୪



**ଐତିହାସିକ ପଦକ୍ଷେପ**

- ତତ୍‌କ୍ଷଣ ତିନିଥର ତଲାକ୍ କହି ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଉଥିବା ମୁସ୍‌ଲିମ୍ ପୁରୁଷଙ୍କୁ ୩ ବର୍ଷ ଜେଲ୍ ହେବ
- ବିଲ୍‌କୁ ବିଜେଡିର ସମର୍ଥନ
- ଜେଡିୟୁ, ଏଆଇଏଡିଏମ୍‌କେର କକ୍ଷତ୍ୟାଗ
- ସିଲେକ୍ଟ କମିଟିକୁ ପଠାଇବା ଲାଗି ବିରୋଧୀଙ୍କ ପ୍ରସ୍ତାବ କାଟ୍ ଖାଇଲା

## ବାଟ ଫିଟାଇଦେଲା ବିଜେଡି

**ନୂଆଦିଲ୍ଲୀ,୩୦।୭**

ବିଜୁ ଜନତା ଦଳ (ବିଜେଡି) ଟ୍ରିପଲ ତଲାକ୍ ବିଲ୍ ସମ୍ପର୍କରେ ନିଜ ଆଭିମୁଖ୍ୟ ବଦଳାଇ ଏ ସମ୍ପର୍କିତ ଆଇନ ପ୍ରଣୟନର ବାଟ ଫିଟାଇଦେଇଛି। ତିନିଥର ତଲାକ୍ କହି ଛାଡ଼ପତ୍ର ଦେବାର ପ୍ରଥାକୁ ଉଚ୍ଛେଦ କରି ଏହାକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରିବା ଲାଗି ଉଦ୍ଦିଷ୍ଟ ମୁସ୍‌ଲିମ୍ ମହିଳା (ବିବାହ ସୁରକ୍ଷା ଅଧିକାର) ବିଲ୍ ରାଜ୍ୟ ସଭାରେ ଗୃହୀତ ହେବା ପଛରେ ବିଜେଡିର ବଡ଼ ଭୂମିକା ରହିଛି।

ଉଚ୍ଚ ସଦନରେ ତିନି ତଲାକ୍ ବିଲ୍ ଆଗତ ହୋଇଥିବାବେଳେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ସମର୍ଥନ କରିଥିଲେ। ସେ କହିଥିଲେ, ବିଜେଡି ପୂର୍ବରୁ କେତେକ ପ୍ରସଙ୍ଗରେ ଏହାକୁ ନେଇ ଆପତ୍ତି ଉଠାଇଥିଲା। ଏ ସମ୍ପର୍କିତ ଆଇନ ଆଣିବା ପୂର୍ବରୁ ସରକାର ସେସବୁ ଦିଗ ପ୍ରତି ଯତ୍ନବାନ ହୋଇଛନ୍ତି। ଏହାସହ ପ୍ରସନ୍ନ ବିଲ୍‌ର କେତେକ ନିୟମ ଉପରେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ି କହିଥିଲେ, ବିଜେଡିର ଆଭିମୁଖ୍ୟ ହେଉଛି ଏହି ବିଲକୁ ସମର୍ଥନ କରିବା। କିନ୍ତୁ ଏହି ବିଲ୍‌ର ଧାରା ୩ରେ ଉଲ୍ଲେଖ କରାଯାଇଛି ଯେ, ବିଭିନ୍ନ ମାଧ୍ୟମରେ ଛାଡ଼ପତ୍ର ପାଇଁ ଉଚ୍ଚାରଣ ବେଆଇନ ଓ ଅବୈଧ। ତା'ପରେ ସରକାର ଏଥିରେ ଜେଲଦଣ୍ଡ ଓ ଜରିମାନାର ବିଧାନ କରିଛନ୍ତି। ତିନି ତଲାକ୍‌କୁ ଯେତେବେଳେ ବେଆଇନ ବୋଲି କୁହାଯାଉଛି, ବିଲ୍‌ରେ ଜେଲଦଣ୍ଡର ବ୍ୟବସ୍ଥା କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ପୀଡ଼ିତା ମହିଳାଙ୍କ ଅଜାଣତରେ ତାଙ୍କ ପକ୍ଷରୁ ଜଣେ ରକ୍ତ ସମ୍ପର୍କୀୟ ମାମଲା ରୁଜୁ ପାଇଁ ଏତଲା ଦେଇପାରିବେ ବୋଲି ରହିଥିବା ବ୍ୟବସ୍ଥାର ଅପବ୍ୟବହାର ଆଶଙ୍କା କରି ଏହାକୁ ମଧ୍ୟ ପ୍ରସନ୍ନ ବିରୋଧ କରିଥିଲେ। ଜଣେ ମୁସଲିମ ମହିଳା କେଉଁ ପରିସ୍ଥିତିରେ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇବେ ସେନେଇ ମଧ୍ୟ ସରକାର ନିୟମ କରନ୍ତୁ ବୋଲି ସେ ଦାବି କରିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଷୋଡ଼ଶ ଲୋକ ସଭାରେ ତିନି ତଲାକ୍ ବିଲ୍ ଆଗତ ହୋଇଥିବାବେଳେ ବିଜେଡି ଏହାର ଦଣ୍ଡବିଧାନ ବ୍ୟବସ୍ଥାକୁ ବିରୋଧ କରିବା ସହ ଏଥିରେ ସଂଶୋଧନ ଆଣିବାକୁ ପ୍ରସ୍ତାବ ଦେଇଥିଲା। ସେଗୁଡ଼ିକ ପ୍ରତି ଧ୍ୟାନ ଦିଆ ନ ଯିବାରୁ ବିଜେଡି କକ୍ଷତ୍ୟାଗ କରିଥିଲା। ତେବେ ପରବର୍ତ୍ତୀ ସମୟରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହା ଆଗତ ହେବାବେଳେ ବିଜେଡିର ପରିବର୍ତ୍ତିତ ଆଭିମୁଖ୍ୟ ଯୋଗୁ ଏହା ଗୃହୀତ ହୋଇପାରିଛି ବୋଲି କୁହାଯାଉଛି।

## ସିସିଡି ପ୍ରତିଷ୍ଠାତା ସିଦ୍ଧାର୍ଥ ନିଖୋଜ



**ନୂଆଦିଲ୍ଲୀ,୩୦।୭(ପି.ଟି.):** କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍. କ୍ରିଷ୍ଣାଙ୍କ ଜ୍ୱାଇଁ ତଥା କେଫ୍ କଫି ଡେ(ସିସିଡି) ପ୍ରତିଷ୍ଠାତା ଭି.ଜି. ସିଦ୍ଧାର୍ଥ ସୋମବାର ରାତିରୁ ନିଖୋଜ ଅଛନ୍ତି। ସେ ମାଙ୍ଗାଲୁରୁ ନିକଟସ୍ଥ ଉଲ୍ଲାଲ ବ୍ରିଜ୍‌ରୁ ନେତ୍ରବତୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ସକାଳୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲେ ହେଁ ସିଦ୍ଧାର୍ଥଙ୍କ ପତ୍ତା ମିଳିନାହିଁ। ୬୦ ବର୍ଷୀୟ ସିଦ୍ଧାର୍ଥ ନିଖୋଜ ହେବା ନେଇ ତାଙ୍କ ଡ୍ରାଇଭର ବାସଭରାଜ ପାଟିଲ ଏକ ସ୍ଥାନୀୟ ଥାନାରେ ରିପୋର୍ଟ କରିଛନ୍ତି। ସୋମବାର ରାତିରେ ସିଦ୍ଧାର୍ଥ ଉଲ୍ଲାଉ ବ୍ରିଜ୍ ଦେଇ ଯାଉଥିଲେ। ବ୍ରିଜ୍ ମୁଣ୍ଡରେ କାର୍ ରଖି ଅପେକ୍ଷା କରିବାକୁ ତାଙ୍କୁ କହିଥିଲେ। ଡ୍ରାଇଭର କାର୍ ରଖିବା ପରେ ସେ ଫୋନ୍‌ରେ କାହା ସହିତ କଥା ହୋଇ ଚାଲିଚାଲି ଯାଉଥିଲେ। ହେଲେ ଘଣ୍ଟାଏ ପରେ ମଧ୍ୟ ସିଦ୍ଧାର୍ଥ ନ ଫେରିବାରୁ ତାଙ୍କ ମନରେ ସନ୍ଦେହ ହୋଇଥିଲା। ବ୍ରିଜ୍ ଉପରୁ କେହି ଜଣେ ତଳକୁ ଡେଇଁଥିବା ଜଣେ ବ୍ୟକ୍ତି ଡ୍ରାଇଭରଙ୍କୁ କହିଥିଲେ। ସିଦ୍ଧାର୍ଥଙ୍କୁ ଠାବ କରିବା ପାଇଁ ତଟରକ୍ଷୀ ବାହିନୀ, ବୁଡ଼ାଳି, ମତ୍ସ୍ୟଜୀବୀ ଓ ପୋଲିସ କର୍ମଚାରୀଙ୍କୁ ମିଶାଇ ୨୦୦ ଜଣ ତଲାସି ଚଳାଇଥିବା ମାଙ୍ଗାଲୁରୁ ପୋଲିସ କମିଶନର ସନ୍ଦୀପ ପାଟିଲ ସୂଚନା ଦେଇଛନ୍ତି। **(ଅଧିକ ଖବର ପୃଷ୍ଠା- ୧୩)**

- ଟାର୍ଗେଟରେ ଟିକସ ଫାଙ୍କୁଥିବା ଖଣି ମାଲିକ, ସହଯୋଗୀ

## ଓଡ଼ିଶା, କଲିକତାର ୧୧ ସ୍ଥାନରେ ଆୟକର ବିଭାଗ ଚଢ଼ାଉ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ଦୀର୍ଘଦିନ ଧରି ଟିକସ ଫାଙ୍କୁଥିବା ଖଣି ମାଲିକ ଓ ସହଯୋଗୀଙ୍କୁ ଟାର୍ଗେଟ କରିଛି ଆୟକର ବିଭାଗ। ମଙ୍ଗଳବାର ସେମାନଙ୍କ କାର୍ଯ୍ୟାଳୟ ଓ ବାସଭବନରେ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଭୁବନେଶ୍ୱରର ୪, ରାଉରକେଲାର ୩ ଓ କଲିକତାର ୪ଟି ସ୍ଥାନରେ ଏହି ଚଢାଉ ହୋଇଥିବା ସୂଚନା ମିଳିଛି। କଳିଙ୍ଗ କମର୍ସିଆଲ କର୍ପୋରେଶନ ପ୍ରାଇଭେଟ ଲିମିଟେଡ୍ ମାଲିକ ସୌମ୍ୟରଞ୍ଜନ ସାମଲଙ୍କ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାସଭବନ ଓ କାର୍ଯ୍ୟାଳୟରେ ଆୟକର ବିଭାଗର ଅଧିକାରୀମାନେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଛନ୍ତି। ତାଙ୍କ ସହ ଜଡିତ ମା' ତାରିଣୀ ଇସ୍ପାତ ଲିମିଟେଡ୍ ଓ ଅନ୍ୟ କେତେକ ସଂସ୍ଥାର କାର୍ଯ୍ୟାଳୟ ଏବଂ କର୍ତ୍ତୃପକ୍ଷଙ୍କ ବାସଭବନରେ ମଧ୍ୟ ଚଢାଉ ଆରମ୍ଭ ହୋଇଛି। ସେହିଭଳି ଖଣି ମାଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିବା କେତେଜଣ ସରକାରୀ ଅଧିକାରୀଙ୍କୁ ମଧ୍ୟ ଆୟକର ବିଭାଗ ଟାର୍ଗେଟ କରି ଚଢ଼ାଉ କରିଥିବା ଜଣାପଡିଛି। ଏପରିକି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ବର୍ଷାର ଲୁଚକାଳି: ୨ରୁ ୪ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ବର୍ଷା ଦୁଇଦିନ ଧରି ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷିବା ପରେ ପୁଣି ଉଭାନ ହୋଇଯାଇଛି। ବର୍ଷା ଯୋଗୁ ଯେଉଁ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଥିଲା ସେଠାରେ ସ୍ଥିତି ସୁଧାରିବାରେ ଲାଗିଛି। ତେବେ ୩୧ରୁ ୧ତାରିଖ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ହେବ। ୨ରୁ ୪ତାରିଖ ମଧ୍ୟରେ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ବିଶେଷ କରି କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ପୁରୀ, ଗଞ୍ଜାମ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, ବରଗଡ଼ ଜିଲାରେ ଅଧିକ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ସୁନ୍ଦରଗଡ଼, ହୀରାକୁଦ, କୋରାପୁଟ, ମାଲକାନଗିରି, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ଚାନ୍ଦବାଲିରେ ବର୍ଷା ହୋଇଥିବା ଜଣାପଡ଼ିଛି।



ବରଗଡ଼ ସହର– ଅମ୍ବାପାଲି ମଝିରେ ପ୍ରବାହିତ ଜିରା ନଦୀର ବନ୍ୟା ଜଳରେ ଧୋଇ ହୋଇଯାଇଥିବା ଏକ ରାସ୍ତା ।

**ଆଜିର ସମ୍ପାଦକୀୟ**

ହେଲା ତଲାକ୍

**ଆଜିର ମନ୍ତବ୍ୟ**

" ଉନ୍ନାଓ ମାମଲାରେ ଉପରୁ ଯାହା ନିର୍ଦ୍ଦେଶ ଆସୁଛି ପୋଲିସ ତାକୁ ପାଳନ କରୁଛି।

–ଅଖିଳେଶ ଯାଦବ,ଏସ୍‌ପି ଅଧ୍ୟକ୍ଷ


AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR
For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 30.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 62 | 109 | 119 |
| BDK | 64 | 111 | 121 |
| BLS | 65 | 113 | 123 |
| ANG | 63 | 110 | 120 |
| BHM | 60 | 106 | 116 |

*Conditions Apply
Eggs Retail Price- 39/-Dozen
Issued in the Interest of Consumers


## ଆରମ୍ଭ ହେବ ମୋ କଲେଜ ଯୋଜନା

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

'ମୋ ସ୍କୁଲ'ଭଳି ଖୁବ୍‌ଶୀଘ୍ର 'ମୋ କଲେଜ' କାର୍ଯ୍ୟକ୍ରମ ଆରମ୍ଭ ହେବ। ପୁରାତନ ଛାତ୍ରମାନଙ୍କୁ ଏଥିରେ ସାମିଲ କରାଯିବ। କଲେଜର ବିକାଶ ତଥା ଗୁଣାତ୍ମକ ଶିକ୍ଷା ଦିଗରେ ସେମାନଙ୍କଠାରୁ ମତାମତ ସଂଗ୍ରହ କରାଯିବ। ଏଥିସହିତ ସେମାନଙ୍କ ଅନୁଦାନରେ ସ୍କୁଲର ଭିତ୍ତିଭୂମି ନିର୍ମାଣ କରାଯିବ। ମଙ୍ଗଳବାର ମୁଲତବୀ ଆଲୋଚନାର ଜବାବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଗତ ୨ ମାସ ମଧ୍ୟରେ ସରକାରୀ କଲେଜ ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟ ଭିସିମାନଙ୍କୁ ଡାକି ବୈଠକ କରାଯାଇଛି। ସେମାନଙ୍କଠାରୁ ମତାମତ ନିଆଯାଇଛି। ବିଶ୍ୱବିଦ୍ୟାୟରେ ଖାଲି ପଦବୀ ପୂରଣ ପ୍ରକ୍ରିୟା ଜାରି ରହିଛି। ରାଜ୍ୟରେ ୫୨ ସରକାରୀ ଡିଗ୍ରୀ କଲେଜ ରହିଛି। ଗତ ୩ ବର୍ଷରେ ଛାତ୍ରୀଛାତ୍ରମାନଙ୍କର ନାମଲେଖା ବଢ଼ିବାରେ ଲାଗିଛି। ୨୦୧୬–୧୭ରେ ୨୧,୫୬୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ୨୦୧୭–୧୮ରେ ୨୩,୦୦୨ ଏବଂ ୨୦୧୮–୧୯ରେ ୨୩,୯୪୬ ଜଣ ନାମ ଲେଖାଇଛନ୍ତି। ସରକାରୀ କଲେଜରେ ଚଏସ୍‌ବେସ୍‌ଡ କ୍ରେଡିଟ ସିଷ୍ଟମ(ସିବିସିଏସ୍) ସେମିଷ୍ଟର ପଦ୍ଧତିରେ ପାଠପଢ଼ା ହେଉଛି। ଅନୁନ୍ନତ ଓ ପଛୁଆ ଜିଲାରେ ରୁଷା ଯୋଜନାରେ ୮ଟି ମଡେଲ ଡିଗ୍ରୀ କଲେଜ ଖୋଲାଯାଇଛି। ପ୍ରତ୍ୟେକ କଲେଜକୁ ୮ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ୨୦୧୬–୧୭ରୁ ସେଥିରେ ନାମଲେଖା ଆରମ୍ଭ ହୋଇଛି। ଚଳିତ ବର୍ଷ ଆଉ ୬ଟି ମଡେଲ ଡିଗ୍ରୀ କଲେଜ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, କଳାହାଣ୍ଡି, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ଗଜପତି। ଛାତ୍ରୀଛାତ୍ରମାନଙ୍କର କହିବା ଦକ୍ଷତା ବୃଦ୍ଧି କରିବା ପାଇଁ ୪୦ଟି ସରକାରୀ କଲେଜରେ ଲାଙ୍ଗୁଏଜ ଲାବୋରେଟୋରି ଖୋଲାଯାଇଛି। ୫୧ଟି ସରକାରୀ କଲେଜରେ ସ୍ମାର୍ଟ କ୍ଲାସ୍‌ରୁମ୍ ଏବଂ ୪୨ଟି କଲେଜରେ ଆଇଆଇଟି ମୁମ୍ବାଇ ଭାଗୀଦାରିରେ ସ୍ପୋକନ ଟ୍ୟୁଟୋରିଆଲ ଆରମ୍ଭ କରାଯାଇଛି। ୨୭ଟି କଲେଜରେ ୱାଇଫାଇ ବ୍ୟବସ୍ଥା କରାଯାଇଛି। କଲେଜଗୁଡ଼ିକୁ ରୁଷା ଏବଂ ବିଶ୍ୱବ୍ୟାଙ୍କରୁ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ଡିଗ୍ରୀ କଲେଜରେ ୨୩୦୯ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି। ଖାଲିଥିବା ଅବଶିଷ୍ଟ ପଦବୀଗୁଡ଼ିକରେ ୧୨୦ ଜଣ ଅସ୍ଥାୟୀ ଅଧ୍ୟାପକ ଓ ୧୦୬୦ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ନିୟମିତ ଅଧ୍ୟକ୍ଷ ଚୟନ ନିମନ୍ତେ ସରକାରଙ୍କ ଅନୁରୋଧକ୍ରମେ ରିଡରମାନଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଓଡ଼ିଶା ଲୋକସେବା ଆୟୋଗ ଚୟନ ପ୍ରକ୍ରିୟା ଜାରି ରଖିଛନ୍ତି। ତାଲିକା ମିଳିବା ପରେ ଖୁବ୍‌ଶୀଘ୍ର ସମସ୍ତ ସରକାରୀ କଲେଜରେ ନିୟମିତ ଅଧ୍ୟକ୍ଷମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।



- ଚଳିତ ବର୍ଷ ଆଉ ୬ ମଡେଲ ଡିଗ୍ରୀ କଲେଜ ଖୋଲିବ
- ଖୁବ୍‌ଶୀଘ୍ର ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତ ହେବେ:ମନ୍ତ୍ରୀ

## ୩ ବର୍ଷରେ ୧୦୬ ହରିଣ ଶିକାର

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ରାଜ୍ୟରେ ହରିଣ ଶିକାର ଦ୍ରୁତ ଗତିରେ ବଢୁଛି। ଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ପ୍ରଜାତିର ୧୦୬ ହରିଣଙ୍କୁ ଶିକାର କରାଯାଇଛି। ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ସେ କହିଛନ୍ତି ଯେ ୨୦୧୬–୧୭ ଏବଂ ୨୦୧୮–୧୯ରେ ୧୦୬ ହରିଣ ଶିକାର ହୋଇଛନ୍ତି। ୨୦୧୬–୧୭ରେ ୨୮ଟି ହରିଣଙ୍କୁ ମାରି ଦିଆଯାଇଥିବା ବେଳେ ୨୦୧୭–୧୮ରେ ୪୪ ଏବଂ ୨୦୧୮–୧୯ରେ ୩୪ଟି ହରିଣଙ୍କୁ ଶିକାର କରାଯାଇଛି। ଏହି ସମୟ ମଧ୍ୟରେ ୬ଟି କଲାରାପତରିଆ ବାଘ ଏବଂ ୬ଟି ହାତୀଙ୍କୁ ମଧ୍ୟ ଶିକାରୀ ମାରିଛନ୍ତି। ଶିକାରୀଙ୍କ କବଳରୁ ଜୀବଜନ୍ତୁଙ୍କୁ ରକ୍ଷା କରିବା ପାଇଁ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଜୀବଜନ୍ତୁ ସୁରକ୍ଷା ସ୍କ୍ୱାର୍ଡ ଗଠନ କରାଯାଇ ୨୪ ଘଣ୍ଟା ନଜର ରଖାଯାଉଛି। ପଶୁଜନ୍ତୁଙ୍କ ଶିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଅପରାଧ ଶାଖାରେ ଏକ ସେଲ ଖୋଲାଯାଇଛି। ଯେଉଁମାନେ ଶିକାରୀମାନଙ୍କ ବିଷୟରେ ଖବର ଦେବେ ସେମାନଙ୍କୁ ପୁରସ୍କୃତ କରିବା ବ୍ୟବସ୍ଥା ରହିଛି ବୋଲି ବିଧାୟକ ମୋହନ ମାଝିଙ୍କ ତାରକା ପ୍ରଶ୍ନ (ନଂ–୬୨୬)ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି। ସେହିପରି ମହେନ୍ଦ୍ରଗିରି ପର୍ବତକୁ ଜୈବମଣ୍ଡଳ ଘୋଷଣା ନିମନ୍ତେ ଏହାର ସାମାଜିକ ଓ ଅର୍ଥନୈତିକ ସର୍ଭେ କରିବା ପାଇଁ ଯୋଜନା ଚାଲିଛି। ସେହି ଅଞ୍ଚଳର ଜୈବ ବିବିଧତାକୁ ପୁଙ୍ଖାନୁପୁଙ୍ଖ ଭାବେ ଅଧ୍ୟୟନ କରିବାକୁ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାର ତଥ୍ୟ ଆସିନାହିଁ। ତଥ୍ୟ ମିଳିବାପରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



- ୬ ବାଘ, ୬ ହାତୀଙ୍କୁ ମଧ୍ୟ ମାରି ଦିଆଯାଇଛି
- ମହେନ୍ଦ୍ରଗିରି ପର୍ବତକୁ ଜୈବମଣ୍ଡଳ ଘୋଷଣା ପାଇଁ ତଥ୍ୟ ଖୋଜା ଚାଲିଛି



“ଜମ୍ମୁ-କଶ୍ମୀରରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ନାହିଁ। ସରକାର ସେଭଳି କିଛି ପଦକ୍ଷେପ ନେଉନାହାନ୍ତି। ସୋସିଆଲ ମିଡିଆରେ ହେଉଥିବା ପ୍ରଚାର ସମ୍ପୂର୍ଣ୍ଣ ମିଛ।

-ସତ୍ୟପାଲ ମଲିକ,
ଜମ୍ମୁ-କଶ୍ମୀର ରାଜ୍ୟପାଳ






# ସିବିଆଇ ତଦନ୍ତ ସୁପାରିସ

**ନୂଆଦିଲ୍ଲୀ/ ଲକ୍ଷ୍ନୌ, ୩୦।୭(ପି.ଟି.)**

ବହୁଚର୍ଚ୍ଚିତ ଉନ୍ନାଓ ପୀଡ଼ିତା ଦୁର୍ଘଟଣା ମାମଲାର ତଦନ୍ତ ଦାୟିତ୍ୱ ଉତ୍ତରପ୍ରଦେଶ ସରକାର ସିବିଆଇକୁ ଦେଇଛନ୍ତି। ଏନେଇ କେନ୍ଦ୍ରକୁ ସୁପାରିସ କରାଯାଇଥିବା ରାଜ୍ୟ ମୁଖ୍ୟ ସଚିବ ଅରବିନ୍ଦ କୁମାର ପ୍ରକାଶ କରିଛନ୍ତି। ପୂର୍ବରୁ ରାଜ୍ୟ ଡିଜିପି ଓ.ପି. ସିଂ ଏନେଇ ରାଜ୍ୟ ସରକାର ସିବିଆଇ ତଦନ୍ତ ଲାଗି ପ୍ରସ୍ତୁତ ଥିବା କହିଥିଲେ। ପ୍ରକାଶଥାଉ କି, ରବିବାର ପୀଡ଼ିତା ତାଙ୍କ ଓକିଲ ଓ ପରିବାର ସଦସ୍ୟଙ୍କ ସହ ଯାଉଥିବାବେଳେ ଏକ ଟ୍ରକ ସେମାନଙ୍କ କାର୍‌କୁ ଧକ୍କା ଦେଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପୀଡ଼ିତା ଓ ତାଙ୍କ ଓକିଲ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ଭାଜପା ବିଧାୟକ କୁଲଦୀପ୍ ସିଂ ସେନ୍‌ଗାରଙ୍କ ସମେତ ୯ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି।

ଉତ୍ତରପ୍ରଦେଶର ବାଙ୍ଗରମୌ ଆସନରୁ ୪ ଥର ବିଧାୟକ ହୋଇଥିବା ସେନ୍‌ଗାରଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହେବା ପରେ ଗତବର୍ଷ ଏପ୍ରିଲରେ ତାଙ୍କୁ ଗିରଫ କରାଯାଇଥିଲା। ଏବେ ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ମଙ୍ଗଳବାର ମଧ୍ୟ ବିରୋଧୀ ଦଳ ପକ୍ଷରୁ ଏହାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ ଓ ବିଏସ୍‌ପି ସଦସ୍ୟମାନେ ଗୃହରେ ନାରାବାଜି କରିବା ସହ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ। ପରେ ଏମାନେ କକ୍ଷ ତ୍ୟାଗ କରି ଚାଲିଯାଇଥିଲେ। ପୀଡ଼ିତା ପରିବାରକୁ ଅଧିକ ସୁରକ୍ଷା ଯୋଗାଇ ଦେବା ଲାଗି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ। ତେବେ ରାଜ୍ୟ ସରକାର ଏନେଇ ପଦକ୍ଷେପ ଗ୍ରହଣ କରୁଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ କହିଥିଲେ। ବିରୋଧୀଙ୍କ ପକ୍ଷରୁ ବିଧାୟକ ସେନ୍‌ଗାରଙ୍କ ନିଲମ୍ବନ ଦାବି କରାଯାଇଥିବାବେଳେ ତାଙ୍କୁ ବହୁ ପୂର୍ବରୁ ଦଳରୁ ବିଦା କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଉତ୍ତରପ୍ରଦେଶ ଭାଜପା ସଭାପତି ସ୍ୱତନ୍ତ୍ର ଦେବ ଏହା କହିବା ସହ ପୀଡ଼ିତାଙ୍କ ପରିବାରକୁ ଦଳ ସହଯୋଗ କରିବ ବୋଲି ସ୍ପଷ୍ଟ କରିଛନ୍ତି।



ଲକ୍ଷ୍ନୌସ୍ଥିତ ଭାଜପା କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ବେଳେ କଂଗ୍ରେସ ନେତୀ ସାବିତ୍ରୀ ଫୁଲେ ଓ କର୍ମୀଙ୍କୁ ଥାନାକୁ ନେଉଛି ପୋଲିସ।




ଉନ୍ନାଓ ମାମଲାକୁ ନେଇ ନୂଆଦିଲ୍ଲୀସ୍ଥିତ ୟୁପି ଭବନ ବାହାରେ ମହିଳା କର୍ମୀଙ୍କ ବିକ୍ଷୋଭ।

**ଉନ୍ନାଓ ଦୁର୍ଘଟଣା ମାମଲା**

- ପୀଡ଼ିତା, ଓକିଲଙ୍କ ଅବସ୍ଥା ସଙ୍କଟାପନ୍ନ
- ଲୋକ ସଭାରେ ବିରୋଧୀଙ୍କ ହଟ୍ଟଗୋଳ, କକ୍ଷତ୍ୟାଗ
- ସେନ୍‌ଗାର ଦଳରୁ ବିଦା ହୋଇଥିବା ଭାଜପା ସ୍ପଷ୍ଟ କଲା
- ପୀଡ଼ିତାଙ୍କ ଦାଦାଙ୍କୁ ମିଳିଲା ଗୋଟିଏ ଦିନ ପାରୋଲ୍

ଉନ୍ନାଓ ଘଟଣାକୁ ନେଇ ପ୍ରତିବାଦ ବିକ୍ଷୋଭ ଜାରି ରହିଥିବାବେଳେ ନୂଆଦିଲ୍ଲୀର ୟୁପି ଭବନରେ ମଧ୍ୟ ମହିଳାମାନେ ବିକ୍ଷୋଭ କରିଥିଲେ। ଲକ୍ଷ୍ନୌସ୍ଥିତ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। କଂଗ୍ରେସ ନେତ୍ରୀ ସାବିତ୍ରୀବାଇ ଫୁଲେ ଓ ତାଙ୍କ ସମର୍ଥକମାନଙ୍କୁ ପୋଲିସ ଗିରଫ କରିଥିଲା। ଉନ୍ନାଓ ପୀଡ଼ିତାଙ୍କ ପରିବାର ପକ୍ଷରୁ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ କରାଯାଇଥିବାବେଳେ ପୀଡ଼ିତାଙ୍କ ଦାଦାଙ୍କୁ ପାରୋଲ ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ଆଲ୍ଲାହାବାଦ୍ ହାଇକୋର୍ଟ ପୀଡ଼ିତାଙ୍କ ଦାଦାଙ୍କୁ ନିଜ ସ୍ତ୍ରୀଙ୍କ ଶେଷକୃତ୍ୟ ଲାଗି ଗୋଟିଏ ଦିନ ପାରୋଲ୍ ପ୍ରଦାନ କରିଛନ୍ତି।

ସେପଟେ ଚିକିତ୍ସିତ ହେଉଥିବା ପୀଡ଼ିତା ଓ ତାଙ୍କ ଓକିଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ମେଡିକାଲର ମୁଖପାତ୍ର ସନ୍ଦୀପ ତିୱାରୀ ପ୍ରକାଶ କରିଛନ୍ତି। ସେମାନଙ୍କୁ ଆଇସିୟୁରେ ଭେଣ୍ଟିଲେଟର ସହ ରଖାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଜାତୀୟ ମହିଳା କମିଶନର ଏକ ଟିମ୍ ଉନ୍ନାଓ ପୀଡ଼ିତାଙ୍କ ମା’ଙ୍କୁ ଲକ୍ଷ୍ନୌରେ ଭେଟିଛନ୍ତି। ଗତ ସୋମବାର ଟିମ୍ ଡିଜିପି ଓ.ପି. ସିଂଙ୍କୁ ଭେଟି ଉପଯୁକ୍ତ ତଦନ୍ତ ଲାଗି ଦାବି କରିଥିଲେ।

## ଦୁର୍ଘଟଣା ପୂର୍ବରୁ ସିଜେଆଇଙ୍କୁ ପତ୍ର ଲେଖିଥିଲେ ପୀଡ଼ିତା

**ନୂଆଦିଲ୍ଲୀ, ୩୦।୭(ପି.ଟି.):** ଉନ୍ନାଓ ପୀଡ଼ିତା ଓ ତାଙ୍କ ପରିବାର ଯାଉଥିବା କାର୍ ଦୁର୍ଘଟଣାଗ୍ରସ୍ତ ହେବାର କିଛିଦିନ ପୂର୍ବରୁ ପୀଡ଼ିତା ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ଏକ ପତ୍ର ଲେଖିଥିବା ଘଟଣା ସାମ୍ନାକୁ ଆସିଛି। ଏଥିରେ ତାଙ୍କ ଉପରେ ଓ ତାଙ୍କ ପରିବାର ଉପରେ ଆକ୍ରମଣ କରାଯିବାର ଧମକ ଅଭିଯୁକ୍ତଙ୍କ ପକ୍ଷରୁ ଦିଆଯାଉଥିବା ଦର୍ଶାଯାଇଛି। ଜୁଲାଇ ୭-୮ରେ କେତେକ ସେନ୍‌ଗାରଙ୍କ ସମର୍ଥକ ଏଭଳି ଧମକ ଦେଇଥିବା ଚିଠିରେ ଲେଖାଯାଇଛି। ହିନ୍ଦୀରେ ଲେଖାଥିବା ଏହି ଚିଠି ସିଜେଆଇ ରଞ୍ଜନ ଗୋଗୋଇଙ୍କ କାର୍ଯ୍ୟାଳୟକୁ ଆସିଛି। ସିଜେଆଇ ଏସମ୍ପର୍କିତ ଏକ ନୋଟ୍ ପ୍ରସ୍ତୁତ କରି ତାଙ୍କ ପାଖରେ ରଖିବା ଲାଗି କୋର୍ଟର ସେକ୍ରେଟାରୀ ଜେନେରାଲଙ୍କୁ କହିଥିଲେ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଜୁଲାଇ ୧୨ରେ ଏହି ଚିଠି ଲେଖାଯାଇଥିବା ଆଲ୍ଲାହାବାଦ୍ ହାଇକୋର୍ଟ ଓ ଉତ୍ତରପ୍ରଦେଶର ଅନ୍ୟ ଅଥରିଟିଙ୍କ ପାଖକୁ ପଠାଇ ଦିଆଯାଇଛି। ଏହି ଚିଠିରେ ପୀଡ଼ିତା, ତାଙ୍କ ମା’ଓ ଖୁଡ଼ିଙ୍କ ଦସ୍ତଖତ ରହିଛି।

# ପାକ୍ ସେନା ବିମାନ ଦୁର୍ଘଟଣାଗ୍ରସ୍ତ: ୧୮ ମୃତ

**ଇସ୍‌ଲାମାବାଦ,୩୦।୭(ପି.ଟି)**

ପାକିସ୍ତାନୀ ସେନାର ଏକ ଛୋଟ ବିମାନ ରାୱଲପିଣ୍ଡିରେ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ସେନା କର୍ମଚାରୀଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଛି।

ପାକିସ୍ତାନୀ ସେନାର ଏୟାରକ୍ରାଫ୍ଟ ପ୍ରଶିକ୍ଷଣ ପାଇଁ ଉଡାଣ କରୁଥିବାବେଳେ ସୋମବାର ରାତି ୨ଟା ୩୦ରୁ ୨ଟା ୪୦ ମିନିଟ ମଧ୍ୟରେ ମୋରା କାଲୁ ଗ୍ରାମର ଏକ ଜନବସତି ଉପରେ ଖସିପଡ଼ିଥିଲା। ଫଳରେ ସମ୍ପୃକ୍ତ ଅଞ୍ଚଳର କେତେକ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ୫ରୁ ୬ଟି ଘର ଜଳିପୋଡ଼ି ଛାରଖାର ହୋଇଯାଇଛି। ବିମାନରେ ଥିବା ୨ ପାଇଲଟଙ୍କ ସମେତ ୫ ଜଣ ପ୍ରାଣ ହରାଇଛନ୍ତି। ଏହାସହ ଅନ୍ୟ ୧୩ ନାଗରିକଙ୍କର ମଧ୍ୟ ମୃତ୍ୟୁ ଘଟିଛି ବୋଲି ପାକିସ୍ତାନୀ ସେନା ମୁଖପାତ୍ର ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ପକ୍ଷରୁ କୁହାଯାଇଛି। ୧୧୨୨ ଉଦ୍ଧାରକାରୀ ଦଳ ଓ ସେନା ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ନିଆଁକୁ ଆୟତ୍ତ କରାଯିବା ପରେ ରାୱଲପିଣ୍ଡିର କେତେକ ହସ୍ପିଟାଲରେ ଆହତମାନଙ୍କୁ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ପାକିସ୍ତାନ ରାଷ୍ଟ୍ରପତି ଅରିଫ୍ ଅଲ୍‌ଭି ଓ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏନେଇ ଶୋକବ୍ୟକ୍ତ କରିଛନ୍ତି।



ଦୁର୍ଘଟଣା ପରେ ବିମାନର ଭଗ୍ନାବଶେଷ।

# କଂଗ୍ରେସ ଛାଡ଼ିଲେ ସଞ୍ଜୟ ସିଂ

**ନୂଆଦିଲ୍ଲୀ ୩୦।୭(ପି.ଟି.)**



**ଭାଜପାରେ ଯୋଗଦେବେ**

କଂଗ୍ରେସର ରାଜ୍ୟ ସଭା ସଦସ୍ୟ ତଥା ରାହୁଲ ଗାନ୍ଧୀଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ସଞ୍ଜୟ ସିଂ ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଛରେ ସାରା ଦେଶ ଥିବାରୁ ସେ ଭାଜପାରେ ଯୋଗଦେବେ ବୋଲି ପ୍ରକାଶ କରିଛନ୍ତି। ଆସାମରୁ ନିର୍ବାଚିତ ହୋଇ ଯାଇଥିବା ସଞ୍ଜୟ ରାଜ୍ୟ ସଭାରୁ ମଧ୍ୟ ଇସ୍ତଫା ଦେଇଛନ୍ତି। କଂଗ୍ରେସ ଏବେ ବି ପୁରୁଣା କାଳିଆ ଢଙ୍ଗରେ ଚାଲିଛି ଓ ଭବିଷ୍ୟତ ସମ୍ପର୍କରେ ଦଳର କିଛି ଯୋଜନା ନାହିଁ ବୋଲି ସେ ସମାଲୋଚନା କରି କହିଛନ୍ତି। ବୁଧବାର ସେ ଭାଜପାରେ ଯୋଗଦେବେ ବୋଲି ଖବରଦାତାଙ୍କୁ ଜଣାଇଛନ୍ତି। କଂଗ୍ରେସ ଏବେ ଦିଗହରା ହୋଇପଡ଼ିଛି। ସଞ୍ଜୟଙ୍କ ସ୍ତ୍ରୀ ଅମିତା ୟୁପି କଂଗ୍ରେସର ଜଣେ ଟାଣୁଆ ନେତ୍ରୀ ହୋଇଥିବାବେଳେ ସେ ମଧ୍ୟ ଦଳ ଛାଡ଼ି ଭାଜପାରେ ମିଶିବେ।

# ଏନ୍‌କାଉଣ୍ଟରରେ ଜୈଶ୍ କମାଣ୍ଡର ସହ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୩୦।୭(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦର କମାଣ୍ଡର ଫୟାଜ୍ ପାନ୍ତୁଙ୍କ ସହ ୨ ଆତଙ୍କବାଦୀ ମଙ୍ଗଳବାର ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଅନନ୍ତନାଗ ଜିଲାର ବିଜ୍‌ବେହେରାରେ ସୁରକ୍ଷାକର୍ମୀ ଏନ୍‌କାଉଣ୍ଟର କରିଥିଲେ। ଜୁନ୍ ୧୨ରେ ଅନନ୍ତନାଗରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୫ ସିଆର୍‌ପିଏଫ୍ ଯବାନ୍ ଶହୀଦ ହୋଇଥିବାବେଳେ ଏହା ପଛରେ ପାନ୍ତୁଙ୍କ ହାତ ଥିଲା। ପାନ୍ତୁ ନିହତ ହେବା ସୁରକ୍ଷାକର୍ମୀଙ୍କ ଲାଗି ବଡ଼ ସଫଳତା ବୋଲି କୁହାଯାଉଛି।

# ମହାରାଷ୍ଟ୍ରରେ ୪ ବିରୋଧୀ ବିଧାୟକଙ୍କ ଇସ୍ତଫା

**ମୁମ୍ବାଇ, ୩୦।୭(ପି.ଟି.)**

ମହାରାଷ୍ଟ୍ରରେ କଂଗ୍ରେସ ଓ ଏନ୍‌ସିପିର ୪ ବିଧାୟକ ମଙ୍ଗଳବାର ରାଜ୍ୟ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ସେମାନେ ଭାଜପାରେ ସାମିଲ ହେବେ ବୋଲି ଜଣାପଡ଼ିଛି। ଏନ୍‌ସିପି ବିଧାୟକ ଶିବେନ୍ଦ୍ର ସିଂହରାଜେ(ସତାରା), ବୈଭବ ପିଚାଡ଼(ଆକୋଲେ) ଓ ସନ୍ଦୀପ ନାଏକ(ଐରୋଲି)ଙ୍କ ସହ କଂଗ୍ରେସ ବିଧାୟକ କାଳିଦାସ କୋଲାମ୍ବକର (ନୈଗାଓଁ) ସେମାନଙ୍କ ଇସ୍ତଫାପତ୍ର ବାଚସ୍ପତି ହରିଭାଉ ବାଗଡ଼େଙ୍କୁ ଅଲଗା ଅଲଗା ଭାବେ ପ୍ରଦାନ କରିଛନ୍ତି। କୋଲାମ୍ବକର ମୁମ୍ବାଇରୁ ୭ ଥର ବିଧାୟକ ହୋଇଥିବାବେଳେ ଇସ୍ତଫା ଦେଇଥିବା ଅନ୍ୟ ୩ ଏନ୍‌ସିପି ବିଧାୟକଙ୍କ ସହ ବୁଧବାର ଭାଜପାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ମୁମ୍ବାଇ ଏନ୍‌ସିପି ମୁଖ୍ୟ ସଚିନ ଅହିର କିଛିଦିନ ପୂର୍ବରୁ ଦଳ ଛାଡ଼ିଥିଲେ। ସେହିଭଳି ଏନ୍‌ସିପିର ବରିଷ୍ଠ ନେତା ଜୟଦତ୍ତ କ୍ଷୀରସାଗର ମଧ୍ୟ ଦଳରୁ ସମ୍ପର୍କ ତୁଟାଇଥିଲେ।

**[ଇତିହାସର ଆଇନାରେ]**

**ଜୁଲାଇ ୩୧ର ପ୍ରମୁଖ ଘଟଣା**

୧୯୮୮ ଜୁଲାଇ ୩୧ରେ ମାଲେସିଆର ପେନାଙ୍ଗସ୍ଥିତ ସୁଲତାନ ଅବଦୁଲ ହଲିମ ଫେରି ଟର୍ମିନାଲରେ ଏକ ସେତୁ ଭୁଶୁଡ଼ି ପଡ଼ିବାରୁ ୩୨ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧,୬୭୪ ଆହତ ହୋଇଥିଲେ। ସେତୁ ଉପରେ ବହୁ ଲୋକଙ୍କ ଗହଳି ଏବଂ ଜେଟି ଷ୍ଟିଲ୍ ବାର୍‌ରେ ନିର୍ମାଣ ହୋଇଥିବାରୁ ଏହା ଭୁଶୁଡ଼ିଗଲା ବୋଲି ଅଭିଯୋଗ କରାଯାଇଥିଲା।

୧୯୯୨ ଜୁଲାଇ ୩୧ରେ ଥାଇ ଏୟାରୱେଜ୍ ଇଣ୍ଟରନ୍ୟାଶନାଲ ଫ୍ଲାଇଟ ୩୧୧ କାଠମାଣ୍ଡୁର ଉତ୍ତରଭାଗସ୍ଥ ଏକ ପର୍ବତରେ ମାଡ ହେବା ଫଳରେ ୧୧୩ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନ ଥାଇଲାଣ୍ଡର ବ୍ୟାଙ୍କକ୍‌ସ୍ଥିତ ଡନ୍ ମୁଏଙ୍ଗ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ନେପାଳର କାଠମାଣ୍ଡୁସ୍ଥିତ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଡାଣ କରୁଥିଲା।

## ପ୍ରସ୍ତୁତି ପଥେ ‘ଗୁଲାବୋ ସିତାବୋ’

**ଲକ୍ଷ୍ନୌ:** ଅଭିନେତା ଆୟୁଷ୍ମାନ୍ ଖୁରାନା ତାଙ୍କର ପରବର୍ତ୍ତୀ ଫିଲ୍ମ ‘ଗୁଲାବୋ ସିତାବୋ’ ଶୁଟିଂ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅମିତାଭ ବଚ୍ଚନ ଅଭିନୟ କରୁଥିବାବେଳେ ନିର୍ଦ୍ଦେଶକ ଶୁଜିତ ସର୍କାର ମଧ୍ୟ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏ ସମ୍ପର୍କରେ ଆୟୁଷ୍ମାନ୍ ମଙ୍ଗଳବାର ଏକ ଫଟୋ ଟୁଇଟ୍ କରିବା ସହିତ ଫିଲ୍ମର ବିବରଣୀ ଓ ଏଥିରେ ଅଭିନୟ କରିଥିବା କଳାକାରଙ୍କ ସମ୍ପର୍କରେ କିଛି ଉଲ୍ଲେଖ କରିଛନ୍ତି। ଆସନ୍ତାବର୍ଷ ଏପ୍ରିଲ ୨୪ରେ ‘ଗୁଲାବୋ ସିତାବୋ’ ରିଲିଜ ହେବାକୁ ଯାଉଛି। ଏହାର କାହାଣୀ ରଚନା କରିଛନ୍ତି ଜୁହି ଚତୁର୍ବେଦୀ। ସେ ମଧ୍ୟ ସର୍କାରଙ୍କ ନିର୍ଦ୍ଦେଶିତ ‘ପିକୁ’ର କାହାଣୀ ଲେଖିଥିଲେ। ‘ଗୁଲାବୋ ସିତାବୋ’ କିମ୍ବଦନ୍ତୀ ଉପରେ ଆଧାରିତ ଦୁଇଭଉଣୀଙ୍କ ଜୀବନୀ କାହାଣୀକୁ ନେଇ ଗଢ଼ିଉଠିଛି। ଉତ୍ତରପ୍ରଦେଶର ଲୋକକଥାର ଏହା ଏକ ଅଂଶବିଶେଷ। ଉକ୍ତ ଫିଲ୍ମ ମୁଖ୍ୟତଃ ଏହି ଦୁଇ ଚରିତ୍ରକୁ ନେଇ ଗତିଶୀଳ।



■ ୟେଦୁରପ୍ପା କ୍ଷମତାକୁ ଆସିବା ପରେ

# ଟିପୁ ଜୟନ୍ତୀକୁ ନା

**ବେଙ୍ଗାଲୁରୁ, ୩୦।୭(ପି.ଟି.)**

କର୍ଣ୍ଣାଟକରେ କ୍ଷମତାକୁ ଆସିବାର ୩ ଦିନ ପରେ ୟେଦୁରପ୍ପା ସରକାର ଟିପୁ ଜୟନ୍ତୀ ମହୋତ୍ସବକୁ ମଙ୍ଗଳବାର ରଦ୍ଦ କରିଛନ୍ତି। ଅଷ୍ଟାଦଶ ଶତାବ୍ଦୀର ଏହି ସୁଲ୍‌ତାନଙ୍କ ଜୟନ୍ତୀକୁ ଦଳ ୨୦୧୫ରୁ ବିରୋଧ କରିଆସୁଛି। ସିଦ୍ଧାରାମାୟା ନେତୃତ୍ୱାଧୀନ କଂଗ୍ରେସ ସରକାର ଅମଳରୁ ଏଠାରେ ଏହା ଧୁମ୍‌ଧାମରେ ପାଳନ କରାଯାଇଥିଲା। ଗତ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ସମୟରେ ମଧ୍ୟ ଏହି ଜୟନ୍ତୀ ରାଜ୍ୟରେ ପାଳନ କରାଯାଇଥିଲା। ୟେଦୁରପ୍ପା ସରକାର ଏହାକୁ ରଦ୍ଦ କରିବା ସହ ନିର୍ଦ୍ଦେଶନାମା ଜାରି କରିଛନ୍ତି।





ଘଟଣାରୁ ପ୍ରକାଶ ଯେ, ବିରଜ୍‌ପେଟ୍‌ର ଭାଜପା ବିଧାୟକ କେ.ଜି. ବୋପାୟା ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କୁ ଏନେଇ ଚିଠିଲେଖି ଟିପୁ ଜୟନ୍ତୀ ମହୋତ୍ସବ ରଦ୍ଦ କରିବା ଲାଗି ଅନୁରୋଧ କରିଥିଲେ। ଏହି ଉତ୍ସବକୁ ନେଇ ପୂର୍ବରୁ କୋଡାଗୁ ଜିଲାରେ ହିଂସାକାଣ୍ଡ ଘଟିଥିଲା। ଭିଏଚ୍‌ପି ସଦସ୍ୟ କୁଟ୍ଟାପ୍ପା ଏଥିରେ ମୃତ୍ୟୁବରଣ କରିଥିଲେ। ତେଣୁ ଏଭଳି ହିଂସାକୁ ରୋକିବା ଲାଗି ଟିପୁ ଜୟନ୍ତୀ ରଦ୍ଦ କରାଯିବାକୁ ସେ ଦାବି କରିଥିଲେ। କ୍ୟାବିନେଟରେ ଏନେଇ ଆଲୋଚନା କରାଯିବା ପରେ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏହି ଜୟନ୍ତୀ ରଦ୍ଦ କରିଥିବା ଜଣାପଡ଼ିଛି। ଭାଜପା ଓ ଦକ୍ଷିଣପନ୍ଥୀ ନେତାମାନେ ଏହି ଜୟନ୍ତୀକୁ ବିରୋଧ କରିଆସୁଥିଲେ।

ଭାଜପାର ଏଭଳି ନିଷ୍ପତ୍ତିକୁ କଂଗ୍ରେସ ନେତା ସିଦ୍ଧାରାମାୟା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ମହୀଶୂର ରାଜା ଟିପୁ ବ୍ରିଟିଶ୍ ସରକାର ବିରୋଧରେ ଲଢ଼େଇ କେବଳ କରି ନ ଥିଲେ, ସେ ଜଣେ ଦେଶଭକ୍ତ ଥିଲେ। ମହୀଶୂରର ବିକାଶ ଲାଗି ସେ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। କେଆର୍ ଡ୍ୟାମ୍ ତାଙ୍କ ଅମଳରେ ହୋଇଥିଲା। କୃଷି ଓ ଶିଳ୍ପର ବିକାଶ ଲାଗି ସେ ବହୁବିଧ କାର୍ଯ୍ୟ କରିଥିଲେ।

## ତିନି ତଲାକ ଏଣିକି ଅପରାଧ




■ ସଂସ୍କୃତି ମନ୍ତ୍ରଣାଳୟ ଫେଲୋଶିପ୍‌ରେ ୨ ନୂଆ ଭାଷା ସାମିଲ୍

# ସାନ୍ତାଳୀ ଭାଷାରେ ମିଳିବ ଫେଲୋସିପ୍

ଭୁବନେଶ୍ୱର,୩୦।୭(ବ୍ୟୁରୋ)

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏଣିକି ସାନ୍ତାଳୀ ଓ ନେପାଳୀ ଭାଷାରେ ଫେଲୋଶିପ୍ ତଥା ସ୍କଲାରଶିପ୍ ପ୍ରଦାନ କରିବ। ମଙ୍ଗଳବାର କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ପ୍ରହଲାଦ ସିଂ ପଟେଲ ଏନେଇ ଘୋଷଣା କରିଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଫେଲୋଶିପ୍ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଥିବା ଭାଷାଗୁଡ଼ିକରେ ପ୍ରଦାନ କରାଯାଇଥାଏ। ହେଲେ ନେପାଳୀ ଓ ସାନ୍ତାଳୀ ଭାଷା ସମ୍ବିଧାନର ଅନୁସୂଚୀରେ ସାମିଲ ଥିଲେ ମଧ୍ୟ ପୂର୍ବରୁ ଏଥିରେ ଫେଲୋଶିପ୍ ପ୍ରଦାନ କରାଯାଉ ନ ଥିଲା। ଏବେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ସଂସ୍କୃତି କ୍ଷେତ୍ରରେ ଅସାଧାରଣ ପ୍ରତିଭାସମ୍ପନ୍ନ କଳାକାରଙ୍କୁ ଉଭୟ ଭାଷାରେ ସିନିୟର୍ ଏବଂ ଜୁନିୟର୍ ଫେଲୋଶିପ୍ ପ୍ରଦାନ କରାଯିବ। ଯୋଜନା ଅନ୍ତର୍ଗତ 'ସାହିତ୍ୟ' କ୍ଷେତ୍ରର ଉପକ୍ଷେତ୍ରରେ ଏହି ଦୁଇଟି ଭାଷାକୁ ସାମିଲ କରାଯିବ। ଏହାବ୍ୟତୀତ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କଳାକାର, ସାହିତ୍ୟିକ ଓ ଗବେଷକମାନଙ୍କୁ ପ୍ରଦାନ କରାଯାଉଥିବା ସମସ୍ତ ପ୍ରକାର ଫେଲୋଶିପ୍ ଓ ସ୍କଲାରଶିପ୍‌ରେ ଏହି ଦୁଇ ଭାଷାକୁ ଅନ୍ତର୍ଭୁକ୍ତ କରାଯିବ। ଗବେଷଣା ସଂକ୍ରାନ୍ତ ପ୍ରକଳ୍ପ ଲାଗି ଏହି ଫେଲୋଶିପ୍ ପ୍ରଦାନ କରାଯାଉଥିବାରୁ ଏହାଦ୍ୱାରା ସାନ୍ତାଳୀ ଭାଷାରେ ଅଧିକରୁ ଅଧିକ ଗବେଷଣା ହେବା ସହିତ ଗବେଷକମାନେ ଗବେଷଣା ପାଇଁ ଆଗ୍ରହ ଦେଖାଇବେ ବୋଲି କୁହାଯାଇଛି।

ଦ୍ୱାରକାସ୍ଥିତ ସେଣ୍ଟର୍ ଫର୍ କଲ୍‌ଚରାଲ ରିସୋର୍ସେସ୍ ଆଣ୍ଡ୍ ଟ୍ରେନିଂ(ସିସିଆର୍‌ଟି) ଏହି ଫେଲୋଶିପ୍ କାର୍ଯ୍ୟକ୍ରମର ଚୟନ ପ୍ରକ୍ରିୟା ଲାଗି ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହି ଯୋଜନାରେ 'ଲିଟେରାରି ଆର୍ଟ' ଏକ ବିଷୟବସ୍ତୁ ହୋଇଥିବାବେଳେ ଏହାର ଉପବିଭାଗ ବା ସବ୍-ଫିଲ୍‌ଡରେ ଜଣେ ୨୨ଟି ଭାଷାରେ ଗବେଷଣା ଲାଗି ଆବେଦନ କରିପାରିବ। ଏହି ଭାଷା ମଧ୍ୟରେ ଭାରତୀୟ ସମ୍ବିଧାନର ଧାରା ୩୪୪(୧) ଏବଂ ଧାରା ୨୫୧ର ଅଷ୍ଟମ ଅନୁସୂଚୀରେ ସାମିଲ ଥିବା ୨୦ଟି ଭାଷା ଯଥା ଓଡ଼ିଆ, ପଞ୍ଜାବୀ, ଅହମିୟା, ବଙ୍ଗଳା, ବୋଡୋ, ଡୋଗ୍ରୀ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, କାଶ୍ମିରୀ, କୋଙ୍କଣୀ, ମୈଥିଳୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ସଂସ୍କୃତ, ସିନ୍ଧୀ, ତାମିଲ୍, ତେଲୁଗୁ ଓ ଉର୍ଦ୍ଦୁ ରହିଛି। ଏହାସହ ଅନ୍ୟଦୁଇଟି ଭାଷା ମଧ୍ୟରେ ଇଂଲିଶ ଓ ଖାସୀ ଭାଷା ରହିଛି। ସାନ୍ତାଳୀ ଭାଷା ଓଡ଼ିଶାର ଅନ୍ୟତମ ପ୍ରମୁଖ ଭାଷା। ବିଶେଷକରି ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ଅଧିକ ବ୍ୟବହୃତ ହୋଇଥାଏ। ଓଡ଼ିଶାରୁ ବହୁ କବି ଓ ଗବେଷକ ଏହି ଭାଷାରେ ପାରଦର୍ଶିତା ଲାଭ କରିଥିବାବେଳେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି।

■ ଏମିତି ଚାଲିଛି ସୂଚନା ଅଧିକାର ଆଇନ

# ୧୨ବର୍ଷ ପରେ ଅଧା ତଥ୍ୟ ଦେଲା କ୍ରାଇମ୍‌ବ୍ରାଞ୍ଚ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୩୦।୭(ବ୍ୟୁରୋ)

■ ୧୦ ବର୍ଷରେ ଘଟିଥିଲା ୧୬ ହାଜତ ମୃତ୍ୟୁ

■ ରାଜଧାନୀର ୨ ଥାନାରେ ୨ ଘଟଣା

ରାଜ୍ୟରେ ଘଟିଥିବା ହାଜତ ମୃତ୍ୟୁ ତଥ୍ୟକୁ ୧୨ବର୍ଷ ହେବ ଦେଉ ନ ଥିଲା କ୍ରାଇମବ୍ରାଞ୍ଚ। ଏହା ସୂଚନା ଅଧିକାର ପରିସରଭୁକ୍ତ ନୁହେଁ ବୋଲି କହି କ୍ରାଇମବ୍ରାଞ୍ଚ ଏଡ଼ାଇ ଯାଇଥିଲା। ପରବର୍ତ୍ତୀ ସମୟରେ ଓଡିଶା ସୂଚନା କମିଶନଙ୍କ ନିର୍ଦ୍ଦେଶକୁ ମଧ୍ୟ ପାଳନ କରି ନ ଥିଲା। ଏପରିକି ବିଚାରବିଭାଗୀୟ ବ୍ୟବସ୍ଥାର ମଧ୍ୟ ଦୁରୁପଯୋଗ କରାଯାଇଥିବା ନେଇ ଅଭିଯୋଗ ଉଠିଥିଲା। ଶେଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୨ବର୍ଷ ପରେ କ୍ରାଇମବ୍ରାଞ୍ଚ ତଥ୍ୟ ଦେଇଛି, ଯାହାକି ଅସମ୍ପୂର୍ଣ୍ଣ ମଧ୍ୟ। ତେବେ ଦିଆଯାଇଥିବା ତଥ୍ୟରେ ୧୯୮୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ୧୬ ହାଜତ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ସୂଚନା ଅଧିକାର ଆଇନ ଧାରା-୨୫ ଓ ଉପଧାରା ୪ରେ ନିୟମ ରହିଛି ଯେ, ସରକାରଙ୍କ କେତେକ ତଦନ୍ତକାରୀ ଏଜେନ୍ସି ସୂଚନା ଅଧିକାର ଆଇନ ପରିସରଭୁକ୍ତ ନୁହେଁ। କିନ୍ତୁ ମାନବିକ ଅଧିକାର ଉଲ୍ଲଂଘନ କିମ୍ବା ଦୁର୍ନୀତି ଅଭିଯୋଗ ସୂଚନା ଅଧିକାର ପରିସରଭୁକ୍ତ ହୋଇପାରିବ। ଏହି ଆଧାରରେ ୨୦୦୬ରେ ସୂଚନା ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ୧୯୮୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡିଶାରେ କେତେ ହାଜତ ମୃତ୍ୟୁ ଘଟିଥିଲା, ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଓ କ୍ଷତିପୂରଣ ବାବଦକୁ କେତେ ଟଙ୍କା ଦିଆଯାଇଛି ସେନେଇ ପ୍ରଥମେ ଗୃହ ବିଭାଗକୁ ତଥ୍ୟ ମାଗିଥିଲେ। ପରବର୍ତ୍ତୀ ସମୟରେ ଗୃହବିଭାଗ ଏହାକୁ ପୋଲିସ ଡିଜି ଓ ପରେ ପୋଲିସ ଡିଜି ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି)କୁ ଦେଇଥିଲେ। କିନ୍ତୁ ଏହି ସମୟ (୧୯୮୯ରୁ ୨୦୦୦) ମଧ୍ୟରେ ଘଟିଥିବା ହାଜତ ମୃତ୍ୟୁର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଥିଲା। ଏହାପରଠାରୁ ଏଚ୍‌ଆର୍‌ପିସି ତଦନ୍ତ କରୁଛି। ହେଲେ କ୍ରାଇମବ୍ରାଞ୍ଚ ହାଜତ ମୃତ୍ୟୁ ସଂକ୍ରାନ୍ତ କୌଣସି ତଥ୍ୟ ନ ଦେବାରୁ ସୂଚନା ଅଧିକାର କର୍ମୀ ବିଶ୍ୱପ୍ରିୟ ୨୦୦୭ରେ ଓଡିଶା ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନା କମିଶନ ମାମଲାକୁ ଅନୁଧ୍ୟାନ କରିବା ପରେ ତୁରନ୍ତ ତଥ୍ୟ ଦେବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କ୍ରାଇମ୍‌ବ୍ରାଞ୍ଚ କମିଶନଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମାମଲାକୁ ହାଇକୋର୍ଟକୁ ନେଇଥିଲା। ମାମଲାର ବିଚାର କରି ହାଇକୋର୍ଟ କହିଥିଲେ ଆର୍‌ଟିଆଇ ନିୟମ ଅନୁଯାୟୀ, ସରକାରଙ୍କ କେତେକ ତଦନ୍ତକାରୀ ଏଜେନ୍ସି ସୂଚନା ଅଧିକାର ଆଇନ ପରିସରଭୁକ୍ତ ନୁହେଁ, କିନ୍ତୁ ମାନବିକ ଉଲ୍ଲଂଘନ ଓ ଦୁର୍ନୀତି ସମ୍ପର୍କିତ ହୋଇଥିଲେ ତଥ୍ୟ ଦେବାକୁ ବାଧ୍ୟ। ତେଣୁ ୪ ସପ୍ତାହ ମଧ୍ୟରେ ତଥ୍ୟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ କ୍ରାଇମବ୍ରାଞ୍ଚ ହାଜତ ମୃତ୍ୟୁ ସଂକ୍ରାନ୍ତ ତଥ୍ୟ ଦେଇଥିଲେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ବୋଲି ମାନବାଧିକାର କର୍ମୀ ବିଶ୍ୱପ୍ରିୟ ଅଭିଯୋଗ ଉଠାଇଛନ୍ତି। ହାଜତ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଓ କ୍ଷତିପୂରଣ ସଂକ୍ରାନ୍ତରେ କୌଣସି ତଥ୍ୟ ଦିଆଯାଇ ନ ଥିବା ସେ କହିଛନ୍ତି।

ଏନେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କୁହନ୍ତି, ଏହା ଏଚ୍‌ଆରପିସିର ଦାୟିତ୍ୱଥିଲା। କିନ୍ତୁ କ'ଣ ପାଇଁ ଦିଆଯାଇ ନ ଥିଲା ତାହାର ତର୍ଜମା କରାଯିବ ବୋଲି କହି ଅଧାତଥ୍ୟ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। କିନ୍ତୁ ବିଶ୍ୱପ୍ରିୟ କହିଛନ୍ତି ଯେ,ଏଭଳି ତଥ୍ୟ ନ ଦେବା କ୍ରାଇମ୍‌ବ୍ରାଞ୍ଚର ବାହାନା ଥିଲା। ୧୨ବର୍ଷ ଧରି ବିଚାରବିଭାଗୀୟ ବ୍ୟବସ୍ଥାକୁ କାହିଁକି ମାନି ନ ଥିଲା। ତଥ୍ୟ ପାଇଁ ଯେଉଁ ଅଯଥା ଖର୍ଚ୍ଚ ହେଲା ସେଥିପାଇଁ କିଏ ଦାୟୀ? କ୍ରାଇମ୍‌ବ୍ରାଞ୍ଚ ଗୋଟିଏ ତଥ୍ୟକୁ ୧୨ବର୍ଷ ଲଗାଇବା ଓ ଆଉ କିଛି ତଥ୍ୟ ଲୁଚାଇ ରଖିବାର କାରଣ କ'ଣ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

**କେବେ କେଉଁଠି ଘଟିଥିଲା ହାଜତ ମୃତ୍ୟୁ**

| | |
|---|---|
| ୧୯୮୯ ଅଗଷ୍ଟ ୨୩ | ସୁନ୍ଦରଗଡ଼ ଜିଲା ହାତିବାଡ଼ି ଥାନା (କେସ୍ ନଂ.୩୬) |
| ୧୯୯୦ ଅଗଷ୍ଟ ୨୪ | ଯାଜପୁର ରୋଡ୍ ଥାନା(ୟୁଡି କେସ୍ ନଂ.୧୧) |
| ୧୯୯୧ ମେ ୨୯ | ଢେଙ୍କାନାଳ ସଦର ଥାନା (କେସ୍ ନଂ.୬) |
| ୧୯୯୨ ସେପ୍ଟେମ୍ବର ୫ | ଝାରସୁଗୁଡା ଥାନା (କେସ୍ ନଂ.୧୬୧) |
| ୧୯୯୩ ଫେବୃୟାରୀ ୧୯ | ଛତ୍ରପୁର ଥାନା (ୟୁଡି କେସ୍ ନଂ.୨) |
| ୧୯୯୩ ଏପ୍ରିଲ ୨୮ | ମାଲକାନଗିରି ଜିଲା ଓରକେଲା ଥାନା (କେସ୍ ନଂ.୩୧) |
| ୧୯୯୩ ଅଗଷ୍ଟ ୧୩ | ରାଉରକେଲା ବିସ୍ରା ଥାନା (କେସ୍ ନଂ.୩୬) |
| ୧୯୯୩ ଅକ୍ଟୋବର ୨୪ | ବ୍ରହ୍ମପୁର ଟାଉନ୍ ଥାନା (କେସ୍ ନଂ.୨୧୩) |
| ୧୯୯୪ ଏପ୍ରିଲ ୨୮ | ଭୁବନେଶ୍ୱର ଖଣ୍ଡଗିରି ଥାନା (କେସ୍ ନଂ.୪) |
| ୧୯୯୪ ଅକ୍ଟୋବର ୮ | ଭୁବନେଶ୍ୱର କ୍ୟାପିଟାଲ ଥାନା (ୟୁଡି କେସ୍ ନଂ.୯୦) |
| ୧୯୯୫ ଏପ୍ରିଲ ୯ | ଅନୁଗୋଳ ଜିଲା ପାଲଲହଡ଼ା ଥାନା (ୟୁଡି କେସ୍ ନଂ.୨) |
| ୧୯୯୫ ଅକ୍ଟୋବର ୨୫ | ଜଗତ୍‌ସିଂହପୁର ଥାନା (କେସ୍ ନଂ.୩୪୮) |
| ୧୯୯୬ ସେପ୍ଟେମ୍ବର ୪ | ବାଲେଶ୍ୱର ଜିଲା ଭୋଗରାଇ ଥାନା (ୟୁଡି କେସ୍ ନଂ.୨୦) |
| ୧୯୯୭ ନଭେମ୍ବର ୧୧ | କୋରାପୁଟ ଜିଲା ମାଛକୁଣ୍ଡ ଥାନା (ୟୁଡି କେସ୍ ନଂ.୮) |
| ୧୯୯୮ ମାର୍ଚ୍ଚ ୧୮ | ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଥାନା (ୟୁଡି କେସ୍ ନଂ.୩) |
| ୧୯୯୮ ନଭେମ୍ବର ୨୮ | ଯାଜପୁର ଜିଲା ବଡ଼ଚଣା ଥାନା (କେସ୍ ନଂ.୨୨୫) |

**୧୯୯୯ ଓ ୨୦୦୦ରେ କୌଣସି ହାଜତ ମୃତ୍ୟୁ ଘଟିନାହିଁ (କ୍ରାଇମବ୍ରାଞ୍ଚ ରିପୋର୍ଟ ଅନୁଯାୟୀ)**

## ଓଡ଼ିଆ ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗ୍ ମିଳୁ

### ବିଧାନସଭାରେ ଉଠିଲା ଦାବି

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ରସଗୋଲାକୁ ଜିଓଗ୍ରାଫିକାଲ ଇଣ୍ଡିଗେଶନ(ଜିଆଇ) ଟ୍ୟାଗ୍ ମିଳିଲା। ଓଡ଼ିଶାର ଅନ୍ୟ ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗ କରିବା ନେଇ ସ୍ୱର ଉଠିଲାଣି ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗ ଉଠିଲାଣି ମଙ୍ଗଳବାର ଶୂନ୍ୟକାଳରେ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ରସଗୋଲାକୁ ଜିଆଇ ଟ୍ୟାଗ ମିଳିଲା। ଆମ ରାଜ୍ୟରେ ଯେଉଁ ପାରମ୍ପରିକ ଖାଦ୍ୟ ଅଛି ସେଗୁଡ଼ିକର ମଧ୍ୟ ଜିଆଇ ଟ୍ୟାଗ କରାଯାଉ। ଯେପରିକି କାକରା, ରସାବଳୀ, ପାଲୁଅ ଲଡୁ, ଛେନାପୋଡ଼ ଭଳି ଅନ୍ୟାନ୍ୟ ପାରମ୍ପରିକ ଓଡ଼ିଆ ଖାଦ୍ୟପେୟର ଏକ ପରିଚୟ ସୃଷ୍ଟି କରିବା ଦରକାର। ଏହି ଖାଦ୍ୟଗୁଡ଼ିକୁ ବାହାରେ ମଧ୍ୟ ଆଦୃତି ମିଳିଛି। ସେଗୁଡ଼ିକର ଏକ ସ୍ୱତନ୍ତ୍ର ପରିଚୟ ପାଇଁ ସରକାର ଜିଆଇ ଟ୍ୟାଗ ଦିଗରେ ପଦକ୍ଷେପ ନେବା ଦରକାର। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ଏହି ପ୍ରସ୍ତାବକୁ ସମର୍ଥନ କରିବା ସହ କହିଥିଲେ ଯେ, ଦେବୀ ମିଶ୍ର ଯାହା କହିଲେ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ଜିଆଇ ଟ୍ୟାଗ୍ ହେବା ଦରକାର। ରସଗୋଲାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ଗୋଟିଏ ଦିନର କାର୍ଯ୍ୟ ନୁହେଁ। ଏଥିପାଇଁ ଅନେକ କଷ୍ଟ କରିବାକୁ ପଡ଼ିଛି। କାକରା, ଆରିସା, ପାଲୁଅ ଲଡୁ, ଛେନାପୋଡ଼ ଭଳି ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗ କରିବା ଆବଶ୍ୟକ। ଏହାଦ୍ୱାରା ଆନ୍ତର୍ଜାତିକ ବଜାରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିପାରିବ ବୋଲି କହିଥିଲେ।



## ରାଜ୍ୟରେ ମୋଟ ୧୨ଟି ସିଂହ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ରାଜ୍ୟର କୌଣସି ଜଙ୍ଗଲରେ ସିଂହ ନାହାନ୍ତି। ସେଥିଲାଗି ଓଡିଶାରେ ବ୍ୟାଘ୍ର ଅଭୟାରଣ୍ୟ ଭଳି ସିଂହ ପ୍ରକଳ୍ପ କରିବାକୁ କୌଣସି ଯୋଜନା ରଖାଯାଇନାହିଁ। ବର୍ତ୍ତମାନ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩ ପ୍ରଜାତିର ୧୨ଟି ସିଂହ ଅଛନ୍ତି। ସେଥି ମଧ୍ୟରୁ ୨ଟି ମାଈ ଆଫ୍ରିକା ସିଂହ ରହିଛନ୍ତି ବୋଲି ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବିଧାନସଭାର ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ଆରୁଖ କହିଛନ୍ତି, ଏସିଆ ସିଂହ ୨ଟି ମଧ୍ୟରୁ ଗୋଟିଏ ଅଣ୍ଡିରା ଓ ଅନ୍ୟଟି ମାଈ। ସେହିପରି ରାଜ୍ୟରେ ଶଙ୍କର ଜାତୀୟ ସିଂହ ମଧ୍ୟରୁ ୪ଟି ଅଣ୍ଡିରା ୪ଟି ମାଈ।

■ ମିସେସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ କନ୍‌ଟେଷ୍ଟ

# ଫାଇନାଲ ରାଉଣ୍ଡରେ ସୌମ୍ୟା

**ଅକ୍ଟୋବରରେ ଗ୍ରୀସ୍ ଯିବେ**

ବଲାଙ୍ଗୀର ଅଫିସ, ୩୦।୭

ବଲାଙ୍ଗୀରର ଜଣେ ସୁଗୃହୁଣୀ ସୌମ୍ୟା ଆଚାର୍ଯ୍ୟ ମିସେସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ କନ୍‌ଟେଷ୍ଟ ସୁନ୍ଦରୀ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଜଣାପଡିଛି। ଆସନ୍ତା ଅକ୍ଟୋବର ରେ ୟୁରୋପର ଗ୍ରୀସ୍‌ଠାରେ ହେବାକୁ ଥିବା ହଟମଣ୍ଡ ମିସେସ୍ ଇଣ୍ଡିଆ ୱାର୍ଲ୍ଡ କନ୍‌ଟେଷ୍ଟ-୨୦୧୯ ଫାଇନାଲରେ ସୌମ୍ୟା ଯୋଗଦାନ କରିବେ। ସୌମ୍ୟା ଜଣେ ସୁଗୃହୁଣୀ ଓ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ସେ ନିଜର ପ୍ରତିଭା ପ୍ରତିପାଦନ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାଗନେଇ ସୌମ୍ୟା ପ୍ରଥମ ରାଉଣ୍ଡରୁ ହିଁ ତାଙ୍କର ସୌନ୍ଦର୍ଯ୍ୟ ସହ ପ୍ରତିଭା ଓ ଦକ୍ଷତାର ପରିଚୟ ଦେଇଛନ୍ତି। ଫେବୃୟାରୀରେ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଅଡିସନ୍ ଆରମ୍ଭ ହୋଇଥିଲା। ଏଥିରେ ସୌମ୍ୟା ଭାଗନେଇ ମନୋନୀତ ହୋଇଥିଲେ। ଏହାପରେ ଗତ ଏପ୍ରିଲ ମାସରେ ଆଗ୍ରାଠାରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମନୋନୀତ ହେବା ପରେ ସୌମ୍ୟା ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ପୃଥିବୀର ବିଭିନ୍ନ ଦେଶର ୧୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଭାଗ ନେଇଥିବା ଜଣାପଡିଛି। ଏହି ପ୍ରତିଯୋଗିତାର ଫାଇନାଲ ରାଉଣ୍ଡକୁ ସୌମ୍ୟାଙ୍କ ସହ ୧୭୨ଜଣ ପ୍ରତିଯୋଗୀ ଉନ୍ନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୧୦ରୁ ୨୦ ତାରିଖ ମଧ୍ୟରେ ଗ୍ରୀସ୍‌ଠାରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ବଲାଙ୍ଗୀର ସହର ପ୍ୟାଲେସ ଲାଇନ୍‌ପଡାର ସୌମ୍ୟା ବେଶ୍ ଉତ୍ସାହିତ ଥିବା କହିଛନ୍ତି। ସୌମ୍ୟାଙ୍କ ସ୍ୱାମୀ ଜଣେ ବ୍ୟାଙ୍କ ଅଧିକାରୀ ଓ ତାଙ୍କର ଏକ ୮ ବର୍ଷ ବୟସର ପୁତ୍ର ସନ୍ତାନ ରହିଥିବା କହିଛନ୍ତି। ନିଜର ପ୍ରତିଭା ପ୍ରତିପାଦନ କରିବାରେ ତାଙ୍କ ପରିବାର ଲୋକେ ସୁଯୋଗ ଦେଇଥିବାରୁ ସେ କୃତଜ୍ଞତା ଜଣାଇବା ସହ ଆଗକୁ ବିଜୟୀ ହେବାର ଆଶା ବି ରଖିଛନ୍ତି।


ସୌମ୍ୟା ଆଚାର୍ଯ୍ୟ।

The Battle of Brains is Back
OrissaPOST HERE. NOW
Presents
Reviving Quizzing
METTLE MEET 2019
A Quiz Extravaganza
GRAND FINALE :
04 AUGUST 2019
Brilliant teams from Schools, Colleges and Institutes across the state will compete for the Mega Prize.

JUNIOR GROUP
BJB Junior College
BMPS Takshila School
Buxi Jagabandhu EM School
Cambridge School, Cuttack
DAV Public School, Burla
DAV Public School, CDA, Cuttack
DAV Public School, Kalinganagar
DAV Public School, Pokhariput
DAV Public School, Rourkela
DAV Public School, Unit-VIII, Bhubaneswar
Delhi Public School, Kalinga
DPS, Dhenkanal
Future Bhubaneswar School
Kendriya Vidyalaya No.1, Bhubaneswar
Kendriya Vidyalaya No.3
Kendriya Vidyalaya No.4
Kendriya Vidyalaya No.5
KIIT International School
Loyola School
LR DAV Public School, Cuttack
Mother's Public School
ODM Public School
Prabhujee English Medium School
Rajdhani Higher Secondary School Sc., Arts & Commerce
Rama Devi Junior College
Ravenshaw Higher Secondary School
Rotary Public School, Angul
Ruchika High School
SAI International School
Sainik School
SCB Medical Public School, Cuttack
Shree Krishna International School
St Joseph's Convent Higher secondary School, Sambalpur
St Joseph's High School, Bhubaneswar
St Paul's School, Rourkela
St Vincent's School, Balasore
St Xavier's School, Dhenkanal
St Xavier's, Nayabazar, Cuttack
Stewart School, Cuttack
Sunshine Mission School, Bhadrak
Times Gurukul
Venkateswar English Medium School

SENIOR GROUP
Academy of Management and Information Technology, BBSR
AIIMS, Bhubaneswar
Asian School of Business Management
ASTHA School of Management
Biju Patnaik Institute of Information Technology & Management Studies
Birla Global University
BJB Autonoumous College
Centurion University
CET, Bhubaneswar
College of Basic Science & Humanities, OUAT
College of Veterinary Science & Animal Husbandry, OUAT
CV Raman College of Engineering
DAV School of Business Management
Gandhi Institute for Technological Advancement, GITA
Hi-Tech Medical College, Bhubaneswar
IGIT, Sarang
IIT, Bhubaneswar
Institute of Hotel Management & Catering Technology
KIIT Deemed to be University
MITS School of Biotechnology
National Institution of Science, Education and Research, NISER
National Law University of Odisha
NIST, Berhampur
NIT, Rourkela
Piloo Modi College of Architecture
Ravenshaw University
Rayagada Autonomous College
Royal College of Science and Technology
SAI International College of Commerce & Economics
SCB Medical College
School of Biotech Sciences
Silicon Institute of Technology
SOA University
SVNIRTAR, Bhubaneswar
United School of Business Management
VSSUT, Burla
Xavier University
XIMB, Bhubaneswar

OrissaPOST.Here.Now /orissapostlive www.orissapost.com
Sponsors : OMC ODISHA NEW OPPORTUNITIES नालको NALCO A NAVRATNA COMPANY
Co-sponsors : IndianOil GAIL (India) Limited ODISHA INDIA'S BEST KEPT SECRET MCL vedanta adventz PARADEEP PHOSPHATES LIMITED
Partners : omfed TEAM Odisha LIVE



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ତିନି ତଲାକ୍ ...

ପ୍ରଥମ ପୃଷ୍ଠାରୁ...

ଏବଂ ବହୁବିବାହକୁ ନିଷିଦ୍ଧ କରାଯାଇଛି। କେହି ପୁରୁଷ ଏପରି କରୁଥିବା ପ୍ରମାଣିତ ହେଲେ ତାଙ୍କ ପାଇଁ ଜେଲ୍‌ଦଣ୍ଡର ବିଧାନ ରହିଛି। ତେଣୁ ମୁସଲିମ୍ ପୁରୁଷ ତିନି ତଲାକ୍ ଦେଲେ ତାଙ୍କ ପାଇଁ ମଧ୍ୟ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯାଇପାରିବ। ଗୃହରେ ବିରୋଧୀ ଦଳ ନେତା ଗୁଲାମ୍‌ନବୀ ଆଜାଦ ଏହାକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଅଭିହିତ କରି ବିରୋଧ କରି କହିଥିଲେ ଘରୋଇ ବିବାଦକୁ ନେଇ ମୁସଲିମ୍ ପରିବାରକୁ ଧ୍ୱଂସ କରିବା ପାଇଁ ଏହା ଉଦ୍ଦିଷ୍ଟ। ଏହାର ଉତ୍ତରରେ ରବିଶଙ୍କର କହିଥିଲେ, ୧୯୮୪ରେ ୪୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିଥିବା କଂଗ୍ରେସ କାହିଁକି ପରବର୍ତ୍ତୀ ସମୟରେ କେବେ ସଂଖ୍ୟାଗରିଷ୍ଠତା ହାସଲ କରି ପାରିଲା ନାହିଁ ତାହା ଗୁଲାମନବୀ ଚିନ୍ତା କରନ୍ତୁ। ୧୯୮୬ରେ ଶାହ ବାନୋ ମାମଲାରେ କଂଗ୍ରେସ ମହିଳାଙ୍କ ଅଧିକାରକୁ ପ୍ରାଧାନ୍ୟ ଦେଲାନାହିଁ। ଏହା କଂଗ୍ରେସ ପାଇଁ ପତନର ମୁଖ୍ୟ କାରଣ ଥିଲା ବୋଲି ରବିଶଙ୍କର ସମାଲୋଚନା କରିଥିଲେ। ସେ ଆହୁରି କହିଥିଲେ, ୨୦୧୭ରେ ତତ୍‌କ୍ଷଣ ତିନିଥର ତଲାକ୍ କହି ଛାଡ଼ପତ୍ର ଦିଆଯିବାକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ଘୋଷଣା କରିଛନ୍ତି ବୋଲି ଏହି ବିଲ୍ ଆଗତ କରାଯାଇନାହିଁ, ବରଂ ଏହା ସରକାରଙ୍କ ଆଭିମୁଖ୍ୟ। ସେ ରାଜୀବ ଗାନ୍ଧୀ ସରକାରର ନୁହେଁ, ବରଂ ନରେନ୍ଦ୍ର ମୋଦି ସରକାରଙ୍କ ଜଣେ ମନ୍ତ୍ରୀ। ହ୍ୱାଟ୍ସଆପ୍ ଓ ଏପରି ଅନ୍ୟ ମାଧ୍ୟମ ଜରିଆରେ ତିନି ତଲାକ୍ ପାଇଁ ଛାଡ଼ପତ୍ର ହୋଇଥିବା ମହିଳାମାନଙ୍କୁ ସେମାନଙ୍କ ସ୍ଥାନରେ ଛାଡ଼ି ଦିଆଯିବନାହିଁ। ଯେତେବେଳେ ମୁସ୍‌ଲିମ୍ ଜଗତ ସଂସ୍କାର ଚାହୁଁଛି, ଏକ ଗଣତନ୍ତ୍ର ସେପରି କାହିଁକି କରିପାରିବ ନାହିଁ। ଗୋଟିଏ ସମୟରେ ଭାଜପା ଦେଶକୁ ଜଣେ ମୁସଲମାନ ରାଷ୍ଟ୍ରପତି ଦେଇଥିଲା। ଏହି ସମ୍ପ୍ରଦାୟରୁ ଦଳ କିଛି କମ୍ ଭୋଟ ପାଇପାରେ। କିନ୍ତୁ ‘ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ’ ସିଦ୍ଧାନ୍ତ ଅନୁସାରେ କାର୍ଯ୍ୟ କରୁଥିବା ଭାଜପା ମୁସଲମାନ ସମ୍ପ୍ରଦାୟକୁ ଦେଶର ଏକ ଅଂଶ ବୋଲି ବିବେଚନା କରେ। ଏହି ବିଲ୍‌କୁ ରାଜନୈତିକ ଦୃଷ୍ଟିରୁ ଦେଖାଯିବା ଅନୁଚିତ। ଏହା ମାନବିକତା, ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମାନତା ପାଇଁ ଉଦ୍ଦିଷ୍ଟ। ୨୦ରୁ ଊର୍ଦ୍ଧ୍ୱ ଦେଶରେ ଟ୍ରିପଲ ତଲାକ୍ ବିରୋଧରେ ଆଇନ ଅଣାଯାଇଛି ବୋଲି ସେ କହିଥିଲେ। କଂଗ୍ରେସ ନେତା ଆଜାଦ୍ କହିଥିଲେ, ତିନି ତଲାକ୍‌କୁ ଏକ ଦେୱାନୀ ଅପରାଧ ଭାବେ ବିବେଚନା କରିବା ପାଇଁ ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ବିରୋଧୀ ଦାବି କରିଥିଲେ। ହେଲେ ସରକାର ତାକୁ ଗ୍ରହଣ କରି ନ ଥିବାରୁ ବିରୋଧୀ ଦଳଗୁଡ଼ିକ ଏହା ବିରୋଧରେ ଭୋଟ ଦେବାକୁ ବାଧ୍ୟ ହୋଇଛନ୍ତି। ଏହିପରି ଭାବେ ବିଲକୁ ନେଇ ଗୃହରେ ସାଢ଼େ ୪ ଘଣ୍ଟା ଧରି ବିତର୍କ ହୋଇଥିଲା। ଶେଷରେ ମତ ବିଭାଜନରେ ଏହା ଗୃହୀତ ହୋଇଛି।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ସରକାରରେ ତିନି ତଲାକ୍ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲେ ମଧ୍ୟ ରାଜ୍ୟ ସଭାରେ କାଟ୍ ଖାଇଯାଇଥିଲା। ଗତ ସପ୍ତାହରେ କଂଗ୍ରେସ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ବିରୋଧୀ ଦଳଗୁଡ଼ିକର କକ୍ଷତ୍ୟାଗ ସହ ଲୋକ ସଭାରେ ପୁଣିଥରେ ପାସ୍ ହୋଇଥିଲା। ବିରୋଧୀଙ୍କ ମତରେ ବର୍ତ୍ତମାନ ସଂଶୋଧିତ ବିଲ୍ ଅନୁସାରେ ପ୍ରସ୍ତାବିତ ଆଇନର ଅପବ୍ୟବହାର କରାଯାଇପାରେ। ତେଣୁ ଏକ ସଂସଦୀୟ କମିଟି ଦ୍ୱାରା ଏହାର ସମୀକ୍ଷା କରାଯାଉ ବୋଲି ବିରୋଧୀ ଦାବି କରିଛନ୍ତି।

### ଫନୀ ପ୍ରଭାବିତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ପ୍ରଥମ ପର୍ଯ୍ୟାୟରେ ୩.୮୯ ଲକ୍ଷ ଘର ଅନୁମୋଦନ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ବାତ୍ୟା ଫନୀ ପ୍ରଭାବରେ ଭାଙ୍ଗିଯାଇଥିବା ଲୋକଙ୍କୁ ଘର ଯୋଗାଇଦେବାକୁ ସରକାର ଘୋଷଣା କରିଥିଲେ। ସେହି ଅନୁଯାୟୀ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩.୮୯ଲକ୍ଷ ଘର ଦେବାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରାୟ ୪୦ଲକ୍ଷ ହିତାଧିକାରୀ ଏଥିପାଇଁ ଆବେଦନ କରିଥିବା ଜଣାପଡିଛି। ଏଥିରୁ ବିଭିନ୍ନ ଜିଲା ପକ୍ଷରୁ ତାଲିକା ପ୍ରସ୍ତୁତ ହେବାସହ ତାକୁ ଯାଞ୍ଚ କରାଯାଇଛି। ଏହାସହ ଏସ୍ଇସିସି(ସୋସିଓ ଇକୋନୋମିକ କାଷ୍ଟ ସେନ୍‌ସସ୍) ତାଲିକେରେ ନାଁ ରହି ସରକାରୀ ଘର ପାଇ ନ ଥିବା ଏବଂ ତାଲିକାରେ ନାଁ ନ ଥିଲେ ମଧ୍ୟ ଘର ପାଇବାକୁ ଯୋଗ୍ୟ ଥିବା ହିତାଧିକାରୀଙ୍କୁ ଚିହ୍ନଟ କରାଯିବ।

ଏ ସମ୍ପର୍କରେ ଗତ ୧୯ ତାରିଖରେ ପଞ୍ଚାୟତିରାଜ ପ୍ରମୁଖ ସଚିବ ଦେଓରଞ୍ଜନ ସିଂ ସବୁ ଜିଲାପାଳ ଏବଂ ବିଡିଓମାନଙ୍କୁ ଚିଠି ଲେଖିଥିଲେ। ଚିଠିରେ ସେ ଉଲ୍ଲେଖ କରିଥିଲେ ଯେ, ଘର ଭାଙ୍ଗିଥିବା ଯୋଗ୍ୟ ହିତାଧିକାରୀଙ୍କ ସମସ୍ତ ସୂଚନା ଜିଓ ଟ୍ୟାଗିଂ କରି ଆୱାସ ସାଇଟ୍‌ରେ ଅପ୍‌ଲୋଡ କରାଯାଉ। ଏହାସହ ତାଲିକାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ସାମିଲ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଘର ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ଯେଉଁ ପରିବାର ନାମ ୨୦୧୧ ଏସ୍ଇସିସି ତାଲିକାରେ ନାହିଁ ସେମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ। ଏହାସହ ଫନୀରେ ପ୍ରଭାବିତ ହୋଇଥିବା ପରିବାର ଗୁଡିକୁ ଚିହ୍ନଟ କରି ସେମାନଙ୍କୁ ଏ, ବି ଏବଂ ସି ତିନୋଟି ତାଲିକାଭୁକ୍ତ କରାଯାଉ। ସେହି ତାଲିକା ରାଜ୍ୟ ସରକାର ରୁରାଲ ହାଉସିଂ(ଆର୍‌ଏଚ) ପୋର୍ଟାଲରେ ସୂଚିତ କରାଯାଉ। ସେହି ତଥ୍ୟକୁ ଆର୍‌ଏଚ ପୋର୍ଟାଲରୁ ଆୱାସ ପୋର୍ଟାଲକୁ ପଠାଇ ସେଭ୍ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବିଡିଓ ମାନଙ୍କୁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଫନୀ ପ୍ରଭାବରେ ଅଧିକ କ୍ଷୟକ୍ଷତି ହୋଇଥିବା ଘରର ତାଲିକା ରାଜସ୍ୱ ବିଭାଗ ଅଧିକାର ପ୍ରସ୍ତୁତ କରିବେ। ନଷ୍ଟ ହୋଇଯାଇଥିବା କଚ୍ଚା ଘର ବଦଳରେ ସେହି ପରିବାରକୁ ପ୍ରଧାନମନ୍ତ୍ରୀ ଆୱାସ ଯୋଜନାରେ ସ୍ୱତନ୍ତ୍ର ଘର ପ୍ରଦାନ କରାଯିବ। ପଞ୍ଚାୟତସ୍ତରରେ ତାଲିକା ପ୍ରସ୍ତୁତ କରିବା ପାଇଁ ଟିମ୍ ରହିବେ। ପ୍ରତି ବ୍ଲକରେ ଗୋଟିଏ ମାସ ପାଇଁ ୩ ଜଣ ଲେଖା ଡିଇଓ(ଡାଟା ଏଣ୍ଟ୍ରି ଅପରେଟର) ରହିବେ। ଯଦି କୌଣସି ବ୍ଲକରେ ଅଧିକ କାମ ରହେ ତେବେ ସେଠାରେ ଆହୁରି ଡିଇଓଙ୍କୁ ବିଡିଓ ନିଯୁକ୍ତ କରିବେ। ଗତ ୨୫ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଫନୀ ଦ୍ୱାରା ଭାଙ୍ଗିଥିବା ଘର ଦେବା ଲାଗି ସରକାର ଚୁଡାନ୍ତ ନିର୍ଦ୍ଦେଶାବଳୀ ଖୁବ୍‌ଶୀଘ୍ର ବାହାର କରିବେ ବୋଲି ଜଣାପଡିଛି।

## ଚୋରି ଧରାପଡ଼ିବାରୁ ଛୁରିରେ ଆକ୍ରମଣ, ୨ ଆହତ

**ସମ୍ବଲପୁର,୩୦।୭(ବ୍ୟୁରୋ)**

ଧନୁପାଲି ଥାନା କୁଲୁତକାନିସ୍ଥିତ ଏକ ଘରୁ ଦର୍ବୃତ୍ତମାନେ ଚୋରି କରୁଥିବା ସମୟରେ ଧରାପଡ଼ିଯିବାରୁ ଛୁରୀରେ ଆକ୍ରମଣ କରିଛନ୍ତି। ଏଥିରେ ୨ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ସୁବର୍ଣ୍ଣପୁରର ଖମ୍ବେଶ୍ୱର ପ୍ରଧାନ ଓ ନବରଙ୍ଗପୁରର ସୁଜିତ ବଳ। ଖମ୍ବେଶ୍ୱରଙ୍କୁ ଭିମସାରରେ ଭର୍ତ୍ତି କରାଯାଇଛି। ସୁଜିତ ସମ୍ବଲପୁର ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଏକ ଘରୋଇ କମ୍ପାନୀରେ କାମ କରୁଥିବା କେତେଜଣ ଯୁବକ ହଷ୍ଟେଲ କରି ରହୁଥିଲେ। ଖମ୍ବେଶ୍ୱର ଓ ସୁଜିତ ମଧ୍ୟ ସେଠାରେ ରହୁଥିଲେ। ମଙ୍ଗଳବାର ସକାଳେ କେତେକ ଦର୍ବୃତ୍ତ ଚୋରି କରିବାକୁ ହଷ୍ଟେଲରେ ପଶିଥିଲେ। ଏହି ସମୟରେ ଯୁବକମାନେ ଉଠିପଡ଼ି ସେମାନଙ୍କୁ ଧରିବାକୁ ଉଦ୍ୟମ କରିଥିଲେ।

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶ ମଧ୍ୟକୁ ୧୫.୮ ବେଲ୍‌ସ କପା ଆମଦାନୀ ହୋଇଛି। -ସିଆଇଏ

## ମୁସଲିମ ମହିଳାଙ୍କ ସମ୍ମାନ ରକ୍ଷାରେ ଏକ ଅଭୂତପୂର୍ବ ନିୟମ:ଧର୍ମେନ୍ଦ୍ର



ଭୁବନେଶ୍ୱର, ୩୦।୭(ବ୍ୟୁରୋ): ରାଜ୍ୟ ସଭାରେ ମଙ୍ଗଳବାର ଐତିହାସିକ ତିନି ତଲାକ୍ ବିଲ୍ ଗୃହୀତ ହେବା ଅବସରରେ ସମସ୍ତ ମୁସଲିମ ମା’, ଭଉଣୀମାନଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ମହିଳାଙ୍କ ସମ୍ମାନ ଓ ସଶକ୍ତୀକରଣ ପ୍ରତି ସମର୍ପିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ମଙ୍ଗଳବାର ବଡ଼ ପଦକ୍ଷେପ ନେଇଛନ୍ତି। ତିନି ତଲାକ୍ ପରି କୁପ୍ରଥା ବିରୋଧରେ ଏବଂ ମୁସଲିମ ମହିଳାଙ୍କ ସମ୍ମାନ ରକ୍ଷା କ୍ଷେତ୍ରରେ ଏକ ଅଭୂତପୂର୍ବ ନିୟମ ବ୍ୟବସ୍ଥା କରିଛନ୍ତି ବୋଲି ଧର୍ମେନ୍ଦ୍ର ଟୁଇଟରରେ ଉଲ୍ଲେଖ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ସମ୍ପର୍କୀୟ ଭାଇ, ପାଖ ପଡୋଶୀ, ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ସାହାଯ୍ୟରୁ କାମ ହାସଲ କରିବେ। କର୍ମକ୍ଷେତ୍ରରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହୋଇପାରନ୍ତି। ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରୁ ଆଦର ଅଭ୍ୟର୍ଥନା ମିଳିବ।

**ବୃଷ** - ଆଜି ନୂତନ କର୍ମାରମ୍ଭ ସାଙ୍ଗକୁ ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟିକ କ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ। କିନ୍ତୁ ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିପାରେ। ପ୍ରଶାସନିକ, ରାଜନୈତିକ କିମ୍ବା ସାମାଜିକ ସ୍ତରର ଆଲୋଚନା କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** - ଅଭାବ ଅସୁବିଧା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବାରମ୍ବାର ଚେଷ୍ଟାକରି ବିଶେଷ କଷ୍ଟ ସ୍ୱୀକାର କରିବା ପରେ ଅର୍ଥ ପାଇବେ ଓ କାମଟି ସାମାନ୍ୟ ବିଳମ୍ବରେ ସମ୍ପନ୍ନ ହେବ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଯାତ୍ରା ସମୟରେ ନୀଚଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ।

**କର୍କଟ** - କିଛି ସୁବିଧା ସାଙ୍ଗକୁ କିଛି ଅସୁବିଧା ରହିଥିବାରୁ ମାନସିକ ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିବେ। ଅବଶ୍ୟ ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ଅଧିକ ସମୟ ବିନିଯୋଗ କରିବାକୁ ପଡିପାରେ। ବ୍ୟବସାୟିକ ସଫଳତା ପାଇବାରେ ନିକଟସ୍ଥ ବ୍ୟକ୍ତିମାନେ କେତେକାଂଶରେ ସହଯୋଗ କରିପାରନ୍ତି।

**ସିଂହ** - କର୍ମକ୍ଷେତ୍ରରେ ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ ଏବଂ ବୁଦ୍ଧିଜୀବୀମାନଙ୍କ ସାନ୍ନିଧ୍ୟରେ ଆସିବେ। ଅଫିସ୍ କାମରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। ପରିବାରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। କିନ୍ତୁ ତରବରିଆ ଭାବରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**କନ୍ୟା** - ଆପଣଙ୍କ ଆବଶ୍ୟକତାକୁ ଉପଲବ୍ଧି କରି କୌଣସି ବନ୍ଧୁ ଆର୍ଥିକ ସମସ୍ୟାକୁ ସୁଧାରି ନେବାର ଦୃଢ ପ୍ରତିଶ୍ରୁତି ଦେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ। ପିଲାମାନଙ୍କ ସ୍ୱାସ୍ଥ୍ୟଗତ କିମ୍ବା ପଢା ସମସ୍ୟା ନେଇ ଆଲୋଚନା କରିପାରନ୍ତି।

**ତୁଳା** - କାର୍ଯ୍ୟବ୍ୟସ୍ତତା ଯୋଗୁ ଅବସର ପାଇବେ ନାହିଁ କିମ୍ବା ଖାଦ୍ୟପେୟରେ ମଧ୍ୟ ଠିକ୍ ରହିବ ନାହିଁ। ଅଫିସ୍‌ରେ ସହକର୍ମୀମାନଙ୍କ ସହ ସହାନୁଭୂତିର ସହ ଭାବ ଆଦାନପ୍ରଦାନ କରି ଖୁସୀ ରହିପାରନ୍ତି। ନୂତନ ଯୋଜନା, ବ୍ୟବସାୟିକ ସ୍ଥିତି, ଜମିଜମା କାରବାର, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଚିନ୍ତିତ ରହିବାକୁ ପଡିପାରେ।

**ବିଛା** - ସବୁ ଥାଇ ମଧ୍ୟ କିଛି ନ ଥିଲା ଭଳି ପରିସ୍ଥିତି ଭିତର ଦେଇ ଗତି କରିବାକୁ ବାଧ୍ୟ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତଙ୍କୁ ସରଳଭାବରେ ଗ୍ରହଣ କରିବା ଅସୁବିଧାର କାରଣ ହୋଇପାରେ। ଅତି ଭଲ ସମ୍ପର୍କ ରହିଥିବା ଜଣେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବାର ସୂଚନା ରହିଛି।

**ଧନୁ** - ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ସମସ୍ତ ପ୍ରକାର ଅଭିଳାଷ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ, ଅନ୍ୟଥା ପଛରେ ବାରକଥା ଶୁଣିବାକୁ ପଡିବ। ଖଳ ଲୋକମାନଙ୍କ ଦ୍ୱାରା ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି।

**ମକର** - ଶୁଭଗ୍ରହ ପ୍ରଭାବରୁ କୌଣସି ଅସୁବିଧା ନ ହୋଇ କାମ ହୋଇଯିବ କିନ୍ତୁ ଚନ୍ଦ୍ର ପ୍ରଭାବରେ ଅସ୍ଥିରତା ଲାଗି ରହିବ। କଳେବଳେ କୌଶଳେ ଅର୍ଥ ସଂଗ୍ରହ ଅଭିଯାନ ଜାରି ରଖି ସଫଳତା ପାଇବେ। ଶ୍ରବଣା ସକାଶେ ବନ୍ଧୁମାନଙ୍କ ସହାନୁଭୂତି, ପାରିବାରିକ ସହଯୋଗ କିମ୍ବା ବୟସ୍କବ୍ୟକ୍ତିଙ୍କ ପରାମର୍ଶରୁ ସ୍ଥିରତା ଆସିପାରେ।

**କୁମ୍ଭ** - ମନ କଥା ମନ ଭିତରେ ରଖି ବନ୍ଧୁଙ୍କ ସହ ମିଶିପାରିଲେ ସୁଯୋଗ ଆପଣା ଛାଏଁ ଆସିପାରିବ। କର୍ମକ୍ଷେତ୍ରରୁ ଯାହା ଓ ଯେତିକି ପାଇବା କଥା ଆଶା ନିଷ୍ଫଳ ହେବନାହିଁ। କଳା, ସାହିତ୍ୟ, ସାମ୍ବାଦିକତା ଓ ସଭାସମିତିରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** - ହାତକୁ ନେଇଥିବା କାର୍ଯ୍ୟ ଅବଶ୍ୟ ସୁବିଧାରେ ହୋଇଯିବ, ମାତ୍ର ଏଥି ସକାଶେ କଠିନ ପରିଶ୍ରମ କରିବାକୁ ପଡିପାରେ। କଳା, କ୍ରୀଡା, ସାହିତ୍ୟ ଚର୍ଚ୍ଚା, ସଭାସମିତି, ମାଙ୍ଗଳିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଆକସ୍ମିକ ସମସ୍ୟା ଓ ପ୍ରତିବନ୍ଧକ ଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ବୁଧବାର, ଗୃହୀଣାଂ ଚିତାଉଲାଗି, ଜୁଲାଇ ୩୧ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ୧୦।୦୯ମି. ଗତେ କର୍କଟ ଚନ୍ଦ୍ର, କର୍କଟ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଶ୍ରାଦ୍ଧ, ଅଦ୍ୟ ଚନ୍ଦ୍ରକ୍ଷୟ ଓ ନିଶାପାଳନ, ସକାଳ ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ, ଘ୧୦।୦୮ମି. ଗତେ ଘ୧।୪୭ମି. ମଧ୍ୟେ, ଘ୪।୪୪ମି. ଗତେ ଘ୬।୦୫ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302




**BRIDE WANTED**

ଗୌରବର୍ଣ୍ଣ ଉଚ୍ଚଶିକ୍ଷିତା, 5’2” ଊର୍ଦ୍ଧ୍ୱ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। ବୟସ 35 / 5’8”, Private Bank Manager, Bhubaneswar ନିମନ୍ତେ। 9692155737. D-13663

Khandayat boy 1982, M.Phil (Math), Ph.D, Asst. Professor, IIT. 9861255959. D-67206

Wanted Brahmin homely bride for 1980 born 5’9” Diploma Engineer Brahmin boy. Contact: 8917628852, 6370737397. D-66164

Widower groom CA 45, Clerk 42, Business 36 (Caste-no-bar)- 7873374269. D-67026

**GROOM WANTED**

Muslim bride 34/5’2” Khorda searching groom (Any location). 8338083380. D-13671

Bania 33/5’ Assistant Professor, Bhubaneswar. Searching groom. 8338083380, 8480611745. D-13672

Now Matrimonial ads. only on Wednesday & Sunday Book 1 Get 1 FREE

Carpenter girl 1990/ Nationalised Bank Manager, Bhubaneswar, (No vision) Caste-no-bar. 9438852432, 9337336614. D-66165

Beautiful Gudia girl 1986 working OPTCL, Bhubaneswar. Caste no bar “Vaisnabi” 9238578590. D-66163

**Very beautiful girl Engineer, fair, 5’4”, Kumbha 25/11, Kshetriya, Rourkela settled. Please contact: 8895504388.** D-13624

**real estate**

**SALE**

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

BDA plot NH-5 ସନ୍ନିକଟରେ road, Electric pole, boundary ମାତ୍ର sqft. 600/-ରେ ମିଳୁଅଛି। Contact: 7750068828 / 9437285016. D-13626

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

**Premium approval duplex 90lakhs at Hanspal, Big Bazar, NH side, simplex at Bhingarpur 24 lakhs. 7437998131, 8249795447.** D-66270

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

**ଭୁବନେଶ୍ୱର ବାଲକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

11decimal sthitiban, gharabari corner land plot near Puri Beach available @ 16L/ Decimal. Contact: 9437063744. D-67025

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**Studio flats (350sqft) specious 1BR cubical (590sqft) besides Lokanath temple, Puri, very affordable price for booking. Contact: Susil Pradhan (MBA Marketing)- 9348261173.** D-67331

Hurry up 2 & 3BHK flat and simplex/ duplex or plot sale in Bhubaneswar. Contact: 9853821712, 8249742867. D-67332

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

**Sale of triplex near Rasulgarh chowk, cost @ 2.55 crore. Contact: 9437573355, 9861068796.** D-13664

**construction**

**Construct your dream home with pillar beam and interior design from the experts. Contact: 7008550473.** D-13651

**to-let**

**10000 sqft cover godown available for rent at Hanspal square highway side, Bhubaneswar, sqft. 24/-. Contact: 9937097791.** D-66748

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-13610

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Rejuvenate and ayurvedic full body massage by smart therapist: 9114402304. D-67324

Summer special mesmerizing offer expert therapeutic refreshing massage appointment: 9668374480. D-67322

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

Ayurvedic herbal full body massage smart lady therapist. 9437453813. D-66271

**business**

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13662

**AFFIDAVIT**

By virtue an affidavit before Executive Magistrate, Dhenkanal I Jyotshnarani Nayak @ Jyotshnarani Behera, W/o Makar Prasad Behera, Village-Ichhapur,PS: Athgarh, District: Cuttack, Odisha, after marriage my surname has been changed from Nayak to Behera. Jyotshnarani Nayak and Jyotshnarani Behera is one and same person. My Aadhar No is 977652877848 . I shall be known as Jyotshnarani Behera for all purposes . D-66813

By virtue of an affidavit before the Executive Magistrate, Bhubaneswar, I Sasmita Sarangi declare that I changed my name from Sasmita Manjari Mohapatra to Sasmita Sarangi. Henceforth I shall be known as Sasmita Sarangi for all purposes. D-13665

**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ପ୍ରେମରେ ବିଫଳ ଯୁବକ ନିଜ ଗଳା କାଟିଲେ

**କେନ୍ଦ୍ରାପଡ଼ା ଅଫିସ୍/ମାର୍ଶାଘାଇ, (ଡି.ଏନ୍.ଏ.) ୩୦।୭:** ପ୍ରେମ ନିବେଦନ କରି ବିଫଳ ହେବା ପରେ ମଙ୍ଗଳବାର ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଜଣେ ଯୁବକ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ମାର୍ଶାଘାଇ ଥାନା ଅଧୀନ କାନପୁର ଗ୍ରାମର ରାଜକୁମାର ଦାସ(୨୫)। ରାଜକୁମାର ସେହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦରବଛା ଗ୍ରାମ ନିକଟରେ ଅଟକାଇ ପ୍ରେମ ନିବେଦନ କରିଥିଲେ। ଯୁବତୀ ଜଣକ ଏଥିରେ ରାଜି ନ ହେବାରୁ ରାଜକୁମାର ପାଖରେ ଥିବା ଏକ ବ୍ଲେଡରେ ନିଜ ଗଳା କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ସେ ନିଜେ ଯାଇ ସ୍ଥାନୀୟ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏ ନେଇ ସମ୍ପୃକ୍ତା ଯୁବତୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୧୮୩/୧୯ ନଂ.ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜକୁମାର କହିଛନ୍ତି, ସମ୍ପୃକ୍ତା ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ବାହାଘର ପାଇଁ ଆଲୋଚନା କରିବାକୁ ଘରକୁ ଡାକିଥିଲେ। ମାତ୍ର ସେଠାରେ ଯୁବତୀଙ୍କ ପରିବାର ସଦସ୍ୟ ଓ ଅନ୍ୟମାନେ ମିଶି ତାଙ୍କୁ ମାଡ଼ ମାରିବା ସହ ଗଳା କାଟି ଦେଇଥିଲେ।

ଲାଞ୍ଚ ମାମଲା

### ପୂର୍ବତନ ଜିଲା ଶ୍ରମ ଅଧିକାରୀଙ୍କୁ ୩ ବର୍ଷ ଜେଲଦଣ୍ଡ

**ବାରିପଦା ଅଫିସ,୩୦।୭:** ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ସ୍ପେଶାଲ ଜଜ୍ (ଭିଜିଲାନ୍ସ) ବେଣୁଧର ପାତ୍ର ମଙ୍ଗଳବାର ଏକ ଲାଞ୍ଚ ମାମଲାର ବିଚାର କରି ଦୋଷୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଆଦେଶ ଦେଇଛନ୍ତି। ବାଲେଶ୍ୱର ଜିଲା ଅଞ୍ଚଳର କେଶବ ଲେଙ୍କା ଗତ ୨୦୧୨ରେ ଏକ ଲେବର ଲାଇସେନ୍ସ ପାଇଁ ମୟୂରଭଞ୍ଜ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସେତେବେଳେ ଜିଲା ଶ୍ରମ ଅଧିକାରୀ ଥିବା ଲକ୍ଷ୍ମଣ ବେହେରା ତାଙ୍କୁ ଏ ବାବଦରେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ କେଶବ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୬/୨୦୧୨) ରୁଜୁ ହୋଇଥିଲା। ଯୋଜନା ମୁତାବକ ଗତ ୨୦୧୨ ଫେବୃୟାରୀ ୨୭ ତାରିଖରେ କେଶବଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଲକ୍ଷ୍ମଣ ଭିଜିଲାନ୍ସ ଟିମ୍ ଦ୍ୱାରା ଧରାପଡିଥିଲେ।

ମାଓବାଦୀଙ୍କ ଶହୀଦ ସପ୍ତାହ

### ରାସ୍ତା ଖୋଳାକୁ ନେଇ ଆତଙ୍କ

**ଫିରିଙ୍ଗିଆ, ୩୦।୭:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା-ବାଲନ୍ଦାପଡା ରାସ୍ତା କ୍ରାଣ୍ଡିବାଲି ପଞ୍ଚାୟତ କାମଟଣା ଗ୍ରାମ ନିକଟ ଘାଟି ରାସ୍ତାର କିଛି ଅଂଶ ଖୋଳାଯାଇଥିବା ମଙ୍ଗଳବାର ଦେଖିବାକୁ ମିଳିଛି। କୌଣସି କାରଣ ନ ଥାଇ ରାସ୍ତା ଖୋଳାଯିବା ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏବେ ମାଓବାଦୀଙ୍କ ପକ୍ଷରୁ ଶହୀଦ ସପ୍ତାହ ପାଳନ କରାଯାଉଥିବାରୁ ଏହା ସେମାନଙ୍କ କାର୍ଯ୍ୟ ବୋଲି ଆଲୋଚନା ହେଉଛି। ମାଓବାଦୀମାନେ ରାସ୍ତା ଖୋଳି ବିସ୍ଫୋରକ ରଖିଥିବା ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳକୁ ସିଆର୍‌ପିଏଫର ଏକ ଟିମ୍, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ ଯାଇ ତଦାରଖ କରିବେ ବୋଲି ସୂଚନା ମିଳିଛି। ସେହି ରାସ୍ତାରେ କୌଣସି ବଡ଼ ଗାଡ଼ି ଯାତାୟାତ କରୁନାହିଁ। ସିଆର୍‌ପିଏଫ ଏବଂ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଗୋଚ୍ଛାପଡ଼ା ଥାନାଧିକାରୀ ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ନାଥୁରାମଙ୍କୁ ନେଇ ପୁଣି କଂଗ୍ରେସ-ଭାଜପା ମୁହାଁମୁହିଁ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

- ବିଧାନସଭାରେ କଂଗ୍ରେସର ହଟ୍ଟଗୋଳ
- ନରସିଂହଙ୍କ ପ୍ରତି ଆକ୍ଷେପମୂଳକ ଶବ୍ଦକୁ ବାଦ ଦେଲେ ବାଚସ୍ପତି



ନରସିଂହ ମିଶ୍ର



ବିଷ୍ଣୁଚରଣ ସେଠୀ

ସୋମବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀକୁ ନେଇ ଉଭୟ କଂଗ୍ରେସ ଏବଂ ଭାଜପା ମୁହାଁମୁହିଁ ହୋଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ପ୍ରସଙ୍ଗ ଉଠାଇ ପରୋକ୍ଷରେ ଭାଜପା ଓ କେନ୍ଦ୍ର ସରକାରଙ୍କୁ ଆକ୍ରମଣ କରିଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ମଧ ନରସିଂହଙ୍କୁ କଡା ଜବାବ ଦେଇଥିଲେ। ଏହାକୁ ନେଇ ବିଧାନସଭା ଶୂନ୍ୟକାଳରେ ଉଭୟ ଦଳଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ମଧ ଏ ପ୍ରସଙ୍ଗକୁ ନେଇ ଭାଜପା ଏବଂ କଂଗ୍ରେସ ପରସ୍ପରକୁ ଆକ୍ଷେପ ଏବଂ ପ୍ରତିଆକ୍ଷେପ କରିଥିଲେ। କିଛିସମୟ ପାଇଁ ଗୃହରେ ଉତ୍ତେଜନା ଦେଖାଯାଇଥିଲା। ଶୂନ୍ୟକାଳରେ ନରସିଂହ କହିଥିଲେ ଯେ, ବିରୋଧୀଦଳର ଉପନେତା ଗତକାଲି ମୋତେ ଆକ୍ଷେପ କରିଥିଲେ। ଜାନୁୟାରୀ ୩୦ରେ, ଯେଉଁଦିନ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା, ସେହିଦିନ ତାଙ୍କ ଫଟୋକୁ ଗୁଳି ମରାଯାଇଥିଲା। କେତେକ ଗୋଷ୍ଠୀ ନାଥୁରାମଙ୍କୁ ଦେଶଭକ୍ତ ଆଖ୍ୟା ଦେଲେଣି, ତାଙ୍କ ମନ୍ଦିର ନିର୍ମାଣ କଲେଣି। ଏହି ପ୍ରସଙ୍ଗରେ ମୁଁ କୌଣସି ଦଳକୁ ଆକ୍ଷେପ କରି ନ ଥିଲି, ମାତ୍ର ବିରୋଧୀ ଦଳ ଉପନେତା ମଣିଶଙ୍କର ଆୟାର ଏବଂ ସିଦ୍ଧୁଙ୍କ ନାମ ନେଇ ସମାଲୋଚନା କରିଥିଲେ। ଯେଉଁମାନେ କି ଏହି ଗୃହର ସଦସ୍ୟ ନୁହନ୍ତି। ମୋ ବିରୋଧରେ ଯେଉଁ ଆପତ୍ତିଜନକ ଶବ୍ଦ ପ୍ରୟୋଗ କରାଯାଇଛି ତାହାକୁ ଗୃହର ବିବରଣୀରୁ ବାଦ୍ ଦିଆଯାଉ ବୋଲି ନରସିଂହ କହିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀଙ୍କୁ କହିବାକୁ ଅନୁମତି ଦେଇଥିଲେ। ସେ କହିଥିଲେ ଯେ, ନରସିଂହ ମିଶ୍ର କାଲି ନୁହେଁ, ପୂର୍ବରୁ ଦୁଇଥର ମଧ ଏହିଭଳି ଟିପ୍ପଣୀ କରିଥିଲେ। ନାଥୁରାମ ଗଡ୍‌ସେ ଆର୍‌ଏସ୍‌ଏସ୍‌ର ସଦସ୍ୟ ନ ଥିଲେ। ସେ ବିଶ୍ୱ ହିନ୍ଦୁ ମହାସଭାର ସଦସ୍ୟ ଥିଲେ। କଂଗ୍ରେସ ଦଳର ସଭାପତି ମଧ ଅନେକ ସମୟରେ ଗଣମାଧ୍ୟମରେ ବହୁ ଅବାନ୍ତର କଥା କହିଛନ୍ତି। ତିରୁପତି ପାଣିଗ୍ରାହୀ ଗୃହର ସଦସ୍ୟ ନ ଥିଲେ ମଧ ତାଙ୍କ କଥା ବି ଏଠି ଆଲୋଚନା ହୋଇଛି। ନରସିଂହଙ୍କ ବିରୋଧରେ ହୋଇଥିବା ଆପତ୍ତିଜନକ ଶବ୍ଦକୁ ବିବରଣୀରୁ ବାଦଦେବା ନେଇ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡି ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଭାଜପା ସଭ୍ୟ ସନାତନ ବିଜୁଳି ଛିଡା ହୋଇ ପ୍ରତିବାଦ କଲେ। ବାଚସ୍ପତି ତାଙ୍କୁ ହାତ ହଲାଇ ବସ ବସ ବୋଲି ପାଟି କଲେ। ଏହାଦେଖି ବିଷ୍ଣୁ ଉତ୍ତେଜିତ ହୋଇପଡିଥିଲେ। ସେ ପ୍ରତିବାଦ କରି କହିଲେ ଯେ, ଆମେ କ'ଣ ମୂଲିଆ ଆମକୁ ଏମିତି ହାତ ହଲେଇ ବସ ବସ ବୋଲି କହିବେ। ଏହି ସମୟରେ ଭାଜପାର ଅନ୍ୟ ସଦସ୍ୟମାନେ ନିଜ ସିଟ ନିକଟରେ ଛିଡା ହୋଇ ହୋ ହଲ୍ଲା କରିଥିଲେ। ଆଗାମୀ ଦିନରେ ଗୃହର ସଦସ୍ୟ ନ ଥିବା ଲୋକଙ୍କ ବିଷୟରେ ଯେପରି ଆଲୋଚନା ନ କରନ୍ତି ସେନେଇ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବାଚସ୍ପତିଙ୍କୁ ବିଷ୍ଣୁ କହିଥିଲେ। କଂଗ୍ରେସ ସଦସ୍ୟ ହଟ୍ଟଗୋଳ ଦେଖି ବାଚସ୍ପତି ବିରୋଧୀଦଳ ଉପନେତା ନରସିଂହଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ସନ୍ଧ୍ୟା ସୁଦ୍ଧା ଅନୁଧ୍ୟାନ କରି ରୁଲିଂ ଦେବେ ବୋଲି କହିଥିଲେ। ଶେଷରେ ବାଚସ୍ପତି ନରସିଂହଙ୍କ ପ୍ରତି ହୋଇଥିବା ଆକ୍ଷେପମୂଳକ ଶବ୍ଦକୁ ଗୃହର ବିବରଣୀରୁ ବାଦ ଦେଇଥିଲେ।



ମଙ୍ଗଳବାର ବିଧାନସଭାର ପ୍ରଶ୍ନୋତ୍ତର ବେଳେ ଉପସ୍ଥିତ ମନ୍ତ୍ରୀ ଓ ବିଧାୟକମାନେ।

# ଆଉ ନୂଆ ୧୭ ଏନ୍‌ଏସି ଗଠନ ହେବ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ରାଜ୍ୟରେ ଆଉ ୧୭ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଗଠନ ହେବ। କେବଳ ଜନସଂଖ୍ୟା ନୁହେଁ, ସେଠାକାର ଭୌଗୋଳିକ ପରିସ୍ଥିତି, ରାଜସ୍ୱ ଆୟ ଓ ଅନ୍ୟାନ୍ୟ ଦିଗକୁ ଦେଖି ନୂତନ ଏନ୍‌ଏସି ଗଠନକୁ ଅନୁମତି ଦିଆଯାଇଥାଏ। ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ସତ୍ୟନାରାୟଣ ପ୍ରଧାନ ମୂଳ ପ୍ରଶ୍ନରେ ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶରଣକୁଳ ଏବଂ ସୁନାଖଳାକୁ କେବେ ଏନ୍‌ଏସି ଘୋଷଣା କରାଯିବ ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କୋରାପୁଟ ଜିଲାର ବୋରିଗୁମ୍ମା ବ୍ଲକକୁ ଏନ୍‌ଏସି ଘୋଷଣା କରିବେ କି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଶରଣକୁଳ ସହରକୁ ଏନ୍‌ଏସି ଘୋଷଣା ପାଇଁ ନୟାଗଡ଼ ଜିଲାପାଳଙ୍କୁ କେତେକ ତଥ୍ୟ ମଗାଯାଇଛି, ତାହା ହସ୍ତଗତ ହେବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ। ସେହିପରି ରାଜସୁନାଖଳା ସହରକୁ ଏନ୍‌ଏସି ଘୋଷଣା କରିବାକୁ ଅନୁଧ୍ୟାନ କରାଯାଉଛି। ବୋରିଗୁମ୍ମା ଏବଂ ଚଣ୍ଡିଖୋଲ ପ୍ରସ୍ତାବ ଆସିଲେ ଏହାକୁ ସରକାର ବିଚାର କରିବେ ବୋଲି ମନ୍ତ୍ରୀ କହିଛନ୍ତି।

# ଚଳିତ ବର୍ଷ ୩୮ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

- ଶାସକ ସଭ୍ୟଙ୍କ ଅଭିଯୋଗ
- କୋର୍ଟ ଉଦ୍‌ଘାଟନ ବେଳେ ଜନପ୍ରତିନିଧିଙ୍କୁ ସାମିଲ କରାଯାଉ ନାହିଁ
- ହାଇକୋର୍ଟ ବିଚାରପତିଙ୍କ ସହ ଆଲୋଚନା କରିବେ ମନ୍ତ୍ରୀ

ରାଜ୍ୟରେ ଆଉ ୬୦ଟି ସ୍ଥାନରେ କୋର୍ଟ ଖୋଲିବ। ତେବେ ଚଳିତବର୍ଷ ୩୮ଟି ସ୍ଥାନରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ଧ୍ରୁବଚରଣ ସାହୁ ପଟ୍ଟାମୁଣ୍ଡାଇଠାରେ ଏକ ଅତିରିକ୍ତ ଜିଲା ଜଜ୍ କୋର୍ଟ ସ୍ଥାପନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି କି। ରାଜନଗରଠାରେ ଜେଏମ୍‌ଏଫ୍‌ସି କୋର୍ଟ କାର୍ଯ୍ୟ କରୁଥିଲେ ମଧ ଏହାର ନିଜସ୍ୱ ଗୃହ ନାହିଁ। କେବେ ସୁଦ୍ଧା ଗୃହ ନିର୍ମାଣ କରାଯିବ ବୋଲି ପଚାରିଥିଲେ। ବିଜେଡି ସଭ୍ୟ ଅନନ୍ତ ଦାସ, ପ୍ରଭୁ ଜାନୀ, ପ୍ରଦୀପ ଅମାତ୍, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା, ଭାଜପା ସଭ୍ୟ ନିତ୍ୟାନନ୍ଦ ଗଣ୍ଡ, ସୁକାନ୍ତ ନାୟକ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ କରିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂତନ କୋର୍ଟ ଉଦ୍‌ଘାଟନ ବେଳେ ଜନପ୍ରତିନିଧିମାନଙ୍କୁ କାହିଁକି ସାମିଲ କରାଯାଉନାହିଁ ବୋଲି ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ କଡା ଆପତ୍ତି ଉଠାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଲାବେଳେ ଜନପ୍ରତିନିଧିଙ୍କୁ ସାମିଲ କରାଯାଉଛି। ମାତ୍ର କୋର୍ଟ ଉଦ୍‌ଘାଟନ ବେଳେ କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଜନପ୍ରତିନିଧିମାନଙ୍କୁ କୋର୍ଟ ଉଦ୍‌ଘାଟନ ଉତ୍ସବରେ ସାମିଲ କରାଯିବା ସହ ଫଳକରେ ସ୍ଥାନୀୟ ବିଧାୟକମାନଙ୍କ ନାମ ଲେଖାଯାଉ ବୋଲି ସଦସ୍ୟମାନେ ଦାବି କରିଥିଲେ। ଏ ନେଇ ମନ୍ତ୍ରୀ ହାଇକୋର୍ଟ ଜଜ୍‌ଙ୍କ ସହ ଆଲୋଚନା କରନ୍ତୁ ବୋଲି କହିଥିଲେ। ଏଥିସହ ସମସ୍ତ ଜିଲାରେ ଲୋକଙ୍କୁ ନ୍ୟାୟ ଦେବା ସକାଶେ ଅଧିକ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା କରନ୍ତୁ ବୋଲି ଦାବି କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ପଟ୍ଟାମୁଣ୍ଡାଇଠାରେ ଏକ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକ ପଦବୀ ସୃଷ୍ଟି କରିବା ପରେ କୋର୍ଟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ରାଜନଗରଠାରେ ଜେଏମ୍‌ଏଫ୍‌ସି କୋର୍ଟ ନାହିଁ। ସେଠାରେ ଏକ ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ କରାଯାଇଛି। ଗ୍ରାମ୍ୟ ନ୍ୟାୟାଳୟ ପାଇଁ ନିଜସ୍ୱ ଗୃହ ନିର୍ମାଣ କରିବା ଲାଗି ସରକାର ନିଷ୍ପତ୍ତି ନେଇ ନାହାନ୍ତି। ନୂତନ କୋର୍ଟ ଉଦ୍‌ଘାଟନ ହାଇକୋର୍ଟଙ୍କ ଦ୍ୱାରା ହୋଇଥାଏ। ଏଥିରେ ଜନପ୍ରତିନିଧିଙ୍କୁ ସାମିଲ କରାଯାଇ ନ ଥାଏ। ଗୃହର ଉଦ୍‌ବେଗକୁ ଦୃଷ୍ଟିରେ ରଖି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରାଯିବ। ରାଜ୍ୟରେ ୩୧ଟି ଗ୍ରାମ୍ୟ ନ୍ୟାୟାଳୟ ରହିଛି। ସେଗୁଡିକୁ ଜେଏମ୍‌ଏଫ୍‌ସି କୋର୍ଟ କ୍ଷମତା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।


**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



ଆୟୁଷ ପ୍ରଧାନ
ଜନ୍ମଦିନ ତା. ୩୧।୦୭।୨୦୧୯
ଗ୍ରାମ: ଫୁଲବାଣୀ, ଗୁଦାରୀ
ଆଜି ଏହି ପବିତ୍ର ଜନ୍ମଦିନରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ, ସୁସ୍ଥଜୀବନ ଓ ଦୀର୍ଘାୟୁ ନିମନ୍ତେ ଆମ୍ଭେମାନେ ମଙ୍ଗଳ କାମନା କରୁଛୁ।
ଶୁଭେଚ୍ଛାସହ:
ବାବା, ମାମା, ଅଜା, ଆଈ, ମାମୁ, ମାଇଁ, କେକେମା।
ଧ-୧୩୬୭୭



**ARBITRATION**
BETWEEN
SREI EQUIPMENT FINANCE LIMITED ...CLAIMANT
-VERSUS-
AMIT SINGH & ANR. ...RESPONDENTS
Agreement No. 98068 dated 22nd June, 2015

Pursuant to the directions given by the Ld Arbitrator on 25.07.2019 take note that the abovementioned Arbitration Proceedings has been filed against1.AmitSingh C/o Jaswant Singh and 2. Kavita both of Sarbahal Road, Near UG ME School, P.O./ P.S.- Jharsuguda, Dist-Jharsuguda, Orissa, Pin - 768 201, interalia for an award for a sum of Rs. 10,00,022.63/- as on 12.11.2018, ownership, possession, interim and future interestother reliefs and you are directed to appear before the Ld Arbitrator on 02nd September, 2019 at 4.30 pm at Block- B, 2nd Floor, Nicco House, 1B & 2 , Hare Street, Kolkata - 700 001 and defend the matter.

ARCHANA CHOWDHARY
Advocate
7C, Kiran Shankar Roy Road
2nd Floor, Room No.205
Kolkata-700001



**GAYATRI GROUP OF INSTITUTION**
Gayatri Vihar, Jamadarpali, Sambalpur
**ADMISSION OPEN**
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy)
Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm
M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY)
8249598936- (DMLT),7982724451,
7381578301 (PHYSIOTHERAPY)


# କାମ୍ପା ପାଣ୍ଠିରୁ ରାଜ୍ୟ ସରକାର ପାଇଛନ୍ତି ୨୬୪୪ କୋଟି

ଭୁବନେଶ୍ୱର,୩୦।୭(ବ୍ୟୁରୋ)

- ଖର୍ଚ୍ଚ କରିଛନ୍ତି ୨୫୪୮ କୋଟି
- ଚଳିତ ବର୍ଷ ୬୧୬ କୋଟି ଟଙ୍କାର ବାର୍ଷିକ ଯୋଜନା

କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା କର୍ତ୍ତୃପକ୍ଷ(କାମ୍ପା) ୨୦୦୯ରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ସେବେଠାରୁ ରାଜ୍ୟକୁ କେନ୍ଦ୍ର ସରକାର ଆଡ୍‌ହକ୍ କାମ୍ପା ପାଣ୍ଠିରୁ ୨୬୪୪ କୋଟି ୧୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ୨୦୦୯-୧୦ରେ କେନ୍ଦ୍ର ସରକାର ଏହି ଯୋଜନାରେ ୧୩୧.୬ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ୨୦୧୦-୧୧ରେ ୧୪୦.୧୮କୋଟି, ୨୦୧୧-୧୨ରେ ୧୭୬.୯କୋଟି, ୨୦୧୨-୧୩ରେ ୨୦୫.୮୩କୋଟି, ୨୦୧୩-୧୪ରେ ୧୮୦କୋଟି, ୨୦୧୫-୧୬ରେ ୩୨୨କୋଟି, ୨୦୧୬-୧୭ରେ ୪୭୩କୋଟି ଏବଂ ୨୦୧୭-୧୮ରେ ୪୭୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେଥିରୁ ୨୦୧୯ ଜୁନ୍ ୨ ସୁଦ୍ଧା ୨୫୪୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୦୯-୧୦ରୁ ୨୦୧୭-୧୮ ମଧ୍ୟରେ ଏହି ଅର୍ଥରେ ୨ଲକ୍ଷ ୯୪ ହଜାର ୫୫ ହେକ୍ଟର ବନୀକରଣ କରାଯାଇଥିବା ବେଳେ ୭ଲକ୍ଷ ୪୪ ହଜାର ୭୮୪ହେକ୍ଟରରେ ବାଉଁଶ ଓ ୧ ଲକ୍ଷ ୭୯ହଜାର ଅନ୍ୟାନ୍ୟ ଜଙ୍ଗଲ ସୃଷ୍ଟି କରାଯାଇଛି। ଏଥିସହିତ ୨୪୮ ବନାଞ୍ଚଳ କାର୍ଯ୍ୟାଳୟ, ୨୯୭ ବାସଗୃହ, ୧୬୯୯ ବନରକ୍ଷୀଙ୍କ ପାଇଁ ବାସଗୃହ ଓ ୩୯ ମେଗା ନର୍ସରି ସୃଷ୍ଟି କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ କାମ୍ପା ପାଣ୍ଠିରୁ ୬୧୬ କୋଟି ୯୪ ଲକ୍ଷ ଟଙ୍କାର ବାର୍ଷିକ ଯୋଜନା ଖର୍ଚ୍ଚ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ପ୍ରମୋଦ ମଲିକ ମୂଳ ପ୍ରଶ୍ନରେ କହିଥିଲେ, କାମ୍ପା ଯୋଜନା କାର୍ଯ୍ୟକାରୀ ହେବାଠାରୁ କେନ୍ଦ୍ର ସରକାର କେତେ ଟଙ୍କା ଦେଇଛନ୍ତି, କେତେ ଖର୍ଚ୍ଚ ହୋଇଛି, ଚଳିତ ଆର୍ଥିକ ବର୍ଷରେ କେତେ ଟଙ୍କା ଖର୍ଚ୍ଚ ପାଇଁ ଅର୍ଥ ମଞ୍ଜୁର ହୋଇଛି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ନରସିଂହ ମିଶ୍ର, ବିଜେଡି ସଭ୍ୟ ପ୍ରୀତିରଞ୍ଜନ ଘଡ଼ାଇ, ଅତନୁ ସବ୍ୟସାଚୀ ନାୟକ, ରମେଶ ଚନ୍ଦ୍ର ସାଏ, ବଦ୍ରିନାରାୟଣ ପାତ୍ର ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ କାମ୍ପା ଯୋଜନା ଅର୍ଥରେ କେଉଁଠି ନୂଆ ଜଙ୍ଗଲ କରାଯାଇଛି। ବଲାଙ୍ଗୀର ଜିଲାର ଭୀମପାହାଡ଼ରେ ଏକ ଡିୟର ପାର୍କ କରିବାର ବ୍ୟବସ୍ଥା ଅଛି କି? କଟକ, ଭୁବନେଶ୍ୱରରେ ପ୍ରଦୂଷଣ ବଢୁଛି। ଖାଲି ପଡ଼ିଥିବା ସରକାରୀ ଜାଗାରେ ବୃକ୍ଷରୋପଣ କରିବାର ଯୋଜନା ଅଛି କି? ହେନ୍ତାଳବନର ପୁନରୁଦ୍ଧାର, ଶିମିଳିପାଳରେ ଇକୋ ଟୁରିଜମ୍ ଓ ବାନ୍ଧଗଡ଼ ଜଙ୍ଗଲ ସୁରକ୍ଷା କରିବା ନେଇ ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ, ଫନୀରେ ଚନ୍ଦକା, ନନ୍ଦନକାନନ ଓ ଭୁବନେଶ୍ୱର ସହରରେ ବହୁ ଗଛ ନଷ୍ଟ ହୋଇଛି। ନୂଆ ବନୀକରଣ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଜଙ୍ଗଲରେ ରହୁଥିବା ଆଦିବାସୀମାନଙ୍କ ଜୀବନଜୀବିକା ପାଇଁ ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟରେ ୨୦୦୯ରୁ ଆଡ୍‌ହକ୍ କାମ୍ପା ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଉଛି।



## ଜିଲା ଚିଠି
## ବାଲେଶ୍ୱର

# ବାଇକ୍ ପାଟ୍ରୋଲିଂ ବନ୍ଦ

ଐତିହ୍ୟ ଓ ସଂସ୍କୃତିସମ୍ପନ୍ନ ବାଲେଶ୍ୱର ସହର ଏବେ ଆଧୁନିକ ଜୀବନଧାରା ସହ ସାମିଲ ହୋଇ ଆଗକୁ ବଢୁଛି। ଶିଳ୍ପ, ବାଣିଜ୍ୟ ଓ ପର୍ଯ୍ୟଟନର ବିକାଶ ଫଳରେ ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହାର ବହୁ ଲୋକ ଭିନ୍ନ କାର୍ଯ୍ୟରେ ସହରକୁ ଆସୁଛନ୍ତି। ଦିନକୁ ଦିନ ସହର ପରିସର ଜନାକୀର୍ଣ୍ଣ ହେଉଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଚିନ୍ତା ବଢାଇଛି। ସୀମାନ୍ତବର୍ତ୍ତୀ ରାଜ୍ୟରୁ ଅନେକ ଅପରାଧୀ ଆସି ସେମାନଙ୍କ ଅପରାଧ-ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ମାରାତ୍ମକ ନିଶାଦ୍ରବ୍ୟର ଚୋରା କାରବାର ସାଙ୍ଗକୁ ଲୁଟ୍, ଛିନ୍ତାଇ ଭଳି ବିଭିନ୍ନ ଅପରାଧ ବୃଦ୍ଧି ସମସ୍ତଙ୍କ ଚିନ୍ତା ବଢାଇଛି। ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ପୋଲିସ ଓ ପ୍ରଶାସନିକ ବ୍ୟବସ୍ଥା ଫେଲ୍ ମାରୁଛି। ଅପରାଧୀମାନେ ବିଭିନ୍ନ କାଣ୍ଡ ଘଟାଇ ସହଜରେ ଖସି ଚାଲିଯାଉଛନ୍ତି। ଏଭଳି ସ୍ଥିତିରେ ସହରର ଗୁରୁତ୍ୱପୂର୍ଣ୍ଣ ଛକରେ ସିସିଟିଭି ଲଗାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବାକୁ ସ୍ଥିର ହୋଇଥିଲା। ହେଲେ ଏହି ବ୍ୟବସ୍ଥା ପରେ ଫେଲ୍ ମାରିଛି। ଆବଶ୍ୟକ ପୋଲିସ କର୍ମଚାରୀ ଓ ପିସିଆର ଭ୍ୟାନ୍ ନ ଥିବାରୁ ସହରର ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା ହୋଇପାରୁନାହିଁ। କେବଳ ୩ଟି ପିସିଆର ଭ୍ୟାନ୍ ନାମକୁ ମାତ୍ର ବୁଲୁଛି। ଏହା ସବୁ ଅଞ୍ଚଳ ଓ ଗଳିକନ୍ଦିକୁ ଯାଇପାରୁନାହିଁ। ପୋଲିସ ଭ୍ୟାନ ପହଞ୍ଚି ପାରୁ ନ ଥିବା ସ୍ଥାନରେ ଅପରାଧୀଙ୍କ ପାଖରେ ଶୀଘ୍ର ପହଞ୍ଚି ଧରପଗଡ କରିବା ଲକ୍ଷ୍ୟ ନେଇ ୨ବର୍ଷ ତଳେ ବାଇକ୍ ପାଟ୍ରୋଲିଂ ଆରମ୍ଭ ହୋଇଥିଲା। ଏହି ବ୍ୟବସ୍ଥା ପରେ ଶୀଥିଳ ହୋଇପଡିଛି। ବାଇକ୍ ପାଟ୍ରୋଲିଂ ପ୍ରାୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏଥିପାଇଁ କିଣାଯାଇଥିବା ୬ଟି ବାଇକ୍ ବିଭିନ୍ନ ଥାନା ପରିସରରେ ପଡିରହି ଖତ ଖାଉଛି। ଟାଉନ ଥାନା, ସହଦେବଖୁଣ୍ଟା ଥାନା ଓ ଟ୍ରାଫିକ୍ ଥାନା ମଧ୍ୟରେ ସମନ୍ୱୟ ରଖି ସହରରେ ପାଟ୍ରୋଲିଂ ବ୍ୟବସ୍ଥା ହାତକୁ ନିଆଯାଇଥିଲା। ୨୦୧୫ ଅଗଷ୍ଟ ମାସରେ ଆରମ୍ଭ ହୋଇଥିବା 'ବାଇକ୍ ପାଟ୍ରୋଲିଂ'କୁ ଲୋକେ ସ୍ୱାଗତ କରିଥିଲେ। କୌଣସି ସ୍ଥାନରେ ଛିନ୍ତାଇ, ଲୁଟ୍, ଦୁର୍ଘଟଣା କିମ୍ବା ଗଣ୍ଡଗୋଳ ଘଟିଲେ ଖବର ପାଇ ପୋଲିସ ୫ ମିନିଟ୍‌ରେ ପହଞ୍ଚୁଥିଲା। ପ୍ରତି ବାଇକ୍‌ରେ ପାଟ୍ରୋଲିଂ ପାଇଁ ୨ଜଣ କର୍ମଚାରୀ ରହୁଥିଲେ। ସକାଳ ୬ରୁ ଅପରାହ୍ନ ୨ଟା, ଅପରାହ୍ନ ୨ଟାରୁ ରାତି ୧୦ଟା ଓ ରାତି ୧୦ଟାରୁ ପୂର୍ବାହ୍ନ ୬ଟା ପର୍ଯ୍ୟନ୍ତ ୩ଟି ସିଫ୍ଟରେ ବାଇକ୍ ପାଟ୍ରୋଲିଂ କରାଯାଉଥିଲା। ପ୍ରତ୍ୟେକ ବାଇକ୍‌ରେ ସାଇରନ୍ ଓ ହତିଆର ରଖାଯାଇ କଣ୍ଟ୍ରୋଲ ରୁମ୍ ସହିତ ସଂଯୋଗ କରାଯାଇଥିଲା। ୩ଟି ସିଫ୍ଟ କାମ ପାଇଁ ୩୬କର୍ମଚାରୀ ଆବଶ୍ୟକ ଥିବାବେଳେ ଲୋକବଳ ଅଭାବରୁ ୧୨ଜଣଙ୍କୁ ନେଇ ୩ ସିଫ୍ଟ କରାଯିବାରୁ ଆରମ୍ଭରୁ କେତେକ ସମସ୍ୟା ଉପୁଜିଥିଲା। ଏହାସତ୍ତ୍ୱେ ବାଇକ୍ ପାଟ୍ରୋଲିଂ କରି ସହରର ବିଭିନ୍ନ ବ୍ୟାଙ୍କ ଶାଖା, ଏଟିଏମ୍ ଏବଂ ସ୍ଥାନ ଉପରେ ନଜର ରଖାଯାଉଥିଲା। ଅପରାଧୀମାନେ ସହରକୁ ପଶି କୌଣସି ଅପରାଧ କରିବାକୁ ସାହସ କରୁ ନ ଥିଲେ। ଏବେ ଦୀର୍ଘଦିନ ଧରି ବାଇକ୍ ପାଟ୍ରୋଲିଂ ବନ୍ଦ ହେବା ଯୋଗୁ ଦିନ ଦ୍ୱିପ୍ରହରେ ଲୋକ ଚଳାଚଳ କରୁଥିବା ସ୍ଥାନରେ ଅପରାଧୀମାନେ ହଣାକଟା, ଛିନ୍ତାଇ, ଲୁଟ୍, ଗୁଳିକାଣ୍ଡ ଭଳି ଘଟଣା ଘଟାଇ ଚାଲିଛନ୍ତି। ବ୍ରାଉନ୍‌ସୁଗାର କାରବାର ସାଙ୍ଗକୁ ମହିଳାଙ୍କଠାରୁ ଲୁଟ୍ ଓ ଅସଦାଚରଣ ଘଟଣା ବଢ଼ି ଚାଲିଛି। ସହର ପାଇଁ ୬ଟି ପିସିଆର ଭ୍ୟାନ ଦରକାର ଥିବାବେଳେ ମାତ୍ର ୩ଟି ଭ୍ୟାନ କାମ ଚଳାଉଛି। ବାଲେଶ୍ୱର ସହର ସମେତ ଜିଲାରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ଲାଗି ଜିଲାର ବାଇକ୍ ପାଟ୍ରୋଲିଂ ଭଳି ବ୍ୟବସ୍ଥାକୁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ କାହିଁକି ଅବହେଳା କରୁଛନ୍ତି ତାହା ବୁଝାପଡୁନାହିଁ।

- ମାନସ ବିଶ୍ୱାଳ


**ପୂର୍ବ ତଟ ରେଳପଥ**

ରେଢ଼ାଖୋଲ ଏବଂ ବାମୁର ଷ୍ଟେସନ ମଧ୍ୟରେ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା

ନିମ୍ନଲିଖିତ ପ୍ରହରୀ ଥିବା 'C' ଶ୍ରେଣୀ ଲେଭେଲ୍ କ୍ରସିଙ୍ଗ୍ ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ନିର୍ମାଣ ହୋଇସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ଏହି ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରିଦିଆଯିବ।
ତେଣୁ ତା.10.08.2019 ରିଖ ଠାରୁ ନିମ୍ନ ବର୍ଣ୍ଣିତ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବନ୍ଦ କରିଦିଆଯାଉଛି।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ୍ କ୍ରସିଙ୍ଗ୍ ସଂ. | LCରେ ରେଳ କି.ମି. |
|---|---|---|---|
| ସମ୍ବଲପୁର-ଅନୁଗୋଳ | ରେଢ଼ାଖୋଲ-ବାମୁର | ST-41 | 74/5-6 |

ସନ୍ଦର୍ଭ : କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ସମ୍ବଲପୁରଙ୍କ ପତ୍ର ସଂ.1149/Judl, ତା.20.06.2012 ରିଖ।

PR-262/K/19-20 ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ସମ୍ବଲପୁର



FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. NO.: 286 of 2012
Bank of Baroda, Nayapalli Branch, Bhubaneswar .....Applicant
Versus
M/s Eastern India Pharmaceuticals & Others .....Defendants
To,
M/s Eastern India Pharmaceuticals, Represented by Partner: Late Uma Kanta Rath, Represented by Indrani Rath, W/o- Sushil Kumar Rath, At: Gopinathpur, PS: Bonai, Dist.: Sundergarh.
M/s Eastern India Pharmaceuticals, Represented by Partner: Late Uma Kanta Rath, Represented by Purnima Mohapatra, At: Mali Sahi, Ranihat Town, Dist.: Cuttack.
SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No. 286-12 in the Court of the Debts of Recovery Tribunal, Cuttack for recovery of Rs.2,16,65,872/- only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 31.07.2019 at 10.30 am as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this 30th day of July, 2019.
Sd/-
REGISTRAR



LIC
ସମ୍ବଲପୁର ଡିଭିଜନାଲ ଅଫିସ, "ଜୀବନ ପ୍ରକାଶ", ଅଇଁଠାପାଲି, ସମ୍ବଲପୁର-୭୬୮୦୦୪, ଫୋନ: ୦୬୬୩-୨୫୪୧୦୯୩, ଇମେଲ: estate.sambalpur@licindia.com

**ନୋଟିସ**

ଏତଦ୍ୱାରା ସାଧାରଣ ଜନତା ଓ ଭାରତୀୟ ଜୀବନ ବୀମା ନିଗମର ପଲିସି ଧାରକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମର ରାଜଗାଙ୍ଗପୁର ସେଟେଲାଇଟ ଅଫିସ ଯାହାକି ବର୍ତ୍ତମାନ ମେନରୋଡ, ରାଜଗାଙ୍ଗପୁରରେ କାର୍ଯ୍ୟରତ ତାହାର ନୂତନ ଭଡ଼ାଘରକୁ (ଲିପ୍‌ଲୋଇ, ଅରବିନ୍ଦ ସ୍କୁଲ ପାଖ)କୁ ସ୍ଥାନାନ୍ତରିତ ହେବ ଏବଂ ଏହି ନୂତନ ଶାଖା ତା ୩୦।୦୯।୨୦୧୯ରିଖ ସୁଦ୍ଧା କାର୍ଯ୍ୟକ୍ଷମ ହେବ।
ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ନୋଟିସ ଭାରତୀୟ ଜୀବନ ବୀମା ନିଗମ ତରଫରୁ ଜାରି କରାଗଲା।
୩୧।୦୭।୨୦୧୯ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ



**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତ ରମେଶ କୁମାର କର
ଗ୍ରା: କୋରାବନ୍ଧି, ରଗଡି, ଜି: ଯାଜପୁର
ଆବିର୍ଭାବ: ୦୩।୦୬।୧୯୩୪
ତିରୋଧାନ: ୨୦।୦୭।୨୦୧୯
"ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପଃ ପିତରି ପ୍ରୀତିମାପର୍ଣ୍ଣେ ପ୍ରୀୟନ୍ତେ ସର୍ବଦେବତା"
ଶ୍ରଦ୍ଧାଞ୍ଜଳି ସହ:
ପୁତୁରା: ବାଇନ, କୁନି, ପୁତୁରା ବୋହୂ:ଗୀତା, ଆରତୀ, ଝିଅ: ମୀନା, ରୁନୁ, ଝୁନା, ବୁଢୀ, ସିନୁ, ଜ୍ୱାଇଁ: ଶରତ, ଶିଶିର, ବାପି, ପ୍ରତାପ, ବାବୁଲି, ନାତି ନାତୁଣୀ: ବାବି, ଗୁଗୁ, ସିପୁନ, ବବ୍‌ଲୁ, କୁନ୍‌ମୁନ୍,ରାକ୍ଷୀ, ଗୁଡୁଲି, ବୁବୁଲି, କିନୁ, ଡୁଡିୟା, ମାନୁଆ, ନାତୁଣୀ ଜ୍ୱାଇଁ: ଦୀପା, ପପିନା
ଧ-୧୩୬୭୦

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଅନ୍ନପୂର୍ଣ୍ଣା ବେହେରା
କାଂଚନ ବଜାର, ଢେଙ୍କାନାଳ
ଆବିର୍ଭାବ: ୧୯୫୪
ତିରୋଧାନ: ୦୨।୦୮।୨୦୧୬
(ଚିତାଲାଗି ଅମାବାସ୍ୟା)
ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ତୋର ସ୍ନେହ, ମମତା ଭରା ହସହସ ମୁଖ ସଦାବେଳେ ମନେପଡୁଛି। ତୁ ସବୁଦିନ ପାଇଁ ଏମିତି ଆମ ହୃଦୟରେ ରହିଛୁ ଓ ରହିଥିବୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ: ଶଶଧର ବେହେରା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୮୧୨

> ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି- ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ।
> -ଶ୍ରୀମା

# ହେଲା ତଲାକ୍

ଖୁସିର କଥା ଯେ, ଭାଜପା ସରକାରର ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା ଚାହୁଁଥିଲେ ତାହା କରାଇପାରିଲେ। ୩୦ ଜୁଲାଇ ୨୦୧୯ରେ ରାଜ୍ୟ ସଭାରେ ତିନି ତଲାକ୍ ବିଲ୍ ଗୃହୀତ ହେବା ପରେ ଏହା ଖୁବ୍‌ଶୀଘ୍ର ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହୋଇଯିବ। ସାମାଜିକ ଦିଗରୁ ଦେଖିଲେ ଭାରତରେ ମୁସଲମାନ ମହିଳାଙ୍କ ପ୍ରତି ହେଉଥିବା ଅବିଚାରର ଅନ୍ତ ଘଟିପାରେ ବୋଲି ଚିନ୍ତା କରିହେଉଛି। ସେହି ସମ୍ପ୍ରଦାୟ ପୁରୁଷଙ୍କର ବିବାହ ସମ୍ପର୍କରେ ଏକତରଫା ଅତ୍ୟଧିକ କ୍ଷମତା ନିଶ୍ଚିତ ଭାବେ ନାରୀ ସମାଜ ବିରୋଧୀ। ବିବାହ କରିବା ପରେ ଅତି ସହଜରେ ତିନି ଥର 'ତଲାକ୍, ତଲାକ୍, ତଲାକ୍' କହିଦେଇ ପାରିବାରିକ ବନ୍ଧନକୁ ଧ୍ୱଂସ କରିଦେବାର କ୍ଷମତା କୌଣସି ଧର୍ମ ଦ୍ୱାରା ଗୃହୀତ ହେବା ଉଚିତ ନୁହେଁ। ସେଥିପାଇଁ ମୋଦିଙ୍କ ଏହି ଉଦ୍ୟମକୁ ପ୍ରଶଂସା କରାଯିବା ଉଚିତ। କିନ୍ତୁ କାହାଣୀ ସେଇଠି ଶେଷ ହେଉନାହିଁ। ପୂର୍ବରୁ ଏହି ସ୍ତମ୍ଭରେ ଅନେକଥର ଲେଖିଆସିଛୁ ଯେ, ଭାରତରେ ଉଗ୍ରବାଦୀ ଆକ୍ରମଣ ଘଟାଉଥିବା ଯୁବକମାନଙ୍କୁ ମୁସଲମାନ ସମ୍ପ୍ରଦାୟର ନେତୃବୃନ୍ଦ ସମାଲୋଚନା କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ସେତେବେଳେ ନିଷ୍କ୍ରିୟ ରହିଥିବା ମୁସଲମାନ ସମ୍ପ୍ରଦାୟର ଆଗୁଆ ଧାଡ଼ିର ନାଗରିକମାନେ ଏବେକାର ପରିସ୍ଥିତିକୁ ଅତି ଭଲ ଭାବେ ବୁଝିପାରୁଥିବେ। ଶାହ ବାନୋ ଘଟଣାକୁ ଅତିରଞ୍ଜିତ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଉପରେ ଚାପ ପକାଇଥିବା ଇସ୍‌ଲାମୀୟ ନେତାଙ୍କ କାର୍ଯ୍ୟର କୁପ୍ରଭାବ ଏବେ ସେହି ସମ୍ପ୍ରଦାୟକୁ କେତେକାଂଶରେ ପ୍ରଭାବିତ କରୁଛି। ନିକଟ ଅତୀତରେ ଅନେକ ଘଟଣାକୁ ଦେଖିଲେ ମୁସଲମାନ ସମ୍ପ୍ରଦାୟରେ ଭୟ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ପୂର୍ବରୁ କୁହାହୋଇ ଆସିଛି ଯେ, ଅନ୍ୟାୟକୁ ନୀରବତାର ସହ ସହିନେଲେ ସେହିଭଳି ବା ତା'ଠାରୁ ବଡ଼ ଅନ୍ୟାୟ ନିଜ ଉପରେ ଘଟିବାର ସୁଯୋଗ ସୃଷ୍ଟି ହୋଇଯାଏ। ଆଜି ମୁସଲମାନ ସମ୍ପ୍ରଦାୟ ସେହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତିକରୁଛି।

ଏଭଳି ପ୍ରଚ୍ଛଦପଟରେ ଯେତେବେଳେ ସମ୍ବିଧାନର କେତୋଟି ଅନୁଚ୍ଛେଦକୁ ଦେଖାଯିବ, ସେତେବେଳେ ବୁଝାପଡୁଛି ଯେ କଶ୍ମୀର ପ୍ରତି ଏକତରଫା ସୁବିଧା ଯୋଗାଇବା ପାଇଁ ସେଗୁଡ଼ିକ ଲେଖାଯାଇଥିଲା। କିନ୍ତୁ ତା'ର କୌଣସି ସମୟସୀମା ଉଲ୍ଲେଖ କରାଯାଇ ନ ଥିବା ହେତୁ ଏବେକାର ଶାସକମାନେ ସେହି ଦିଗକୁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରି ରାଜନୈତିକ ଲାଭ ଉଠାଇବାକୁ ଚେଷ୍ଟା କରୁଛନ୍ତି। ଦେଖିବାକୁ ଗଲେ ଜମ୍ମୁ ଓ କଶ୍ମୀରକୁ ବାଦ୍ ପକାଇଲେ ଭାରତର ଅନ୍ୟସବୁ ଅଞ୍ଚଳ ଏବେ ମଧ୍ୟ ଅତ୍ୟନ୍ତ ଅନୁନ୍ନତ। ଏପରିକି ଦିଲ୍ଲୀ ଏବଂ ବମ୍ବେ ଭଳି ବୃହତ୍ ନଗରୀରେ ଶୁଦ୍ଧ ପାନୀୟ ଜଳର ଅଭାବ, ନିମ୍ନମାନର ବିଦ୍ୟୁତ୍ ଶକ୍ତି ସଂଯୋଗ ସେଠାକାର ନାଗରିକଙ୍କୁ ବ୍ୟତିବ୍ୟସ୍ତ କରୁଛି। ସେହିପରି ପ୍ରବଳ ବର୍ଷା ହେଲେ ସହରର ଅନେକ ଅଂଶ ବୁଡ଼ିଯାଇ ବିଚ୍ଛିନ୍ନ ହୋଇଯାଉଛି। ଆସାମ ଏବଂ ବିହାରରେ ପ୍ରବଳ ବନ୍ୟାରେ ଲୋକଙ୍କ ପ୍ରାଣହାନି ଘଟୁଥିବା ସମୟରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଭଳି ରାଜ୍ୟରେ ମରୁଡ଼ି ଓ ଜଳାଭାବ ମୁଣ୍ଡ ଟେକିଛି। ଏଠାରେ କୃଷି ସମସ୍ୟା କିମ୍ବା ଯୁବକଙ୍କ ହାତରେ କାମ କିଭଳି ଯୋଗାଇ ଦିଆଯାଇପାରିବ ସେ ନେଇ ଚିନ୍ତା କରିବାକୁ କାହାରି ମନ ବଳୁନାହିଁ। ମନେହେଉଛି ଯେପରି ସମସ୍ତେ ଏବେ ପ୍ରକୃତ ସମସ୍ୟାକୁ ଭୁଲିଯାଇ ଏକ ମରୀଚିକା ପଛରେ ଧାଉଁଛନ୍ତି। ସେହି ମରୀଚିକା ମଧ୍ୟ ଏବେ ଅବାସ୍ତବ ଲାଗିଲାଣି।

ସମଗ୍ର ପୃଥିବୀରେ ଏବେ ଏକ ବିଶାଳ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେବାରେ ଲାଗିଛି। ତା'ର ଜ୍ୱଳନ୍ତ ପ୍ରତିଫଳନ ଦେଖିବାକୁ ମିଳିଛି ଆମେରିକା ଓ ଚାଇନା ମଧ୍ୟରେ ଘଟୁଥିବା ବାଣିଜ୍ୟ ଯୁଦ୍ଧରୁ । ପଶ୍ଚିମ ୟୁରୋପରେ ଥିବା ୟୁରୋପୀୟ ସଂଘରୁ ବ୍ରିଟେନର ବିଦାୟ (ବ୍ରେକ୍‌ଜିଟ୍)କୁ ନେଇ ଅନ୍ୟ ଏକ ବିରାଟକାୟ ସମସ୍ୟା ସୃଷ୍ଟି ହେଲାଣି। ଏସବୁ ଦ୍ୱନ୍ଦ୍ୱ ପଛରେ ଅର୍ଥନୈତିକ କାରଣ ଦାୟୀ। ପୃଥିବୀର ସବୁ ଦେଶରେ ଅର୍ଥନୈତିକ ଅଗ୍ରଗତିକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଭାରତରେ ଆମେ ଏକ ଭିନ୍ନ ସ୍ରୋତରେ ଭାସିବାକୁ ଚାହୁଁଛୁ। ସହରାଞ୍ଚଳର କେତେକ ବାସିନ୍ଦାଙ୍କ ସମେତ ବିଦେଶରେ ବସବାସ କରୁଥିବା ଅନେକ ଭାରତୀୟଙ୍କ ଅହଂଭାବକୁ ସନ୍ତୁଷ୍ଟ କରିବା ପାଇଁ ଆମ ସରକାର ଚନ୍ଦ୍ରୟାନ-୨ ରକେଟ୍ ପଠାଇ ଜହ୍ନରେ ଜଳର ସନ୍ଧାନ କରିବେ ବୋଲି କହୁଛନ୍ତି। ଭାରତୀୟ ବୈଜ୍ଞାନିକମାନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ ସଫଳ ପ୍ରୟାସ। ଆମର ବି ଛାତି କୁଣ୍ଢେମୋଟ ହୋଇଯାଏ ଚନ୍ଦ୍ରୟାନ ଭଳି ଖବର ଶୁଣିକରି। କିନ୍ତୁ ଦୁଇ ମିନିଟ୍ ନୀରବ ବସିଲେ ମନକୁ ଚିନ୍ତା ଆସେ ଏହାର ଉପକାର ଜନସାଧାରଣ କେମିତି ପାଇବେ। ଭାରତ ଭଳି ଏକ ଗରିବ ଦେଶ କେବେହେଲେ ଆବେଗିକ ସ୍ରୋତରେ ଭାସିଯିବା କଥା ନୁହେଁ। କିନ୍ତୁ ଏବେ ତାହାକୁ ସଫଳତାର ସହ କରାଇ ଦିଆଯାଇପାରୁଛି। ନିଜର ଜୀବନ ମାଟି ହୋଇଯାଉ ପଛେ ଦେଶର ଉନ୍ନତି ହେଉଛି ବୋଲି ଯାହା କୁହାଯାଉଛି ତାହା ସତ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସ୍ୱୀକାର କରିବାକୁ ହେବ ଯେ, ବାସ୍ତବ ପୁଞ୍ଜିବାଦ ଚିନ୍ତାଧାରାରେ ଯାହା କୁହାଯାଏ ତାହା ସମ୍ପୂର୍ଣ୍ଣ ସତ। ପୁଞ୍ଜିବାଦର ମୌଳିକ ଆଧାର ହେଲା ସମ୍ପୂର୍ଣ୍ଣ ସ୍ୱାଧୀନତା ସହିତ ବ୍ୟକ୍ତିବିଶେଷର ଆର୍ଥିକ ଉନ୍ନତି। ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ନାଗରିକ ଜୀବନରେ ଅର୍ଥନୈତିକ ବିକାଶ ହୋଇପାରି ନାହିଁ, ସେ ପର୍ଯ୍ୟନ୍ତ ଦେଶର ମଙ୍ଗଳ ହେବା ସମ୍ଭବପର ନୁହେଁ। ଯେଉଁମାନେ ଦାବି କରନ୍ତି ଯେ କଷ୍ଟ ସହିଲେ ଦେଶର ପ୍ରଗତି ଘଟିବ, ସେମାନେ ଭୁଲ ଚିନ୍ତାଧାରାର ବଶବର୍ତ୍ତୀ ହୋଇଥାଆନ୍ତି। ପ୍ରତ୍ୟେକ ନାଗରିକର ଆର୍ଥିକ ସ୍ୱଚ୍ଛଳତା ସହ ସାମାଜିକ ସୁରକ୍ଷା ଯୋଗାଇ ଦେଇପାରୁଥିବା ସରକାର ଉଚିତ ଢଙ୍ଗରେ ଶାସନ କରୁଛି ବୋଲି କୁହାଯାଇପାରିବ। ଆଇନ ବ୍ୟବସ୍ଥାରେ କୁହାଯାଏ ଯେ ଦଶଜଣ ଅପରାଧୀ ପଛେ ଖସିଯାଆନ୍ତୁ, କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡିତ ନ ହେଉ। ଆଇନର ଏହି ପରିଭାଷାକୁ ଆଜିର ଭାରତୀୟ ସମାଜରେ ଏକ ଭିନ୍ନ ଢଙ୍ଗରେ କହିହେବ। ଶହେ ଧନୀ ପଛେ କଷ୍ଟ ପାଆନ୍ତୁ, ଗୋଟିଏ ଗରିବ ଦୁଃଖୀ ନ ରହୁ।

ତଥାଗତ ସତପଥୀ

# ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୫୦ ଦିନ



କିରେନ୍ ରିଜିଜୁ

ଗତ ସପ୍ତାହରେ ମୋଦି ସରକାର ୨.୦ କାର୍ଯ୍ୟାଳୟରେ ୫୦ ଦିନ ପୂରଣ କରିଛନ୍ତି। ଏବେ ଆମ ରିପୋର୍ଟ କାର୍ଡ ପ୍ରଦାନ କରିବା ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାର ସମୟ ଉପନୀତ ହୋଇଛି। କେହି କେହି ଯୁକ୍ତି କରିପାରନ୍ତି ଯେ ଯେହେତୁ ଏହା ଏକ ନିୟମିତ ସରକାର, ତେଣୁ ୫୦ ଦିନ ପୂର୍ଣ୍ଣ କରିବା ପରେ ଏକ ରିପୋର୍ଟ କାର୍ଡର ଆବଶ୍ୟକତା ନ ଥାଇ ପାରେ। ଆଉ କେହି କେହି ଯୁକ୍ତି କରିପାରନ୍ତି ଯେ, ଏକ ରିପୋର୍ଟ କାର୍ଡ ପ୍ରଦାନ କରିବା ପାଇଁ ୫୦ ଦିନ ଏକ ଖୁବ୍ ସଂକ୍ଷିପ୍ତ ସମୟ, ଯେତେବେଳେ କି ମାତ୍ର ଅଢ଼େଇ ମାସ ପୂର୍ବରୁ ମୋଦି ସରକାରଙ୍କ ସବୁଠାରୁ ବଡ଼ ପରୀକ୍ଷା ଶେଷ ହୋଇଛି।

ଲୋକ ସଭା ନିର୍ବାଚନରେ ଜନସାଧାରଣ ମୋଦି ସରକାରଙ୍କ ପ୍ରଦର୍ଶନର ମୂଲ୍ୟାୟନ କରିଛନ୍ତି ଏବଂ ବୃହତ୍ ଗଣତାନ୍ତ୍ରିକ ପରୀକ୍ଷାରେ ୧୦୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ଦେଇ ପୁରସ୍କୃତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଠିନ ପରିଶ୍ରମ କରିଥାନ୍ତି ଏବଂ ଜନସାଧାରଣଙ୍କ ପ୍ରତି ଓ ଭାରତର ନାଗରିକଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱ ଅନୁପାଳନରେ ବିଶ୍ୱାସ ରଖନ୍ତି। ସରକାରଙ୍କ ପାଇଁ ପ୍ରଥମ ୫୦ ଦିନ ଥିଲା ଦେଶରେ ପ୍ରଗତିର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ଆଧାରଶିଳା ସ୍ଥାପନ କରିବାର ସମୟ। ତେଣୁ ସରକାର କେଉଁ ଦିଗରେ ଆଗେଇଛନ୍ତି, ତାହା ଜାଣିବାର ଅଧିକାର ଜନସାଧାରଣଙ୍କର ରହିଛି।

ମୋଦି ସରକାର ୨.୦ ଏହାର ଉଦ୍ଦେଶ୍ୟ 'ସବ୍‌କା ସାଥ୍, ସବ୍‌କା ବିକାଶ' ସହିତ ସବ୍‌କା ବିଶ୍ୱାସ ଯୋଗ କରି ଏହାର ଯାତ୍ରା ଆରମ୍ଭ କରିଥିଲେ। ଏହାକୁ ସତ୍ୟରେ ପରିଣତ କରିବା ପାଇଁ ଆଗାମୀ ୫ବର୍ଷ ମଧ୍ୟରେ ଭାରତକୁ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏକ ବଡ଼ ଅର୍ଥନୀତି କହିଲେ ବଡ଼ ଅର୍ଥନୈତିକ ଶକ୍ତି ଓ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ପ୍ରଗତି ଓ ସମୃଦ୍ଧିକୁ ବୁଝାଏ। ୨୦୧୯-୨୦ ବଜେଟ୍‌ରେ ଏ ନେଇ ବ୍ୟବସ୍ଥା କରାଯାଇଛି ଏବଂ ଏ ନେଇ ବିରୋଧୀ ଦଳଙ୍କ ମନରେ ମଧ୍ୟ କୌଣସି ସନ୍ଦେହ ନାହିଁ। ମୋଦି ସରକାର ନିଶ୍ଚିତ ଭାବେ ଏହି ଲକ୍ଷ୍ୟ ହାସଲ କରିବେ।

ମୋଦି ସରକାର ୨.୦ ଦ୍ୱାରା ଗ୍ରହଣ କରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିମ୍ନରେ ପ୍ରଦାନ କରାଗଲା-

ରାସ୍ତା, ରେଳ, ବିମାନ ବନ୍ଦର, ବନ୍ଦର ଆଦିର ଭିତ୍ତିଭୂମି ନିର୍ମାଣ ପାଇଁ ୧୦୦ ଲକ୍ଷ କୋଟି ଟଙ୍କାର ନିବେଶ ଯୋଜନା; ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ପଦକ୍ଷେପ, ଅର୍ଥନୈତିକ ପଳାତକଙ୍କ ପାଇଁ ଆଇନରେ କଡ଼ା ବ୍ୟବସ୍ଥା, ସଂସ୍କାର ପ୍ରକ୍ରିୟା ଯଥା ଇନ୍‌ସଲ୍‌ଭେନ୍ସି ଓ ବ୍ୟାଙ୍କିଙ୍ଗ୍ କୋଡ୍‌ରେ ସଂଶୋଧନ, ୫୦ କୋଟି ଶ୍ରମିକଙ୍କୁ ଲାଭ ଦେଲା ଭଳି ଶ୍ରମିକ ଆଇନ, ଦେଶ ସମ୍ମୁଖୀନ ହେଉଥିବା ଜଳ ସମସ୍ୟାର ସମାଧାନ ପାଇଁ ଜଳଶକ୍ତି ମନ୍ତ୍ରଣାଳୟ ଗଠନ (ବୈଜ୍ଞାନିକମାନେ କହୁଛନ୍ତି ଯେ ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଏହି ସମସ୍ୟା ଆହୁରି ଉତ୍କଟ ହୋଇପଡ଼ିବ), ଆଗାମୀ ୩ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରତ୍ୟେକ ପରିବାରକୁ ବିଦ୍ୟୁତ୍ ଏବଂ ଏଲ୍‌ପିଜି ସଂଯୋଗ ନିଶ୍ଚିତ କରିବା ପାଇଁ ଯୋଜନା।

ପ୍ରଥମ ୫୦ ଦିନରେ ସରକାର ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ଘରୋଇ ବ୍ୟବସାୟକୁ କର୍ପୋରେଟ୍ କର କ୍ଷେତ୍ରରେ ରିହାତି ପ୍ରଦାନ କରିଛନ୍ତି, ବିକ୍ରେତାମାନଙ୍କ ପାଇଁ ପେନ୍‌ସନ ଯୋଜନା ଲାଗୁ କରିଛନ୍ତି ଏବଂ କୃଷକମାନଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି। ମୋଦି ସରକାର ୨.୦ର ୫୦ ଦିନ ପୂରଣ ଅବସରରେ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ କରାଯାଇଛି।

ପ୍ରତ୍ୟେକ ରାଜନୈତିକ ଦଳକୁ ସଂସ୍କାର ପ୍ରକ୍ରିୟାରେ ସାମିଲ କରିବା ପାଇଁ ସରକାର ତାଙ୍କର ସଂକଳ୍ପବଦ୍ଧତା ଅନୁଯାୟୀ ଯଥାସାଧ୍ୟ ପ୍ରୟାସ କରିଛନ୍ତି। ସଂସଦରେ ବଜେଟ ଅଧିବେଶନର କାର୍ଯ୍ୟକାଳ ସମୟରେ ଏହା ସ୍ପଷ୍ଟ ହୋଇଛି। ଏହି ଅଧିବେଶନରେ ସଂସଦରେ ରେକର୍ଡ ସଂଖ୍ୟକ ବିଧେୟକ ପାସ୍ ହୋଇଛି। ସାମ୍ପ୍ରତିକ ସମୟରେ ଲୋକ ସଭା ନିର୍ବାଚନ ପରେ ସଂସଦର ଏହି ପ୍ରଥମ ଅଧିବେଶନ ସର୍ବାଧିକ ଉତ୍ପାଦନକ୍ଷମ ସାବ୍ୟସ୍ତ ହୋଇଛି।

କୂଟନୀତି କ୍ଷେତ୍ରରେ ମୋଦି ସରକାର ୨.୦ଙ୍କ ପ୍ରଥମ ୫୦ ଦିନ ଉଲ୍ଲେଖନୀୟ ରହିଛି। ଯେତେବେଳେ ଭାରତ ମହାସାଗର ଅଞ୍ଚଳରେ ଅନ୍ୟ ଶକ୍ତିମାନେ ଅନଧିକାର ପ୍ରବେଶ କରୁଛନ୍ତି ସେତେବେଳେ ରଣନୈତିକ ସ୍ଥିତିରେ ଅବସ୍ଥିତ ଆମର ପଡ଼ୋଶୀ ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ଭାରତର ନିକଟତର ହୋଇଛନ୍ତି। ଜନମତ ହାସଲ କରିବାର ଠିକ୍ ପରେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଦୁଇ ଦେଶକୁ ଗସ୍ତ କରିଥିଲେ ଏବଂ ଏହା ଆମ ପଡ଼ୋଶୀଙ୍କୁ ପ୍ରମୁଖତା ପ୍ରଦାନ କରିବାର ଗୁରୁତ୍ୱକୁ ଦର୍ଶାଉଛି। କିର୍ଗିଜସ୍ତାନରେ ସାଂଘାଇ ସହାୟକ ସଂଗଠନ (ଏସ୍‌ସିଓ) ଏବଂ ଜାପାନରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଭାରତର ଯୋଗଦାନ ଫଳରେ ଚାଇନା ସହ ସମ୍ପର୍କ ସୁଦୃଢ଼ ହୋଇଛି।

ସନ୍ତ୍ରାସବାଦ କ୍ଷେତ୍ରରେ ପାକିସ୍ତାନ ଆନ୍ତର୍ଜାତିକ ସମୁଦାୟ ନିକଟରେ କୋଣଠେସା ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସନ୍ତ୍ରାସବାଦକୁ ନେଇ ବୈଶ୍ୱିକ ସମ୍ମିଳନୀ ଆୟୋଜନ କରାଯିବା ଏବଂ ସନ୍ତ୍ରାସବାଦକୁ ପୃଷ୍ଠପୋଷକତା, ସହାୟତା ତଥା ଅନୁଦାନ ପ୍ରଦାନ କରୁଥିବା ଦେଶଗୁଡ଼ିକୁ ଉତ୍ତରଦାୟୀ କରିବା ପାଇଁ ଆହ୍ୱାନ ଦିଆଯିବା ଦ୍ୱାରା ଏହା ସମ୍ଭବ ହୋଇଛି।

ଆନ୍ତର୍ଜାତିକ ନ୍ୟାୟିକ କୋର୍ଟ (ଆଇସିଜେ) କୁଳଭୂଷଣ ଯାଦବଙ୍କ ସପକ୍ଷରେ ରାୟ ଦେଇଛି। ଏହା ପ୍ରମାଣ କରୁଛି ଯେ, ପୃଥିବୀର ଯେକୌଣସି ପ୍ରାନ୍ତରେ ଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଭାରତ ଯାହାକିଛି ସମ୍ଭବ ତାହା କରିବ। ଆଇସିଜେ ଏହାର ରାୟରେ ଦର୍ଶାଇଥିଲେ ଯେ, ପାକିସ୍ତାନ ଅବସରପ୍ରାପ୍ତ ଭାରତୀୟ ନୌସେନା ଅଫିସରଙ୍କୁ ସେହି ଦେଶର ସାମରିକ କୋର୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ମୃତ୍ୟୁଦଣ୍ଡରେ ଦଣ୍ଡିତ କରିପାରିବ ନାହିଁ। ଏହା ସୂଚିତ କରୁଛି ଯେ, ଆମ ସରକାର କୁଳଭୂଷଣ ଯାଦବଙ୍କ ଅଧିକାର ପାଇଁ କିପରି ଭାବେ ଲଢ଼େଇ କରିଥିଲେ।

ମୁଁ ଶେଷ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋତେ ପ୍ରଦାନ କରିଥିବା କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ସମ୍ପର୍କରେ କିଛି କହିବି।

୨୦୨୦ରେ ଟୋକିଓରେ ଅଲିମ୍ପିକ୍ସ ଅନୁଷ୍ଠିତ ହେବ। ଏଥିପାଇଁ ଆମ କ୍ରୀଡ଼ାବିତ୍‌ମାନେ କଠିନ ପରିଶ୍ରମ କରିଛନ୍ତି ଏବଂ ସେମାନଙ୍କର ଏ ନେଇ ସଙ୍କଳ୍ପବଦ୍ଧତା ରହିଛି। ତେଣୁ ଭାରତ ଏହି ଅଲିମ୍ପିକ୍ସରେ ଉନ୍ନତ ପ୍ରଦର୍ଶନ କରିବାର ଆଶା କରାଯାଉଛି। ଖେଳାଳିମାନଙ୍କୁ ସେମାନଙ୍କ ତାଲିମ କାର୍ଯ୍ୟକ୍ରମ ଏବଂ ଆନ୍ତର୍ଜାତିକ ପ୍ରତିଯୋଗିତାଗୁଡ଼ିକରେ ସେମାନଙ୍କର ଯୋଗଦାନ ନେଇ ସରକାର ସମସ୍ତ ପ୍ରକାର ସହଯୋଗ ନିୟମିତ ଭାବେ ପ୍ରଦାନ କରୁଛନ୍ତି। 'ଖେଲୋ ଇଣ୍ଡିଆ' ମାଧ୍ୟମରେ ଆମେ ନୂତନ ପ୍ରତିଭାଙ୍କୁ ଚିହ୍ନଟ କରୁଛୁ ଏବଂ ତାଲିମ ପ୍ରଦାନ କରୁଛୁ। ସେହିପରି ଦ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ୍ ସ୍କିମ୍ ମାଧ୍ୟମରେ ପ୍ରତିଭାସମ୍ପନ୍ନ ଖେଳାଳିମାନଙ୍କୁ ସମର୍ଥନ ପ୍ରଦାନ କରୁଛୁ। ଆମର ପ୍ରୟାସ ହେଉଛି ତୃଣମୂଳ ସ୍ତରରୁ ପ୍ରମୁଖ ଆଥଲେଟ୍ ତିଆରି ପର୍ଯ୍ୟନ୍ତ ଏକ କ୍ରୀଡ଼ା ପରିସ୍ଥାନର ନିର୍ମାଣ କରିବା। ଖେଲୋ ଇଣ୍ଡିଆ ପଦକ୍ଷେପ ଅନ୍ତର୍ଗତ କ୍ରୀଡ଼ାର ବିକାଶ ପାଇଁ ଏକ ଜାତୀୟ କ୍ରୀଡ଼ା ଶିକ୍ଷା ବୋର୍ଡ (ଏନ୍‌ଏସ୍‌ସିବି) ମଧ୍ୟ ପ୍ରତିଷ୍ଠା କରାଯାଉଛି।

କେବଳ କ୍ରୀଡ଼ାବିତ୍‌ଙ୍କୁ ନେଇ ଆମ ପଦକ୍ଷେପ ସୀମିତ ନୁହେଁ, ବରଂ ପ୍ରତ୍ୟେକଙ୍କ ଜୀବନରେ କ୍ରୀଡା ଓ ଫିଟ୍‌ନେସ ପ୍ରତି ଗୁରୁତ୍ୱ ବୃଦ୍ଧି ଲକ୍ଷ୍ୟରେ ଆମେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରୁଛୁ।

ମୋଦି ୨.୦ ଆଣିଥିବା ରୂପାନ୍ତରକାରୀ ପରିବର୍ତ୍ତନ ମଧ୍ୟରେ ସାମିଲ ରହିଛି ସହଭାଗୀ ପ୍ରଶାସନ, ଯେଉଁଥିରେ କି ନାଗରିକ ଏବଂ ସରକାର ଏକାଠି ହୋଇ ଜଣେ ଗୌରବଶାଳୀ ଭାରତୀୟ ମାନେ କ'ଣ ତାହାର ସଂଜ୍ଞା ନିରୂପଣ କରିବେ।

ଜଣେ ଆଦର୍ଶ ନାଗରିକ କିପରି ଭାବେ ଚିନ୍ତା କରେ ଏବଂ ବଞ୍ଚେ ତାହା ଦର୍ଶାଇବା ପାଇଁ ଆମ ପ୍ରଧାନମନ୍ତ୍ରୀ ସଫଳ ନେତୃତ୍ୱ ଗ୍ରହଣ କରିଛନ୍ତି। ଭାରତକୁ ରୂପାନ୍ତରିତ କରିବା ପାଇଁ ଆମ ଭିତରୁ ପ୍ରତ୍ୟେକେ କ୍ରିୟାଶୀଳ ହୋଇ ସଙ୍କଳ୍ପବଦ୍ଧତାର ସହ ରାଷ୍ଟ୍ର ନିର୍ମାଣରେ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି। ଆସନ୍ତୁ ସମସ୍ତେ ଏକାଠି ହାତ ମିଳାଇ ଏକ ନୂତନ ଭାରତ ନିର୍ମାଣ କରିବା।

-ଲେଖକ ଭାରତର କ୍ରୀଡ଼ା, ଯୁବ ବ୍ୟାପାର (ସ୍ୱାଧୀନ ଦାୟିତ୍ୱ) ଓ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

# ଦି'ରଙ୍ଗିଆ ରସଗୋଲା



ଅରବିନ୍ଦ ଦାସ

ଟିଭିରେ ହେଡ୍‌ଲାଇନ ଖବର ଦେଖି ଗୋପାଳବାବୁ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଡ଼ ପାଟିରେ କହିଉଠିଲେ, ଶୁଣୁଛ ? ଆମ ଓଡ଼ିଶା ରସଗୋଲା ଜିଆଇ ଟ୍ୟାଗ୍ ପାଇଗଲା। ମୋର ଜଣେ ବନ୍ଧୁ ଏଥିପାଇଁ ବହୁତ ପରିଶ୍ରମ କରିଥିଲେ।

ପାଖକୁ ଆସି ଇନ୍ଦୁରେଖା କହିଲେ, ଏମିତି ଚିଲାଉଛ କାହିଁକି ? ଆମ ରସଗୋଲା ଆମର ନ ହୋଇ କ'ଣ ଆଉ କାହାର ହୁଅନ୍ତା ? ଏଥିରେ ବଡ଼କଥା କ'ଣ ?

-ଜିଆଇ ଟ୍ୟାଗ୍ ମାନେ କ'ଣ କହିଲ ?

ଟିକେ ଭାବି ଇନ୍ଦୁରେଖା କହିଲେ, ମୁଁ ପା ଦେଖିଛି, ମୋ ମିନାଦେଇ ବାହାଘରକୁ ସାଲେପୁର ରସଗୋଲା ଟିଣ ସବୁ କତା ଦଉଡ଼ିରେ ବନ୍ଧା ହୋଇ ଘରକୁ ଆସିଥିଲା ବୋଲି ଡବା ତଳେ ପଡ଼ି ଚେପା ହୋଇଯାଇଥିଲା ଓ ସିରା ବି ଢାଳି ହୋଇଯାଇଥିଲା। ଏବେ ରସଗୋଲା ଡବା ଥିବା ପ୍ୟାକେଟ୍ ତଳେ ନ ପଡ଼ିବା ପାଇଁ ଜିଆଇ ତାରରେ ବାନ୍ଧୁଥିବେ ବୋଧେ!

ଫେଁ କିନା ହସି ଗୋପାଳବାବୁ କହିଲେ, ହୁଣ୍ଡୀ କେଉଁଠିକାର। ଆରେ ଜିଆଇ ଟ୍ୟାଗ୍ ହେଉଛି ଏକ ମାନ୍ୟତା, ଯାହା ଭୌଗୋଳିକ ଅବସ୍ଥିତି ଦେଖି ଦିଆଯାଏ। ତା'ମାନେ ଯେଉଁ ଜିଣିଷ ଯେଉଁଠି ତିଆରି ହୁଏ, ସେଇ ଜିନିଷର ମୂଳ ଦାବି ସେଇ ସ୍ଥାନର ହୋଇଥାଏ। କିଛି ସ୍ପେଶାଲ ବା ବିଶିଷ୍ଟତା ଥିବା ଦରକାର। ଯେମିତି ସମ୍ବଲପୁରୀ ଶାଢ଼ି, ସେମିତି ଆମ ଓଡ଼ିଶା ରସଗୋଲା।

-ରସଗୋଲାରେ ପୁଣି ସ୍ପେଶାଲ କ'ଣ ?

-କିଏ ଯଦି ସମ୍ପୂର୍ଣ୍ଣ ନୂଆ, ଭିନ୍ନ ଆଇଡିଆରେ ରସଗୋଲା ବନାଇବ ତାକୁ ନୂଆ ରସଗୋଲାର ମାନ୍ୟତା ମିଳିବ।

-କିଏ ନୂଆ କଥା ଭାବୁଛି ? ଛେନା ଚକଟି ଗୁଳା ବନାଇ ସିରାରେ ଛାଣିଦେଲେ ଗଲା। ଚିନି ଗରମ କରି ଟିକେ କାରାମେଲ କଲେ ହାଲକା ଗୋଲାପି କଲର ଆସିବ, ଯେମିତି ସାଲେପୁର ରସଗୋଲା। ମୋ ଜେଜେମା ବଢ଼ିଆ ରସଗୋଲା ବନାଉଥିଲା। ବୋଉ ତା'ଠାରୁ ଶିଖିଥିଲା।

-ତମେ ଶିଖିଲନି ?

-ସ୍କୁଲ ବେଳେ ବୋଉ ପାଖରେ ବସି କରୁଥିଲି। ପାଠପଢ଼ା ଓ ପରେ ତମ ଘର ଜଞ୍ଜାଳ ସମ୍ଭାଳି ମୋତେ ଟାଇମ୍ କେଉଁଠୁ ମିଳିଲା ଯେ ରସଗୋଲା ବନାଇବି ?

-କି ପାଠ ତମେ ପଢୁଥିଲ ? ଦୁଇଥର ମାଟ୍ରିକ ଫେଲ୍। ବାହାଘର ପରେ ଘରକାମ ସବୁ ବୋଉ, ଖୁଡ଼ୀ ସମସ୍ତେ ସମ୍ଭାଳୁଥିଲେ। ତମେ ଏବେ ରସଗୋଲା କରୁନ। ଖାଲି ତ ଫୋନରେ ଗପ। ନୂଆ ଆଇଡିଆରେ ବନାଇଲେ ତମକୁ ଜିଆଇ ଟ୍ୟାଗ୍ ମିଳିବ।

-ହଉ ଆଜି ବନେଇବି ନୂଆ ପ୍ରକାର ରସଗୋଲା। ତମ ସାଙ୍ଗଙ୍କୁ କହି ଏ ରସଗୋଲା ମୋ ନାଁରେ ରେଜିଷ୍ଟ୍ରି କରିଦେବ।

ସନ୍ଧ୍ୟା ବେଳକୁ ଗୋପାଳବାବୁ ଘରକୁ ଫେରିଲା ବେଳକୁ ଘର ଭିତରେ ଗୋଟେ ମିଠା ମିଠା ବାସ୍ନା ଖେଳୁଥିଲା।

-ବାପା, ଆଜି ବୋଉ ଗୋଟେ ନୂଆ ପ୍ରକାର ରସଗୋଲା ବନେଇଛି।

ଝିଅ କଥା ଶୁଣି ଉତ୍ସାହିତ ହୋଇଉଠିଲେ ଗୋପାଳବାବୁ। ଡାଇନିଂ ଟେବୁଲ ଉପରେ ଘୋଡ଼ାହୋଇ ଥୁଆ ହୋଇଥିବା ପାତ୍ରର ଢାଙ୍କୁଣି ଖୋଲିଦେଇ ଚମକି ପଡ଼ିଲେ।

-ଇନ୍ଦୁ, ଏଗୁଡାକ କ'ଣ ? ଧଳା ଓ ଖଇରିଆ ଦୁଇଟା ରଙ୍ଗ କ'ଣ ହୋଇଛି ? ଅଧା ରସଗୋଲା, ଅଧା ଗୋଲାପଜାମୁ ଭଳି ଦିଶୁଛି। କ'ଣ କେମିତି କରିଛ କି ?

-ନୂଆ ପ୍ରକାର ହୋଇଛି ନା ? ରସଗୋଲାର ଗୋଟେ ପଟକୁ ପ୍ୟାନରେ କାରାମେଲ ଚିନି ପକାଇ ଭାଜି କାଢ଼ିଛି ବୋଲି ସବୁ ରସଗୋଲାର ଅଧେ ଖଇରିଆ ହୋଇଯାଇଛି। ଆର ଅଧକ ଧଳା। ଟେଷ୍ଟ କିନ୍ତୁ ଅଛି। ଚାଖୁନ।

ତାଟିଆରୁ ଗୋଟେ ରସଗୋଲା ନେଇ ପାଟିରେ ପକାଇ ଚଟ୍‌କିନା ବାହାର କରି କହିଲେ, ଦାନ୍ତ ଭାଙ୍ଗିଯିବ ମୋର। ସିମେଣ୍ଟ ପକେଇଛ ନା କ'ଣ ?

ଟିକେ ଚିଡ଼ିଯାଇ ଇନ୍ଦୁ କହିଲେ, ଦୁଇଲିଟର କ୍ଷୀର ଛିଣ୍ଡାଇ ଛେନା କରିଥିଲି। ତମ ପୁଅଝିଅ ମୁଠାଏ ଲେଖାଏ ଛେନା ପାଟିରେ ପକାଇଦେଲେ। ଛେନା କମିଗଲା ବୋଲି ଚକଟିଲା ବେଳେ ସୁଜି ମିଶାଉଥିଲି। ହାତ ହଲିଯାଇ ଅଧଡ଼ବା ସୁଜି ପଡ଼ିଗଲା। ନଷ୍ଟ କାହିଁକି କରିବି ବୋଲି ସବୁ ଚକଟିଦେଲି। ଟିକେ ଟାଣ ହୋଇଗଲା। ରୁହ ଏଇନା, ପ୍ରେସର କୁକରରେ ଦୁଇଟା ସିଟି ମାରି ନରମ କରି ଆଣୁଛି। କହିଲେ ଇନ୍ଦୁ।

ଆବାକାବା ହୋଇ ଗୋପାଳବାବୁ କହିଲେ, ରସଗୋଲାକୁ ପ୍ରେସର କୁକରରେ ସିଝାଇବ ? ସିଏ ତ ଅନ୍‌ବ୍ରେକେବଲ ହୋଇଯିବ।

-ମଲା ମୋର, ଷ୍ଟିମ୍ ରସଗୋଲା ବୋଲି ଭାବ। ଶୁଣ, ଏଇ ଯେଉଁ ଦୁଇ ରଙ୍ଗବାଲା ନୂଆ ରସଗୋଲା ବନାଇଛି, ତମ ସାଙ୍ଗଙ୍କୁ କହି ଜିଆଇ ଟ୍ୟାଗ୍ କରାଇ ପାରିବନି ?

-ଆଚ୍ଛା! କ'ଣ ନାଁ ଦେବ ସେ ରସଗୋଲାର ?

ଟିକିଏ ଭାବି ଇନ୍ଦୁ କହିଲେ 'ଦୋରଙ୍ଗୀ ରସଗୋଲା'।

ବିଶାଖାପାଟଣା, ମୋ- ୦୯୧୭୭୬୦୫୧୦୫

## ଏଇ ଭାରତରେ

କଶ୍ମୀରର ମହମ୍ମଦ ଅଲି ଭଟ୍ଟ ୨୩ ବର୍ଷ ପରେ ନିର୍ଦ୍ଦୋଷରେ ହୋଇ ଜେଲ୍‌ରୁ ମୁକୁଳିବା ପରେ ପରିବାରରେ କୌଣସି ସଦସ୍ୟ ନ ଥିଲେ ତାଙ୍କୁ ସ୍ୱାଗତ କରିବାକୁ। ଏମିତି ଏକ ଖବର ଏବେ ସମସ୍ତଙ୍କ ଆଖିରେ ଲୁହ ଆଣି ଦେଇଛି। ଯେତେବେଳେ ସେ ରାଜସ୍ଥାନ ଓ ଦିଲ୍ଲୀ ଜେଲରେ ବନ୍ଦୀ ଥିଲେ ସେତେବେଳେ ତାଙ୍କ ମାତାପିତାଙ୍କ ଦେହାନ୍ତ ହୋଇ ଯାଇଥିଲା। ଭଟ୍ଟଙ୍କ ସମେତ ଅନ୍ୟ ଦୁଇଜଣଙ୍କୁ ୧୯୯୬ରେ କାଠମାଣ୍ଡୁରୁ ପୋଲିସ ଗିରଫ କରିଥିଲା। ଏହା ସହ ରାଜସ୍ଥାନ ପୋଲିସ ଦୌସାରେ ଏକ ବସ୍‌ରେ ହୋଇଥିବା ବିସ୍ଫୋରଣ ମାମଲାରେ ମଧ୍ୟ ଏମାନଙ୍କର ସମ୍ପୃକ୍ତି ଦର୍ଶାଇଥିଲା। ଗୋଟିଏ ପଟେ ଲଜପତ୍ ନଗର ବୋମା ବିସ୍ଫୋରଣ ମାମଲାରେ ଏମାନଙ୍କୁ ୨୦୧୨ ନଭେମ୍ବରରେ କୋର୍ଟ ଦୋଷମୁକ୍ତ କରିଥିଲେ। ହେଲେ ରାଜସ୍ଥାନ ବସ୍ ବୋମା ବିସ୍ଫୋରଣ ମାମଲାର ବିଚାର ପାଇଁ ସେମାନଙ୍କୁ ପୁଣି ଜେଲ୍‌ରେ ରହିବାକୁ ପଡ଼ିଥିଲା। ଗତ ସପ୍ତାହରେ ଏହାର ଶୁଣାଣି ହେବା ସହ ୩ ଜଣ ଦୋଷମୁକ୍ତ ହୋଇ ମୁକୁଳିଛନ୍ତି। ହେଲେ ଇତିମଧ୍ୟରେ ଭଟ୍ଟ ତାଙ୍କ ପରିବାରର ଗୋଟିଏ ପୁଅ ହୋଇଥିବା ବେଳେ ୨୦୧୨ରେ ମା' ଓ ୨୦୧୫ରେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଛି। ଏବେ ସେ ସମ୍ପୂର୍ଣ୍ଣ ଏକା ବୋଲି କହିବା ସହ ମାତାପିତାଙ୍କ କବର ପାଖରେ ବସି କାନ୍ଦିବା ଛଡ଼ା ତାଙ୍କର ଆଉ କୌଣସି ଉପାୟ ନାହିଁ ବୋଲି କହିଛନ୍ତି।

## ଚିରନ୍ତନୀ

ଜଗତର ଜରାରାଶି ଫୁଟି ଉଠୁ କୁସୁମ ସମାନ,
ଜାଗି ଉଠୁ କଣ୍ଠେ ମୋର ତବ ନବ ଗଉରବ ଗାନ।
(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଜୁଲାଇ ୧୯୯୪**

- ଭାରତର ଜନସଂଖ୍ୟା ୯୧୯ ମିଲିୟନରେ ପହଞ୍ଚିଛି ବୋଲି ମିଳିତ ଜାତିସଂଘ ପକ୍ଷରୁ କୁହାଯାଇଛି।
- ଇଟାଲୀର ପୂର୍ବତନ ପ୍ରଧାନମନ୍ତ୍ରୀ ବେଟିନୋ କ୍ରାକସିଙ୍କୁ ଜାଲିଆତିଅଭିଯୋଗରେ ଦେଶର ଏକ ବିଚାରାଳୟ ପକ୍ଷରୁ ସାଢେ ଆଠବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 1 | | | | C | | D | E | 6 | |
| A | | 7 | C | | | 5 | 0 | | | | 9 | | | |
| | | | | | | 4 | | | 1 | 2 | | | | 5 |
| | 9 | 8 | D | | 4 | 3 | 1 | C | | 5 | | | | |
| | C | D | | A | | | | | | | E | 3 | 0 | |
| 6 | | | | 3 | E | | 4 | | | | | | B | |
| | | B | | | A | | 6 | | | C | | | 2 | |
| | | 3 | 8 | 5 | | 0 | | 1 | | | | | | |
| | | 0 | | | | | E | | | | B | | | 3 |
| | 7 | E | 6 | | C | 9 | | | | | 1 | 8 | | |
| | B | | | | | | 3 | | E | 8 | | D | | |
| 0 | D | | | C | | | | | 6 | | | | | |
| | | | | 6 | | | 7 | 4 | B | 1 | 2 | C | | |
| | | | | | 9 | D | | B | | | A | | | |
| | | 2 | | 7 | 5 | 6 | 8 | | 9 | | 0 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | 5 | C | 6 | 7 | B | 9 | 1 | E | D | 0 | A | 3 | 2 |
| D | B | 1 | A | 0 | 8 | E | 2 | 5 | 3 | 4 | 9 | 6 | C | 7 |
| E | 7 | 2 | B | D | 1 | 3 | 6 | 4 | A | 8 | C | 9 | 0 | 5 |
| 3 | C | A | 9 | 2 | E | 8 | D | 0 | 7 | 5 | 6 | 1 | B | 4 |
| 6 | 9 | 0 | 3 | 5 | 4 | A | C | 7 | 2 | B | 1 | D | 8 | E |
| 9 | 3 | B | 4 | A | D | 2 | 8 | E | 1 | 7 | 5 | 0 | 6 | C |
| 5 | D | C | 8 | 9 | B | 0 | 4 | 3 | 6 | E | A | 7 | 2 | 1 |
| 2 | 8 | 4 | 1 | C | 0 | 6 | 7 | 9 | D | 3 | B | E | 5 | A |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ଘରେ ଆଲୁଅ, ପଡ଼ିଶା ଘରେ ଅନ୍ଧାର

ମହାଶୟ,

ଭୁବନେଶ୍ୱରରୁ ୫ ନମ୍ବର ଜାତୀୟ ରାଜପଥ ଉପରେ ଖୋର୍ଦ୍ଧା ଗଲାବେଳାକୁ ବାମ ପାର୍ଶ୍ୱରେ ମହୁରା ବୋଲି ଗାଆଁଟିଏ ରହିଛି। ସେ ଗାଆଁରେ ଦୁଇ ବିଜୁଳି ସାହବଙ୍କର ରାଜତ୍ୱ। କେତେକ ଘରକୁ ଯାଆଁଳା ସବ୍‌ଡିଭିଜନରୁ ବିଜୁଳି ଲାଇନ ଦିଆଯାଇଛି। ଆଉ କେତେକ ଘରକୁ କଳିଙ୍ଗବିହାର ସବ୍‌ଡିଭିଜନରୁ ଲାଇନ ଦିଆଯାଇଛି। କଳିଙ୍ଗ ବିହାର ଲାଇନ ଜମା କଟେ ନାହିଁ। କିନ୍ତୁ ପାଖ ଘର ଅଧିକାଂଶ ସମୟରେ ଅନ୍ଧାର। ସେ ଲାଇନଟି ଯାଆଁଳାରୁ ଆସିଛି। ଯାଆଁଳା ଜେଇଙ୍କୁ ପଚାରିଲେ ସେ କହନ୍ତି- ଆମର ଗ୍ରାମାଞ୍ଚଳ ଲାଇନ୍, ତାଙ୍କର ସହରାଞ୍ଚଳ ଲାଇନ୍। ଗ୍ରାମାଞ୍ଚଳ ଲାଇନ ଦିନକୁ ଦୁଇଘଣ୍ଟା କଟିବ। ଖାଲି ଦୁଇଘଣ୍ଟା ନୁହେଁ, ବେଳେ ବେଳେ ଦିନକୁ ୧୦/୧୨ ଘଣ୍ଟା ମଧ୍ୟ କଟୁଛି। ସାମାନ୍ୟ ବର୍ଷା କିମ୍ବା ପବନ ହେଲେ କଳିଙ୍ଗବିହାର ଲାଇନ କଟୁ ନ ଥିବା ବେଳେ ଯାଆଁଳା ଲାଇନକୁ ୧୦/୧୨ ଘଣ୍ଟା ପର୍ଯ୍ୟନ୍ତ କଟାଯାଇଥାଏ। ଫ୍ରିଜ୍‌ରେ ଥିବା ଜିନିଷପତ୍ର ନଷ୍ଟ ହେଉଛି। ଲିଫ୍ଟ ଚାଲୁନାହିଁ। ୩/୪ ତାଲାରେ ଥିବା ବୁଢୀବୁଢା କିମ୍ବା ରୋଗୀ ତଳକୁ ଆସିପାରନ୍ତି ନାହିଁ କି ଉପରକୁ ଯାଇ ପାରନ୍ତି ନାହିଁ। ଇଲେକ୍ଟ୍ରିକ୍ ଅଫିସରେ ଥିବା ଇନକ୍ୱାରୀ ନମ୍ବର ସବୁବେଳେ ଖରାପ କିମ୍ବା ବନ୍ଦ। ଅଫିସରେ ପଚାରିଲେ ଅଫିସବାଲା କହନ୍ତି, ଲାଇନ ଖରାପ, କାମ ଚାଲିଛି। ବିଚିତ୍ର ଏ ଯାଆଁଳା ଲାଇନ୍। ଅଧିକାଂଶ ସମୟରେ ଖରାପ। ଲାଇନ୍ କଟିବା ମାତ୍ରେ ଜେଇ ତାଙ୍କର ମୋବାଇଲ ଫୋନକୁ ବନ୍ଦ କରିଦିଅନ୍ତି। ଅଫିସରେ ଯାଇ ଜେଇଙ୍କୁ ପଚାରିଲେ ସେ ମଜାରେ କହନ୍ତି- ଆପଣ ଭୁବନେଶ୍ୱରରେ ରହିବା କଥା, ଏ ଗାଆଁକୁ କାହିଁକି ଆସିଲେ ? ଗାଆଁରେ ଇଲେକ୍ଟ୍ରିକ୍ ବିଲ୍‌ର ରେଟ କମ୍ ନୁହେଁ। ତେବେ ଏ ପାତରଅନ୍ତର କାହିଁକି ? ପଡିଶା ଘରେ ଲାଇନ ଜଳୁଥିବା ବେଳେ ପାଖ ଘରଟା ଅନ୍ଧାର ହେବା ଆହୁରି ଦୁଃଖଦାୟକ।

ବାସନ୍ତୀ ପଟ୍ଟନାୟକ, ମହୁରା, ଯାଆଁଳା, ଖୋର୍ଦ୍ଧା

### ପରିବା ଦର ସାଂଘାତିକ

କେବଳ ଆଳୁକୁ ଛାଡିଦେଲେ ବଜାରରେ ଡାଲି, ଚାଉଳ, ତେଲଠାରୁ ଆରମ୍ଭକରି ପରିବାପତ୍ର ଦର ଆକାଶଛୁଆଁ। ସବୁ ପରିବା ଦର ପଚାଶ ଷାଠିଏ ଟଙ୍କା ଉପରେ। ଗ୍ରାହକମାନେ ପରିବା ଦୋକାନକୁ ଆସିଲେ ଭୟଭୀତ ହୋଇ ପଡୁଛନ୍ତି। କେଉଁଠୁ କେତେ ପଇସା ଆଣି କୁଟୁମ୍ବ ଚଳାଇବେ ସେଥିପାଇଁ ଚିନ୍ତା। ବାତ୍ୟା ପରେ ଚାଷୀଙ୍କର ବହୁ ଫସଲ ନଷ୍ଟ ହୋଇଯାଇଛି। ଫଳରେ ବଜାରର ଚାହିଦାକୁ ଚାହିଁ ପ୍ରଚୁର ପନିପରିବା ମିଳୁନି। ସବୁଠାରୁ ବେଶି ଦୁଃଖର କଥା ଅମୃତଭଣ୍ଡା ଦର କେଜି ପ୍ରତି ୩୦/୪୦ ଟଙ୍କା।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

# ବର୍ଷା ନାହିଁ, ଶୁଖିଲା ପଡ଼ିଛି ଚାଷଜମି

**ଜମନକିରା,୩୦।୭(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅଞ୍ଚଳରେ ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଜୁଲାଇ ୩୦ ସୁଦ୍ଧା ଯଥେଷ୍ଟ କମ୍ ବର୍ଷା ହୋଇଛି। ଫଳରେ ଚାଷଜମି ଶୁଖିଲା ପଡ଼ିଛି। ରୁଆ ବିହୁଡ଼ା କାର୍ଯ୍ୟ ଅଦ୍ୟାବଧି ହୋଇପାରି ନାହିଁ। ଏଭଳି ସ୍ଥିତିରେ ଚାଷୀ ହାତାଶ ହୋଇ ବସିଛି। ଚାଷର ଗୁରୁତ୍ୱପୂର୍ଣ୍ଣ ସମୟରେ କମ୍ ବର୍ଷା ଚାଷୀଙ୍କୁ ଅଧିକ ଚିନ୍ତାରେ ପକାଇଛି। ଆଗାମୀ ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯିବ ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି।



ପାଣି ଅଭାବରୁ ଜମି ଫାଟି ଆଁ କରିଛି।

ଜମନକିରା ବ୍ଲକରେ ପ୍ରାୟ ୨୧ ଶହ ହେକ୍ଟର ଚାଷଜମି ରହିଥିବା ବେଳେ ସେଥି ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅର୍ଥାତ ୩୬୭୫ ଏକର ଜମିରେ ଧାନ ଚାଷ ହେଉଛି। ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବା ଲୋକଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗ ରହିଛି। ୨୦୧୬ ଜାନୁୟାରୀରୁ ଜୁଲାଇ ୩୦ ତାରିଖ ମଧ୍ୟରେ ୫୩୧.୮ ମି.ମି., ୨୦୧୭ ମସିହା ଏହି ସମୟ ମଧ୍ୟରେ ୬୭୮.୪ ମି.ମି., ୨୦୧୮ରେ ୭୯୭.୫ ମି.ମି. ବର୍ଷା ହୋଇଥିଲା। ଚଳିତବର୍ଷ ଜାନୁୟାରୀରୁ ଆଜିପର୍ଯ୍ୟନ୍ତ ମାତ୍ର ୪୯୩.୭ ମି.ମି. ବର୍ଷା ରେକର୍ଡ କରାଯାଇଛି। ପୂର୍ବ ୩ ବର୍ଷର ବର୍ଷା ପରିମାଣ ହାରାହାରି ୬୬୯.୨ ମି.ମି. ହୋଇଥିବା ବେଳେ ଚଳିତବର୍ଷ ପରିମାଣ କମ୍ ରହିଥିବାରୁ ଚାଷକାର୍ଯ୍ୟ ଆଗେଇ ପାରୁ ନାହିଁ। ପୂର୍ବ ୩ ବର୍ଷର ହାରାହାରି ବର୍ଷା ତୁଳନାରେ ଚଳିତବର୍ଷ ୧୭୫.୫ ମି.ମି. କମ ବର୍ଷା ହୋଇଛି। ପୂର୍ବ ୩ ବର୍ଷର ବର୍ଷା ପରିମାଣ ଅନୁଯାୟୀ ଜମନକିରା ବ୍ଲକରେ ସର୍ବାଧିକ ୬୫ ପ୍ରତିଶତ ମରୁଡ଼ି ପ୍ରଭାବିତ ହୋଇଥିବା ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଚଳିତବର୍ଷ ଗତବର୍ଷ ଅପେକ୍ଷା ବହୁତ କମ୍ ବର୍ଷା ହୋଇଥିବାବେଳେ ଚାଷଜମି ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଏହି ସମୟ ସୁଦ୍ଧା ଚାଷୀମାନେ ରୁଆ ବିହୁଡ଼ା କାର୍ଯ୍ୟ ସମ୍ପନ୍ନ କରିସାରିଥିବା କଥା। ହେଲେ ଚଳିତବର୍ଷ ଚାଷ କାର୍ଯ୍ୟ ଆଦୌ ଅନୁକୂଳ ହୋଇ ନ ଥିବା ଦେଖାଯାଇଛି। ଗତବର୍ଷର ବୀମା କ୍ଷତିପୂରଣ ରାଶି ଅଦ୍ୟାବଧି ଚାଷୀଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିବାବେଳେ ପୁନର୍ବାର ଏଭଳି ସ୍ଥିତି ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇଛି। ଚଳିତବର୍ଷ ଅହେତୁକ କମ୍ ବର୍ଷା ହୋଇଥିବା କୃଷି ବିଭାଗ କହୁଥିବା ବେଳେ ଆଗାମୀ ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ସଅଳ କିସମ ଧାନ ଉପରେ ଏହା ଗୁରୁତର ପ୍ରଭାବ ପଡ଼ିବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି। ଧାନ ଗଛ ପିଲ ମାରିବାରେ ଅସୁବିଧା ହେବା ସହ ଜମିରେ ଘାସ ପରିମାଣ ବୃଦ୍ଧି ପାଇ ଧାନ ଗଛକୁ ନଷ୍ଟ କରିଦେବ। ଏଥିସହ ରୋଗ ପୋକ ବଢ଼ିବାରେ ସାହାଯ୍ୟ କରିବ ବୋଲି ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏବେ ସବୁ ଧାନଗଛ ପାଣି ଅଭାବରୁ ହଳଦିଆ ଦେଖାଯାଉଥିବା ବେଳେ କେତେକ ସ୍ଥାନରେ ଧାନ ମରିଗଲାଣି। କିଛି ଚାଷୀ ଚାଷ ବଞ୍ଚାଇବା ପାଇଁ ଟ୍ୟାଙ୍କରରେ ପାଣି ନେଇ ଜମିରେ ମଡ଼ାଉଥିବା ଦେଖାଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଚାଷୀ ସଂଗଠନ ଦାବି କରିଛନ୍ତି।

## ସଂକ୍ଷେପରେ

### ଶ୍ରମ ଆଇନ ସଂଶୋଧନ ପ୍ରତିବାଦରେ ଆନ୍ଦୋଳନ ୨ରେ

ସମ୍ବଲପୁର,୩୦।୭(ବ୍ୟୁରୋ): ଶ୍ରମ ଆଇନ ସଂଶୋଧନ ବନ୍ଦ ଦାବିରେ ଆସନ୍ତା ୨ ତାରିଖରେ ଦେଶ ବ୍ୟାପୀ ଆନ୍ଦୋଳନ ହେବ। ଏହି ଦିନ ସମସ୍ତ କେନ୍ଦ୍ରୀୟ ସଂଗଠନ, ବ୍ୟାଙ୍କ, ବିଏସ୍‌ଏନ୍‌ଏଲ ପ୍ରଭୃତି ସଂସ୍ଥା ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରିବାକୁ ସ୍ଥିର ହୋଇଛି। ମଙ୍ଗଳବାର ଏ ନେଇ ହିନ୍ଦ ମଜଦୁର ସଭା ରାଜ୍ୟ ଉପସାଧାରଣ ସମ୍ପାଦକ ଗୋକୁଳ ମେହେରଙ୍କ ପରିଚାଳନାରେ ସଭା ହୋଇଥିଲା। ସିଆଇଟିୟୁ ସଭ୍ୟ ମହେଶ୍ୱର ଷଣ୍ଢ, ଏଆଇଟିୟୁସିର ଏନ୍. ଗୋପାଳ, ବବିତା ବଡ଼ପଣ୍ଡା, ପ୍ରଣୟ କୁମାର ନାୟକ, ସୁଧାଂଶୁ ପୁରୋହିତ, ନକୁଳ ଭୋଇ, ବିଶ୍ୱନାଥ ବେହେରା ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ପାଣି ସମସ୍ୟା ତଦାରଖ କଲେ ଜିଲାପାଳ

ଜମନକିରା,୩୦।୭(ଡି.ଏନ୍.ଏ.): ସମ୍ବଲପୁର ଜିଲାପାଳ ଶୁଭମ ସକସେନା ଅଚାନକ ଜମନକିରା ବ୍ଲକର ଗୁଣ୍ଡୁରୁଚୁଆଁ ଗସ୍ତ କରି ସେଠାରେ ଥିବା ବାଙ୍କସାଲ ଡ୍ୟାମ୍ ଓ ସୁଦବଲଣ୍ଡାସ୍ଥିତ ଉଠା ଜଳସେଚନ ପଏଣ୍ଟଗୁଡ଼ିକ ବୁଲି ଦେଖିଥିଲେ। ବାଙ୍କସାଲ ଡ୍ୟାମ୍ ଧୀରେ ଧୀରେ ପୋତି ହୋଇପଡୁଥିବା ବେଳେ ତାହାର ପୁନରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଉଠା ଜଳସେଚନ ପଏଣ୍ଟଗୁଡ଼ିକ ଅକାମୀ ହୋଇପଡ଼ିଥିବାରୁ ଚାଷୀ ଠିକ୍‌ରେ ପାଣି ପାଇପାରୁନାହାନ୍ତି। ତେଣୁ ସେଗୁଡ଼ିକ ତୁରନ୍ତ ସଚଳ କରିବାକୁ ସକସେନା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତବେଳେ ଉପଜିଲାପାଳ ବିଶ୍ୱରଞ୍ଜନ ନାଏକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଆୟୁଷ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରେଙ୍ଗାଲି,୩୦।୭(ଡି.ଏନ୍.ଏ.) ଆୟୁଷ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତର ସୁବ୍ରତ ନନ୍ଦ ସୋସିଆଲ ମିଡିଆରେ ରେଙ୍ଗାଲି ଅଞ୍ଚଳକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ବରିଷ୍ଠ ନାଗରିକ ପରିଷଦ, ସ୍ୱାଧୀନ ଏକତା ସଙ୍ଗଠନ ଏବଂ ରେଙ୍ଗାଲି ଜନସାଧାରଣ ଗତ ୧୨ ତାରିଖରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। କାର୍ଯ୍ୟାନୁଷ୍ଠାନ ନ ହେଲେ ବରିଷ୍ଠ ନାଗରିକ ପରିଷଦ ଡାକ୍ତରଙ୍କ ଚାମ୍ବରରେ ତାଲା ପକାଇବ ବୋଲି ଚେତାବନୀ ଦେଇଛି। ମଙ୍ଗଳବାର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ସଭାପତି ବସନ୍ତ କୁମାର ନାଏକ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ସୁବନଚାନ୍ଦ ସାହୁ, ବିନୋଦ ବିହାରୀ ନନ୍ଦ, ଉଦୟ ଚନ୍ଦ୍ର ସାହୁ, ବିଶିକେଶନ ପଣ୍ଡା, ଦିବ୍ୟ ଶଙ୍କର ବେହେରା, ସୁବାସ ଚନ୍ଦ୍ର ସିଂ ପ୍ରମୁଖ ଏ ନେଇ ପୁନର୍ବାର ଦାବି କରିବା ସହ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

### ଶିକ୍ଷା ବ୍ୟବସ୍ଥାକୁ ସ୍ଥାଣୁ କରିବା ଯୋଜନା କରୁଛନ୍ତି ଅଧିକାରୀ

**ସମ୍ବଲପୁର,୩୦।୭(ବ୍ୟୁରୋ)**

ଶିକ୍ଷା ବ୍ୟବସ୍ଥାକୁ ସ୍ଥାଣୁ କରିବା ଯୋଜନା କରୁଛନ୍ତି ଅଧିକାରୀ। ଏ ନେଇ ଚିନ୍ତା କରିବା ସମୟ ଅସିଛି। ବିକଳାଙ୍ଗ ଭତ୍ତା ଭଳି ଅନୁଦାନ ପାଉଛନ୍ତି ଅଧାପକ। ତେଣୁ ଏଥିପାଇଁ ଲଢ଼େଇ କରି ଲକ୍ଷ୍ୟରେ ପହଞ୍ଚିବାକୁ ହେବ। ଏବେ ମଧ୍ୟ ଅଧାପକମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇନାହାନ୍ତି। ୭ ଘଣ୍ଟା କାର୍ଯ୍ୟ କରିବା ନିମନ୍ତକୁ ବିରୋଧ କରାହେଉଛି। ୨୦୦୮ ଅନୁଦାନ ଆଇନକୁ ଲାଗୁ କରାଯିବା ପାଇଁ ଦାବି କରାଯିବ। ଅବସର ନେଇଥିବା ଅଧାପକଙ୍କ ବିଷୟରେ ସଂଘ ଚିନ୍ତା କରିବା ଉଚିତ। ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ନିଖିଳ ଓଡ଼ିଶା ବେସରକାରୀ ମହାବିଦ୍ୟାଳୟ ଅଧାପକ ଓ କର୍ମଚାରୀ ସଂଘ ବୈଠକରେ ଅଧାପକମାନେ ଏହି ମତ ବ୍ୟକ୍ତ କରିଛନ୍ତି। ସଂଘ ଜିଲା ସଭାପତି ଅଶୋକ କୁମାର ପୁରୋହିତ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସଂଘର ରାଜ୍ୟ ସଭାପତି ଗୋଲକ ନାୟକ, ରାଜ୍ୟ ସମ୍ପାଦକ (ଯୁକ୍ତ୩) ଗଗନ ବେଉରା, ରାଜ୍ୟ ସମ୍ପାଦକ (ଯୁକ୍ତ୨) ସତାପଉଦ୍ଦିନ ଅହମ୍ମଦ, ସୁଧୀର କୁମାର ସାହୁ, ସୁବାସ ଚନ୍ଦ୍ର ନାୟକ, ଭଗବାନ ମେହେର ପ୍ରମୁଖ ବ୍ୟକ୍ତବ ଦେଇଥିଲେ। ଅଧାପକ ଯତୀନ୍ଦ୍ର ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ବିଶ୍ୱଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ରବୀନ୍ଦ୍ର ନାରାୟଣ ଠାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଲେଜ ଅଧକ୍ଷାଙ୍କୁ ହଟାଇବାକୁ ଦାବି

- ନର୍ସିଂ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ
- ଅସୁସ୍ଥ ହୋଇପଡ଼ିଲେ ୬ ଛାତ୍ରୀ
- କଟକଣା ଯୋଗୁ ଚାଲିଛି ଆନ୍ଦୋଳନ: ଅଧକ୍ଷା








ଜିଲାପାଳ ଅଫିସ ସମ୍ମୁଖରେ ଛାତ୍ରୀମାନେ ବିକ୍ଷୋଭ କରୁଛନ୍ତି (ବାମ)। ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସହ ଛାତ୍ରୀଛାତ୍ରଙ୍କ ପ୍ରତିନିଧି ଆଲୋଚନା କରୁଛନ୍ତି (ମଝି)। ବିକ୍ଷୋଭ ବେଳେ ଅସୁସ୍ଥ ହୋଇପଡ଼ିଥିବା ଜଣେ ଛାତ୍ରୀ।

**ସମ୍ବଲପୁର,୩୦।୭(ବ୍ୟୁରୋ)**

ବୁର୍ଲା ଭିମସାର ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ମଙ୍ଗଳବାର ୧୫ ଦିନରେ ପହଞ୍ଚିଛି। ଶତାଧିକ ଛାତ୍ରୀଛାତ୍ର ସମଲେଇ ମନ୍ଦିର ପରିସରରୁ ଶୋଭାଯାତ୍ରାରେ ଆସି ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଲେଜ ଅଧକ୍ଷାଙ୍କ ବିରୋଧରେ ସେମାନେ ନାରାବାଜି କରିଥିଲେ। ଅଧକ୍ଷା ତାଙ୍କ ମୋବାଇଲ ରିଚାର୍ଜ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ବାଧ୍ୟ କରୁଛନ୍ତି। ବିଭିନ୍ନ ସମୟରେ ଗାଳିଗୁଲଜ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଶୀଘ୍ର ତାଙ୍କୁ ପଦବୀରୁ ହଟାଇବା ପାଇଁ ଦାବି କରିଥିଲେ। ପରେ ୫ ଜଣିଆ ପ୍ରତିନିଧି ଦଳ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଘଟଣାରେ ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି ଜିଲାପାଳ ସକସେନା କହିଥିଲେ। ଅନ୍ୟପକ୍ଷରେ ବିକ୍ଷୋଭ ସମୟରେ ଜିଲାପାଳଙ୍କ ଅଫିସ ପରିସରରେ ୬ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ପୋଲିସ ସେମାନଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନା ନେଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଅଧକ୍ଷାଙ୍କୁ ପଦବୀରୁ ହଟାଇବା ଦାବିରେ ଛାତ୍ରୀଛାତ୍ର ପ୍ରାୟ ୧୫ଦିନ ହେଲା କଲେଜ ସମ୍ମୁଖରେ ଅନଶନ କରିଆସୁଛନ୍ତି। ଏଥିପାଇଁ କମିଟି ଗଠନ ହୋଇ ତଦନ୍ତ କରାଯାଇଛି। ଏହାର ରିପୋର୍ଟ ଭିମସାର ଅଧିକ୍ଷକଙ୍କୁ ଦିଆଯାଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ଅଧକ୍ଷା ସ୍ନେହଲତା ଓରାମଙ୍କୁ ପଚାରିବାରୁ ସେ ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ କଲେଜରେ ବିଭିନ୍ନ କଟକଣା ଲାଗୁ କରାଯାଇଛି। ଏହାକୁ ବିରୋଧ କରି ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିବା ଓରାମ କହିଛନ୍ତି।

# ଅସହାୟଙ୍କୁ ଘର ପ୍ରଦାନ କଲେ ଯୁବ ବ୍ୟବସାୟୀ

**ସମ୍ବଲପୁର,୩୦।୭(ବ୍ୟୁରୋ)**

ଟ୍ରେନ୍ ଦୁର୍ଘଟଣାରେ ୨ ଗୋଡ଼ କଟିଗଲା। ଦିବ୍ୟାଙ୍ଗ ହେବାରୁ ରୋଜଗାର ଚାଲିଗଲା। ପରିବାର ଉପରେ ବୋଝ। ସରକାରୀ ସହାୟତା ମଧ୍ୟ ମିଳିଲା ନାହିଁ। ଘର ଖଣ୍ଡିଏ ପାଇଁ ପ୍ରଶାସନ ପାଖରେ ବାରମ୍ବାର ଗୁହାରି କରିବା ସତ୍ତ୍ୱେ କିଛି ଲାଭ ହେଲା ନାହିଁ। ଶେଷରେ ନିରାଶରେ କାଳାତିପାତ କରୁଥିଲେ ସମ୍ବଲପୁର ମହାନଗର ନିଗମ ବେହେରାମୁଣ୍ଡାର ଛୋଟୁ ମୁଣ୍ଡା। ହେଲେ ଏବେ ତାଙ୍କୁ ଘର ମିଳିଯାଇଛି। ଯୁବ ବ୍ୟବସାୟୀ ସିଦ୍ଧାର୍ଥ ସାହା ନିଜସ୍ୱ ଖର୍ଚ୍ଚରେ ଏକ ଘର ନିର୍ମାଣ କରି ମଙ୍ଗଳବାର ଛୋଟୁଙ୍କୁ ପ୍ରଦାନ କରିଛନ୍ତି। ଅଗ୍ନିଶିଖା ଖବରକାଗଜ ସମ୍ପାଦକ ଅର୍ଜୁନ ରଞ୍ଜନ ପଣ୍ଡା ନୂତନ ଘରକୁ ଉଦ୍‌ଘାଟନ କରିବା ପରେ ଛୋଟୁଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଶ୍ୱେତ କୁମାର ପ୍ରଧାନ, ଅବସରପ୍ରାପ୍ତ ଡିଏସ୍‌ପି ଗୀତାରାଣୀ ପଣ୍ଡା, ସମରଜିତ ପଟ୍ଟନାୟକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨ ବର୍ଷ ତଳେ ଟ୍ରେନ୍ ଦୁର୍ଘଟଣାରେ ଛୋଟୁଙ୍କ ୨ ଗୋଡ଼ କଟିଯାଇଥିଲା। ବହୁ କଷ୍ଟରେ ପରିବାର ଲୋକେ ତାଙ୍କ ଚିକିତ୍ସା କରିଥିଲେ। ମୁଣ୍ଡ ଗୁଞ୍ଜିବାକୁ ଘର ନ ଥିବାରୁ ବର୍ଷ ବର୍ଷ ଧରି ପଲିଥିନ ତଳେ ପରିବାର ସହ ରହୁଥିଲେ। ୨୦୧୯ ସାଧାରଣ ନିର୍ବାଚନ ସମୟରେ ସିଦ୍ଧାର୍ଥ ତାଙ୍କ ସହଯୋଗୀମାନଙ୍କ ସହ ବେହେରାମୁଣ୍ଡା ଗ୍ରାମକୁ ଯାଇଥିଲେ। ସରକାରୀ ଯୋଜନାରୁ ଘର ମିଳିପାରୁ ନ ଥିବାରୁ ଘର ଖଣ୍ଡିଏ କରିଦବେକୁ ସେ ସମୟରେ ଛୋଟୁ ଓ ତାଙ୍କ ପରିବାର ଲୋକେ ଅନୁରୋଧ କରିଥିଲେ। ସିଦ୍ଧାର୍ଥ ଘର ନିର୍ମାଣ କରିଦେବାକୁ ସେ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ପ୍ରାୟ ୨ ମାସ ହେଲା ଘର କାମ ଆରମ୍ଭ କରାଯାଇଥିଲା। ଏବେ ଘର ପାଇ ଛୋଟୁ ଓ ତାଙ୍କ ପରିବାର ଲୋକେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।



ବେହେରାମୁଣ୍ଡାରେ ଛୋଟୁଙ୍କ ଘରକୁ ଉଦ୍‌ଘାଟନ କରାଯାଉଛି।

## ଜିଲା ରେଡ୍‌କ୍ରସର ବାର୍ଷିକ ବୈଠକ

# ମାନସିକ ରୋଗୀଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ହେଉ

**ସମ୍ବଲପୁର,୩୦।୭(ବ୍ୟୁରୋ)**

ସମ୍ବଲପୁର ଜିଲା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ରେଡ୍‌କ୍ରସର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ଏଥିରେ ଅଧକ୍ଷତା କରିଥିଲେ। ଜିଲାର ମାନସିକ ରୋଗୀମାନେ ଅନ୍ୟ ଜିଲା କିମ୍ବା ରାଜ୍ୟ ବାହରକୁ ଯିବାକୁ ପଡୁଛି। ତେଣୁ ଧନକଉଡ଼ାରେ ଥିବା ସରକାରୀ କୋଠାକୁ ମାନସିକ ରୋଗୀଙ୍କ ରହିବା ଓ ଚିକିତ୍ସା ପାଇଁ ବ୍ୟବହାର କରିବାକୁ ଏହି ଅବସରରେ ଦାବି ହୋଇଥିଲା। ହାତୀବାରୀସ୍ଥିତ କୁଷ୍ଠାଶ୍ରମରେ ନିୟମିତ ଡାକ୍ତର ନିଯୁକ୍ତ କରାଯାଉ। କୁଷ୍ଠ ରୋଗୀମାନେ ଆଶ୍ରମରୁ ବାହାରକୁ ଆସି ବିଭିନ୍ନ ସ୍ଥାନରେ ଭିକ୍ଷାବୃତ୍ତି କରୁଛନ୍ତି। ଏହା ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଦପକ୍ଷେପ ଗ୍ରହଣ କରାଯାଉ। ଗତବର୍ଷ ଧାର୍ଯ୍ୟଠାରୁ କମ୍ ପାଣ୍ଠି ସଂଗ୍ରହ ହୋଇଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ୫୧ ଲକ୍ଷ ୭୭ ହଜାର ୫୦୦ ଟଙ୍କା ଲକ୍ଷ୍ୟ ରହିଥିବାବେଳେ ମାତ୍ର ୨୧ ଲକ୍ଷ ୧ ହଜାର ୬୯୫ ସଂଗ୍ରହ ହୋଇଛି। ତେଣୁ ଚଳିତ ଆର୍ଥିକବର୍ଷରେ ପାଣ୍ଠି କିଭଳି ଅଧିକ ହେବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏଥିପାଇଁ ବଡ଼ କମ୍ପାନୀଗୁଡ଼ିକୁ ଅନୁରୋଧ କରିବାକୁ ଆଲୋଚନା ହୋଇଥିଲା। ରେଡ୍‌କ୍ରସ ସମ୍ପାଦକ ଜୟ ଜର୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧିର ପୂଜାରୀ, ପ୍ରଶାନ୍ତ ପଣ୍ଡା, ଆତିପ ଆଲମ, କୂଳଧର ପ୍ରଧାନ, ହରିଶଙ୍କର ପୁରୋହିତ, ଡ. ପରେଶ ଦାନୀ, ନିହାଲ ସିଂ, ସୌରେନ୍ଦ୍ରୀ ନାୟକ, ଶିବ ପ୍ରସାଦ ମେହେର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ଫଟୋରେ ଖବର








ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ରେଢ଼ାଖୋଲ ନାଗରିକ ମଞ୍ଚ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରାଯାଉଛି (ବାମ)। ସମ୍ବଲପୁର ବିଜୁ ସ୍ମୃତି କମିଟି ପକ୍ଷରୁ ମଙ୍ଗଳବାର ପୁଟିବନ୍ଧ ଅଞ୍ଚଳରେ ଚାରାରୋପଣ କରିବାକୁ ନିଆଯାଉଛି (ମଝି)। ମଙ୍ଗଳବାର ସମ୍ବଲପୁର ରେଳ ଷ୍ଟେଶନରେ ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

- ଲାମାର୍ଟିନ



## ସଂକ୍ଷେପରେ

### ଘର କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

ଜହ୍ନାପଙ୍କ,୩୦।୭(ଡି.ଏନ୍.ଏ.) ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ଜଗତୀ ଗ୍ରାମରେ ସୋମବାର ସକାଳ ପ୍ରାୟ ୮ଟାରେ ଏକ କାନ୍ଥ ଭୁଶୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସରୋଜିନୀ ପାଣିଗ୍ରାହୀ(୬୦)। ମିଳିଥିବା ସୂଚନା ମୁତାବକ, ସରୋଜିନୀ ପଡୋଶୀ ଘରୁ କ୍ଷୀର ଆଣୁଥିଲେ। ସେତିକିବେଳେ ପଡୋଶୀ ଘର କାନ୍ଥ ଭୁଶୁଡି ପଡି ତାଙ୍କ ଦେହରେ ପଡିଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିଲା। ହେଲେ ବାଟରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଚାରିଶମ୍ଭୁ ବ୍ରହ୍ମ ସମାଜର ସମ୍ପାଦକ ସୁଶୀଳ ପାଣିଗ୍ରାହୀଙ୍କ ସ୍ତ୍ରୀ। ସେ ଜଣେ ଧର୍ମପରାୟଣ ଓ ମିଷ୍ଟଭାଷୀ ତଥା ମେଳାପୀ ଥିଲେ। ତାଙ୍କ ବିୟୋଗରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତଦେହ ଗ୍ରାମରେ ପହଞ୍ଚିଲା ପରେ ଗ୍ରାମବାସୀଙ୍କ ସହ ଜ୍ଞାତି, କୁଟୁମ୍ବ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ଥାନୀୟ ମହାନଦୀ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର କୁମୁଦ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ଘଣ୍ଟାପଡ଼ା,୩୦।୭(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଘଣ୍ଟାପଡ଼ା ବନ ବିଭାଗ ଅଫିସ ସମ୍ମୁଖରେ ସୋମବାର ରାତିରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଘଣ୍ଟାପଡ଼ା ପଞ୍ଚାୟତ ସୁର୍କାଭଟା ଗ୍ରାମର ସତ୍ୟ ରଣା(୨୯) ।

ମିଳିଥିବା ସୂଚନା ମୁତାବକ, ସତ୍ୟ ବର୍ଷେ ହେବ କେନ୍ଦୁପତ୍ର ବିଭାଗ ଅଫିସ ଛକରେ ଏକ ପାନ ଦୋକାନ କରି ପରିବାର ଚଳାଉଛନ୍ତି। ସୋମବାର ରାତି ପ୍ରାୟ ୯ଟାରେ ସତ୍ୟ ଶାଶୁଘର ଲଣ୍ଡାପଦର ଗ୍ରାମରୁ ଫେରୁଥିଲେ। ହେଲେ ଘଣ୍ଟାପଡ଼ା ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏକ ଚିପ୍ସ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ସତ୍ୟଙ୍କ ମୁଣ୍ଡରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋନପୁର ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଣ୍ଟାପଡ଼ା ଫାଣ୍ଡି ଅଧିକାରୀ ବଳଭଦ୍ର ଗଣ୍ଡା ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଥିଲେ। ଏନେଇ ଆହତଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଫାଣ୍ଡି ଅଧିକାରୀ ଗଣ୍ଡା କହିଛନ୍ତି।

### ୩୧ତମ ବିଦ୍ୟାଳୟ ଜ୍ଞାନବିଜ୍ଞାନ ମେଳା

ବୌଦ୍ଧ,୩୦।୭(ସ୍ୱ.ପ୍ର.): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୩୧ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ବିଦ୍ୟାମନ୍ଦିରର ୨୧୩ ଜଣ ଶିଶୁ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଆରତୀ ସାହୁ, ସମ୍ପାଦକ ରାଜକିଶୋର ମହାରଣା, କୋଷାଧ୍ୟକ୍ଷ ରଞ୍ଜିତ ଅମାତ, ସଦସ୍ୟା ପୁର୍ଣ୍ଣିମା ନାୟକ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା, ବିଭାଗ ପ୍ରମୁଖ ରାଜ କୁମାର ପ୍ରଧାନ, ଉପସଭାପତି ସାର ପ୍ରଧାନ, ବିଜ୍ଞାନ ଶିକ୍ଷୟିତ୍ରୀ କାର୍ତ୍ତ୍ୟାୟନୀ ପାଢ଼ି ଯୋଗ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ନରେନ୍ଦ୍ର ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ସୁବାଷ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ ଏବଂ ଉପସଭାପତି ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମାର୍କେଟ କମ୍ପ୍ଲେକ୍ସ ଛାତ ଉଡିବା ଘଟଣା

# ତିନି ମାସରୁ ଊର୍ଦ୍ଧ୍ୱ ହେଲା କାର୍ଯ୍ୟାନୁଷ୍ଠାନ ଶୂନ

**ଶଶାଙ୍କ ଶେଖର ଝାଙ୍କର**
**ଦେବଗଡ,୩୦।୭ (ଡି.ଏନ.ଏ)**

ଗତ ଏପ୍ରିଲ ୮ତାରିଖ ସନ୍ଧ୍ୟାରେ ସାମାନ୍ୟ ପବନ,ବର୍ଷାରେ ଦେବଗଡ ସହର ଜନଗହଳିପୂର୍ଣ୍ଣ ପୁରୁଣା ବସଷ୍ଟାଣ୍ଡ ତଥା ଜ୍ୟୋତିମଂଜରୀ ମାର୍କେଟ କମ୍ପ୍ଲେକ୍ସର ଛାତ ବା ଟିଣ ଆଜବେଷ୍ଟସ୍ ହଠାତ୍ ଭାଙ୍ଗି ମୁଖ୍ୟ ରାସ୍ତା ଉପରେ ମାଡି ବସିଥିଲା । ଉକ୍ତ ଘଟଣାର ପରିତାପର ବିଷୟ ତିନି ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହା ସାଧାରଣରେ ଚର୍ଚ୍ଚାର ବିଷୟ ସାଜିଛି। ଏପରିକି ପୌର କର୍ତ୍ତୃପକ୍ଷ ଉକ୍ତ ଘଟଣାକୁ ଚପାଇ ଦେବା ପାଇଁ ଏ ପର୍ଯ୍ୟନ୍ତ ଜାଣିଶୁଣି କୌଣସି ପଦକ୍ଷେପ ନେଇ ନାହାନ୍ତି। ତଦନ୍ତ ନାମରେ ଦିନ ଗଡାଉଛନ୍ତି। ସୂଚନାଥାଉକି, ଜ୍ୟୋତିମଞ୍ଜରୀ ମାର୍କେଟ କମ୍ପ୍ଲେକ୍ସର ପୁନୋରୁଦ୍ଧାର ପାଇଁ ଚଳିତବର୍ଷ ୬ ଲକ୍ଷ ୫୨ ହଜାର ୫୨୧ ଟଙ୍କା ବ୍ୟୟ ଅଟକଳରେ ସେ

### ମାମଲାକୁ ଚାପିଦେବାକୁ ଉଦ୍ୟମ

ସମୟରେ ଥିବା ଯନ୍ତ୍ରୀ ମୋଟା ପିସି କାରବାର କରି ବିଲ୍ ପାସ କରାଇଥିବା ଅଭିଯୋଗ ହୋଇଛି। ଫଳରେ ବିଦ୍ୟୁତ ଖୁଣ୍ଟ ତାର ଛିଣ୍ଡିବାସହ ଟିଣ ଆଜବେଷ୍ଟସ୍ ଛାତ ତଳେ ପାଖାପାଖି ୧୦ ଟି ବାଇକ ଓ ୨ଟି ସାଇକେଲ ଚାପି ହୋଇ କ୍ଷତିଗ୍ରସ୍ତ ହୋଇଥିଲା । କ୍ଷତିଗ୍ରସ୍ତଙ୍କ କଥା ମଧ୍ୟ ଶୁଣୁ ନାହାନ୍ତି। କାଳେ ସେ ସମୟରେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ଆଗରୁ ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ରାତାରାତି ଅଗ୍ନିଶମ ବିଭାଗ, ପୋଲିସ ବିଭାଗ ଏବଂ ପୌର କର୍ମଚାରୀଙ୍କ ସାହାଯ୍ୟରେ ଭାଙ୍ଗିଯାଇଥିବା ଟିଣ ଆଜବେଷ୍ଟସ୍ ସବୁ କଟର ସାହାଯ୍ୟରେ ସଫା କରିଦେଇଥିଲେ। ସୌଭାଗ୍ୟବଶତଃ ସେହି ସମୟରେ କେହି ଆହତ ହୋଇ ନ ଥିଲେ । ତେବେ ସେ ଯାହା ହେଉନା କାହିଁକି, ନିମ୍ନମାନର କାର୍ଯ୍ୟଶୈଳୀ ତଥା ଜେଇ ଓ ଠିକାଦାରଙ୍କ ମିଳିଭଗତରେ କମ ପରିମାଣର କଂକ୍ରିଟ ଓ ନିମ୍ନମାନର ଟିଣ ଚଦର ଓ ଲୁହା ଏଙ୍ଗେଲ ଲଗାଯାଇଥିବାରୁ ସାମାନ୍ୟ ପବନରେ ଛାତଟି ଉଡିଯାଇ ରାସ୍ତାରେ ଟଳିପଡିଥିବା ଅଭିଯୋଗ ହୋଉଛି । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କୁ ପଚାରିବାରୁ ପୌର ପରିଷଦର ଏମ୍.ଇ. ସରସ୍ୱତୀ ମହାନନ୍ଦଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି କହିଥିଲେ । ସୂଚନା ମୁତାବକ ଗତ ୨୮ମେରେ ଚିଠି ନଂ ୧୮୨୬ଅନୁଯାୟୀ ୭ଦିନରେ ଭିତରେ ନୋଟିସର ଉତ୍ତର ଦେବା କଥା। କିନ୍ତୁ ଇତି ମଧ୍ୟରେ ୬୦ ଦିନ ବିତିଯାଇଥିଲେ ସୁଧା କୌଣସି ଉତ୍ତର ଦେଇ ନ ଥିବା ଜଣାପଡିଛି। ଏସବୁ ପୌର ପରିଷଦର ମିଳିଭଗତରେ ସବୁ ହେଉଥିବା ସନ୍ଦେହ କରାଯାଉଛି । ଏଥି ପାଇଁ ଜିଲା ପ୍ରଶାସନ ଓ ଭିଜିଲାନ୍ସ ତଦାରଖ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘିଅ ହାଣ୍ଡିରେ ଘିଅ ପଶେ**
**ଟାଙ୍ଗରା ମୁଣ୍ଡରେ ବୋଝ ବସେ ।**

ଧନୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ପାଦ ତଳେ ଭଲ ଭଲ ଜିନିଷ ଅଜାଡି ଦେଇଥାନ୍ତି। କିନ୍ତୁ ଯିଏ ଅଭାବ ଅନଟନରେ ରହି କଠିନ ପରିଶ୍ରମ କରି ପେଟକୁ ଦି'ମୁଠା ଦାନା ଯୋଗାଡ଼ କରିଥାନ୍ତି ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ଆଡ଼ଆଖିରେ ମଧ୍ୟ ତାଙ୍କୁ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖିବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ବାୟା ଚଢ଼େଇ ବସା**
**ମୁଣ୍ଡରେ ରାମ ଟହଲିଆ ଖୋସା ।**

ଅନେକକ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ । ତେବେ ଅଭାବୀ ବ୍ୟକ୍ତି ବାହାରେ ବୁଲି ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଫନୀରେ କ୍ଷତିଗ୍ରସ୍ତ ବିଦ୍ୟାଳୟର ମରାମତି

# କେନ୍ଦ୍ରକୁ ୯୬ କୋଟି ଟଙ୍କା ସହାୟତା ମାଗିଲା ରାଜ୍ୟ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ଶାସ୍ତ୍ରୀ ଭବନଠାରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିଆଲ୍‌ଙ୍କ ସହ ମାଧ୍ୟମିକ ଶିକ୍ଷା ସମ୍ବନ୍ଧ ନେଇ ବ୍ୟାପକ ଆଲୋଚନା କରିଛନ୍ତି। ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟଗୁଡ଼ିକର ମରାମତି ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ୯୬ କୋଟି ଟଙ୍କା ସହାୟତା ପ୍ରଦାନ ନିମନ୍ତେ ମନ୍ତ୍ରୀ ଦାଶ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ମନ୍ତ୍ରୀ ଦାଶ ସର୍ବଭାରତୀୟ ସ୍ତରରେ ଏକକ ଓଟିଇଟି ପରୀକ୍ଷା ପ୍ରଚଳନ କରିବା, ମଧ୍ୟାହ୍ନଭୋଜନରେ



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନୂଆଦିଲ୍ଲୀସ୍ଥିତ ଶାସ୍ତ୍ରୀ ଭବନଠାରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିଆଲ୍‌ଙ୍କ ସହ ଆଲୋଚନା କରୁଛନ୍ତି।

ବୃଦ୍ଧି କରାଯାଇଥିବା ପାରିଶ୍ରମିକ ବାବଦରେ ମୁଣ୍ଡପିଛା ପ୍ରତି ପାଚିକା ସହାୟକଙ୍କୁ ୬୦୦ ଟଙ୍କା ଅଧିକ ପ୍ରଦାନ କରିବାକୁ ଦାବି ଜଣାଇଥିଲେ। ପ୍ରାଥମିକ ଶିକ୍ଷକମାନଙ୍କର ଆବଶ୍ୟକ ଯୋଗ୍ୟତା ପାଇଁ ଅବଧି ସୀମାକୁ ୨୦୨୦ ମାର୍ଚ୍ଚ ୩୧ ତାରିଖକୁ ବୃଦ୍ଧି କରିବାକୁ ଦାବି ଉପସ୍ଥାପନ କରିଛନ୍ତି।

ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନୂତନ ଶିକ୍ଷାନୀତି-୨୦୧୯ ଉପରେ ବିଭିନ୍ନ ଅନୁଷ୍ଠାନର ପ୍ରତିକ୍ରିୟା ସଂଗ୍ରହ ପାଇଁ ଥିବା ଅବଧିକୁ ବୃଦ୍ଧିକରିବା ନିମନ୍ତେ ମଧ୍ୟ ଅନୁରୋଧ କରିଛନ୍ତି। କେନ୍ଦ୍ରୀୟ ଶିକ୍ଷକ ଶିକ୍ଷା ଓ ସମଗ୍ର ଶିକ୍ଷା ଯୋଜନାରେ କେନ୍ଦ୍ର ସରକାରଙ୍କ ଅଂଶଧନ ବାବଦକୁ ୨୨୯୧.୫୩ ଲକ୍ଷ ଅନୁଦାନ ଦେବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଓଡ଼ିଶା ସ୍କୁଲ ଏଜୁକେଶନ୍ ପ୍ରୋଗ୍ରାମ ଅଥରିଟି ଅନ୍ତର୍ଗତ ବିଆର୍‌ସି କୋଅର୍ଡିନେଟର ପାଇଁ ଅତିରିକ୍ତ ଖର୍ଚ୍ଚ ୧୦୬୭. ୭୯ ଲକ୍ଷ ଟଙ୍କା ଦେବାକୁ ମନ୍ତ୍ରୀ ଦାଶ କେନ୍ଦ୍ରମନ୍ତ୍ରୀଙ୍କଠାରେ ଦାବି ଉପସ୍ଥାପନ କରିଛନ୍ତି।

# ଉପକରଣ ପ୍ରଦର୍ଶନୀ



ଛାତ୍ରୀଛାତ୍ରମାନେ ବିଭିନ୍ନ ଉପକରଣ ପ୍ରଦର୍ଶନ କରୁଛନ୍ତି।

**ମନମୁଣ୍ଡା,୩୦।୭(ଡି.ଏନ୍.ଏ.):**

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ପ୍ରାରମ୍ଭରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଷୟରେ ଉପକରଣ ପ୍ରଦର୍ଶନୀ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡ଼ମାଳୀ କାର୍ଯ୍ୟକ୍ରମରେ ତତ୍ତ୍ୱାବଧାନ କରିଥିଲେ। ଭାଷା, ଗଣିତ, ପରିବେଶ ବିଜ୍ଞାନ, ଇତିହାସ, ଭୂଗୋଳ, ଇଂଲିଶ, ସଂସ୍କୃତ, ହିନ୍ଦୀ ଆଦି ବିଷୟରେ ଉପକରଣ ପ୍ରଦର୍ଶନ କରାଯାଇଥିଲା। ଶିଶୁ, ଅଭିଭାବକ, ଉପକରଣ ବୁଲି ଦେଖିଥିଲେ। ନେପାଳ ଭୋଇ, ବାସୁଦେବ ପାଢ଼ୀ, ଅନସୂୟା ନାଏକ, ସିନ୍ଧୁସୂତା ମହାନ୍ତି, ବ୍ରଜମୋହନ କର୍ମୀ, ଶକୁନ୍ତଳା ପ୍ରଧାନ, ମମତା ମେହେର, ଅଞ୍ଜଳି ପାତ୍ର, ରାଜଲକ୍ଷ୍ମୀ ମିଶ୍ର ଗୀତାଞ୍ଜଳୀ ମହାପାତ୍ର, ପ୍ରମୋଦ କୁମାର ମେହେର, ଝରଣା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BUSINESS

ASTROLOGY

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ,
ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ
ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ
ମାସକୁ ଭଡା 60,000/- ଟଙ୍କା
ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି,
3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

DHARITRI Career appointment Every Wednesday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS
ଖାଲିଥିବା ଜମି ଓ ଛାତ ଉପରେ
ବଂଶଲ ଗ୍ରୁପର ଡିଜିଟାଲ
ଉପକରଣ ବସାଇ ଅଗ୍ରୀମ
70,000,00/- ପାଆନ୍ତୁ ଓ
ମାସକୁ ଭଡା 45,000/- ଟଙ୍କା
ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



# ସେଲ୍‌ଫ ଫାଇନାନ୍ସିଂ କଲେଜ ସରକାରୀ କଲେଜ ତଣ୍ଟି ଚିପିଲେଣି

ଭୁବନେଶ୍ୱର,୩୦।୭ (ବ୍ୟୁରୋ)

ଚାରିଆଡ଼େ ଛତୁଫୁଟିଲା ଭଳି ସେଲ୍ଫ ଫାଇନାନ୍ସିଂ କଲେଜ । ସେଗୁଡିକ ସରକାରୀ କଲେଜ ତଣ୍ଟିଚିପିଲେଣି। ଛାତ୍ରୀଛାତ୍ରଙ୍କୁ ଲୁଟ୍ କରୁଛନ୍ତି। ଶିକ୍ଷାକୁ ବ୍ୟବସାୟୀକରଣ କରାଗଲାଣି। ମାତାପିତା ଲକ୍ଷ ଲକ୍ଷ ଟଙ୍କା ଗଣିଦେଉଛନ୍ତି। ହେଲେ ପାଠପଢ଼ା ଶୂନ। ସରକାରୀ କଲେଜଗୁଡିକୁ ଅବହେଳା କରାଯାଉଛି। ଉଚ୍ଚଶିକ୍ଷା ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ଚାଲିଗଲାଣି। ଅଧ୍ୟାପକ ଅଭାବ। ସରକାର ତୁରନ୍ତ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ନଚେତ ପରିସ୍ଥିତି ଆଗକୁ ଆହୁରି ବିଗିଡ଼ିଯିବ। ମଙ୍ଗଳବାର ମୁଲତବୀ ଆଲୋଚନା ବେଳେ ବିରୋଧୀ ଦଳ ସରକାରଙ୍କୁ ଏଭଳି ଢଙ୍ଗରେ ଚେତାଇ ଦେଇଥିଲେ।

ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଦ୍ୱାରା ଆଗତ ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ହ୍ରାସ ଶୀର୍ଷକ ମୁଲତବୀ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଥିଲେ ଯେ, ଓଡ଼ିଶାକୁ ହୁଏନ୍‌ସାଂ ପାଠ ପଢିବାକୁ ଆସିଥିଲେ। ବୌଦ୍ଧ ସାହିତ୍ୟର ବିକାଶ ହୋଇଥିଲା। କାଳିଦାସ ମେଘଦୂତ ଲେଖିଥିଲେ। ଆଜି ଓଡ଼ିଶାର ଉଚ୍ଚଶିକ୍ଷା ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ଚାଲିଆସିଛି। ଦେଶର

**ମୁଲତବୀ ଆଲୋଚନା**

■ **ଶିକ୍ଷାକୁ ବ୍ୟବସାୟୀକରଣ କରାଗଲାଣି: କଂଗ୍ରେସ**

୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାର ସ୍ଥାନ ନାହିଁ। ବ୍ରିଟିଶ ବେଳେ ଯେଉଁ ଶିକ୍ଷା ମିଳୁଥିଲା ସ୍ୱାଧୀନତା ପରେ ତାହା ନାହିଁ। ଅଧ୍ୟାପକ ଅଭାବ ବଢିଚାଲିଛି। ଏବେ କଟାଶ ସଂଖ୍ୟା ଅଧିକ କୁକୁଡ଼ା ସଂଖ୍ୟା କମ୍। ଆମ ଗାଁ ଆମ ବିକାଶ ପାଇଁ ଟଙ୍କା ଅଛି କଲେଜ ଲାଗି ନାହିଁ। ବିଶ୍ୱବିଦ୍ୟାଳୟରେ ୧୩୮୫ ଅନୁମୋଦିତ ପଦବୀରୁ ୭୯୦ ପଦବୀ ଖାଲିରହିଛି। ୫୨ ସରକାରୀ ଡିଗ୍ରୀ କଲେଜରେ ବହୁ ପଦବୀ ଫାଙ୍କା ପଡ଼ିଛି। ୧୪୧ ପ୍ରଫେସର ପଦବୀରୁ ୮୬ ପଦବୀ ଖାଲି ଅଛି। ସମାନ କାମ ପାଇଁ ସମାନ ଦରମା ନାହିଁ। ଜଣେ ସରକାରୀ କଲେଜ ଅଧ୍ୟାପକ ୧ ଲକ୍ଷ ଉପରେ ଦରମା ପାଉଥିବା ବେଳେ ୭ କିଲୋମିଟର ଦୂର ବ୍ଲକଗ୍ରାଣ୍ଟ କଲେଜ ଅଧ୍ୟାପକ ଦରମା ପାଉନାହାନ୍ତି। ସରକାର ଉଚ୍ଚଶିକ୍ଷାକୁ ବଞ୍ଚାଇବାକୁ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ରାଜ୍ୟ ସରକାର ଆଇନ କଲେଜ କଥା ଭୁଲିଗଲେ। ସେହି କଲେଜକୁ ଟଙ୍କାଟିଏ ବି ଅନୁଦାନ ଦେଉନାହାନ୍ତି। ବଲାଙ୍ଗୀର ମହିଳା କଲେଜରେ ୧୮ ଶିକ୍ଷକ ପଦବୀରୁ ୭ଟି ଖାଲିପଡିଛି। ରାଜେନ୍ଦ୍ର କଲେଜ ଅଟୋନୋମସ ଷ୍ଟାଟସ୍ ହରାଇଛି। ବଲାଙ୍ଗୀରରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ନରସିଂହ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଭାଜପା ସଭ୍ୟ ସନାତନ ବିଜୁଳି କହିଥିଲେ ଯେ, ଦରମା ପାଇଁ ଶିକ୍ଷକମାନେ ରାଜରାସ୍ତାରେ ବସୁଛନ୍ତି। ପିଲା ଅଭାବରୁ ୯୬୬ ସ୍କୁଲ ବନ୍ଦ ହୋଇଛି। ସମାନ କାମକୁ ସମାନ ଦରମା ମିଳୁନି। ଶିକ୍ଷକମାନେ ବାରମ୍ବାର ଆନ୍ଦୋଳନ କରୁଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଥିଲେ ଯେ, ସବୁ କଲେଜରେ ଅଧ୍ୟାପକ ଖାଲି। କୌଣସି କଲେଜରେ ସ୍ଥାୟୀ ଅଧ୍ୟାପକ ନାହାନ୍ତି। ପିଲାଙ୍କ ପାଇଁ ଖେଳପଡିଆ ନାହିଁ। ବିଜ୍ଞାନ ପରୀକ୍ଷାଗାର ନାହିଁ। ଚାରିଆଡ଼େ ଛତୁଫୁଟିଲା ଭଳି ଘରୋଇ କଲେଜ। ପିଲାଙ୍କୁ ଲୁଟ୍ କରି ଚାଲୁଥିଲେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ମଧ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଅନ୍ୟ ପକ୍ଷରେ ଧ୍ୟାନଆକର୍ଷଣକାରୀ ପ୍ରସ୍ତାବ ଆଣି ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, ସୌଭିକ ବିଶ୍ୱାଳ, ଧ୍ରୁବ ଚରଣ ସାହୁ ଏବଂ ସୁବାସ ବେହେରା ଗତ ୨୦ବର୍ଷରେ ସରକାର ଉଚ୍ଚଶିକ୍ଷା ପାଇଁ କ'ଣ କରିଛନ୍ତି ତାହା ବଖାଣି ଥିଲେ।



ଗ୍ରାମବାସୀ ବଡ଼ମାଳ ରେଞ୍ଜ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି।

# କ୍ଷତିପୂରଣ ଦାବିରେ ରେଞ୍ଜରଙ୍କୁ ଘେରିଲେ

ଅମରପାଲି/ରେଢ଼ାଖୋଲ,୩୦।୭ (ଡି.ଏନ୍.ଏ.)

■ **୨ଦିନ ହେଲା ରେଙ୍ଗାଲିରେ ଦନ୍ତା ଉପଦ୍ରବ**
■ **ବନ ବିଭାଗ ନୀରବ**
■ **୪ ପରିବାରର ୮ ବଖରା ଘର ଭାଙ୍ଗିଲା**

ରବିବାର ଓ ସୋମବାର ୨ ଦିନ ହେବ ରେଢ଼ାଖୋଲ ବନଖଣ୍ଡ ବଡ଼ମାଳ ରେଞ୍ଜ ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ଏକ ଦନ୍ତାହାତୀ ଉପଦ୍ରବ ଚଳାଇଛି। ହାତୀ ୪ ପରିବାରର ୮ ବଖରା ଘର ଭାଙ୍ଗିଦେବା ସହ ଧାନଚାଉଳ ଖାଇଦେଇଛି। ଏପରିକି ଘରେ ଥିବା ଆସବାବପତ୍ର ଭାଙ୍ଗିରୁଜି ଛାରଖାର କରିଦେଇଛି। ଗ୍ରାମର ଝରିଆ ରଣା, ବଇଜୁ ବଡ଼ିଆ, ସୁବାସିନୀ ପ୍ରଧାନ ଓ ଦାମୋଦର ପ୍ରଧାନ ଏବେ ବାସହରା ହେବା ସହ ସର୍ବସ୍ୱାନ୍ତ ହୋଇଛନ୍ତି। ସୁବାସିନୀଙ୍କ ୨ ବଖରା ମାଟି ଘର, ଝରିଆ, ବଇଜୁ ଓ ଦାମୋଦରଙ୍କ ପକ୍କା ଘର ନଷ୍ଟ ହୋଇଛି। ଗ୍ରାମବାସୀ ଏବେ ଭୟ ଓ ଆତଙ୍କରେ କାଳାତିପାତ କରୁଛନ୍ତି। ଗ୍ରାମବାସୀ ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ଆସି କେବଳ ଅନୁଧ୍ୟାନ କରି ଫେରିଯାଇଛନ୍ତି। ହେଲେ ହାତୀ ଘଉଡ଼ାଇବା ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ହାତୀ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀଟି ଗାଁ ଛାଡ଼ି ଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ବନ କର୍ମଚାରୀଙ୍କ ନିଷ୍କ୍ରିୟତା ପ୍ରତିବାଦରେ ମଙ୍ଗଳବାର ବଡ଼ମାଳ ସରପଞ୍ଚ ସଦାନନ ପ୍ରଧାନ, ରେଙ୍ଗାଲି ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ମଲ୍ଲିକ ଓ ରତନ ସେଠୀଙ୍କ ନେତୃତ୍ୱରେ ଗ୍ରାମବାସୀ ବଡ଼ମାଳ ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଥିଲେ। ଅପରାହ୍ନରେ ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରି କ୍ଷତିପୂରଣ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଘେରାଉ ବେଳେ ବିରଞ୍ଚି ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଜେନା, ବିଜୟ ଜେନା, ବୁଲୁ ଜେନା, ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨ ବର୍ଷ ହେବ ଏହି ଦନ୍ତା ହାତୀ ବଡ଼ମାଳ ରେଞ୍ଜ ଅଞ୍ଚଳରେ ନିୟମିତ ବ୍ୟବଧାନରେ ଉପଦ୍ରବ କରି ବହୁ ଧନଜୀବନ ନଷ୍ଟ କରିଲାଣି।

# ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଉଲୁଣ୍ଡା, ୩୦।୭(ଡି.ଏନ.ଏ.)



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଟିକେଶ୍ୱର ପାଣ୍ଡିଆ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ପ୍ରମୁଖ ଶୁଭଶ୍ରୀ କର୍ଣ୍ଣଙ୍କ ପରିଚାଳନାକ୍ରମେ ୯୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ବିଜ୍ଞାନ, ବୈଦିକ ଗଣିତ ଓ ସଂସ୍କୃତଜ୍ଞାନ ଉପରେ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ସ୍ଥାନୀୟ ଆଞ୍ଚଳିକ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରହ୍ଲାଦ ସାହୁ, ନନ୍ଦକିଶୋର ତ୍ରିପାଠୀ, ଗୋରାଚାନ୍ଦ ଥନାପତି ଯୋଗଦେଇ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ୭ଟି ପ୍ରକଳ୍ପକୁ ମନୋନୀତ କରିଥିଲେ। ଉଦଯାପନୀ ଉତ୍ସବରେ ଉଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ଦେବରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନୋନୀତ ହୋଇଥିବା ପ୍ରକଳ୍ପମଧ୍ୟରୁ ବାଳବର୍ଗର କୁନି ବୈଜ୍ଞାନିକ ବସୁନ୍ଧରା ବାରିକ, ସ୍ୱରୁପା ପାଣ୍ଡିଆ, ନନ୍ଦିତା ପାଣ୍ଡିଆ, ଶିଶୁବର୍ଗର ରୁଦ୍ରଦେବ ମହାକୁର, ଅଖିଳେଶ ସିଂ, ସୌମ୍ୟରଞ୍ଜନ ପୁରୋହିତ, ସ୍ମାଇଲ ସାମଲଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା ପରିଷଦ ଉପସଭାପତି ଚିତ୍ତରଞ୍ଜନ ପୂଝାରିଙ୍କ ସମେତ ରଜତ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।


**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**

Cont.15 (359)/2019/JNP-PLB  Date : 30.07.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular **Road Transport Contractor(s)** for transportation of food grains from **RH, Jagannathpur/FSD, Jagannathpur/SWC, Jagannathpur/ CWC, Berhampur to FSD, Phulbani** for a period of two years. The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI website **www.fci.gov.in.**

REGIONAL INSTITUTE OF PLANNING, APPLIED ECONOMICS AND STATISTICS
**(RIPAE&S); PLOT NO.-A/65, NAYAPALLI, BHUBANESWAR-12**
**(A Govt. Training Institute under Planning & Convergence Department)**
**No. 931/ RIPAE&S/17/2019 Bhubaneswar Dt.30.07. 2019**

**TENDER CALL NOTICE**

[For award of contract for catering services to RIPAE&S, Bhubaneswar]

**No.06-X:-** Sealed tenders are invited from intending service providers having valid GST Registration No. for providing catering services to RIPAE&S, Bhubaneswar.

The detailed tender document may either be downloaded from the website **www.ripaesodisha.nic.in** or can be obtained in person from the Office of Director, RIPAE&S, Bhubaneswar in any working day from **31.07.2017 to 14.08.2019** between 11.00 A.M. to 4.00 P.M. on payment of Rs.500/- in cash or in shape of Bank Draft for Rs.500/- which is non-refundable. The downloaded Tender Document from the website should be submitted along with a Bank Draft/Bankers Cheque of Rs.500/- (non-refundable). The Bank Draft/ Bankers cheque should be in favour of **Assistant Director, RIPAE&S, A/65, Nayapalli, Bhubaneswar-12.**

The tender document will be received only through speed post/ registered post during office hour. The last date and time for receipt of filled in Tender Documents is **16.08.2019 by 5.00 P.M.** The office shall not be responsible for any kind of postal delay.

**Tender Schedule**

- Sale of tender Papers: - **31.07.2019 to 14.08.2019** between 11.00 A.M. to 4.00 P.M.
- Last date of submission of filled-in tender paper:- **16.08.2019** by 5.00 PM.
- Date, time & venue of opening of tender paper:–**17.08.2019** in the office of the Director, RIPAE&S, A/65, Nayapalli, Bhubaneswar at 11.00 A.M.

Tenders received after due date and time will be summarily rejected. The undersigned reserves the right to extend the date and accept or reject any or all tenders without assigning any reasons thereof.

**Sd./- Director**
**21005/11/0003/1920**

**JAJPUR MUNICIPALITY, JAJPUR**
**QUOTATION CALL NOTICE**

**No.1890**  **Dt.30.07.19**

Jajpur Municipality invites sealed quotation for lifting of dumping garbages from existing municipal trenching ground at Kodandpur at Jajpur Municipality for execution of Micro Compost Centre & Material recovery Centre for SWM. Intending contractors / firms for execution of the above work can take part in the quotation. The quotation paper containing general bid information including terms & conditions for execution of works will be available on payment of Rs.4000.00/- (Rupees Four Thousand) towards paper cost from 30.07.2019 to dt.09.08.2019 by 12 noon in the working days & hours respectively in Municipal Office, Jajpur. The bidders / quotationist are to pay 1% of the quoted rate towards EMD in shape of demand draft drawn in favour the Executive Officer, Jajpur Municipality payable at Jajpur. The bidders / quotationers are to drop the quotation paper duly filled in the tender box kept in the Municipal Office on or before dtd.09.08.2019 by 2.00 P.M/ which shall be opened on dtd.09.08.2019 at 03.00 P.M. in presence of the bidders or their authorized representatives. The date of opening shall not be deferred in the absence of either the bidders or their authorized representatives.

The authority reserves the right to reject or cancel the notice without assigning any reason thereof.

**Sd./- Executive Officer**
**Jajpur Municipality**

**GOVERNMENT OF ODISHA**  **No. 163-A:**
**e-Procurement Notice**
**OFFICE OF THE SUPERINTENDING ENGINEER**
**KBK MINOR IRRIGATION CIRCLE-II, JEYPORE**
Phone/Fax (06854) 230802, sekbkmi2@yahoo.co.in

No. **1276**, WE  Dt.25.07.2019

**e-Procurement Notice**
**BID ID No. SEKBKMIC-II 02/2019-20**

| | | |
|---|---|---|
| 1. | Name of the Work | : Construction of Head works of Karanja MIP (D/W) in Chandrapur Block of Rayagada District under RIDF-XXIV |
| 2. | No. of works | : 1 (One) No. |
| 3. | Estimated Cost | : Approximately Rs. 244.89 Lakh |
| 4. | Period of Completion | : 11 (Eleven) Calendar Months |
| 5. | Date and time of availability of Bid documents in portal | : From 06.08.2019 (10.00AM) to 26.08.2019 (5.00PM) in Website (www. tendersodisha.gov.in) |
| 6. | Last Date/time for receipt of Bids in the portal | : 26.08.2019 (Upto 5.00PM) through online only. |
| 7. | Date of opening of Bid | : 11.00AM onwards on 27.08.2019 |
| 8. | Date of receipt of Bid cost and Bid Security on online Payment mode | : From 06.08.2019 (10.00AM) to 26.08.2019 (5.00PM) |
| 9. | Name and Address of OIT | : Superintending Engineer, KBK MI Circle-II, Jeypore |

Further details can be seen from the e-Procurement market place http:// tendersodisha.gov.in.

***Superintending Engineer***
***KBK MI Circle-II, Jeypore***
32262/11/0002/1920

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର**

ପତ୍ରସଂଖ୍ୟା: ୩୮୮୯/  **ବିଜ୍ଞାପନ**  ତାରିଖ: ୩୦।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଅଧୀନରେ ଥିବା ସାତଗୋଟି ବ୍ଲକ୍ ଯଥା:– କେନ୍ଦୁଝର, ଘଟଗାଁ, ହରିଚନ୍ଦନପୁର, ପାଟଣା, ସାହାରପଡ଼ା, ବାଂଶପାଳ ଓ ତେଲକୋଇ ବ୍ଲକ୍ ଅନ୍ତର୍ଭୁକ୍ତ ଅନୁସୂଚିତ ଜନଜାତି (ST) ଯେଉଁମାନେ BPL ଅନ୍ତର୍ଭୁକ୍ତ ଥିବେ କିମ୍ବା ବାର୍ଷିକ ଆୟ ମୋଟ ଟ.୩୦,୦୦୦/– ମଧ୍ୟରେ ହୋଇଥିବ ସେମାନଙ୍କୁ ଜିଲ୍ଲା ତଥା ଜିଲ୍ଲା ବାହାରେ ଅବସ୍ଥିତ ବିଭିନ୍ନ ତାଲିମ୍ କେନ୍ଦ୍ରମାନଙ୍କରେ କୌଶଳ ବିକାଶ ଓ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ (Skill Development & Placement Linked Employability Training) ପ୍ରଦାନ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆବେଦନକାରୀଙ୍କ ବୟସ ସୀମା ତା୦୧।୧୨।୨୦୧୯ରିଖ ସୁଦ୍ଧା ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହି ତାଲିମ୍ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଯେଉଁମାନେ ITDA ତରଫରୁ ଏହି ତାଲିମ୍ ପୂର୍ବରୁ ପାଇଛନ୍ତି ତଥା ବର୍ତ୍ତମାନ କୌଣସି ଶିକ୍ଷାନୁଷ୍ଠାନରେ ପଢୁଛନ୍ତି, ସେମାନଙ୍କର ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର କିମ୍ବା ନିଜ ବ୍ଲକ୍ ଅନ୍ତର୍ଗତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (WEOs)ଙ୍କ କାର୍ଯ୍ୟାଳୟରେ ନିମ୍ନରେ ପ୍ରଦତ୍ତ ଆବେଦନ ଫର୍ମରେ ଆବଶ୍ୟକୀୟ ପ୍ରମାଣପତ୍ର ଯଥା– ଆଧାରକାର୍ଡ଼, ଶିକ୍ଷାଗତ ଯୋଗ୍ୟତା, ଆବାସିକ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ବୟସ ପ୍ରମାଣପତ୍ର, ବି.ପି.ଏଲ୍. କିମ୍ବା ଆୟ ପ୍ରମାଣପତ୍ର ସଂଲଗ୍ନ କରି ତା୧୪।୦୮।୨୦୧୯ରିଖ ସୁଦ୍ଧା ଦାଖଲ କରିବେ। ପ୍ରମାଣପତ୍ର ଯାଞ୍ଚ ତଥା ପରାମର୍ଶ (Counselling) ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ତା୨୦।୦୮।୨୦୧୯ରିଖଠାରୁ ୨୧।୦୮।୨୦୧୯ରିଖ ପର୍ଯ୍ୟନ୍ତ ଆବେଦନକାରୀ ଅସଲି ପ୍ରମାଣପତ୍ର (Original documents) ସହ ଉପସ୍ଥିତ ରହିବେ। ଏହାର ସବିଶେଷ ବିବରଣୀ ଅତ୍ର କାର୍ଯ୍ୟାଳୟ/ ସାତଗୋଟି ବ୍ଲକ୍ ଅଫିସ୍‌ର WEO ଏବଂ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.inରେ ଉପଲବ୍ଧ ହେବ।

**ସ୍ୱା./– ପ୍ରକଳ୍ପ ପ୍ରଶାସକ**
**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର**

**THE ODISHA STATE CO-OPERATIVE MILK PRODUCERS' FEDERATION LIMITED**
www.omfed.com  D/2, Sahid Nagar, Bhubaneswar, Pin-751007, Odisha
Ph.: 0674-2540273 / 2546030, 2544576, Tele Fax : 0674-2540974, E-mail : omfed@yahoo.com

**TENDER FOR PARTITION WORK AT OMFED CORPORATE OFFICE**

OMFED invites sealed Tenders from experienced civil contractors for execution of the **"PLANNING, INTERIOR DESIGN, INTERNAL ELECTRIFICATION WITH FURNITURE/ FIXTURE/ WORK STATION FOR SET UP A MANAGER & ASST. MANAGER ROOM AT THIRD FLOOR OF OMFED CORPORATE OFFICE, SAHID NAGAR, BHUBANESWAR".** Interested bidders may download the Tender document from the OMFED website **www.omfed.com**. Bid document will be available in the website from **10.00 AM** of **31/07/2019** to **5.00 PM** of **14/08/2019** for bidding. Bid shall be opened at **03.00 PM** on **16/08/2019** at the OMFED Corporate Office in the presence of the interested bidders. The corrigendum, if required, shall only be published in Omfed website. Management reserves the right to accept or reject any or all the bid documents or part thereof without assigning any reason.  **Managing Director**

**Request for Proposal (RFP) for Outsourcing of Mechanized Laundry Services at the health institutions of Subarnapur District**

**Advt. No.967**  **Date : 29.07.2019**

Sealed proposal as per the prescribed RFP documents are invited from interested eligible bidders for Outsourcing of Mechanized Laundry Services with Supply of Bed Sheets at Govt. Health Institutions of the District. The details of the tender is available website: **https://subarnapur.nic.in.**

Proposal completed in all respect should reach this office by Speed Post / Registered Post / Courier on or before 29.08.2019 (till 12.00 Noon) & the technical proposal shall be opened on 29.08.2019 at 4.00 PM in the DTU. The bidders or their representatives may present at the time of opening.

The undersigned reserves the right to reject any or all the proposals without assigning any reason thereof.

**Sd./- (Dr. P.K Guru)**
**CDM & PHO, Subarnapur**

ଫୋନ–୦୬୬୭୮–୨୨୧୨୩୯
ଇ.ମେଲ୍.–ଏନଏସିକେଏଚଆରଡ଼ି@ରେଡିଫମେଲ.କମ୍

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ**

**ପତ୍ର ସଂଖ୍ୟା.2510**  **ତାରିଖ.29.07.2019**

**ଟେଣ୍ଡର ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମଙ୍ଗଳବଜାର ସାପ୍ତାହିକ ହାଟ ତା.୧୯।୦୮।୨୦୧୯ରିଖଠାରୁ ତା.୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବା ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା.୨୯।୦୭୨୦୧୯ରିଖଠାରୁ ତା.୦୮।୦୮।୨୦୧୯ରିଖ ମଧ୍ୟରେ କାର୍ଯ୍ୟଦିବସଗୁଡିକରେ ପୂର୍ବାହ୍ନ ଘ.୧୦ଟିକାରୁ ଅପରାହ୍ନ ଘ.୫.୩୦ମିନିଟ୍ ମଧ୍ୟରେ ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ **www.nuapada.nic.in**ରୁ ଦେଖିପାରିବେ।

**ସ୍ୱା./- ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ**
**ଖରିଆର ରୋଡ**

Government of Odisha
Social Security & Empowerment of PwDs Department
**SIDR Building, Capital Hospital Campus, Unit-6, Bhubaneswar-751001**

**Expression of Interest**
**for providing/ managing services for Promotion of Transgender equality & justice under SWEEKRUTI scheme**

**No. 6717**  **Date: 30.07.2019**

**No.09-gg:-** The EOI aims to empanel successful agencies that will be responsible for Promotion of Transgender equality & justice under SWEEKRUTI scheme. The details of scope of work, eligibility criteria and submission of details can be downloaded from website http://www.ssepd.gov.in. Last date and time for submission of the EOI documents by speed post/ Registered post / courier/ hand in all working days up to 4:00 PM of 19/08/2019.

This EOI does not entail any commitment on the part of SSEPD Deptt, Govt. of Odisha either financial or otherwise. SSEPD Deptt, Govt. of Odisha reserves the right to accept or reject any or all without incurring any obligation to inform the affected applicant/s of the grounds. The EOI will be evaluated based on the information provided.

**Sd./- Joint Secretary,**
**SSEPD Deptt., Govt. of Odisha**
**46001/11/0009/1920**

**NOTIFIED AREA COUNCIL, DIGAPAHANDI**
**GANJAM, ODISHA, PIN-761012**
**Phone : 06814-247330, Fax : 06814-247331**
**(E-mail) : dgp_nac@yahoo.com, digapahandi@ulborissa.gov.in**
**Letter No.1410/DIGNAC**  **Date : 29.07.2019**

**QUOTATION CALL NOTICE**

Sealed quotations are invited from different manufacturers/ Authorised dealers/ Suppliers for supply of Sanitary Items. The rate should be quoted against the item including all taxes and delivery charges of the goods at NAC, Digapahandi . The Quotationers / bidders must enclose their GST Registration certificate, PAN card, Copy of latest IT return etc. The Quotationers /bidders shall be required to produce the original copy of the required documents before the undersigned at the time of opening of Quotation for Certification. The schedule is available in NAC, Digapahandi in office hours.(i.e from 30-07-2019 to 07-08-2019). The Quotation should reach to the undersigned by hand / by regd. Post /Dropped in Office Sealed Tender Box on or before Date-07-08-2019, Time-1.00 P.M , Same will be opened on same date- i.e 07-08-2019, Time - 4.00 P.M in presence of respective quotationers or their authorised representatives. If the Opening date will be in holiday then the next date will open the Tender. The Authority reserves the right to reject any or all the quotations without assigning any reason thereof.

| Item description | Paper cost |
|---|---|
| Sanitary goods detali in office schedule | Rs.200/- (Rupees Two hundred) only |

**Sd./- Executive Officer**
**N.A.C, Digapahandi**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BALLIGUDA
Phone No.-06846-243114
Mobile No: 9437562286  **No.207-O**
E-Mail: rw_balliguda@yahoo.com

**No. 2196 / RWDB**  **Dated: 20.07.2019**

Government of Odisha e-Procurement Notice
**Bid Identification No. Online Tender/ 01 /EE RWD BLG/2019-20**

| | | | |
|---|---|---|---|
| **1** | **Name of the work** | : | **Building Works.** |
| **2** | **Total Number of Works** | : | **9 (Three) Nos.** |
| **3** | **Estimated cost** | : | **As per Annexure** |
| **4** | **Class of Contractors** | : | **As per Annexure** |
| **5** | **Period of Completion** | : | **As per Annexure** |
| **6** | **Others Details** | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works Division Balliguda | Online Tender/ 01 /EE RWD BLG/ 2019-20 | 01.08.2019 at 10.00 AM | 15.08.2019 up to 5.00 PM |

Further details can be seen from the e-procurement portal website **www.tendersorissa.gov.in**

**Executive Engineer**
**Rural Works Division**
**Balliguda**
25150/11/0001/1920

DISTRICT PROJECT OFFICE
SAMAGRA SHIKSHA, SAMBALPUR

**No.1265/MIS**  **Date : 27.07.2019**

**SHORT TENDER CALL NOTICE**
**FOR**
**SUPPLY OF OFFICE STATIONERIES AND COMPUTER CONSUMABLES IN DPO, SSA, SAMBALPUR**

Sealed tenders are invited from local registered firms/ suppliers of Sambalpur having GST Registration, PAN No. etc. towards supply of Office Stationeries and Computer Consumables in piecemeal for the District Project Office, SSA, Sambalpur. The last date of receipt of sealed tender is dt 09.08.19 upto 03.00 P.M. The completed tender document should be sent to the undersigned by Speed Post/ Registered post/ Courier only. The envelope containing tender document must be superscribed as 'Tender for supply of office stationeries and Computer Consumables for DPO, SSA, Sambalpur". Interested eligible bidders may download all Documents from website **www.sambalpur.nic.in.** Corrigendum/ Addendum if any will be uploaded in the mentioned website. So the interested eligible bidders are requested to be in continuous touch with the mentioned website.

The authority reserves the nght to reject the tender without assigning any reason thereof.

***By order of Collector-cum-Chairman, SSA, Sambalpur.***

**Sd./- District Project Coordinator**
**SSA, Sambalpur**



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।

- ଏଡ୍‌ୱର୍ଥ

## ସଂକ୍ଷେପରେ

### ଦୁର୍ଘଟଣାରେ ମୃତକଙ୍କ ପରିଚୟ ମିଳିଲା

**ଦେବଗଡ,୩୦।୭(ଡି.ଏନ.ଏ) :** ଦେବଗଡ଼ ସହର ପୁରୁଣାଗଡ ସ୍ଥିତ ରିଆମାଳ ଛକ ଦେଇ ଯାଇଥିବା ୫୩ନଂ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଥିଲା। ହେଲେ ମୃତକଙ୍କ ପରିଚୟ ମିଳିପାରି ନଥିଲା। ମଙ୍ଗଳବାର ମୃତକଙ୍କ ପରିଚୟ ମିଳିଛି। ସେ ହେଲେ ରିଆମାଳ ବ୍ଲକର କୁଣ୍ଡେଇଗୋଲା ଗ୍ରାମର ମନୋଜ ଦଳବେହେରା(୨୮)।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ନଦୀଜଳ ପ୍ରଦୂଷଣ ରୋକିବାକୁ

# ୨୬ ସହରରେ ହେବ ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

- ବାଲେଶ୍ୱର, କଟକରେ ଅକ୍ଟୋବର ସୁଦ୍ଧା କାମ ସାରିବେ ସରକାର
- ରାଜ୍ୟର ୫ ନଦୀଜଳ ପ୍ରଦୂଷିତ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ରାଜ୍ୟର ସହରାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳକୁ ବିଶୋଧନ କରା ନ ଯାଇ ସିଧାସଳଖ ନଦୀକୁ ଛଡ଼ାଯାଉଥିବା ଯୋଗୁ ନଦୀଜଳ ପ୍ରଦୂଷିତ ହେଉଛି। ତେଣୁ ସହରାଞ୍ଚଳ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳର ବିଶୋଧନ ଏବଂ ପରିଚାଳନା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଧାୟକ ବ୍ୟୋମକେଶ ରାୟ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଲିଖିତ ଉତ୍ତରରେ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ରାଜ୍ୟର ସମସ୍ତ ସହରାଞ୍ଚଳରୁ ବାହାରୁ ଥିବା ଜୈବିକ ଓ ଅଣଜୈବିକ ବର୍ଜ୍ୟବସ୍ତୁକୁ ପୃଥକ୍‌ଭାବେ ସଂଗ୍ରହ କରାଯାଉଛି। ତାକୁ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରକୁ ପଠାଯାଇ କମ୍ପୋଷ୍ଟ ପ୍ରସ୍ତୁତ କରାଯାଉଛି। ତାହାକୁ ନେଇ କୃଷିକାର୍ଯ୍ୟରେ ବ୍ୟବହାର କରିବାକୁ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ପ୍ରବାହିତ ମହାନଦୀ, କୁଆଖାଇ, କାଠଯୋଡ଼ି ଏବଂ ବ୍ରାହ୍ମଣୀ ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଓଡବ୍ଲ୍ୟୁଏସ୍‌ଏସ୍‌ବି ମାଧ୍ୟମରେ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ରାଉରକେଲା ଆଦି ସହରଗୁଡ଼ିକରେ ନୂତନ ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହାସହ ୭ ସହର ଯଥା: ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ବାରିପଦା, ପୁରୀ ଓ ଢେଙ୍କାନାଳରୁ ନିର୍ଗତ ସେପ୍‌ଟେଜ୍‌କୁ ବିଶୋଧନ କରିବା ପାଇଁ ନୂତନ ସେପ୍‌ଟେଜ୍ ପ୍ଲାଣ୍ଟ ନିର୍ମାଣ ହେଉଛି। ବାଲେଶ୍ୱର ଏବଂ କଟକ ସହରର ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ମନ୍ତ୍ରୀ କହିଛନ୍ତି। ଅନୁଗୋଳରେ ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣାଧୀନ ରହିଛି। ଏହା ବ୍ୟତୀତ ରାଜ୍ୟର ଅନ୍ୟ ୨୬ ସହରାଞ୍ଚଳରେ ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଏହାବ୍ୟତୀତ ସହରର ନାଳରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ନଦୀକୁ ନ ଯିବା ଲାଗି ସମସ୍ତ ସହରରେ ଥିବା ନାଳରେ ଜାଲି ଲଗାଇବାକୁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଜେନା ଉତ୍ତର ରଖିଛନ୍ତି। ଯଦି ସରକାର ଏତେ ବ୍ୟବସ୍ଥା କରିଛନ୍ତି, ତେବେ ରାଜ୍ୟରେ ଥିବା ନଦୀଜଳ କାହିଁକି ପ୍ରଦୂଷିତ ହେଉଛି ତାକୁ ନେଇ ବିରୋଧୀ ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ସେହିପରି ବିଭିନ୍ନ ନଦୀକୂଳରେ ସରକାର ପ୍ରଦୂଷଣ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରିଛନ୍ତି ବୋଲି କହୁଥିଲେ ମଧ୍ୟ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଭିନ୍ନ।

ଅନ୍ୟପଟେ ସମାନଦିନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ କହିଛନ୍ତି, ରାଜ୍ୟରେ ୫ ନଦୀଜଳ ପ୍ରଦୂଷିତ ହୋଇଛି। ମହାନଦୀ, ଶଙ୍ଖ, କୋଏଲ, ବ୍ରାହ୍ମଣୀ ଓ ବୈତରଣୀ ନଦୀଜଳ ପ୍ରଦୂଷିତ ହୋଇଯାଇଛି। ମହାନଦୀର ୨ଟି, ଶଙ୍ଖ ଓ କୋଏଲ ନଦୀର ଗୋଟିଏ ସ୍ଥାନରେ ଜଳ ପ୍ରଦୂଷିତ ହୋଇଛି। ସେହିପରି ବ୍ରାହ୍ମଣୀର ୪ ଏବଂ ବୈତରଣୀର ୩ ସ୍ଥାନରେ ଜଳ ପ୍ରଦୂଷିତ ହୋଇଛି। କଟକ ଓ ସମ୍ବଲପୁର ସହରର ପରିତ୍ୟକ୍ତ ଜଳ ମହାନଦୀରେ ମିଶୁଥିବାରୁ ମହାନଦୀର ଦୁଇଟି ସ୍ଥାନରେ ଜଳ ପ୍ରଦୂଷିତ ହୋଇଛି। ସେହିପରି ରାଉରକେଲା ସହରର ପରିତ୍ୟକ୍ତ ପାଣି ଓ ଷ୍ଟିଲ ପ୍ଲାଣ୍ଟର ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁ ବ୍ରାହ୍ମଣୀ ନଦୀ ପ୍ରଦୂଷିତ ହେଉଥିବା ମନ୍ତ୍ରୀ ଆରୁଖ କହିଛନ୍ତି।

## ଆଦ୍ୟାଶାଙ୍କ ପାଠପଢା ଦାୟିତ୍ୱ ନେବେ ଡାକ୍ତର

**ଦୁଃଖ ଯେବେ ଆସେ....**

- ବାପାଙ୍କ ମୃତ୍ୟୁ ଘଟିଛି
- କାକା ସ୍ନାୟବିକ ରୋଗରେ ଆକ୍ରାନ୍ତ
- ମା' କ୍ୟାନସରରେ ପୀଡିତ
- ଝିଅର ପାଠ ପଢା ଚିନ୍ତା

**ଚିପିଲିମା,୩୦।୭ (ଡି.ଏନ୍.ଏ)–**

ସମ୍ବଲପୁର ସହର ଉପକଣ୍ଠ ଠେମରାର ସ୍ୱର୍ଗତ ସରୋଜ ନାଥଙ୍କ ଝିଅ ଆଦ୍ୟାଶା। ଏବେ ସେ ଗାଁର ସରକାରୀ ସ୍କୁଲରେ ୮ମ ଶ୍ରେଣୀ ଛାତ୍ରୀ। ବାପାଙ୍କ ପରଲୋକ ଯେତିକି କଷ୍ଟ ନ ଦେଇଛି ତାହାଠୁ ଅଧିକ ଯନ୍ତ୍ରଣା ଦେଉଛି ତାଙ୍କ ମା' ସୁନୀତାଙ୍କୁ ଏବେ କ୍ୟାନସର। କାକା ସମୀର ନାଥ ଭୋଜିଭାତରେ ରୋଷେୟା ଭାବେ କାମ କରି ଭାଉଜ ଓ ଝିଆରୀ ମୁହଁରେ ଆହାର ଦେଉଥିଲେ। ହେଲେ ସେ ବି ଏବେ ଭୟାନକ ସ୍ନାୟବିକ ରୋଗରେ ଆକ୍ରାନ୍ତ। ଏଭଳି ପରିସ୍ଥିତିରେ ବୁର୍ଲା ଭିମ୍‌ସାରରେ କାର୍ଯ୍ୟରତ ସିନିୟର ରେସିଡେଣ୍ଟ ଡାକ୍ତର ଶଙ୍କର ରାମଚନ୍ଦାନୀ ଏହି ପରିବାରକୁ ବିପଦ ସମୟରେ ସହଯୋଗର ହାତ ବଢାଇଛନ୍ତି। ସେ ଠେମରାର ଏହି ନାଥ ପରିବାର ନିକଟରେ ପହଞ୍ଚି ସେମାନଙ୍କ ଭିତରେ ଆଶା ଜନ୍ମାଇଛନ୍ତି। ସ୍ନାୟବିକ ରୋଗରେ ଆକ୍ରାନ୍ତ ଆଦ୍ୟାଶାଙ୍କ କାକା ସମୀରଙ୍କୁ ଭିମ୍‌ସାରେ ଆସି ଭର୍ତ୍ତି ହେବାକୁ ପରାମର୍ଶ ଦେଇଛନ୍ତି। ଏବେ ସରକାରଙ୍କ ପକ୍ଷରୁ ରୋଗୀଙ୍କ ପାଇଁ ସବୁ ଚିକିତ୍ସା ବ୍ୟବସ୍ଥା ମାଗଣାରେ କରାଯାଉଛି। ଏଣୁ ଡାକ୍ତରଖାନା ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ମାଗଣାରେ ଯୋଗାଇ ଦେବାକୁ ସେ ଉଦ୍ୟମ କରିବେ ବୋଲି ସମୀରଙ୍କୁ ଆଶ୍ୱାସନା ଦେଇଛନ୍ତି। ସେହିଭଳି ନିଜେ ଉଦ୍ୟମ କରି ଜିଲା ରେଡ୍‌କ୍ରସ ପାଣ୍ଠିରୁ ଆଦ୍ୟାଶାଙ୍କ ମା' ସୁନୀତାଙ୍କ ପାଇଁ ୩୦ ହଜାର ଟଙ୍କାର ସହାୟତା ଆଣିବାରେ ସକ୍ଷମ ହୋଇଛନ୍ତି। ରେଡକ୍ରସ ଏଥିପାଇଁ ସମ୍ମତି ଦେଇଛି। ଖୁବ୍ ଶୀଘ୍ର ଏହି ଟଙ୍କା ସୁନୀତାଙ୍କୁ ରେଡକ୍ରସ ପକ୍ଷରୁ ଦିଆଯିବ। ଅପରପକ୍ଷେ ରାମଚନ୍ଦାନୀ ଆଦ୍ୟାଶାଙ୍କ ସମ୍ପୂର୍ଣ୍ଣ ପାଠ ପଢା ଖର୍ଚ୍ଚ ତୁଲାଇବେ ବୋଲି ମଧ୍ୟ କଥା ଦେଇଛନ୍ତି। ତେବେ ଡାକ୍ତର ହେବାକୁ ଇଚ୍ଛା ବୋଲି ଆଦ୍ୟାଶା କହିବାରୁ ଭଲ ପାଠ ପଢି ଡାକ୍ତରୀ ପଢିବାକୁ ପ୍ରସ୍ତୁତି ଚଳାଇଲେ ତାହା ବି ସେ ଭରଣା କରିବେ ବୋଲି ଆଦ୍ୟାଶାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଦି ଦି ଜଣଙ୍କ ଚିକିତ୍ସା ଓ ଝିଅର ପାଠ ପଢାକୁ ନେଇ ଚିନ୍ତିତ ଥିବା ନାଥ ପରିବାର ଏବେ ଟିକିଏ ଚିନ୍ତାମୁକ୍ତ ହେବା ସହ ଡାକ୍ତର ରାମଚନ୍ଦାନୀଙ୍କୁ କୃତଜ୍ଞତା ଦେଇଛନ୍ତି।

## ଧାନ ବେଉଷଣ ଚାଷ ଠପ, ଚାଷୀ ହତାଶ

**ରିଆମାଳ, ୩୦।୭(ଡି.ଏନ୍.ଏ.):**

ରିଆମାଳ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ବର୍ଷା ଅଭାବରୁ ଧାନ ବେଉସଣ ଚାଷ ହୋଇ ନପାରିବାରୁ ଚାଷୀକୁଳ ହତାଶ ହାଇପଡ଼ିଲେଣି। ରିଆମାଳ ବ୍ଲକ କୃଷି ବିଭାଗ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୨୦୦.୩୦ ମିଲିଲିଟର ବର୍ଷା ହୋଇଥିବା ବେଳେ ସୋମବାର ବ୍ଲକର ସମ୍ପୂର୍ଣ୍ଣ ଅଞ୍ଚଳରେ ୧୭.୪ ମିଲିମିଟର ବର୍ଷା ହୋଇଥିବାର ରେକର୍ଡ ହୋଇଅଛି। ଅପରପକ୍ଷରେ ଗୋହିରା ଜଳ ପ୍ରକଳ୍ପରୁ କେନାଲ ପାଣିରେ ବବରାକୋଟ, ମଲେହୀପଡ଼ା, ରିଆମାଳ, ଧରମପୁର, ବୁଡ଼ିଦୋ, ଘମମୁଣ୍ଡା, ରଙ୍ଗମାଟିଆ ଆଦି ଗ୍ରାମରେ କୋଡିଏ ପ୍ରତିଶତ ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଅଛି। ଆଗାମୀ ଦିନରେ ୧୦ ଦିନ ପର୍ଯ୍ୟନ୍ତ କେନାଲରେ ଜଳ ପ୍ରବାହିତ ହେଲେ ପଚାଶ ପ୍ରତିଶତ ଜମିରେ ଚାଷ କାର୍ଯ୍ୟ ସମ୍ଭବ ବୋଲି ଅନୁମାନ କରାଯାଉଅଛି। ବାକି କୋଡିଏଟି ଗ୍ରାମ ପଞ୍ଚାୟତରେ ପ୍ରବଳ ମାତ୍ରାରେ ବର୍ଷା ହେଲେ ଚାଷ କାର୍ଯ୍ୟ ସମ୍ଭବ ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଅଛି। ଯଦି ଆଗାମୀ ପାଞ୍ଚ ଦିନ ମଧ୍ୟରେ ଭଲ ଭାବରେ ବର୍ଷା ନହୁଏ ଧାନଗଛ ବୁଢ଼ା ହେବା ସହିତ ମରୁଡ଼ି ସୁନିଶ୍ଚିତ ବୋଲି ସ୍ପଷ୍ଟ ବାରି ହୋଇପଡୁଅଛି।



ଜରାଶ୍ରମରେ ବୁଲା ଗୋରୁ।

## ଜରାଶ୍ରମ ସାଜିଛି ବୁଲା ଗୋରୁଙ୍କ ଆଶ୍ରୟସ୍ଥଳ

**ଦେବଗଡ,୩୦।୭(ଡି.ଏନ.ଏ)**

ସ୍ଥାନୀୟ ପୁରୁଣାଗଡ ସ୍ଥିତ କଲେଜ ନିକଟରେ ଥିବା ଜରାଶ୍ରମର ପ୍ରାଙ୍ଗଣ ଭିତରେ ବୁଲା ଗୋରୁ ରଖାଯାଇଥିବା ଅଭିଯୋଗ ହେଇଛି । ଖବର ନେବାରେ ଜଣାଯାଏ ଯେ, ଦେବଗଡ ସହରରେ ବୁଲା ଗାଇଗୋରୁ ଷଣ୍ଢ ରାସ୍ତା, ବଜାର ଉପରେ ବେଧଡକରେ ବିଚରଣ କରିବାସହ ରାସ୍ତା ଉପରେ ଠିଆ ହେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନେକ ଜନଗହଳି ସ୍ଥାନରେ ସହରର କେତେକ ଲୋକେ ନିଜ ଗାଇଗୋରୁମାନଙ୍କୁ ଘରେ ନ ବାନ୍ଧି ଏଣେ ତେଣେ ଛାଡି ଦେଉଥିବାରୁ ରାସ୍ତାରେ ବିଚରଣ କରିବା ସହ ବାଡିବଗିଚା, ମାର୍କେଟରେ ଥିବା ହାଟବଜାର, ଘର ମାନଙ୍କରେ ଫଳ, ପନିପରିବା ଇତ୍ୟାଦି ଛଡାଇ ଖାଇବାସହ ରାସ୍ତା ଉପରେ ଦିନ ହେଉ କି ରାତି ଘଣ୍ଟା ଘଣ୍ଟା ଧରି ବିଶ୍ରାମ ନେଉଥିବାରୁ ଜନସାଧାରଣ ନାହି ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ଗାଇଗୋରୁ,ଷଣ୍ଢ ମାନଙ୍କୁ ରଖିବାପାଇଁ କୌଣସି ଆଶ୍ରୟସ୍ଥଳୀ ବା କାଞ୍ଜିଆହୁଦା ନ ଥିବାରୁ ଏପରି ସମସ୍ୟା ସୃଷ୍ଟିହେଉଛି। ତେଣୁ ପୌରପରିଷଦ ଏହି ସମସ୍ୟାର ସମାଧାନ ପାଇଁ କୌଣସି ଜାଗା ନଥିବାରୁ ଉକ୍ତ ଜରାଶ୍ରମରେ ରଖିଥିବା ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଜରାଶ୍ରମ ଭଳି ସ୍ଥାନରେ ବୁଲା ଗାଇଗୋରୁ ରଖିବା ଏକ ଅଜବନୀତି ବୋଲି ସହରରେ ଚର୍ଚ୍ଚା ହେଉଛି । ପୌରପରିଷଦର ଏକ ସ୍ୱତନ୍ତ୍ର କାଞ୍ଜିଆହୁଦା କରି ବୁଲା ଗାଇଗୋରୁ ରଖିବାପାଇଁ ସାଧାରଣରେ ଦାବି ହେଉଛି।

## ବିଭିନ୍ନ ସ୍କୁଲକୁ ଜିଲାପାଳଙ୍କ ଅଚାନକ ଗସ୍ତ

**ଜମନକିରା,୩୦।୭(ଡି.ଏନ୍.ଏ.)**



ଜିଲାପାଳ ଶୁଭମ ସକସେନା ଏକ ସ୍କୁଲକୁ ଯାଇ ସେଠିକାର ସମସ୍ୟା ତଦାରଖ କରୁଛନ୍ତି।

ସମ୍ବଲପୁର ଜିଲାପାଳ ଶୁଭମ ସକକେନା ରବିବାର ଓ ସୋମବାର ଦୁଇଦିନ ଧରି ବିଳମ୍ବିତ ରାତିରେ ଜମନକିରା ବ୍ଲକର ବିଭିନ୍ନ ସେବାଶ୍ରମ ସ୍କୁଲକୁ ଅଚାନକ ଗସ୍ତ କରି ସେଗୁଡ଼ିକର ସମସ୍ୟା ତଦାରଖ କରିଛନ୍ତି। ଜିଲାପାଳ ସକକେନା ଭୋଜପୁର ପଞ୍ଚାୟତ ସଦର ମହକୁମାସ୍ଥିତ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ଥିବା ହଷ୍ଟେଲ ବୁଲି ଦେଖିଥିଲେ। ତେବେ ହଷ୍ଟେଲଗୁଡ଼ିକରେ ଖାଇବା ବ୍ୟବସ୍ଥା ଠିକ୍ ନ ଥିବା ବେଳେ ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଖରାପ ରହିଥିଲା। ଏହାଦେଖି ଜିଲାପାଳ ପ୍ରଧାନ ଶିକ୍ଷକ ଏବଂ ହଷ୍ଟେଲ ପରିଚାଳନାରେ ଥିବା ଶିକ୍ଷକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ବଡ଼ମାଲ ପଞ୍ଚାୟତ ବଞ୍ଜାରୀ ଆଶ୍ରମ ସ୍କୁଲକୁ ଗସ୍ତ କରି ପ୍ରଧାନ ଶିକ୍ଷକ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷକ କ'ଣ ପାଇଁ ରହିନାହାନ୍ତି ସେ ନେଇ କାରଣ ଦର୍ଶାଅ ନୋଟିସ ଦେବାକୁ ଉପ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ବେଳେ ଉପଜିଲାପାଳ ବିଶ୍ୱରଞ୍ଜନ ନାଏକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଡା. ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତା

## ଭକ୍ତିରେ ଭଗବାନ ବଶ ହୁଅନ୍ତି

**ସମ୍ବଲପୁର,୩୦।୭(ବ୍ୟୁରୋ)**



ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷରେ ପ୍ରଫେସର ରୁପା ଗୋସ୍ୱାମୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଭକ୍ତିରେ ଭଗବାନ ବଶ ହୁଅନ୍ତି। ଜଗନ୍ନାଥ ସଂସ୍କୃତିରେ ଭକ୍ତଙ୍କ ଭକ୍ତିରେ ଭଗବାନ ପ୍ରୀତ ହୋଇଥିବା ଦୃଷ୍ଟାନ୍ତ ରହିଛି। ମଙ୍ଗଳବାର ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷରେ ଆୟୋଜିତ ଡା. ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତାମାଳାରେ ବକ୍ତାମାନେ ଏହା କହିଛନ୍ତି। ପବ୍ଲିକ ଲାଇବ୍ରେରି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପ୍ରଫେସର ରୁପା ଗୋସ୍ୱାମୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭକ୍ତି ଓ ଭଗବାନ ବିଷୟରେ ଆଲୋଚନା କରିଥିଲେ। ସଭ୍ୟ ସଚିବ ରଘୁନାଥ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସଚିବ ରାଜେନ୍ଦ୍ର କୁମାର ପଣ୍ଡା ସୂଚନା ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଛାତ୍ର ପ୍ରତିନିଧିଙ୍କ ସହ ଜିଏମ୍‌ୟୁ କୁଳପତିଙ୍କ ଆଲୋଚନା

**ସମ୍ବଲପୁର,୩୦।୭(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) କୁଳପତି ଓ ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ବିଭିନ୍ନ ସମସ୍ୟା ସମାଧାନ ନେଇ ମଙ୍ଗଳବାର ଆଲୋଚନା ହୋଇଛି। କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କୁ ଛାତ୍ର ପ୍ରତିନିଧି ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ ଲାଇବ୍ରେରିକୁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲାଯିବା ଆବଶ୍ୟକତା ରହିଛି। ଏହା ଦ୍ୱାରା ଛାତ୍ରୀଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇପାରିବେ। ସେହିପରି ୱାଇଫାଇକୁ ଅତ୍ୟାଧୁନିକ କରିବାକୁ ଦାବି କରାଯାଇଛି। ପ୍ରତିନିଧି ଦଳରେ ଦେବଜ୍ୟୋତି ପଟ୍ଟନାୟକ, ଶୁଭମ ସାହୁ, ସୌମ୍ୟ ପାଣିଗ୍ରାହୀ, ଶୁଭ୍ରାଂଶୁ ସେଲମା, ସୌରଭ ସିହ୍ନା, ରୁଚିକା ପାଣିଗ୍ରାହୀ ସାମିଲ ଥିଲେ।



ସମ୍ବଲପୁର ଜିଏମ୍‌ୟୁ କୁଳପତି ଓ ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହେଉଛି।

## ୪ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୩୦।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ପୋଲିସ ପାଟ୍ରୋଲିଂ କରୁଥବା ସମୟରେ କୁଲୁତକାନୀ ଛକରୁ ୪ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ସୁବର୍ଣ୍ଣପୁର ଜିଲା ସୁବଳୟାର ଯଶୋବନ୍ତ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ଏନେଇ ଏକ ମାମଲା (ନଂ. ୨୮୯/୧୯) ରୁଜୁ ହୋଇଛି। ଯଶୋବନ୍ତ ଏକ ବ୍ୟାଗରେ ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ସନ୍ଦେହରେ ବ୍ୟାଗ ଯାଞ୍ଚ କରିଥିଲା। ବ୍ୟାଗରୁ ଗଞ୍ଜେଇ ବାହାରିଥିଲା।

## ସ୍କୁଲ ଛାତରୁ ଖସୁଛି ପ୍ଲାଷ୍ଟର

**ସମ୍ବଲପୁର,୩୦।୭(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ବେହେରାମୁଣ୍ଡା ପ୍ରାଥମିକ ସ୍କୁଲ ଛାତରୁ ପ୍ଲାଷ୍ଟର ଖସୁଛି। ଛାତ୍ରୀଛାତ୍ର ଅସୁରକ୍ଷିତ ଭାବେ ପାଠ ପଢୁଛନ୍ତି। ଦୀର୍ଘଦିନରୁ ସ୍କୁଲ କୋଠା ଅବସ୍ଥା ଏଭଳି ରହିଛି। ହେଲେ ଶିକ୍ଷା ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହିଁ। ଏହି ସମସ୍ୟା ନେଇ ଅଭିଭାବକ ଓ ପଡ଼ାବାସୀ ପୂର୍ବରୁ ଅଭିଯୋଗ କରି ଆସୁଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସୋମବାର ସ୍କୁଲ ସମ୍ମୁଖରେ ଶତାଧିକ ମହିଳା ପୁରୁଷ ପହଞ୍ଚି ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ।



ସମ୍ବଲପୁର ମହାନଗର ନିଗମ ବେହେରାମୁଣ୍ଡା ସ୍କୁଲ ଛାତରୁ ପ୍ଲାଷ୍ଟର ଖସିଛି।

## ୨ ଗୋଷ୍ଠୀ ମଧ୍ୟରେ ମାରପିଟ

**ସମ୍ବଲପୁର,୩୦।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଅଞ୍ଚଳରେ ସୋମବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କେତେଜଣ ଯୁବକ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି।

## ତାଳପାଲି-ହୀରାଲୋଇ ରାସ୍ତା ୪ ଲେନ୍ ହେଉ

**ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଭାଜପାର ଦାବି**

**ସମ୍ବଲପୁର,୩୦।୭(ବ୍ୟୁରୋ)**

ସମ୍ବଲପୁର ଜିଲା ତାଳପାଲି ଗ୍ରାମ ଛକରୁ ହୀରାଲୋଇ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ୍ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏ ନେଇ ଦଳ କର୍ମକର୍ତ୍ତାମାନେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାରେ ପ୍ରତିଦିନି ଶାତାଧିକ ଗାଡ଼ି ଯାତାୟାତ କରୁଛି। ରାସ୍ତା ନାକଟିଦେଉଳ ବ୍ଲକରୁ ସମ୍ବଲପୁରକୁ ସଂଯୋଗ କରୁଛି। ତେଣୁ ଏହି ରାସ୍ତା ୪ ଲେନ୍ ହେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ରରେ ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ, ସରୋଜ ସାହୁ, ମୁକେଶ ଜରିୱାଲ, ବାବୁ ଷଡ଼ଙ୍ଗୀ, ସତ୍ୟ ନାରାୟଣ ସାହୁ, କିଶୋର ଚନ୍ଦ୍ର ଭୋଇ, ରବୀନ୍ଦ୍ର ମହାପାତ୍ର, ଭାରତ ଚନ୍ଦ୍ର ମିଶ୍ର ପ୍ରମୁଖ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷର ରହିଛି।

## ପନିପରିବା



ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି (ହେମଲତା କିସମ) ତଳି ହୋଇ ଯାଇଥିଲେ ମୁଖ୍ୟ କିଆରୀରେ ରୋଇ ଦିଅନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ କାର୍ବାରିଲ ପ୍ରୟୋଗ କରନ୍ତୁ।

## କପା



ଗଛ ଉଠିବାର ୬ ସପ୍ତାହ ହୋଇଥିଲେ କୋଡାଖୁସା କରି ହୁଡା ଟେକି ଦିଅନ୍ତୁ। ଏହାଦ୍ୱାରା ଗଛ ସିଧା ରହିବ ଓ ମୂଳରେ ପାଣିରେ ଜମିବ ନାହିଁ ଓ ଘାସ ମଧ୍ୟ ଅଧିକ ରହିବ ନାହିଁ। କୋଡାଖୁସା ସାରି ଉନ୍ନତ କିସମରେ ଏକର ପ୍ରତି ୧୬କି.ଗ୍ରା ଯବକ୍ଷାରଜାନ ଏବଂ ହାଇବ୍ରିଡ୍ କିସମରେ ଏକର ପ୍ରତି ୨୪କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ଦିନର ହୋଇଯାଇଥିଲେ ସାଢ଼େ ଚାରିଲିଟର ପାଣିରେ ୧ମିଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ଜଉ ପୋକ ପତ୍ର ଡିଆଁ ପୋକ ଭଳି ଶୋଷକ ପୋକ ତଥା ଘୋଡା ପୋକ , ପତ୍ରମୋଡା ପୋକ ଏବଂ ସଂବାଲୁଆ ପୋକର ଆକ୍ରମଣ ଏହି ସମୟରେ ଫସଲର ବିଶେଷ କ୍ଷତି କରିପାରନ୍ତି ନାହିଁ। ପତ୍ରପ୍ରତି ଦୁଇଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ମିଲି ମିଥାଇଲ୍ ଅକ୍ସି ଡେମିଟନ ମିଶାଇ ସକାଳ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ।

# ଆତ୍ମନିଯୁକ୍ତି ପାଇଁ ଫୁଲଝାଡୁ ଚାଷ



ଗୟାଧର ଶିଅଳ



ଫୁଲଝାଡୁ ଘାସ ବା ଟାଇଗର ଘାସ ଏକ ବୃହତ୍ ଦୀର୍ଘଜୀବୀ ଘାସ। ଏହା ପାହାଡ଼ ତଳି, ଢାଲୁ, ଝରଣା କୂଳ, ନଦୀପଠା, ଜଳାଶୟ ନିକଟରେ ବାଉଁଶ ପରି ବୁଦାବୁଦା ଆକାରରେ ଦେଖିବାକୁ ମିଳେ। ଉପଯୁକ୍ତ ଜଳବାୟୁ ଓ ମୃତ୍ତିକା ଅନୁସାରେ ଏହି ବୁଦାରୁ ବାହାରିଥିବା କାଠିର ଲମ୍ବ ୯୦ ସେ.ମି.ରୁ ୧ ମିଟର ପର୍ଯ୍ୟନ୍ତ ହୋଇଥାଏ। ଶୀତଦିନ ଆସିଲେ ଏହି ପ୍ରସ୍ଫୁଟିତ କାଠିକୁ କାଣ୍ଡରୁ ଅଲଗା କରି ବିଡ଼ା ବାନ୍ଧି ଝାଡୁ ଭାବରେ ବ୍ୟବହାର କରାଯାଏ। ଏହାକୁ ଆମେ ଫୁଲଝାଡୁ ବୋଲି କହିଥାଉ। ଆମ ରାଜ୍ୟରେ ଏହା ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଆଦି ବଣପାହାଡ଼ ଘେରା ଜିଲାରେ ଦେଖିବାକୁ ମିଳେ।

**ଜଳବାୟୁ:** ଫୁଲଝାଡୁ ଘାସଚାଷ ପାଇଁ ଓଡ଼ିଶାର ଜଳବାୟୁ ଅନୁକୂଳ। ଏହା ଅପେକ୍ଷାକୃତ ଥଣ୍ଡା ଜଳବାୟୁରେ ଅଧିକ ଭଲ ବଢିପାରେ। ସାଧାରଣତଃ ଯେଉଁବର୍ଷ ଅଧିକ ପରିମାଣରେ ବର୍ଷା ହୁଏ, ସେହିବର୍ଷ ଅଧିକ ପରିମାଣରେ ଫୁଲଝାଡୁ ମିଳିଥାଏ। ଫୁଲ ବାହାରିବାର କିଛିଦିନ ପୂର୍ବରୁ ବର୍ଷା ହେଲେ ଫୁଲର ଆକାର ବଡ଼ ହେବା ସହିତ ନାଡ଼ି ମୋଟା ଓ ଲମ୍ବା ହୋଇଥାଏ। ଏହି ଘାସର ମରୁଡ଼ି ସହନଶୀଳ ଶକ୍ତି ଅଧିକ ଥିବାରୁ ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳରେ ଏହା ବଢ଼ିପାରେ। ମାତ୍ର ବାର୍ଷିକ ବୃଷ୍ଟିପାତ ୧୪୦୦-୨୫୦୦ ମି.ମି. ବର୍ଷା ପାଉଥିବା ଅଞ୍ଚଳରେ ଗହଳ ଓ ବୁଦାଳିଆ ହୋଇଥାଏ।

**ମୃତ୍ତିକା:** ଫୁଲଝାଡୁ ଘାସ ସବୁପ୍ରକାର ମୃତ୍ତିକାରେ ଚାଷ କରାଯାଇପାରେ, ମାତ୍ର ନିଗିଡ଼ା, ବାଲିଆ-ଦୋରସା, ନାଲିଗୋଡ଼ି ମାଟିରେ ଭଲ ଭାବରେ ବଢ଼େ। ଅନୁର୍ବର, ପତିତ ଓ ପୋଡୁଚାଷ ଜମିରେ ମଧ୍ୟ ଏହା ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଇପାରେ।

**ଚାଷ ପ୍ରସ୍ତୁତି:** ଫୁଲଝାଡୁ ଘାସମଞ୍ଜି କିମ୍ବା ମାଟିତଳେ ଥିବା କାଣ୍ଡ ଦ୍ୱାରା ବଂଶ ବିସ୍ତାର କରିଥାଏ। ଫେବୃୟାରୀ-ମାର୍ଚ୍ଚ ମାସରେ ପରିପକ୍ୱ ଘାସରୁ ଫୁଲ ସଂଗ୍ରହ କରାଯାଏ। ମଞ୍ଜି ପକାଇବା ପୂର୍ବରୁ ତଳି ଶଯ୍ୟା (Nursery bed) 2mx1m (ଲମ୍ବxପ୍ରସ୍ଥ) ଏବଂ ଉଚ୍ଚତା ୧୦-୧୫ ସେ.ମି.ରେ ପ୍ରସ୍ତୁତ କରାଯାଇଥାଏ। ପ୍ରତି ଶଯ୍ୟାରେ ୧୦-୨୦ ଗ୍ରାମ ସଦ୍ୟ ସଂଗୃହୀତ ମଞ୍ଜିକୁ ବାଲି ମିଶାଇ ବୁଣାଯାଏ ଏବଂ ହାଲୁକା ଭାବରେ ମାଟି ଘୋଡ଼ାଇ ଶୁଖିଲା ନଡ଼ା ଏଥିରେ ପତଳା କରି ବିଛାଇ ଦିଆଯାଏ। ମାଟିର ବତରକୁ ଦେଖି ପ୍ରତିଦିନ ଦରକାର ମୁତାବକ ପାଣି ସିଞ୍ଚନ କରାଯାଏ। ମଞ୍ଜି ବୁଣିବାର ୨-୩ ସପ୍ତାହ ପରେ ଗଜା ଆସିଥାଏ। ଗଜା ହେଲା ପରେ ଧୀରେ ଧୀରେ ଘୋଡ଼ାଯାଇଥିବା ନଡ଼ାକୁ ବାହାର କରିଦିଆଯାଏ। ଚାରା ୪-୬ ସପ୍ତାହ ହୋଇଗଲେ, ଆଗରୁ ପ୍ରସ୍ତୁତ ହୋଇଥିବା ଜରିମୁଣାରେ (ମାଟି:ବାଲି:ଖତର ମିଶ୍ରଣ ୩୩% ଅନୁପାତ) ଲଗାଯାଏ।

ମାଟିତଳେ ଥିବା କାଣ୍ଡରୁ ଚାରା ପ୍ରସ୍ତୁତ କରିବାକୁ ହେଲେ ଘାସ ବୁଦାକୁ ଉପାଡ଼ି ୧-୨କାଣ୍ଡକୁ ଚେର ସାଥିରେ ମୁଖ୍ୟ ମୂଳରୁ ଅଲଗା କରାଯାଏ। ମାଟି ତଳେ ଥିବା ମୂଳଠାରୁ ମାଟିର ଉପରିଭାଗ କାଣ୍ଡ ପର୍ଯ୍ୟନ୍ତ (୧୫-୨୦ ସେ.ମି. ରଖି) ସିକେଟର ଦ୍ୱାରା କାଟି ଅଲଗା କରାଯାଏ। ଏହି ମୂଳ (stump)କୁ ବାଭିଷ୍ଟିନ୍ ୨ ଗ୍ରାମକୁ ୧ ଲିଟର ପାଣି ଦ୍ରବଣରେ ୩୦ ମିନିଟ୍ ବୁଡ଼ାଇ ଛଣାଯାଏ। ଆଗରୁ ପ୍ରସ୍ତୁତ ହୋଇଥିବା ଜରିମୁଣା କିମ୍ବା ଚାରା ଶଯ୍ୟାରେ ଲଗାଯାଏ। ପ୍ରତିଦିନ ଦରକାର ମୁତାବକ ପାଣି ଦିଆଯାଏ। ଚାରା ୪ ମାସ ମଧ୍ୟରେ ୧ ଫୁଟ ଉଚ୍ଚ ହୋଇଗଲେ ଲଗାଇବା ଯୋଗ୍ୟ ହୋଇଥାଏ।

**ଜମି ପ୍ରସ୍ତୁତି ଓ ଚାରାରୋପଣ ପଦ୍ଧତି:** ଗ୍ରୀଷ୍ମ ଋତୁ ଆରମ୍ଭରେ ଅର୍ଥାତ୍ ମାର୍ଚ୍ଚ-ଏପ୍ରିଲ ମାସରେ ସ୍ଥିରୀକୃତ ଜମିରେ ଲତା, ବୁଦା, ଅନାବନା ଗଛ କାଟି ସଫା କରିଦିଆଯାଏ। ଏପ୍ରିଲ-ମେ ମାସରେ ଧାଡ଼ିକୁ ଧାଡ଼ି ଏବଂ ଗଛକୁ ଗଛ ୨ମି x ୨ମି ବ୍ୟବଧାନରେ ୪୫ ସେ.ମି. x ୪୫ସେ.ମି.ରେ ଗାତ ଖୋଳି ଚାରା ଲଗାଯାଏ। ଏଥିପାଇଁ ହେକ୍ଟରକୁ ୨୫୦୦ଟି ଚାରା ଆବଶ୍ୟକ ହୋଇଥାଏ। ଉର୍ବର ଜମିରେ ୨.୫ମି. x ୨.୫ମି. ବ୍ୟବଧାନରେ ଗାତଖୋଳି ୧୬୦୦ଟି ଚାରା ରୋପଣ କରାଯାଏ। ମୌସୁମୀ ବର୍ଷାର ଆରମ୍ଭରେ ଅର୍ଥାତ୍ ଜୁନ୍-ଜୁଲାଇ ମାସରେ ପ୍ରତି ଗାତରେ ୧ ଝୁଡ଼ି ଖତ, ଯବକ୍ଷାରଯାନ ୩୦ ଗ୍ରାମ, ଫସଫରସ ୧୦ ଗ୍ରାମ ଓ ପଟାସ ୧୦ ଗ୍ରାମ ଦିଆଯାଇ ଲଗାଯାଏ। ଉଇ ଉପଦ୍ରବ ଅଞ୍ଚଳ ହୋଇଥିଲେ ପ୍ରତି ଗାତରେ ୨୦ ଗ୍ରାମ ଲେଖାଏ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇ ଚାରା ରୋପଣ କରାଯାଏ।

**ଅମଳ ପ୍ରଣାଳୀ:** ଫୁଲଝାଡୁ ଗଛର ଚଅଁରକୁ ଆମେ ବାନ୍ଧି ଫୁଲଝାଡୁ ହିସାବରେ ବ୍ୟବହାର କରୁ। ଏହି ଚଅଁର ବର୍ଷର ଶେଷମାସ ବା ଡିସେମ୍ବର ମାସ ବେଳକୁ ଆସିଥାଏ ଓ ଫେବୃୟାରୀ-ମାର୍ଚ୍ଚ ମାସରେ ପାକଳ ହୋଇଥାଏ। ଚଅଁର ସଂଗ୍ରହ ଫେବୃୟାରୀ ମାସର ଶେଷ ଓ ସ୍ଥାନ ବିଶେଷରେ ମାର୍ଚ୍ଚ ମାସର ଶେଷଭାଗ ପର୍ଯ୍ୟନ୍ତ ଚାଲୁ ରହିଥାଏ। ଫୁଲଝାଡୁ ଘାସ ଚାଷ କଲେ ପ୍ରଥମ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଭଜନକ ଭାବରେ ଚଅଁର ମିଳିଥାଏ। ମାତ୍ର ଲଗାଇବାର ତୃତୀୟ ଓ ଚତୁର୍ଥ ବର୍ଷରେ ଅଧିକ ସଂଖ୍ୟକ ଚଅଁର ମିଳିଥାଏ।

**ପ୍ରକ୍ରିୟାକରଣ:** ଚଅଁର ଅମଳ ପରେ ଶୁଖାଇବା, ପତ୍ର ଓ ଛେଦା ଛଡ଼ାଇବା ଆଦି କାର୍ଯ୍ୟ କରାଯାଇଥାଏ। ଏହି ସମସ୍ତ କାର୍ଯ୍ୟ ଠିକ୍ ଭାବରେ କରାଯାଇ ନ ପାରିଲେ ସଂଗ୍ରହର ସମସ୍ତ ମୂଲ୍ୟ ନଷ୍ଟ ହୋଇଯାଏ। ଗୋଟାଏ ଫୁଲଝାଡୁ ଚଅଁର ଭଲଭାବରେ ଶୁଖିବା ଲାଗି ପ୍ରାୟ ୩-୪ ଦିନ ସମୟ ଲାଗିଥାଏ। ଫୁଲଝାଡୁର ମୁଖ୍ୟ ଆକର୍ଷଣ ହେଲା ରଙ୍ଗ। ଠିକ୍ ଭାବରେ ନ ଶୁଖାଇଲେ କିମ୍ବା ରାତିରେ କାକର ଖାଇଲେ, ଏହାର ରଙ୍ଗ ସବୁଜରୁ କଳା ପଡ଼ିବା ଆରମ୍ଭ କରିଥାଏ ଏବଂ ଏପରି କି ଫିମ୍ପି ମଧ୍ୟ ମାରିଥାଏ। ଏହି ସବୁଜ ରଙ୍ଗକୁ ବଜାୟ ରଖିବା ପାଇଁ ତାକୁ ଗଛ ଛାଇ (ଆଂଶିକ ଖରା) ବା କଅଁଳ ଖରାରେ ଶୁଖାଇବା ଜରୁରୀ। ଶୁଖିସାରିଲା ପରେ କାଠିରେ ଥିବା ବର୍ଜ୍ୟବସ୍ତୁକୁ ବାହାର କରିଦେବା ଉଚିତ। ପ୍ରକ୍ରିୟାକରଣ ପରେ ୩୫ଟି ଚଅଁରକୁ ମିଶାଇ ପ୍ଲାଷ୍ଟିକ୍ ଫିତା, ଶିଆଳି ଲତା କିମ୍ବା ପ୍ଲାଷ୍ଟିକ ନଳି ଦ୍ୱାରା ବିଡ଼ା ବନ୍ଧାଯାଇଥାଏ। ସାଧାରଣତଃ ଗୋଟିଏ କିଲୋଗ୍ରାମ ଖୋଲା ଫୁଲଝାଡୁ ଚଅଁରରୁ ୩ଟି ଝାଡୁ ପ୍ରସ୍ତୁତ ହୋଇପାରେ। (କ୍ରମଶଃ...)

*-ବନ ବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯*

# କୃଷିକ୍ଷେତ୍ରରେ ପିଡ଼ିଆର ବ୍ୟବହାର

ସମସ୍ତ ଗଛ ନିଜର ପ୍ରତ୍ୟେକ ଅବସ୍ଥାରେ ବିଭିନ୍ନ ପ୍ରକାର ଖାଦ୍ୟସାର ଭିନ୍ନ ଭିନ୍ନ ପରିମାଣରେ ଦରକାର କରିଥାଏ। ଯେମିତି ଡାଳପତ୍ର ମେଲାଇ ଭଲ ବଢିବା ପାଇଁ ଯବକ୍ଷାରଜାନ, ଫୁଲ ଫୁଟିବା ତଥା ଚେର ବୃଦ୍ଧି ପାଇଁ ଫସଫରସ୍, ଫଳର ଆକୃତି ତଥା ଠିକ୍ ରଙ୍ଗ ପାଇଁ ପଟାସ ଅଧିକ ଦରକାର କରିଥାଏ। ଏହି ତିନୋଟି ମୁଖ୍ୟ ପୋଷକତତ୍ତ୍ୱ ପିଡ଼ିଆରେ ରହିଥାଏ। ପିଡ଼ିଆକୁ ଗୁଣ୍ଡ କରି ଆର୍ଦ୍ର ମାଟିରେ ମଞ୍ଜି ବୁଣିବାର କିଛି ଦିନ ଆଗରୁ ପ୍ରୟୋଗ କରି ମାଟିକୁ ହଳ କରି ଦେବାକୁ ହୁଏ ବା ପାଣିରେ ଗୋଳାଇ ତରଳ ଭାବେ ମଧ୍ୟ ପ୍ରୟୋଗ କରାଯାଏ। ନିମ୍ବ ତଥା କରଞ୍ଜ ପିଡ଼ିଆର କୀଟନାଶକ ଗୁଣ ଫସଲକୁ ବିଶେଷ ଭାବେ ସହାୟକ ହୋଇଥାଏ (ଜଡ଼ା ପିଡିଆ ଉଇ ନାଶକ ଭାବରେ ବ୍ୟବହୃତ ହୁଏ)। ବିଭିନ୍ନ ପିଡ଼ିଆରେ ଥିବା ଖାଦ୍ୟସାରର ପରିମାଣ ଏହି ପ୍ରକାରର



| ପିଡ଼ିଆର ନାମ | ଯବକ୍ଷାରଜାନ% | ଫସଫରସ% | ପଟାସ% |
|---|---|---|---|
| ନିମ୍ବ ପିଡ଼ିଆ | ୫.୨ | ୧.୦ | ୧.୫ |
| କରଞ୍ଜ ପିଡ଼ିଆ | ୪.୦ | ୧.୦ | ୧.୧ |
| ମହୁଲ ପିଡ଼ିଆ | ୨.୫ | ୦.୮ | ୧.୮ |
| ଅଳସୀ ପିଡ଼ିଆ | ୪.୭ | ୧.୮ | ୧.୩ |
| ରାଶି ପିଡ଼ିଆ | ୬.୨ | ୨.୦ | ୧.୨ |
| କୁସୁମୀ ପିଡ଼ିଆ | ୭.୯ | ୨.୨ | ୧.୯ |
| ସୂର୍ଯ୍ୟମୁଖୀ ପିଡ଼ିଆ | ୭.୮ | ୨.୨ | ୧.୯ |
| ଚିନାବାଦାମ ପିଡ଼ିଆ | ୭.୩ | ୧.୫ | ୧.୩ |
| ସୋରିଷ ପିଡ଼ିଆ | ୫.୨ | ୧.୮ | ୧.୨ |
| ପୋଲାଙ୍ଗ ପିଡ଼ିଆ | ୩.୬ | ୧.୫ | ୨.୦ |
| କପାପିଡ଼ିଆ(ଚୋପାଯୁକ୍ତ) | ୩.୯୯ | ୧.୬ | ୧.୯ |
| ଚୋପା ଛଡ଼ା | ୫.୪୦ | ୨.୧୭ | ୧.୮୯ |
| ଜଡ଼ା ପିଡ଼ିଆ | ୫.୫ | ୧.୮ | ୧.୦ |
| ନଡ଼ିଆ ପିଡ଼ିଆ | ୩.୦ | ୧.୯ | ୧.୮ |
| ପେଶୀ ପିଡ଼ିଆ | ୪.୯ | ୧.୪ | ୧.୩ |

**-କିଶୋର ଚନ୍ଦ୍ର ପଣ୍ଡା,** *ପ୍ରାକୃତିକ କୃଷି ବିଶେଷଜ୍ଞ, ଏଲ-୧୬୮୦, ଡୁମୁଡୁମା ଏଚ୍‌ବି କଲୋନୀ, ଭୁବନେଶ୍ୱର, ମୋ :୯୮୬୧୩୯୭୬୪୩*

# ଧାନ ରୋଉଥିଲେ..



ଧାନ ରୋଇବା ପାଇଁ ଚୟନ କରିଥିବା ମୁଖ୍ୟ କିଆରୀରେ ଧଣିଚା ୩୫ ଦିନର ହୋଇଯାଇଥିଲେ ହଳ କରି ମାଟିରେ ମିଶାଇ ଦିଅନ୍ତୁ ଓ ୨ ଇଞ୍ଚ ପାଣି ବାନ୍ଧି ରଖନ୍ତୁ। ଧାନ ତଳି ୩ ରୁ ୪ ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ। ତଳି ରୋଇବା ପୂର୍ବରୁ ମୁଖ୍ୟ କିଆରୀକୁ ପ୍ରଥମେ କାଦୁଅ କରନ୍ତୁ। ତା'ପରେ ୩ ରୁ ୪ ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢାଇଥିଲେ କାଦୁଅ ବେଳେ ହଳ କରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨ କିଗ୍ରା ଆଜୋଟୋବ୍ୟାକ୍ଟର(ମଧ୍ୟମ ଜମିରେ) ବା ଆଜୋସ୍ପିରିଲମ୍ (ଖାଲ ଜମିରେ) ସହିତ ୨ କି.ଗ୍ରା. ପି.ଏସ୍.ବି. ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷ ଓଡ କାଦୁଅରେ ଏକର ପ୍ରତି ୬ ରୁ ୮ କି.ଗ୍ରା. ଯବକ୍ଷାରଜାନ, ୧୨ ରୁ ୧୬ କି.ଗ୍ରା. ଫସ୍‌ଫରସ୍ ଓ ୧୨ ରୁ ୧୬ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର କୀଟନାଶକ ପ୍ରୟୋଗ କରି ନ ଥିଲେ, ଏକ ମିଲି କ୍ଲୋରୋପାଇରିଫସ୍‌କୁ ଏକ ଲିଟର ପାଣିରେ ଗୋଳାଇ ତଳିର ଚେରକୁ ୮ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ। ଧାଡ଼ିକୁ ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ। ବୁଦା ପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରୀରେ ନଖବୁଡା ପାଣି ରଖନ୍ତୁ।



# ମକା ଫସଲର ଶତ୍ରୁ ଫଲ୍ ଆର୍ମି ୱର୍ମ

ଫଲ୍ ଆର୍ମି ୱର୍ମ ଏକ ନୂଆ କରି ଦେଖାଦେଇଥିବା ଅନିଷ୍ଟକାରୀ କୀଟ। ଫଲ ଆର୍ମି ୱର୍ମ ଏକ ପ୍ରଜାପତି ଜାତୀୟ କୀଟ। ଯାହାର ଶୂକ ବିଭିନ୍ନ ଫସଲ ଯଥା : ମକା, ବାଜରା, ଆଖୁ, ଚିନାବାଦାମ, ସୋୟାବିନ ଫସଲରେ ବ୍ୟାପକ କ୍ଷତି ସାଧନ କରୁଥିବା ଦେଖାଯାଇଛି । ଏହି କୀଟ ଆକ୍ରମଣ ୨୦୧୬ରେ ପ୍ରଥମେ ଆଫ୍ରିକା ମହାଦେଶରେ ମକା ଫସଲକୁ କ୍ଷତି ପହଞ୍ଚାଇଥିବା ଦେଖାଯାଇଥିଲା। ଏହି କୀଟ ଭାରତବର୍ଷରେ ପ୍ରଥମେ ୨୦୧୮ରେ କର୍ନାଟକରେ ମକା ଫସଲର ପ୍ରଭୂତ କ୍ଷତି କରିଥିଲା । ଖୁବ୍ କମ୍ ଦିନ ମଧ୍ୟରେ ଏହା ଭାରତର ଅନ୍ୟାନ୍ୟ ରାଜ୍ୟରେ ତଥା ଓଡିଶାରେ ମଧ୍ୟ ମକା ଫସଲରେ ବହୁତ କ୍ଷତି କରିଥିବା ଦେଖାଯାଇଛି । ଏହା ଏକ ସର୍ବରକ୍ଷୀ (ପଲିଫାଗସ୍) କୀଟ ଏବଂ ଏହାର ଆକ୍ରମଣରୁ ଫସଲକୁ ରକ୍ଷା କରିବାର ଆବଶ୍ୟକତା ଦେଖାଦେଇଛି।

**ଲକ୍ଷଣ:** ମାଈକୀଟ ମକା ପତ୍ରର ତଳ ଭାଗରେ, ପତ୍ରସନ୍ଧା ତଥା ଗଛର ମୂଳ ଭାଗରେ ମେଞ୍ଚା ମେଞ୍ଚା କରି ଅଣ୍ଡା ଦେଇଥାଏ । ଅଣ୍ଡାଗୁଡ଼ିକ ୨-୩ ଦିନ ମଧ୍ୟରେ ଫୁଟି ଶୂକ ନିର୍ଗତ ହୁଏ ଏବଂ ଶୂକ ବାହାରିବାର ୧୪-୧୯ ଦିନ ମଧ୍ୟରେ ୬ ଥର କାତି ଛାଡି ଖୋସା ବାନ୍ଧିଥାଏ। ପ୍ରଥମ ଅବସ୍ଥାରେ ଶୂକଗୁଡିକ ଶାଗୁଆ ରଙ୍ଗର ହୋଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ନିର୍ମୋଚନ ପରେ ଶୂକଗୁଡିକ ସବୁଜ ମାଟିଆ ବା ମାଟିଆ ରଙ୍ଗର ହୋଇଥାନ୍ତି। ଶୂକଗୁଡିକ ୯-୧୨ ଦିନ ମାଟି ଭିତରେ ଖୋସା ବାନ୍ଧି ରହିଥାନ୍ତି। ଫସଲର ପ୍ରଥମ ଅବସ୍ଥାରେ ବୁଣିବାର ୧୦-୧୨ ଦିନ ମଧ୍ୟରେ କ୍ଷତି ଆରମ୍ଭ କରିଥାନ୍ତି । ଏପରି କି ଅମଳ ପର୍ଯ୍ୟନ୍ତ ମଧ୍ୟ କ୍ଷତି କରିଥାନ୍ତି । ପ୍ରଥମ ୩ ଅବସ୍ଥାରେ ଶୂକ ପତ୍ର ଖାଇଥାନ୍ତି । ଏଗୁଡିକ କ୍ଷତି କରିଥିବା ପତ୍ରରେ ଧଳା କୋରିଖିଆ ଦାଗ ଦେଖାଯାଏ ଏବଂ ପରେ ଏହି ଦାଗଗୁଡିକ ବୃତ୍ତାକାର କଣା ହୋଇଥାଏ । ଗଛ ବଡ ହେବା ସଙ୍ଗେ ସଙ୍ଗେ ପତ୍ର ମଝି ସନ୍ଧାରେ ପଶି କ୍ଷତି କରିଥାନ୍ତି । ଏପରିକି ମକାଗୁଡିକୁ ମଧ୍ୟ ଖାଇ ଦେଇଥାନ୍ତି।

**ପରିଚାଳନା ପଦ୍ଧତି:** -ବୁଣିବା ପୂର୍ବରୁ ପ୍ରତି ୧ କିଗ୍ରା ବିହନକୁ ୪ ମିଲି ସାୟାଣ୍ଟ୍ରାନିଲପ୍ରୋଲ ୧୯.୮%+ ଥାୟୋମେଥୋକ୍ସାମ ୧୯.୮% ଏଫଏସ କୀଟନାଶକରେ ବିଶୋଧନ କରନ୍ତୁ । ଏହା ପ୍ରଥମ ଅବସ୍ଥାରେ ଗଛକୁ କୀଟ ଆକ୍ରମଣରୁ ରକ୍ଷା କରିଥାଏ।

-ମକା ଫସଲ ମଧ୍ୟରେ ହରଡ, ଝୁଡଙ୍ଗ, ଗୁଆଁର ଆଦି ଅନ୍ତଃଫସଲ ଭାବେ ଚାଷ କରନ୍ତୁ । ଏହା ଫଲ ଆର୍ମି ୱର୍ମର ପରଭୋଜି ଓ ପରାଶ୍ରୟୀ ଶତ୍ରୁକୀଟ ଯଥା ବୁଢିଆଣି, ଇନ୍ଦ୍ରଗୋପି ଭୃଙ୍ଗର ବଂଶ ବୃଦ୍ଧିରେ ସହାୟକ ହୋଇଥାଏ ଏବଂ କୀଟ ଆକ୍ରମଣକୁ ପ୍ରତିହତ କରିଥାଏ। ଏହାଛଡା ମକା କିଆରିର ଚାରିକଡରେ ୩-୪ ଧାଡି ନାପିଅର ଘାସ ଲଗାଇଲେ ଏହା ଫଲ ଆର୍ମି ୱର୍ମର ଯନ୍ତା ଫସଲ ହିସାବରେ କାମ କରେ ଏବଂ ସମୟ ସମୟରେ ନିରୀକ୍ଷଣ କରି ଆବଶ୍ୟକ କୀଟନାଶକ ସିଞ୍ଚନ କରିବାର ଆବଶ୍ୟକତା ପଡିଥାଏ।

- ବୁଣିବାର ୪୦-୪୫ ଦିନରେ ଏକର ପ୍ରତି ୧୫-୨୦ଟି ପକ୍ଷୀ ବସିବା ସ୍ଥାନ (ବାଉଁଶ କଣି ବା ଗଛର ଡାଳ) ପୋତିଲେ ପକ୍ଷୀମାନେ ମଧ୍ୟ ଶୂକଗୁଡିକୁ ଖାଇଦିଅନ୍ତି।

-ପ୍ରାଥମିକ ଅବସ୍ଥାରେ ୫% ନିମ୍ବ ମଞ୍ଜି ଦ୍ରବଣ ବା ୧୫୦୦ ପିପିଏମ ନିମ୍ବଜାତ କୀଟନାଶକ ପ୍ରୟୋଗ କଲେ ସୁଫଳ ମିଳିଥାଏ।

-ପତ୍ରସନ୍ଧାରେ କୀଟ ଆକ୍ରମଣ ଦେଖା ଦେଲେ କାର୍ଟେପ ହାଇଡ୍ରୋକ୍ଲୋରାଇଡ ୪% ଜି କିମ୍ବା ଫିପ୍ରୋନିଲ ୦.୩% ଜି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ ୦.୪% ଜି ଦାନାଦାର କୀଟନାଶକ ପତ୍ର ସନ୍ଧାରେ ପ୍ରୟୋଗ କରନ୍ତୁ।

-ମଧ୍ୟମ ଅବସ୍ଥାରେ ୧୦-୨୦% କ୍ଷତି ଦେଖାଦେଲେ ନୂତନ ପିଢିର କୀଟନାଶକ ଯଥା ଏମାମେକ୍ଟିନ ବେଞ୍ଜୋଏଟ ୫%ଏସଜି (୦.୪ ଗ୍ରାମ ପ୍ରତି ଲିଟର) ବା ସ୍ପାଇନେଟୋରାମ ୧୧.୨% ଏସସି (୦.୫ ମିଲି ପ୍ରତି ଲିଟର) ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫% ଏସସି (୦.୪ ମିଲି ପ୍ରତି ଲିଟର) ସିଞ୍ଚନ କଲେ ଏହି ଫଲ ଆର୍ମି ୱର୍ମକୁ ଦମନ କରି ହୋଇଥାଏ।

ଫଲ ଆର୍ମି ୱର୍ମ ମକା ଫସଲର ଏକ ପ୍ରଧାନ ଶତ୍ରୁ ଅଟେ । ତେଣୁ ଚାଷୀଭାଇମାନେ ସମନ୍ୱିତ କୀଟ ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ କରି ଏହି କୀଟକୁ ନିୟନ୍ତ୍ରଣ କରିପାରିବେ।

> ଆମଦେଶରେ ପ୍ରଥମେ ୨୦୧୮ରେ କର୍ନାଟକରେ ମକା ଫସଲର ପ୍ରଭୂତ କ୍ଷତି କରିଥିଲା। ଖୁବ୍ କମ୍ ଦିନ ମଧ୍ୟରେ ଏହା ଦେଶର ଅନ୍ୟାନ୍ୟ ରାଜ୍ୟରେ ତଥା ଓଡିଶାରେ ମଧ୍ୟ ମକା ଫସଲରେ ବହୁତ କ୍ଷତି କରିଥିବା ଦେଖାଯାଇଛି।



***-ଡ. ସମୀର ରଞ୍ଜନ ଦାଶ***
*(ବରିଷ୍ଠ ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ମୋ: ୯୪୩୮୫୩୧୧୬୭)*

***-ବିଜୟ କୁମାର ରାଉତରାଏ***
*(ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ଜଗତ୍‌ସିଂହପୁର)*

## ହେଲ୍ପ କର୍ଣ୍ଣର



@ ଦକ୍ଷରାଜ



@ ବଳରାମ



@ ଅଭିଜିତ୍

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଆଜି କ'ଣ କେଉଁଠି

**ଭେଡେନ**

■ ହସ୍ତଶିଳ୍ପ ପ୍ରଦର୍ଶନ କାର୍ଯ୍ୟକ୍ରମ, ଭିଏସ୍ଏସ୍ ପବ୍ଲିକ୍ ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।

**ଦେବଗଡ**

■ ସ୍ୱାଧୀନତା ଦିବସ ଉପଲକ୍ଷେ ଓଡିଆ ବକ୍ତୃତା ପ୍ରତିଯୋଗିତା, ପ୍ରଥମରୁ ଅଷ୍ଟମ ଶ୍ରେଣୀ-ବାଳକ ପ୍ରାଥମିକ ବିଦ୍ୟାଳୟ, ନବମରୁ ମହାବିଦ୍ୟାଳୟସ୍ତର-ମନ୍ଦାକିନୀ ବାଳିକା ଉନ୍ନୀତ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

**ଲୋଇସିଂହା**

■ ମଦଭାଟି ଉଚ୍ଛେଦ ଦାବିରେ ମହିଳାଙ୍କ ରାଜପଥ ଅବରୋଧ, ବୁର୍ଡା ଛକ, ପୂର୍ବାହ୍ନ ୯ଟା।

**ବଲାଙ୍ଗୀର**

■ ରାଜ୍ୟସ୍ତରୀୟ ପୋଲିସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍ଯାପନୀ, ରିଜର୍ଭ ପୋଲିସ ପଡିଆ, ଅପରାହ୍ନ ୪ଟା।

**ବୌଦ୍ଧ**

■ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

■ ହରଭଙ୍ଗା ବ୍ଲକ ନାଗରିକ କମିଟି ପକ୍ଷରୁ କିଡନୀ ରୋଗ ସମ୍ବନ୍ଧୀୟ ଜିଲାସ୍ତରୀୟ ବୈଠକ, ମାତଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣ ବୌଦ୍ଧ, ଅପରାହ୍ନ ୨ଟା ।

**ବରଗଡ**

■ କବ୍ ବୁଲ୍‌ବୁଲ୍ ଉତ୍ସବ, ଜର୍ଜ ହାଇସ୍କୁଲ ବରଗଡ଼, ସକାଳ ୫ଟା ୩୦।

ଆଚାର୍ଯ୍ୟ ଦିବସ ପାଳନ, ସରସ୍ୱତୀ ଶିଶୁ ମନ୍ଦିର କେଶବ ନଗର, ସକାଳ ୭ଟା।

**ବଡ଼ଗାଁ**

■ ଲଟାପଡ଼ା, ଲିଟିପଡ଼ା, ଡୁଙ୍ଗଡୁଙ୍ଗପଡ଼ା ଯୁବକମାନଙ୍କ ଦ୍ୱାରା ବୃକ୍ଷ ଚାରା ରୋପଣ, ବଡ଼ଗାଁ ନିକଟ ଟୁଙ୍ଗୁରୀ, ପୂର୍ବାହ୍ନ ୯ଟା।

**ନୂଆପଡ଼ା**

■ ସଡ଼କ ସୁରକ୍ଷା ସପ୍ତାହ ପାଇଁ ପ୍ରସ୍ତୁତି, ଜିଲାପାଳଙ୍କ ସଦ୍‌ଭାବନା ଗୃହ, ଅପରାହ୍ନ ୪ଟା୩୦।

■ ଏନ୍‌ପିସିଡିସିଏସ୍‌ର ପ୍ରଥମ ଟାସ୍କଫୋର୍ସ ବୈଠକ

# ୨୦୨୧ ସୁଦ୍ଧା ସବୁ ଜିଲାରେ ଆଇସିୟୁ ସେବା



ଟାସ୍କଫୋର୍ସ ବୈଠକରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀମାନେ।

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

କର୍କଟ, ମଧୁମେହ, କାର୍ଡିଓ ଭାସ୍କୁଲାର ଏବଂ ହୃଦ୍‌ଘାତର ନିରାକରଣ ଓ ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ହେଉଥିବା ଜାତୀୟ ଯୋଜନା (ଏନ୍‌ପିସିଡିସିଏସ୍) ଟାସ୍କଫୋର୍ସର ପ୍ରଥମ ରାଜ୍ୟସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟାସ୍କଫୋର୍ସ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିଲା। ବର୍ତ୍ତମାନ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ଅନେକ ଲୋକ କର୍କଟ, ମଧୁମେହ, ହୃଦ୍‌ଘାତ ଭଳି ଅଣସଂକ୍ରମିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାର ନିୟନ୍ତ୍ରଣ, ନିରାକରଣ ଓ ଚିକିତ୍ସା ପାଇଁ ବୈଠକରେ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ ୨୦୨୦ ମାର୍ଚ୍ଚ ସୁଦ୍ଧା ୧୯ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ସୁବିଧା ଉପଲବ୍ଧ ହେବ ଏବଂ ଅବଶିଷ୍ଟ ୧୧ ଜିଲାରେ ଏହା ୨୦୨୧ ସୁଦ୍ଧା କାର୍ଯ୍ୟକାରୀ ହେବ।

ଚଳିତ ଆର୍ଥିକ ବର୍ଷରେ ବୟସ୍କ ଲୋକଙ୍କ ଚିକିତ୍ସାଲାଗି ଥିବା ୧୦ ଶଯ୍ୟା ବିଶିଷ୍ଟ ଜେରିଆଟିକ ୱାର୍ଡ ୧୩ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପ୍ରସାରିତ ହେବ। ବର୍ତ୍ତମାନ ୮ ଜିଲାରେ ଏହି ସୁବିଧା ଉପଲବ୍ଧ। ଏହି ଜାତୀୟ ଯୋଜନାରେ ବଧିରମାନଙ୍କ ଲାଗି କେବଳ କନ୍ଧମାଳ ଜିଲାରେ ଶବ୍ଦ ନିରୋଧୀ କୋଠରି ଥିବାବେଳେ ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୩୦ ଜିଲାକୁ ସମ୍ପ୍ରସାରିତ ହେବ। ସେହିଭଳି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲ ଇଏନ୍‌ଟି ବିଭାଗରେ ଦୁଇଟି ଟେମ୍ପୋରାଲ ବୋନ୍ ପରୀକ୍ଷାଗାର ପ୍ରତିଷ୍ଠା କରାଯିବ। ମେଡିକାଲ ଅଫିସର ଓ ଷ୍ଟାଫ୍ ନର୍ସମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଡେ' କେୟାର କେମୋଥେରାପି ସେବା ପ୍ରଦାନ କରାଯିବ। ବର୍ତ୍ତମାନ ଏହା ୨୬ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ ରହିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ଓ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍କଟରୋଗୀଙ୍କ ଉପଶମ ସେବା ଉପଲବ୍ଧ ହେବ। ପରବର୍ତ୍ତୀ ସମୟରେ ଏହା ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲାଯିବ। ଏଥିପାଇଁ କର୍ମଚାରୀଙ୍କୁ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ତାଲିମ ଦିଆଯିବ। ବର୍ତ୍ତମାନ ୧୩ ଜିଲାରେ ତମାଖୁ ମୁକ୍ତି କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ ଜିଲାକୁ ସମ୍ପ୍ରସାରିତ ହେବ। ଏହି ଟାସ୍କଫୋର୍ସ ବୈଠକରେ ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମର ଏମ୍‌ଡି ୟାମିନୀ ଷଡ଼ଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ଓ ଡା. ହରପ୍ରସାଦ ପଟ୍ଟନାୟକଙ୍କ ସମେତ ବହୁ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

**ଶକ୍ତି ବିଭାଗ ଖର୍ଚ୍ଚଦାବି ଆଲୋଚନା**

# ରାଜଧାନୀରେ ଅପଚୟ, ଦୁର୍ଗମ ଅଞ୍ଚଳରେ ମିଳୁନି

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ରାଜ୍ୟର ବହୁ ପାହାଡ଼ିଆ ଅଞ୍ଚଳରେ ବିଦ୍ୟୁତ ଏ ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ହେଲେ ରାଜଧାନୀର ସଚିବାଳୟରେ ଶକ୍ତି ଅପଚୟ ହେଉଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ବିଧାନସଭାର ମଙ୍ଗଳବାର ଦ୍ୱିତୀୟାର୍ଦ୍ଧରେ ହୋଇଥିବା ଶକ୍ତି ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ମୋହନ କହିଛନ୍ତି ଯେ, ସଚିବାଳୟ ସରକାରଙ୍କ ଏକ ସୁଖଶାଳା। ଥରେ କୌଣସି କାର୍ଯ୍ୟରେ ଜଣେ ଅଧିକାରୀଙ୍କୁ ଦେଖା କରିବାକୁ ଯାଇଥିଲି, ହେଲେ ଅଧିକାରୀ ଜଣଙ୍କ ଅଫିସରେ ନ ଥିଲେ। ହେଲେ ତାଙ୍କ କାର୍ଯ୍ୟାଳୟର ୨ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଲାଇଟ୍, ଫ୍ୟାନ୍ ଇତ୍ୟାଦି ଚାଲୁ ରହିଥିଲା। ସେଠାରେ ଥିବା ତଳିଆ କର୍ମଚାରୀ କହିଥିଲେ ଯେ, ସେମାନଙ୍କୁ ନିର୍ଦ୍ଦେଶ ରହିଛି, ବାବୁ ନ ଥିଲେ ବି ୪ ଘଣ୍ଟା ଚାଲୁ ରହିବ। ସରକାରଙ୍କ ଏପରି ନିୟମ ଅଛି କି । ରାଜ୍ୟ ପ୍ରଶାସନର ମୁଖ୍ୟାଳୟରେ ଯଦି ଶକ୍ତି ସଂରକ୍ଷଣ ଏପରି ହୋଇଥାଏ, ତେବେ ରାଜ୍ୟ କଥା ସହଜରେ ଅନୁମେୟ। ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର ତାପମାତ୍ରା ୨୪ ଡିଗ୍ରୀରେ ରଖିବାକୁ କୁହାଯାଇଥିଲେ ବି ଏହାକୁ ପାଳନ କରାଯାଉନାହିଁ। ଜିଲାସ୍ତରରେ କରାଯାଉଥିବା ନିୟମ ସଚିବମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ କି ବୋଲି ମୋହନ ପ୍ରଶ୍ନ କରିଥିଲେ। ରାଜ୍ୟର ଉପକୂଳରେ ବିସ୍ତୀର୍ଣ୍ଣ ସମୁଦ୍ର ରହିଛି, ଏହାର ବିନିଯୋଗ କରାଯାଇ ସରକାର ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ମୋହନ କହିଥିଲେ। ସେହିପରି କଂଗ୍ରେସ ବିଧାୟକ ମହମ୍ମଦ ମୋକିମ କହିଛନ୍ତି ଯେ, ଫନୀ ପରେ ଅଧିକାଂଶ ପୋଲ ଭାଙ୍ଗି ପଡ଼ିଛି, ଏହାର ପୁନରୁଦ୍ଧାର ପାଇଁ ଉଚ୍ଚମାନର ସାମଗ୍ରୀ ଆବଶ୍ୟକତା ରହିଛି। ଏହା ନ ହୋଇ ପାରିଲେ, ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। କଟକ, ପୁରୀ ଇତ୍ୟାଦି ସହରରେ ଭୂତଳ କେବଲିଂର ଆବଶ୍ୟକତା ରହିଛି। କଟକରେ ଥିବା ରାସ୍ତାଗୁଡ଼ିକର ଚଉଡା ୧୪ ଫୁଟ୍ ଥିବାବେଳେ ବିଦ୍ୟୁତ ଖୁଣ୍ଟ ଏବଂ ଡ୍ରେନେଜ ୬ ଫୁଟ୍ ଅକ୍ତିଆର କରୁଛି, ଏହା ଦ୍ୱାରା ରାସ୍ତା ସଙ୍କୁଚିତ ହୋଇଯାଉଛି। ନେସ୍କୋ, ସାଉଥ୍‌କୋ, ୱେସ୍କୋ ଏବଂ ସେସୁ ଭଳି ସଂସ୍ଥା ବହୁତ ବକେୟା ରଖିଛନ୍ତି। ସେମାନେ ନିଜ ନିଜ କାର୍ଯ୍ୟରେ ସଫଳତା ପାଉ ନ ଥିବା ମୋକିମ କହିଥିଲେ। ଅପରପକ୍ଷରେ ଶାସକ ଦଳ ସଭ୍ୟ ଅତନୁ ସବ୍ୟସାଚୀ ନାୟକ, ପ୍ରଶାନ୍ତ ମୁଦୁଲି ପ୍ରମୁଖ ସରକାରଙ୍କ ସପକ୍ଷରେ ବକ୍ତବ୍ୟ ରଖିଥିଲେ। ହେଲେ ପ୍ରଶାନ୍ତ ମେଡିକାଲ ଏବଂ ପର୍ଯ୍ୟଟନ ସ୍ଥଳୀଗଡ଼ିକରେ ସ୍ୱତନ୍ତ୍ର ଆଲୋକ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ।

# ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଲେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**



ଜିଲାସ୍ତରୀୟ ସମ୍ମିଳନୀରେ କୃଷିମନ୍ତ୍ରୀ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି।

କାଳିଆ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କେହି ଯୋଗ୍ୟ ବିବେଚିତ ହିତାଧିକାରୀ ହୋଇ ନ ଥିବେ ତେବେ ସେମାନଙ୍କୁ ଯାଞ୍ଚ ସମୟରେ ବାଦ୍ ଦିଆଯିବ। ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାର ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। କାଳିଆ ଯୋଜନାର ଚୟନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନେଇ ମଙ୍ଗଳବାର କୃଷି ଭବନଠାରେ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୋଗ୍ୟ ହିତାଧିକାରୀଙ୍କର ଏକ ନିର୍ଭୁଲ ତାଲିକା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ସଂଶୋଧିତ ତାଲିକା ପ୍ରକାଶ ପାଇବା ପରେ ଯଦି କୌଣସି ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ସେଥିପାଇଁ ସମ୍ପୃକ୍ତ ଅଧିକାରୀ ଉତ୍ତରଦାୟୀ ରହିବେବୋଲିମନ୍ତ୍ରୀକହିଛନ୍ତି।

**କାଳିଆ ଯୋଜନା**

**ନିର୍ଭୁଲ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ**

ସୂଚନାଯୋଗ୍ୟ, ଏ ପର୍ଯ୍ୟନ୍ତ ସରକାର ୩୬.୩୪ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ୧୪.୭୦ ଲକ୍ଷ ଭୂମିହୀନ କୃଷି ପରିବାରର ମୋଟ ୫୧,୦୫,୨୯୦ ଜଣ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ଏହି ତାଲିକାକୁ ତ୍ରୁଟିଶୂନ୍ୟ କରିବା ପାଇଁ ହିତାଧିକାରୀଙ୍କ ସତ୍ୟାସତ୍ୟ ପଞ୍ଚାୟତ, ବ୍ଲକ, ଜିଲାସ୍ତରୀୟ କମିଟି ଦ୍ୱାରା ଚିହ୍ନଟ କରାଯିବାର ଆବଶ୍ୟକତା ରହିଛି। ଏଥିସହ କେତେଗୋଟି ପଞ୍ଚାୟତ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ପରିବାର ବହୁ କମ୍‌ସଂଖ୍ୟାରେ ଦରଖାସ୍ତ କରିଥିବାରୁ ଏ ଦିଗରେ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୃଷି ବିଭାଗ, ରାଜସ୍ୱ ବିଭାଗ, ସମବାୟ ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଏବଂ ଅନ୍ୟ ସହଯୋଗୀ ବିଭାଗ ମଧ୍ୟରେ ସମନ୍ୱୟ ରଖି ପ୍ରକୃତ ହିତାଧିକାରୀ ଚିହ୍ନଟ ଏବଂ ନିର୍ଭୁଲ ତାଲିକା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। କାଳିଆ ଯୋଜନାରେ ମିଳୁଥିବା ଆର୍ଥିକ ସହାୟତା ଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ ସେ ଦିଗରେ କ୍ଷେତ୍ର ଅଧିକାରୀମାନେ ତଦାରଖ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଅଗଷ୍ଟ ୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସଂଶୋଧନ କାର୍ଯ୍ୟକ୍ରମ ଚାଲିବ ବୋଲି କହିଥିଲେ। କର୍ମଶାଳାରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ମୁଥୁକୁମାର, ମତ୍ସ୍ୟ ନିର୍ଦ୍ଦେଶକ ରତ୍ନାକର ରାଉତ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

DIRECT JOINING
CALL CENTER AIRTEL D2H
Qualification : 10th Above
Salary : 8000/- To 12000/-
CALL : 8338886404

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର୍, ଅଫିସ୍ ଷ୍ଟାଫ୍ ଆବଶ୍ୟକ । ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

Immediate Requirement of Computer Science / IT Fresher's for a Startup Company at Bhubaneswar.
Contact: 9663111200
9437234000
Email: futurebrains5@gmail.com

WANTED
ଧରିତ୍ରୀ Oriya daily is looking for
CIRCULATION MANAGER
• MBA Graduates, having good communication & leadership skills with 5 years+ experience in print media will be given preference.
• Proficiency in MS Office is a must.
CIRCULATION EXECUTIVES
• Graduates, having good communication skills with 3 years+ experience in print media will be given preference.
• Proficiency in MS Office is a must.
Apply immediately to :
recruitment@dharitri.com
Attractive salary commensurate with experience

REFCEM ® Since 1983.....
Situation Vacant
RRPL, Bhubaneswar invites application for the following Posts;

| Post | Qualification | Experience |
|---|---|---|
| 1. Accountant | B.com with Tally & above | Min 7 yrs |
| 2. Welder & Cutter | ITI & above | Min 5 yrs |
| 3. Electrician | ITI in Elect. Trade | Min 5 yrs |

Salary is based on industry and experience. Mail your CV / Contact on : rrpl2019@rediffmail.com, Contact : 7381095402 & 7381095422

Looking for full time Maids for Bhubaneswar. Basic knowledge of House keeping, Cooking. Age- 18 yrs. above.
Oriya / Hindi Speaking
For details contact:
7894402300, 8249145233

SHREE GANESH Buildcon Pvt. Ltd. We Understand Your Dreams
SGBPL, A Leading Real Estate Company of Odisha Requires the following personnel for its corporate office at N-1/A-21, IRC Village, Bhubaneswar.
1. CIVIL ENGINEER:
Qualification: Diploma in Civil having 5 years or more Experience in Building Construction works.
2. CASHIER (Male):
Qualification: Commerce Graduate. Experience in Cash handling and Cash Book, upto 3 years of Experience.
3. OFFICE PEON (Male):
Qualification: Matriculation (Pass or Fail)
Apply to appointment.sgbpl2000@gmail.com within 7 days. Mob: 9337707575

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

We are a Diversified Corporate Entity in Odisha with Interest in Manufacturing & Trading since 1975. Require Interested candidates for following positions:
1. Mgr. (Sales): Exp. in Govt. Sales will be preferred. Age: 35-40
2. Asst. Mgr. (Ops): Exp. 8-10 yrs., Good Communication skill in English & Hindi.
3. Digital Marketing: 3-4 yrs. Exp. in digital
4. Stockyard Supervisor: Ex-serviceman preferred.
5. Security Guards: 10th passout.
6. Machine Fabricators: 8-10 yrs. Exp.
7. Lathe Operators: 8-10 yrs. Exp.
8. Joint Venture: Mechanical Engineers with Knowledge in Automation.
(with Work Exp. 8-10 yrs) interested in STARTUP need only apply.
Kindly send your resume to-
LTNODISHA@GMAIL.COM | MOB: 7008629553, 8018010470

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 8895725158 / 7327065424

Clinical Assistant (Female) required for a renowned dental clinic in Chandrasekharpur, BBSR.
Qualification.-
12th Pass onwards
Mob- 9556110011

ଏୟାର କଣ୍ଡିଶନ ଓ ଫ୍ରିଜ କାମ କରିବା ପାଇଁ ମିସ୍ତ୍ରି ଏବଂ ହେଲ୍ପର ଆବଶ୍ୟକ, ଇଚ୍ଛୁକ ପ୍ରାର୍ଥୀ ତୁରନ୍ତ ଯୋଗାଯୋଗ କରନ୍ତୁ :
ହିନ୍ଦୁସ୍ତାନ ରେଫ୍ରିଜରେଶନ
9437566678
ସ୍ଥାନ-ନାଲ୍‌କୋ, ଅନୁଗୁଳ

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Contact : 9938414918
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time/Full Time)
Contact: 9938676412

“ ରିୟଲିଟି ସେକ୍ଟରରେ କାରବାର ବୃଦ୍ଧି କରିବା ଲକ୍ଷ୍ୟରେ ସେଞ୍ଚୁରୀ ଟେକ୍ସଟାଇଲ ବିର୍ଲା ଇଷ୍ଟେଟ୍ସ ଜରିଆରେ ବ୍ୟବସାୟ ବଢ଼ାଇବ।
– କୁମାର ମଙ୍ଗଳମ ବିର୍ଲା, ସେଞ୍ଚୁରୀ ଟେକ୍ସଟାଇଲ ଅଧ୍ୟକ୍ଷ



“ କେନ୍ଦ୍ର ସରକାର ଉତ୍ତର–ପୂର୍ବ ରାଜ୍ୟରେ ଆନ୍ତଃଜଳ ନୌପରିବହନ ଆରମ୍ଭ କରିବା ଲାଗି ଯୋଜନା କରିଛନ୍ତି। ରାଷ୍ଟ୍ରାୟତ୍ତ କମ୍ପାନୀ ୱାପ୍‌କୋସ ଏକ ମଡେଲ ତିଆରି କରୁଛି।
– ମନସୁଖ ମାଣ୍ଡଭିୟା, କେନ୍ଦ୍ର ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ନିଯୁକ୍ତି ହ୍ରାସ କରାଯିବ ନାହିଁ: ରେଳୱେ

**ନୂଆଦିଲ୍ଲୀ,୩୦-୭:** ରେଳୱେରେ କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ତେବେ ନିୟମିତ କାର୍ଯ୍ୟଧାରାର ସମୀକ୍ଷା ଲାଗି ଜୋନାଲ କାର୍ଯ୍ୟାଳୟଗୁଡ଼ିକୁ ପତ୍ର ଲେଖାଯାଇଛି ବୋଲି ସ୍ପଷ୍ଟୀକରଣରେ କୁହାଯାଇଛି। ୫୫ ବର୍ଷରୁ ଉର୍ଦ୍ଧ୍ୱ ଅଥବା ୩୦ ବର୍ଷ କାର୍ଯ୍ୟ କରିସାରିଥିବା ଏଭଳି କର୍ମଚାରୀଙ୍କୁ ଚିହ୍ନଟ କରିବାକୁ ଜୋନାଲ ଅଫିସ୍‌କୁ କୁହାଯାଇଛି ବୋଲି ମଙ୍ଗଳବାର ରେଳୱେ ପକ୍ଷରୁ କୁହାଯାଇଛି। ସେବା ସର୍ତ୍ତ ଅନୁପାଳନ କରିବା ଉଦ୍ଦେଶ୍ୟରେ ରେଳୱେ ପକ୍ଷରୁ ନିୟମିତ ଭାବେ ଏହାର କର୍ମଚାରୀଙ୍କ କାର୍ଯ୍ୟର ସମୀକ୍ଷା କରାଯାଇଥାଏ। ୨୦୧୪-୧୯ ମଧ୍ୟରେ ଏହା ବିଭିନ୍ନ ଶ୍ରେଣୀରେ ପ୍ରାୟ ୧,୮୪,୨୬୨ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି।

### ରାଜୀବ କୁମାର କେନ୍ଦ୍ର ଅର୍ଥ ସଚିବ

**ନୂଆଦିଲ୍ଲୀ,୩୦-୭:** କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟରେ ଆର୍ଥିକ ସେବା ବିଭାଗ ସଚିବ ଭାବେ ଦାୟିତ୍ୱ ସମ୍ଭାଳୁଥିବା ରାଜୀବ କୁମାର ମନ୍ତ୍ରଣାଳୟର ଅର୍ଥ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଯୁକ୍ତି ବ୍ୟାପାର କମିଟି ବୈଠକରେ ମଙ୍ଗଳବାର ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଝାଡଖଣ୍ଡ କ୍ୟାଡରର ୧୯୮୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ କୁମାର ସୁଭାଷ ଚନ୍ଦ୍ର ଗର୍ଗଙ୍କ ବଦଳି ପରେ ତାଙ୍କ ସ୍ଥାନ ନେଇଛନ୍ତି। ଗର୍ଗ ଶକ୍ତି ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିସାରିଥିଲେ ମଧ୍ୟ ଅବସର ନେବାର ୧୫ ମାସ ପୂର୍ବରୁ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ସ୍କିମ୍ ବା ଭିଆର୍‌ଏସ ପାଇଁ ଆବେଦନ କରିଛନ୍ତି। ବଦଳି ପୂର୍ବରୁ ସେ ଏଥିପାଇଁ ଆବେଦନ କରିଥିଲେ ବୋଲି ଗର୍ଗ ମିଡିଆ ନିକଟରେ ନିଜର ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ଏହାକୁ କେହି ବିଶ୍ୱାସ କରିପାରୁନାହାନ୍ତି।

### ଲୋକ ସଭାରେ ୱେଜେସ୍ କୋଡ୍ ବିଲ୍ ଅନୁମୋଦିତ

**ନୂଆଦିଲ୍ଲୀ,୩୦-୭:** ଲୋକ ସଭାରେ ମଙ୍ଗଳବାର ୱେଜେସ୍ କୋଡ୍ ବିଲ୍ ଅନୁମୋଦନ ଲାଭ କରିଛି। ଫଳରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିବାରେ ସୁବିଧା ହେବ। ଏହାଛଡ଼ା ସେମାନଙ୍କୁ ପାରିଶ୍ରମିକ/ଦରମା ମିଳିବାରେ ହେଉଥିବା ବିଳମ୍ବ ସମ୍ପର୍କରେ ସହଜରେ ନିଷ୍ପତ୍ତି ନେଇହେବ। ଏହି ବିଲ୍ ଅନୁମୋଦନ ଦ୍ୱାରା ଦେଶରେ କାର୍ଯ୍ୟରତ ପ୍ରାୟ ୫୦ କୋଟି ଶ୍ରମିକଙ୍କ ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର କହିଛନ୍ତି। ଏହି ବିଲ୍ ଏକ ଐତିହାସିକ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଲୋକ ସଭାରେ ଆଗତ ଏହି ବିଲ୍‌କୁ ସମୀକ୍ଷା କରି ଷ୍ଟାଣ୍ଡିଂ କମିଟି ଦେଇଥିବା ୨୪ ସୁପାରିସ୍ ମଧ୍ୟରୁ ସରକାର ୧୭ଟିକୁ ଗ୍ରହଣ କରି ନୂଆ ବିଲ୍‌ରେ ସଂଶୋଧନ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

### ୬୪.୩୭ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି

**ନୂଆଦିଲ୍ଲୀ,୩୦-୭:** ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷରେ ଭାରତ ୬୪.୩୭ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି, ଯାହା କି ଅଦ୍ୟାବଧି ସର୍ବାଧିକ। ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରିଜ ଆଣ୍ଡ ଇଣ୍ଟରନାଲ ଟ୍ରେଡ(ଡିପିଆଇଆଇଟି) ପକ୍ଷରୁ ପ୍ରକାଶିତ ୨୦୧୮-୧୯ ରିପୋର୍ଟରେ କୁହାଯାଇଛି ଯେ, ବିଗତ ୫ ବର୍ଷ ଭିତରେ ଭାରତକୁ ୨୮୬ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି। ବିଦେଶୀ କମ୍ପାନୀ ନିବେଶ ବୃଦ୍ଧି କରିବା ସହ ଦେଶରେ ଅତ୍ୟାଧୁନିକ ଟେକ୍ନୋଲୋଜି ଓ ବ୍ୟବସାୟିକ ବ୍ୟବସ୍ଥା ଆଣିଛନ୍ତି।

### ଚାଇନାରୁ ଭାରତ ଆସିବେ ଜୁଏଲେରୀ କମ୍ପାନୀ

**ନୂଆଦିଲ୍ଲୀ,୩୦-୭:** ଆମେରିକା ସହ ଜାରି ଟ୍ରେଡ୍ ୱାର୍ ଯୋଗୁ ଏବେ ଶୀର୍ଷ ଜୁଏଲେରୀ କମ୍ପାନୀ ନିଜର କାରଖାନାକୁ ଚାଇନାରୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ଇଣ୍ଡସଇଣ୍ଡ ବ୍ୟାଙ୍କ ସିଇଓ ରମେଶ ସୋବ୍‌ତୀ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଜେମ୍ସ ଆଣ୍ଡ ଜୁଏଲେରୀ କ୍ଷେତ୍ରରେ ବିଶ୍ୱର କେତେକ ଶୀର୍ଷ କମ୍ପାନୀ ଏବେ ଚାଇନାରୁ ଭାରତକୁ ଆସିବାକୁ ବାହାରିଛନ୍ତି। ଟ୍ରେଡ ୱାର୍‌କୁ ଦୃଷ୍ଟିରେ ରଖି ସେମାନେ ନିଜର କାରବାରକୁ ସନ୍ତୁଳିତ କରିବା ଉଦ୍ଦେଶ୍ୟରେ କିଛିଦିନ ଲାଗି ବିଶ୍ରାମ ନେଉଛନ୍ତି। ସେମାନେ ଚାଇନାରୁ ନିଜର କାରଖାନାକୁ ଭାରତକୁ ସ୍ଥାନାନ୍ତର କରିବାକୁ ଯାଉଛନ୍ତି। ସେମାନେ ଭାରତ ଆସିଲେ ଦେଶର ଜେମ୍ସ ଆଣ୍ଡ ଜୁଏଲାରୀ ଉଦ୍ୟୋଗକୁ ସହାୟତା ମିଳିବ।

## କାଠଗଡ଼ାରେ ଋଣପ୍ରଦାନକାରୀ, ଆୟକର ବିଭାଗ

# କ୍ୟାଫେ କଫି ଡେ ମାଲିକ ଭି.ଜି. ସିଦ୍ଧାର୍ଥ ନିଖୋଜ

**ନୂଆଦିଲ୍ଲୀ,୩୦-୭**

କଫି ଚେନ୍ କ୍ୟାଫେ କଫି ଡେ(ସିସିଡି)ର ପ୍ରତିଷ୍ଠାତା ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍. କ୍ରିଷ୍ଣାଙ୍କ ଜ୍ୱାଇଁ ଭି.ଜି. ସିଦ୍ଧାର୍ଥ ସୋମବାର ରାତିରୁ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଖୋଜାଖୋଜି କରିବା ଲାଗି ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଥିବାବେଳେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ନିଖୋଜ ହେବା ପଛରେ ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ତାଙ୍କର ଶେଷ ପତ୍ରକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କୁ ଋଣପ୍ରଦାନକାରୀ ଓ ଆୟକର ବିଭାଗ କ୍ରମାଗତ ଚାପ ପକାଇ ଚାଲିଥିଲେ ବୋଲି ସିଦ୍ଧାର୍ଥ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ଏହି ଚାପକୁ ସେ ଆଉ ସହିପାରିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କର ଏହି ପତ୍ର ଆୟକର ବିଭାଗ ଓ ଋଣପ୍ରଦାନକାରୀଙ୍କୁ କାଠଗଡାରେ ଛିଡାକରିଛି।

କଫି କିଙ୍ଗ୍ ଭାବେ ପରିଚିତ ସିଦ୍ଧାର୍ଥଙ୍କୁ ସୋମବାର ରାତିରେ ବେଙ୍ଗାଲୁରୁରୁ ମଙ୍ଗଲୁରୁ ଯାଉଥିବା ବେଳେ ଦକ୍ଷିଣ କନ୍ନଡ ଜିଲାର କୋଟେପୁରା ଅଞ୍ଚଳରେ ଅବସ୍ଥିତ ନେତ୍ରାବତୀ ନଦୀ ପୋଲ ଉପରେ ଶେଷଥରପାଇଁଦେଖାଯାଇଥିଲା। ଡ୍ରାଇଭରଙ୍କ କହିବାନୁଯାୟୀ କୌଣସି ବ୍ୟକ୍ତିଙ୍କ ସହ ଫୋନରେ ଆଲୋଚନା କରୁଥିବା ବେଳେ ଗାଡ଼ିରୁ ଓହ୍ଲାଇ ବୁଲିବାକୁ ଯାଉଛନ୍ତି କହି ସେ ଆଗକୁ ବଢ଼ିଥିଲେ। ଏହାପରେ ଡ୍ରାଇଭର ତାଙ୍କର ଆଉ କୌଣସି ଖୋଜ ଖବର ନ ପାଇଁ ଘରକୁ ଫେରିବା ପୂର୍ବରୁ ସମସ୍ତଙ୍କୁ ଜଣାଇଥିଲେ। ଚାପଗ୍ରସ୍ତ ସିଦ୍ଧାର୍ଥ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ ଆଶଙ୍କାବ୍ୟକ୍ତ କରିଛି। ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ଖୋଜିବା ପାଇଁ ଏନ୍‌ଡିଆର୍‌ଏଫ୍, କୋଷ୍ଟଗାର୍ଡ, ହୋମଗାର୍ଡ, ଅଗ୍ନିଶମ ସେବା ଓ କୋଷ୍ଟାଲ ପୋଲିସ ସହାୟତା ନିଆଯାଉଛି।

### କର୍ମଚାରୀଙ୍କୁ ଭାବବିହ୍ୱଳ ଚିଠି

ସିସିଡି ପ୍ରତିଷ୍ଠାତା ଭି.ଜି.ସିଦ୍ଧାର୍ଥ ନିରୁଦ୍ଦିଷ୍ଟ ହେବା ପରେ ତାଙ୍କର ପତ୍ର ସାମ୍ନାକୁ ଆସିଛି। ବୋର୍ଡ ଅଫ୍ ଡାଇରେକ୍ଟର୍ସ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ପତ୍ରରେ ସେ ଦର୍ଶାଇଛନ୍ତି ଯେ, ଦୀର୍ଘ ୩୭ ବର୍ଷ ଧରି ସବୁପ୍ରକାର ଚେଷ୍ଟା ସତ୍ତ୍ୱେ ସେ ଏକ ଲାଭଜନକ ବ୍ୟବସାୟିକ ପ୍ରତିଷ୍ଠାନ ପ୍ରତିଷ୍ଠା କରିବାରେ ବିଫଳ ହୋଇଛନ୍ତି। ନିଜ କମ୍ପାନୀ ପାଇଁ ସେ ସବୁକିଛି କଷ୍ଟ ସହିଛନ୍ତି। ତେବେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ବ୍ୟକ୍ତିମାନଙ୍କୁ ସେ ନିରାଶ କରିଥିବାରୁ ଦୁଃଖିତ ବୋଲି ସିଦ୍ଧାର୍ଥ ଲେଖିଛନ୍ତି। ଆଉ ଚାପ ସହିପାରିବି ନାହିଁ ବୋଲି ଉଲ୍ଲେଖ କରି ସେ ଲେଖିଛନ୍ତି ଯେ, କିଛିମାସ ପୂର୍ବେ ଜଣେ ଋଣପ୍ରଦାନକାରୀ ତଥା ଘରୋଇ ଇକ୍ୱିଟି ପାର୍ଟନରର ଶେୟାର କିଣିବା ଲାଗି ତାଙ୍କୁ ବାଧ୍ୟ କରିଥିଲେ। ଜଣେ ବନ୍ଧୁଙ୍କ ଠାରୁ ପ୍ରଚୁର ଅର୍ଥ ଆଣି ସେ ଶେୟାର କିଣିଥିଲେ। ତେବେ ଅନ୍ୟ ଋଣପ୍ରଦାନକାରୀ ମଧ୍ୟ ସମାନ ଦାବି ଜଣାଇଛନ୍ତି। ଏହାଛଡ଼ା ଆୟକର ବିଭାଗର ଜଣେ ପୂର୍ବତନ ଡିଜି ତାଙ୍କୁ ଅଯଥା ହଇରାଣ ହରକତ କରିଛନ୍ତି। ସଂଶୋଧିତ



ରିଟର୍ନ ଦାଖଲ କରିବା ସତ୍ତ୍ୱେ ମାଇଣ୍ଡଟ୍ରି ସହ ୨ ଥର ଚୁକ୍ତି କରିବାକୁ ଉଦ୍ୟମ କରି ସେ ବିଫଳ ହୋଇଥିଲେ। କାରଣ ଆୟକର ଡିଜି ତାଙ୍କ କମ୍ପାନୀ ଶେୟାରକୁ ଜବତ କରି ଏହାକୁ ପ୍ରତିଥର ରୋକିଥିଲେ। ଫଳରେ ସେ ନଗଦ ସଙ୍କଟର ସାମ୍ନା କରିଥିଲେ। ସେ ତାଙ୍କର ସମସ୍ତ ଆର୍ଥିକ କାରବାର ନିଜେ କରୁଥିଲେ। ଏ ସମ୍ପର୍କରେ ବୋର୍ଡ, କର୍ମଚାରୀ ଏପରିକି ପରିବାର ସଦସ୍ୟଙ୍କୁ ଲୁଚାଇଥିଲେ ବୋଲି ଦର୍ଶାଇ ସିଦ୍ଧାର୍ଥ ଏଥିପାଇଁ ସେ ଆଇନ ଦୃଷ୍ଟିରୁ ନିଜେ ହିଁ ଦାୟୀ ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି। ସେ ତାଙ୍କର ସମସ୍ତ ସମ୍ପତ୍ତି ସମ୍ପର୍କରେ ପତ୍ରରେ ଜଣାଇ ବକେୟା ଋଣ ଏହାଦ୍ୱାରା ପରିଶୋଧ ହୋଇଯିବ ବୋଲି ଦର୍ଶାଇଛନ୍ତି।

### ସ୍ୱାକ୍ଷରକୁ ନେଇ ଆୟକର ବିଭାଗର ସନ୍ଦେହ

ସିଦ୍ଧାର୍ଥଙ୍କ ପତ୍ର ଉପରେ ଆୟକର ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ସେ ମାର୍ଚ୍ଚ ୧୮ରେ ୧୦ ଟଙ୍କାର ଫେସ୍ ଭାଲ୍ୟୁରେ ୯୮୦ ଟଙ୍କା ପ୍ରତି ଶେୟାର ମୂଲ୍ୟରେ ସଫ୍ଟୱେୟାର କମ୍ପାନୀ ମାଇଣ୍ଡଟ୍ରିରେ ଥିବା ତାଙ୍କର ମୋଟ ୨୦ ପ୍ରତିଶତ ଶେୟାରକୁ ମୁମ୍ବାଇର ଲାର୍ସେନ ଆଣ୍ଡ ଟୁବ୍ରୋ(ଏଲ୍‌ଆଣ୍ଡଟି)କୁ ବିକ୍ରି କରିଦେଇଥିଲେ। ୨୦୧୭ ସେପ୍ଟେମ୍ବରରେ ଆୟକର ବିଭାଗ ପକ୍ଷରୁ ତାଙ୍କ ଅଫିସ୍‌ରେ ଚଢ଼ାଉ କରାଯାଇଥିଲା। ସିଦ୍ଧାର୍ଥଙ୍କ ଅଭିଯୋଗର ଜବାବରେ ଆୟକର ବିଭାଗ କହିଛି ଯେ, ଚଢ଼ାଉ ଓ ଖାନତଲାସ କରାଯିବା ପରେ ବଳିଷ୍ଠ ପ୍ରମାଣ ଭିତ୍ତିରେ ତାଙ୍କ କମ୍ପାନୀର ଶେୟାରକୁ ଜବତ କରାଯାଇଥିଲା। ଏଥିପାଇଁ ସମ୍ପୂର୍ଣ୍ଣ ଆଇନଗତ ପ୍ରକ୍ରିୟା ପାଳନ କରାଯାଇଛି। ମାଇଣ୍ଡଟ୍ରି ଶେୟାର ବିକି ସିଦ୍ଧାର୍ଥ ୩୩୦୦ କୋଟି ଟଙ୍କା ପାଇଥିବା ବେଳେ ଆୟକର ବାବଦରେ ମାତ୍ର ୪୬ କୋଟି ଟଙ୍କା ଦେଇଥିଲେ। କିନ୍ତୁ ସର୍ବନିମ୍ନ ଆୟକର ବାବଦରେ ତାଙ୍କୁ ୩୦୦ କୋଟି ଟଙ୍କା ଦେବାର ଥିଲା। ତେବେ ସିଦ୍ଧାର୍ଥଙ୍କ ସ୍ୱାକ୍ଷରକୁ ନେଇ ଆୟକର ବିଭାଗ ସନ୍ଦେହ ପ୍ରକାଶ କରିଛି। କାରଣ ଏହା ନିକଟରେ ଥିବା ତାଙ୍କର ସ୍ୱାକ୍ଷର ସହ ପତ୍ରରେ ଥିବା ସ୍ୱାକ୍ଷର ମେଳ ଖାଉନି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଷ୍ଟକ୍ ମାର୍କେଟକୁ ସୂଚନା

ସିସିଡି ପ୍ରତିଷ୍ଠାତା ଭି.ଜି.ସିଦ୍ଧାର୍ଥଙ୍କ ନିଖୋଜ ସମ୍ପର୍କରେ କମ୍ପାନୀ ପକ୍ଷରୁ ଷ୍ଟକ୍ ମାର୍କେଟକୁ ଜଣାଇ ଦିଆଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଅଦ୍ୟାବଧି ଯୋଗ୍ୟ ନେତୃତ୍ୱ ଅଧୀନରେ ଏହା ଚାଲିଛି। ଏହି ଟିମ୍ ଭବିଷ୍ୟତରେ ତା'ର କାମ କରିଦେଖାଇବ। ସିଦ୍ଧାର୍ଥଙ୍କ ନିଖୋଜ ହେବା ଖବର ପ୍ରଚାରିତ ହେବା ପରେ କାଫେ କଫି ଡେ ଏଣ୍ଟରପ୍ରାଇଜେସ୍ ଶେୟାର ମୂଲ୍ୟ ୨୦% ଲୋୟର ସର୍କିଟ ଛୁଇଁଥିଲା। ଏହା ୫୨ ସପ୍ତାହର ସର୍ବନିମ୍ନ ସ୍ତର ୧୫୪.୦୫ ଟଙ୍କା ପ୍ରତି ଶେୟାରରେ ପହଞ୍ଚିଯାଇଛି।

### ୫ ଲକ୍ଷରୁ କୋଟିପତି ବ୍ୟବସାୟୀ

କର୍ଣ୍ଣାଟକର ଚିକ୍‌ମଙ୍ଗଲୁରରେ ଜନ୍ମିତ ସିଦ୍ଧାର୍ଥଙ୍କ ପରିବାର କଫି ଚାଷ ସହ ଜଡ଼ିତ। ପରିବାର ନିକଟରେ ୧୫ ହଜାର ଏକର କଫି ବଗିଚା ରହିଛି। ତେବେ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ସମ୍ପତ୍ତିର ସହାୟତା ନ ନେଇ ସେ ତାଙ୍କର କଫି ଚେନ୍ ସୃଷ୍ଟି କରିଥିଲେ। ମଙ୍ଗଲୁରୁ ୟୁନିଭର୍ସିଟିରୁ ଇକୋନୋମିକ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିବା ପରେ ମୁମ୍ବାଇରେ ପହଞ୍ଚିଥିଲେ। ଜେଏମ ଫାଇନାନ୍ସିଆଲ ସର୍ଭିସେସ୍‌ରେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ କାର୍ଯ୍ୟାରମ୍ଭ କରିଥିଲେ। ସେହିଠାରୁ ଶେୟାର ମାର୍କେଟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ତେବେ ବେଶି ଦିନ ଚାକିରି ନ କରି ସେ ମୁମ୍ବାଇରୁ ମାଙ୍ଗାଲୋର ଫେରି ଆସିଥିଲେ। ପିତାଙ୍କଠାରୁ ମାତ୍ର ୫ ଲକ୍ଷ ଟଙ୍କା ନେଇ ସେ ନିଜର ବ୍ୟବସାୟ ଆରମ୍ଭ କରି ପରେ କୋଟିପତି ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ସେ ବ୍ୟବସାୟିକ କ୍ୟାରିୟର ଆରମ୍ଭରେ ଶିବନ ସିକ୍ୟୁରିଟିଜ ନାମରେ ଫାଇନାନ୍ସିଆଲ କମ୍ପାନୀ ଖୋଲିଥିଲେ। ପରେ ଏହାର ନାମ ୱେ୨ୱେଲ୍‌ଥ ସିକ୍ୟୁରିଟିଜ ରଖାଯାଇଥିଲା। ଏହା ଦେଶର ବଡ଼ ଫାଇନାନ୍ସିଆଲ ଏବଂ ଷ୍ଟକ୍ ବ୍ରୋକିଂ କମ୍ପାନୀ ହୋଇଥିଲା। ଏହାପରେ ସେ କର୍ଣ୍ଣାଟକରେ କଫି ଚେନ୍ ବ୍ୟବସାୟ ଆରମ୍ଭ କରିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ। କଫି କିଙ୍ଗ୍ ଭାବେ ସେ ପ୍ରସିଦ୍ଧି ଲାଭ କରିଥିଲେ। ଆଜି ତାଙ୍କ ନିକଟରେ ୧୭୫ କ୍ୟାଫେର ଚେନ୍ ରହିଥିବା ବେଳେ ୬୦ ହଜାରରୁ ଉର୍ଦ୍ଧ୍ୱ ଭେଣ୍ଡିଂ ମେଶିନ ରହିଛି। ଏହାଛଡ଼ା ଅଷ୍ଟ୍ରିଆ, କରାଚୀ, ଦୁବାଇ ଓ ଚେକ୍ ରିପବ୍ଲିକ୍‌ରେ ତାଙ୍କ କମ୍ପାନୀର ଆଉଟଲେଟ୍ ରହିଛି। କଫି ଛଡ଼ା ସେ ମାଇଣ୍ଡଟ୍ରି, ଗ୍ଲୋବାଲ ଟେକ୍ନୋଲୋଜି ଭେଞ୍ଚର୍ସ ଲିମିଟେଡ, ଡାର୍କ ଫରେଷ୍ଟ ଫର୍ନିଚର କମ୍ପାନୀ, ସିକାଲ ଲଜିଷ୍ଟିକ୍ସରେ ମଧ୍ୟ ସେ ନିବେଶ କରିଥିଲେ। ସେ ୩ ହଜାର ଏକର ଜମିରେ କଦଳୀ ଚାଷ କରି ବିଦେଶକୁ କଦଳୀ ରପ୍ତାନି କରୁଥିଲେ।

### ଭାରତ ଲାଇସେନ୍ସ ରାଜ୍‌ରୁ ଇନ୍ସପେକ୍ଟର ରାଜ୍‌ରେ ବଦଳିଯାଇଛି

ଭି.ଜି.ସିଦ୍ଧାର୍ଥଙ୍କ ନିଖୋଜ ପାଇଁ ଆୟକର ବିଭାଗକୁ ଦାୟୀ କରାଯାଉଥିବା ବେଳେ ନିଜ ପ୍ରତିକ୍ରିୟାରେ ବାୟୋକନ ମୁଖ୍ୟ କିରଣ ମଜୁମଦାର ସ' କହିଛନ୍ତି ଯେ, ଭାରତ ବର୍ତ୍ତମାନ ଲାଇସେନ୍ସ ରାଜ୍‌ରୁ ଇନ୍ସପେକ୍ଟର ରାଜ୍‌କୁ ବଦଳି ଯାଇଛି। ଏହାକୁ ନେଇ ସମସ୍ତେ ଚିନ୍ତିତ। ଭାରତକୁ ସ୍ୱଚ୍ଛ କରିବାକୁ ଉଦ୍ୟମ ହେଉଛି। ତେବେ ଏହାକୁ ପର୍ଯ୍ୟାୟକ୍ରମେ କରାଯିବା ଦରକାର ବୋଲି ସେ କହିଛନ୍ତି।

## କ୍ୟାବିନେଟ ନେବ ଶେଷ ନିଷ୍ପତ୍ତି

### ବିଏସ୍‌ଏନ୍‌ଏଲ୍–ଏମ୍‌ଟିଏନ୍‌ଏଲ୍ ମିଶ୍ରଣ ଉଦ୍ୟମ

MTNL | BSNL Connecting India

**ନୂଆଦିଲ୍ଲୀ, ୩୦-୭**

କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ) ଏବଂ ମହାନଗର ଟେଲିକମ୍ ନିଗମ ଲିମିଟେଡ(ଏମ୍‌ଟିଏନ୍‌ଏଲ)କୁ ମିଶାଇ ଦେବା ଲାଗି ଉଦ୍ୟମ କରୁଛନ୍ତି। ଟେଲିକମ ବିଭାଗ(ଡିଓଟି) ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ବିଚାର କରୁଛି। ତେବେ ଶେଷ ନିଷ୍ପତ୍ତି କେନ୍ଦ୍ର କ୍ୟାବିନେଟ ନେବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଦୁଇ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀର କ୍ଷତି ବଢ଼ି ବଢ଼ି ଚାଲିଥିବା ବେଳେ ଏହା ନିଜର କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଦେଇପାରୁ ନାହିଁ। ଅଧିକାରୀଙ୍କ କହିବାନୁଯାୟୀ ଟେଲିକମ୍ ବିଭାଗ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲର ରିଭାଇଭାଲ ବା ପୁନରୁଜ୍ଜୀବନ ପ୍ରକ୍ରିୟା ନେଇ ମଧ୍ୟ ବିଚାର କରୁଛି। ତେବେ ଏହାଦ୍ୱାରା ଉକ୍ତ ଦୁଇ କମ୍ପାନୀ ନିଜ ଅସ୍ତିତ୍ୱ ରକ୍ଷା କରିବାକୁ ଅକ୍ଷମ। ଏହି କାରଣରୁ ଦୁଇ କମ୍ପାନୀକୁ ମିଶାଇ ଦେବାକୁ ସରକାର ବିଚାର କରୁଛନ୍ତି। ତେବେ ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ମନ୍ତ୍ରିମଣ୍ଡଳ ନେବେ। ଟେଲିକମ୍ ବିଭାଗ ପକ୍ଷରୁ ଉକ୍ତ ଦୁଇ କମ୍ପାନୀର ଖର୍ଚ୍ଚକୁ କମାଇବା ସହ ଆୟ ବଢ଼ାଇବା ଲାଗି ଯୋଜନା ପ୍ରସ୍ତୁତ କରିଛି। କର୍ମଚାରୀଙ୍କୁ ଭିଆର୍‌ଏସ ପ୍ରଦାନ କରି ଖର୍ଚ୍ଚ କମାଇବା ସହ ସମ୍ପତ୍ତିକୁ ଲିଜ୍‌ରେ ଦେଇ ତଥା ୪ଜି ସ୍ପେକ୍ଟ୍ରମ ଆବଣ୍ଟନ ମାଧ୍ୟମରେ ଆୟ ବଢ଼ାଇବାକୁ ଉଦ୍ୟମ କରାଯିବ। ଚଳିତବର୍ଷ ଏପ୍ରିଲ ପହିଲା ସୁଦ୍ଧା ବିଏସ୍‌ଏନ୍‌ଏଲ୍‌ର ମୋଟ ସମ୍ପତ୍ତି ୩୪,୨୭୬ କୋଟି(ବିନା ଅଡିଟ) ଥିବା ବେଳେ ଏମ୍‌ଟିଏନ୍‌ଏଲ୍‌ର ସମ୍ପତ୍ତି ମୂଲ୍ୟ ୯୭୩୫ କୋଟି ଟଙ୍କା ରହିଛି।

## ନକଲି ପାର୍ଟସ ବ୍ୟବସାୟୀଙ୍କ ଉପରେ ହୋଣ୍ଡାର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୩୦-୭**

ସାରା ଦେଶରେ ନକଲି ହୋଣ୍ଡା ପାର୍ଟସ ବିକ୍ରି କରୁଥିବା ବ୍ୟବସାୟୀ ଏବଂ ନିର୍ମାତାଙ୍କ ବିରୋଧରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କମ୍ପାନୀ ଜୁନ ମାସରେ ୪ଟି ସ୍ଥାନରେ ଚଢାଉ କରିଛି। ଏହା ମଧ୍ୟରେ ଓଡ଼ିଶାର କଟକ ଥିବା ବେଳେ ଦିଲ୍ଲୀ ସହ ଅନ୍ୟ ସ୍ଥାନଗୁଡିକ ମଧ୍ୟ ସାମିଲ ରହିଛି। ୧୦,୪୬୨ ନକଲି ପାର୍ଟସ୍, ଆସେସୋରିଜ, ଡାଇସ, ସ୍କୁଟର କିଟ୍, ନକଲି ପ୍ୟାକେଜିଂ ମେଶିନ, ଲାବେଲ ଛପା ମେଶିନ ଜବତ ହୋଇଛି, ଯାହାର ମୂଲ୍ୟ ୪୯ ଲକ୍ଷ ଟଙ୍କା ରହିଛି। କଟକ ସେକ୍ଟର ୯ ଏବଂ ଚାନ୍ଦି ରୋଡରେ ଚଢାଉ କରାଯାଇଥିଲା।

HONDA

ରୋଡରେ ନକଲି ପାର୍ଟସ ବିକ୍ରି ସମସ୍ୟା ସମାଧାନ ଲାଗି ୨୦୧୭ରେ ହୋଣ୍ଡା ପକ୍ଷରୁ ବୌଦ୍ଧିକ ସମ୍ପତ୍ତି ଅଧିକାରୀ ପ୍ରବର୍ତ୍ତନ ଟିମ୍ ଗଠନ ହୋଇଥିଲା। ନକଲି ପାର୍ଟସ ବିକ୍ରି କରୁଥିବା ବ୍ୟବସାୟୀ, ନିର୍ମାତା ଓ ଯୋଗାଣକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ସହ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି।

## ହିରୋମୋଟୋକର୍ପର ରେକର୍ଡ ବୃକ୍ଷରୋପଣ




**ନୂଆଦିଲ୍ଲୀ, ୩୦-୭**

ହିରୋମୋଟୋକର୍ପ ପକ୍ଷରୁ ଦେଶର ୭ ସ୍ଥାନରେ ୨.୫ ଲକ୍ଷ ବୃକ୍ଷରୋପଣ କରାଯାଇଛି। ଉତ୍ତରାଖଣ୍ଡ ଡେରାଡୁନ ଜିଲାରେ ୩୬ଟି ଗ୍ରାମପଞ୍ଚାୟତର ୧୫ଟି ୱାର୍ଡରେ ୩୫ ହଜାର ପରିବାର ୨.୧ ଲକ୍ଷ ବୃକ୍ଷରୋପଣ କରି ଏସିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଡିଆ ବୁକ୍ ରେକର୍ଡ ଦ୍ୱାରା ଯାଞ୍ଚ ହୋଇ ବୃକ୍ଷରୋପଣରେ ସର୍ବାଧିକ ପରିବାରର ଯୋଗଦାନ ରେକର୍ଡ ଘୋଷଣା କରାଯାଇଛି। ଏଥିରେ କମ୍ପାନୀର ସିଆଇଓ ବିଜୟ ସେଠୀ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଶୈଳେନ୍ଦ୍ର ତ୍ୟାଗୀ, ସରକାରୀ ସ୍ନାତକୋତ୍ତର କଲେଜ ଅଧ୍ୟକ୍ଷ ଏନ୍‌ପି ମାହେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ଏସିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ଡ.ପରଭେଜ ଅହମ୍ମଦ ସିଆଇଓ ସେଠୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଅବସର ନେଲେ ଅଜିମ ପ୍ରେମ୍‌ଜୀ



**ନୂଆଦିଲ୍ଲୀ, ୩୦-୭**

ଦୀର୍ଘ ୫୩ ବର୍ଷ ଧରି ୱିପ୍ରୋ କାର୍ଯ୍ୟବାହୀ ଚେୟାରମ୍ୟାନ୍‌ଭାବେ ଦାୟିତ୍ୱ ସମ୍ଭାଳିବା ପରେ ଅଜିମ ପ୍ରେମ୍‌ଜୀ ମଙ୍ଗଳବାର ଅବସର ନେଇଛନ୍ତି। ଆଜିର ଦିନରେ ଅବସର ନେବେ ବୋଲି ପୂର୍ବରୁ ସେ ଘୋଷଣା କରିସାରିଥିଲେ। ବୁଧବାର ତାଙ୍କ ପୁତ୍ର ରିଷଦ କମ୍ପାନୀର ଉକ୍ତ ପଦ ସମ୍ଭାଳିବେ। ତେବେ ଅଜିମ କମ୍ପାନୀର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଅଧ୍ୟକ୍ଷ ଭାବେ ନିଜ ଦାୟିତ୍ୱ ସମ୍ଭାଳିବେ ବୋଲି ଜଣାପଡିଛି। ଅଜିମ ଆଇଟି ଇଣ୍ଡଷ୍ଟ୍ରିରେ ଜଣେ ବିଜ୍‌ନେସ୍ ଟାଇକୁନ ଭାବେ ପ୍ରସିଦ୍ଧ ହେବା ସହ ପରୋପକାର କାର୍ଯ୍ୟରେ ମଧ୍ୟ ବିଶ୍ୱରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ପରୋପକାର ମାମଲାରେ ସେ ଏସିଆରେ ଏକ ନମ୍ବର ଉଦ୍ୟୋଗପତି ଓ ବିଶ୍ୱର ଶୀର୍ଷ ୫ ଜଣଙ୍କ ମଧ୍ୟରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧.୫୫ ଲକ୍ଷ କୋଟି ଟଙ୍କା ହେବ। ମାର୍ଚ୍ଚରେ ସେ ୫୨,୭୫୦ କୋଟି ଟଙ୍କାର ଶେୟାର ଦାନ କରିଦେଇଛନ୍ତି। ସେ ଅଦ୍ୟାବଧି ୧.୪୫ ଲକ୍ଷ କୋଟି ଟଙ୍କା ଦାନ ଦେଇସାରିଛନ୍ତି। ତାଙ୍କର ପରୋପକାର ଓ ଦାନ ସମ୍ପର୍କରେ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସ ପ୍ରଶଂସା କରିସାରିଛନ୍ତି।

# ମିଥ୍ୟା ବିଜ୍ଞାପନ ଦ୍ୱାରା ଠକିଲେ ହେବ ୨ ବର୍ଷ ଜେଲ

## ଖାଉଟି ସୁରକ୍ଷା ବିଲ୍ ଲୋକ ସଭାରେ ପାସ୍

- ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସହାୟକ ହେବ
- ତ୍ୱରିତ ହେବ ଖାଉଟି ଅଭିଯୋଗ ସମାଧାନ
- ଗଠନ ହେବ ସିସିପିଏ
- ଜାତୀୟ,ରାଜ୍ୟ, ଜିଲା ସ୍ତରରେ ଫୋରମ
- ବାଦ୍ ପଡ଼ିବ ଖାଉଟି ସୁରକ୍ଷା ଆଇନ ୧୯୮୬




**ନୂଆଦିଲ୍ଲୀ,୩୦-୭**

ଖାଉଟି ସୁରକ୍ଷା ବିଲ୍ ମଙ୍ଗଳବାର ଲୋକ ସଭାରେ ପାସ୍ ହୋଇଛି। ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଏହି ବିଲ୍ ସହାୟକ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବିଲ୍ କାର୍ଯ୍ୟକାରୀ ହେଲେ ଏକ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ(ସିସିପିଏ) ଗଠନ ହେବ। ବର୍ତ୍ତମାନ ବିଲ୍‌ରେ ଏଭଳି ନିୟାମକ ଗଠନ ନେଇ କୌଣସି ସୁବିଧା ନାହିଁ। ନୂଆ ଆଇନ କାର୍ଯ୍ୟକାରୀ ହେଲେ ଗ୍ରାହକ କୌଣସି ଅସୁବିଧା ସାମ୍ନା କଲେ ଏହାର ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ହେବ। ବିଭ୍ରାନ୍ତିକର କିମ୍ବା ମିଥ୍ୟା ବିଜ୍ଞାପନ ଲାଗି ଉତ୍ପାଦନକାରୀ ଏବଂ ପ୍ରୋତ୍ସାହନକାରୀଙ୍କ ବିରୋଧରେ ୧୦ ଲକ୍ଷ ଟଙ୍କାର ଜରିମାନା ଏବଂ ୨ ବର୍ଷ ଜେଲ ଦଣ୍ଡର କ୍ଷମତା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ଗ୍ରାହକଙ୍କ ଅଭିଯୋଗ ଉପରେ ଉକ୍ତ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ବିଲ୍‌ରେ ପ୍ରସ୍ତାବ ରହିଛି। କର୍ତ୍ତୃପକ୍ଷ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସକ୍ଷମ ହେବେ ବୋଲି କେନ୍ଦ୍ର ଖାଦ୍ୟ ଏବଂ ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ ସୂଚନା ଦେଇଛନ୍ତି।

ପୂର୍ବରୁ ଗ୍ରାହକ ହଇରାଣ ହେଲେ ଅଭିଯୋଗ ସମାଧାନ ଲାଗି ଅନେକ ଦିନ ଅପେକ୍ଷା କରିବାକୁ ପଡୁଥିଲା। ଏଭଳି ପ୍ରସଙ୍ଗର ଗୁରୁତ୍ୱକୁ ବିଚାର କରି ସରକାର ଉକ୍ତ ବିଲ୍‌କୁ ମଞ୍ଜୁରି ଦେଇଥିବା ପାଶ୍ୱାନ କହିଛନ୍ତି। ଅଭିଯୋଗ ସମାଧାନ ଧାରା କିଭଳି ତ୍ୱରିତ ହୋଇ ପାରିବ ବିଲ୍‌ରେ ସେ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଛି। ଏହା ଉପଭୋକ୍ତାଙ୍କ ଅଧିକାରକୁ ପ୍ରୋତ୍ସାହିତ,ସୁରକ୍ଷିତ ଏବଂ କଡାକଡି ପାଳନ କରିବାରେ ସହାୟକ ହେବ। କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଉପଭୋକ୍ତା ଅଭିଯୋଗର ତଦନ୍ତ, ପୁନଃ ଆହ୍ୱାନ, କ୍ଷତିପୂରଣ, ଜରିମାନା ଲାଗୁ କରିବାର ବ୍ୟବସ୍ଥା ବିଲ୍‌ରେ କରାଯାଇଛି। ଉପଭୋକ୍ତା ଅଧିକାର ଉଲ୍ଲଘଂନ, ଅସ୍ୱଚ୍ଛ ବାଣିଜ୍ୟ କାରବାର, ବିଭ୍ରାନ୍ତିକର ବିଜ୍ଞାପନ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଉପଭୋକ୍ତା ଅଧିକାରକୁ ସୁନିଶ୍ଚିତ କରିବା ଲାଗି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଏଥିରେ ଉଲ୍ଲେଖ ରହିଛି।

ଜୁଲାଇ ୮ରେ ଏହି ବିଲ୍‌କୁ ଲୋକ ସଭାରେ ଆଗତ କରାଯାଇଥିଲା। ନୂଆ ବିଲ୍ ଆଇନରେ ପରିଣତ ହେଲେ ଖାଉଟି ସୁରକ୍ଷା ଆଇନ ୧୯୮୬ ବାଦ୍ ପଡିବ। ବିଧେୟକରେ ଖାଉଟି ବିବାଦ ସମାଧାନ କମିଶନ ଗଠନ ନେଇ ପ୍ରସ୍ତାବ ରହିଛି। ଅଭିଯୋଗ ବିଚାର ଲାଗି ଜାତୀୟ, ରାଜ୍ୟ ଏବଂ ଜିଲାସ୍ତରରେ ଫୋରମ୍ ସ୍ଥାପନ ହେବ। ଏହି ବିଲ୍ ଲୋକ ସଭାରେ ପ୍ରଥମେ ଜାନୁୟାରୀ ୨୦୧୮ରେ ଆଗତ ହୋଇଥିଲା। ସେହିବର୍ଷ ଡିସେମ୍ବରରେ ଏହା ପାସ୍ ହୋଇଥିଲା। ପରେ ଲୋକସଭାର କାର୍ଯ୍ୟକାଳ ଶେଷ ହେବା ଯୋଗୁ ଏହି ଧାରା ଆଗକୁ ବଢି ପାରି ନ ଥିଲା। ସରକାର ନୂଆ କରି ଏହି ବିଲ୍‌କୁ ସଂସଦରେ ଉପସ୍ଥାପନ କରିଛନ୍ତି। ଯାହାକୁ ମଙ୍ଗଳବାର ଲୋକସଭାର ମଞ୍ଜୁରୀ ମିଳିଛି।

**ବିଲ୍‌ରେ ଆଉ କଣ ରହିଛି**

- ପ୍ରଡକ୍ଟ ଲାୟାବିଲିଟି; କାର୍ଯ୍ୟାନୁଷ୍ଠାନ
- ଜବତ ଲାଗି ମହାନିର୍ଦ୍ଦେଶକଙ୍କୁ କ୍ଷମତା
- ଗୋଷ୍ଠୀଗତ ଅଭିଯୋଗ କ୍ଷେତ୍ରରେ ଜିଲାପାଳ ହସ୍ତକ୍ଷେପ କରିପାରିବେ
- ଖରାପ ପ୍ରଡକ୍ଟ ପ୍ରତ୍ୟାହାର ହୋଇ ପାରିବ; ଅଭିଯୋଗ ଦାୟର ଲାଗି ସିସିପିଏକୁ ଅଧିକ କ୍ଷମତା
- ସେଲିବ୍ରିଟି ବିଜ୍ଞାପନ ଉପରେ ଲାୟାବିଲିଟି; ଇ-କମର୍ସ, ପ୍ରତ୍ୟକ୍ଷ ବିକ୍ରି, ଟେଲି ମାର୍କେଟିଂ ବିଚାର ପରିସରଭୁକ୍ତ



“ ୨୦୧୩ ପରେ ଗୋଟିଏ ହେଲେ ବିଶ୍ୱକପ୍ ଟୁର୍ନାମେଣ୍ଟ ଜିତିପାରି ନ ଥିବାରୁ ଭାରତକୁ ସେମିଫାଇନାଲରୁ ଉନ୍ନୀତ ହେବା ଉପାୟ ବାହାର କରିବାକୁ ପଡ଼ିବ ।
–ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ



“ ଆହତ ସମସ୍ୟାରୁ ମୁକୁଳିବା ପରେ ଡବଲ୍ସ ଖେଳିବା ଆରମ୍ଭ କରିଛି, ସମ୍ଭବତଃ ଆସନ୍ତା ସିନ୍‌ସିନାଟି ଟୁର୍ନାମେଣ୍ଟରେ ମୁଁ ସିଙ୍ଗଲ୍ସକୁ ପ୍ରତ୍ୟାବର୍ତ୍ତନ କରିପାରେ ।
–ଆଣ୍ଡି ମୁରେ, ବ୍ରିଟିଶ ଟେନିସ ଖେଳାଳି

## ସଂକ୍ଷେପରେ

### ଥାଇଲାଣ୍ଡ ଓପନ୍‌ରୁ ଓହରିଲେ ସିନ୍ଧୁ



**ବ୍ୟାଙ୍କକ୍, ୩୦।୭ (ପି.ଟି.):** ଶ୍ରେଷ୍ଠ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଡବ୍ଲ୍ୟୁଏଫ୍ ସୁପର୍ ୫୦୦ ଇଭେଣ୍ଟରୁ ଓହରି ଯାଇଛନ୍ତି। ବୁଧବାରଠାରୁ ମୁଖ୍ୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଥିବାବେଳେ ସିନ୍ଧୁ ଏହାର ଗୋଟିଏ ଦିନ ପୂର୍ବରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ କେଉଁ କାରଣ ଲାଗି ସେ ପ୍ରତିଯୋଗିତାରୁ ଓହରିଲେ ତାହା ଆୟୋଜକଙ୍କ ତରଫରୁ ସ୍ପଷ୍ଟ କରାଯାଇନାହିଁ। ଗତ ସପ୍ତାହରେ ସିନ୍ଧୁ ଇଣ୍ଡୋନେସିଆ ଓପନ୍ ଫାଇନାଲକୁ ପ୍ରବେଶ କରିଥିଲେ ମଧ ଜାପାନର ଏକାନେ ୟାମାଗୁଚିଙ୍କ ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଅପରପକ୍ଷରେ ଆଘାତଜନିତ କାରଣରୁ ଇଣ୍ଡୋନେସିଆ ଓ ଜାପାନ ଓପନ୍‌ରୁ ଓହରି ଯାଇଥିବା ସାଇନା ନେହ୍ୱାଲ ଏହି ପ୍ରତିଯୋଗିତା ମାଧମରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିବେ।

### ମୁଖ୍ୟ ପର୍ଯ୍ୟାୟରେ ସୌରଭ, ସାଇ

**ବ୍ୟାଙ୍କକ୍, ୩୦।୭ (ପି.ଟି.):** ସୌରଭ ବର୍ମା ଓ ସାଇ ଉତ୍ତେଜିଆ ରାଓ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ଓ ସାଇ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ବିଜୟ ଲାଭ କରିଥିଲେ। ସୌରଭ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୨୧-୧୮, ୨୧-୧୯ ଗେମ୍‌ରେ ଥାଇଲାଣ୍ଡର କଣ୍ଟାଓ୍ୱାଟ୍ ଲିଲାଭେଚବଟର୍‌ଙ୍କୁ ପରାସ୍ତ କରିଥିଲେ। ଏହାପରେ ୨ୟ ରାଉଣ୍ଡରେ ୧୧-୨୧, ୨୧-୧୪, ୨୧-୧୮ ଗେମ୍‌ରେ ଚାଇନାର ଝୋଉ ଝେ କ୍ୱି’ଙ୍କୁ ହରାଇ ମୁଖ୍ୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ପୂର୍ବରୁ ଝୋଉ ଅନ୍ୟତମ ଭାରତୀୟ ଖେଳାଳି ଅଜୟ୍ ଜୟରାମଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ସାଇ ଉତ୍ତେଜିଆ ୧୬-୨୧, ୨୧-୧୪, ୨୧-୧୯ ଗେମ୍‌ରେ କାନାଡାର ଟମ୍ ବ୍ରିଟ୍‌ନୀଙ୍କୁ ହରାଇଛନ୍ତି।

### ବିସିସିଆଇ ଅମ୍ପାୟର ଲେଭଲ-୨ କୋର୍ସ ଶେଷକଲେ ଦୁର୍ଗାଦତ୍ତ

**କଟକ ଅଫିସ,୩୦।୭:** ଓସିଏ ପ୍ୟାନେଲ ଅମ୍ପାୟର ଦୁର୍ଗାଦତ୍ତ ଦାସ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଅମ୍ପାୟର ଲେଭଲ-୨ କୋର୍ସରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଗଷ୍ଟ ୧୩ ଓ ୧୪ରେ ନାଗପୁରଠାରେ ହେବାକୁ ଥିବା ଦୁଇଦିନିଆ କାର୍ଯ୍ୟକ୍ରମରେ ଦୁର୍ଗାଦତ୍ତ ଯୋଗ ଦେବେ । ଓସିଏ କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ଦୁର୍ଗାଦତ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଗୁରୁବାରଠାରୁ ଆଶେସ
# ନଜରରେ ୫ କ୍ରିକେଟର୍

**ଲଣ୍ଡନ, ୩୦।୭ (ଏଏଫ୍‌ପି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆସନ୍ତା ଗୁରୁବାରଠାରୁ ଏଜ୍‌ବାଷ୍ଟନରେ ଆଶେସ ସିରିଜର ୭୧ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ନିକଟରେ ପ୍ରଥମଥର ଆଇସିସି ବିଶ୍ୱକପ୍ ଜିତିବାର ସ୍ୱାଦ ଚାଖିଥିବା ଘରୋଇ ଇଂଲଣ୍ଡର ମନୋବଳ ବେଶ୍ ଦୃଢ଼ ରହିଥିବାବେଳେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ମଧ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଆରମ୍ଭ ହେବାକୁ ଆଉ ଗୋଟିଏ ଦିନ ବାକି ରହିଥିବାବେଳେ ଉଭୟ ଦଳର ୫ ଖେଳାଳି ନଜରରେ ରହିବେ। ଏମାନେ ଚଳିତ ଆଶେସ ସିରିଜରେ ପ୍ରଦର୍ଶନର ଛାପ ଛାଡ଼ିବେ ବୋଲି ଆଶା କରାଯାଉଛି।**

### ୧- ଜାସନ ରୟ୍ (ଇଂଲଣ୍ଡ)



ବିଶ୍ୱକପ୍ ବିଜୟୀ ଇଂଲଣ୍ଡ ଦଳର ପ୍ରମୁଖ ସଦସ୍ୟ ଜାସନ ରୟ ଗୋଟିଏ ଟେଷ୍ଟ ଖେଳିବାର ଅଭିଜ୍ଞତା ରଖିଛନ୍ତି। ନିକଟରେ ଆୟର୍ଲାଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରି ସେ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ଏହି ମ୍ୟାଚ୍‌ର ୨ୟ ଇନିଂସରେ ସେ ୭୨ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଆଶେସ ସିରିଜରେ ରୟ ଇଂଲଣ୍ଡ ଦଳର ଓପନିଂ ସମସ୍ୟାର ସ୍ଥାୟୀ ସମାଧାନ କରିବେ ବୋଲି ଆଶା କରାଯାଉଛି। ୨୦୧୨ରେ ଅଧିନାୟକ ଆଣ୍ଡ୍ରଉ ଷ୍ଟ୍ରସ ଅବସର ଘୋଷଣା କରିବା ପରେ ଇଂଲଣ୍ଡ ପାଇଁ ଓପନିଂ ସମସ୍ୟା ଦେଖାଦେଇଛି। ଓପନିଂ ଯୋଡ଼ି ପାଇଁ ଇଂଲଣ୍ଡ ଅନେକ ଖେଳାଳିଙ୍କ ପରୀକ୍ଷା କରିଥିଲେ ମଧ ଏହାର ସ୍ଥାୟୀ ସମାଧାନ ବାହାରିପାରି ନାହିଁ। ଇଂଲଣ୍ଡ ଘରୋଇ ମାଟିରେ ଶେଷ ୪୩ ଟେଷ୍ଟରୁ ୨୭ରେ ବିଜୟ ଲାଭ କରିଥିବାବେଳେ ୧୧ ମ୍ୟାଚ୍ ହାରିଛି।

### ୨- ଜୋଫ୍ରା ଆର୍ଚର (ଇଂଲଣ୍ଡ)



ବର୍ତ୍ତମାନ ସୁଦ୍ଧା ଟେଷ୍ଟ ପଦାର୍ପଣ କରି ନ ଥିଲେ ମଧ ଗତ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ସସେକ୍ସ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଆଶେସରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିବା ଏକପ୍ରକାର ସ୍ପଷ୍ଟ ହୋଇଛି। ବିଶ୍ୱକପ୍ ସୁପର୍ ଓଭର୍‌ର ଫାଇନାଲ ଓଭର ବୋଲିଂ କରିଥିବା ଆର୍ଚର ୨୩.୦୫ ଆଭରେଜରେ ମୋଟ୍ ୨୦ ଉଇକେଟ୍ ନେଇ ଦଳକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାର୍ବାଡସ ଜନ୍ମିତ ୨୪ ବର୍ଷୀୟ ଆର୍ଚର ୨୮ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୧୩୧ ଉଇକେଟ୍ ନେଇଛନ୍ତି। ତାଙ୍କ ଅତିରିକ୍ତ ସ୍ପିଡ୍ ଓ ବାଉନ୍ସର ବଲ୍‌କୁ ଇଂଲଣ୍ଡ ଆଶେସରେ ବ୍ୟବହାର କରି ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇବାକୁ ଲକ୍ଷ୍ୟ ରଖିଛି।

### ୩- ଜେମ୍ସ ଆଣ୍ଡରସନ (ଇଂଲଣ୍ଡ)



ମଙ୍ଗଳବାର ୩୭ ବର୍ଷରେ ପଦାର୍ପଣ କରିଥିବା ଭେଟେରାନ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଚଳିତ ଆଶେସରେ ଘରୋଇ ଇଂଲଣ୍ଡ ପାଇଁ ବୋଲିଂରେ ପ୍ରମୁଖ ଅସ୍ତ୍ର ରହିବେ। ଇଂଲଣ୍ଡ କଣ୍ଡିସନରେ ‘କିଙ୍ଗ୍ ଅଫ୍ ସୁଇଂ’ ଭାବେ ପରିଚିତି ଲାଭ କରିଥିବା ଏହି ଡାହାଣହାତୀ ଦ୍ରୁତ ବୋଲରଙ୍କ ନାମରେ ଟେଷ୍ଟ କ୍ରିକେଟରେ ଜାତୀୟ ଦଳ ପକ୍ଷରୁ ସର୍ବାଧିକ ଉଇକେଟ୍ ନେବାର କୀର୍ତ୍ତିମାନ ରହିଛି। ୧୪୮ ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରଖିଥିବା ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡ୍ ଯୋଡ଼ି ନୂଆ ବଲ୍‌ରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ବେଶ୍ ଘାତକ ସାବ୍ୟସ୍ତ ହେବେ ବୋଲି କ୍ରିକେଟ୍ ବିଶେଷଜ୍ଞ ଆକଳନ କରିଛନ୍ତି।

### ୪- ଡେଭିଡ୍ ୱାର୍ନର (ଅଷ୍ଟ୍ରେଲିଆ)

ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ହୋଇଥିବା ୩ କ୍ରିକେଟର୍‌ଙ୍କ ମଧ୍ୟରୁ ଡେଭିଡ୍ ୱାର୍ନର ଆଶେସ ଜରିଆରେ ସଫଳତାର ସହ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗତ ବିଶ୍ୱକପ୍‌ରେ ଷ୍ଟିଭ୍ ସ୍ମିଥ୍‌ଙ୍କ ସହ ସେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରି ୬୪୭ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଥିଲେ ମଧ ୱାର୍ନର ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଛାପ



ଛାଡ଼ିପାରିଥିଲେ। ବର୍ତ୍ତମାନ ସୁଦ୍ଧା ଟେଷ୍ଟ କ୍ରିକେଟ୍‌ରେ ୱାର୍ନର ୪୮ ମ୍ୟାଚ୍ ଖେଳି ୨୧ ଶତକ ଜରିଆରେ ୬ ହଜାରରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ୨୦୧୯ ବିଶ୍ୱକପ୍‌ରେ ୱାର୍ନର ଇଂଲଣ୍ଡ ବୋଲରଙ୍କ ପାଇଁ ବିପଜ୍ଜନକ ହୋଇପାରନ୍ତି।

### ୫- ମିଚେଲ ଷ୍ଟାର୍କ (ଅଷ୍ଟ୍ରେଲିଆ)



ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଯଦି ସମ୍ପୂର୍ଣ୍ଣ ସୁସ୍ଥ ଲାଭ କରନ୍ତି ତେବେ ଆଶେସ ସିରିଜରେ ସେ ଭ୍ରମଣକାରୀ ଅଷ୍ଟ୍ରେଲିଆ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବେ ଏଥିରେ ଦ୍ୱିମତ ନାହିଁ। ଷ୍ଟାର୍କ ବର୍ତ୍ତମାନ ସୁଦ୍ଧା ୫୧ ଟେଷ୍ଟରୁ ୨୦୦ ଉଇକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଶାର୍ପ ସୁଇଂ ସାଙ୍ଗକୁ ଅତିରିକ୍ତ ପେସ୍ ବୋଲିଂର ଦକ୍ଷତା ରଖିଥିବା ଷ୍ଟାର୍କ ଘରୋଇ ବ୍ୟାଟ୍ସମ୍ୟାନଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରନ୍ତି। ଯଦି ଅଷ୍ଟ୍ରେଲିଆ ସିରିଜରେ ବିଜୟ ଲାଭ କରେ ତେବେ ଷ୍ଟାର୍କଙ୍କ ପାଇଁ ଏହା ଡବଲ୍ ସଫଳତା ହେବ। ପୂର୍ବରୁ ଷ୍ଟାର୍କଙ୍କ କ୍ରିକେଟର୍ ସ୍ତ୍ରୀ ଏଲିସା ହେଲୀ ଅଷ୍ଟ୍ରେଲିଆ ମହିଳା ଦଳ ସହ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଆଶେସ ସିରିଜ ଜିତି ସାରିଛି। ଇଂଲଣ୍ଡ କଣ୍ଡିସନକୁ ନଜରରେ ରଖି ଷ୍ଟାର୍କଙ୍କ ସମେତ ଜେମ୍ସ ପାଟ୍ଟିସନ, ପିଟର ସିଡ୍‌ଲୀ ଓ ଜୋଶ୍ ହାଜଲଉଡ୍‌ଙ୍କ ରୂପରେ ୪ ଜଣ ଦ୍ରୁତ ବୋଲରଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରିଛି।

## ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ପାର୍ବତୀଙ୍କୁ ବ୍ରୋଞ୍ଜ



ପଦକ ସହ ପାର୍ବତୀ ସେଠୀ।

**କଟକ ଅଫିସ,୩୦।୭**

ଇଟାଲୀର ଟୋରିନୋ ସହରରେ ଚାଲିଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଅନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଶଟପୁଟ ଫାଇନାଲରେ ୧୦.୧୬ ମିଟର ଦୂରତାକୁ ଫିଙ୍ଗି ପାର୍ବତୀ ବ୍ରୋଞ୍ଜ ପଦକ ଜିତିଥିଲେ। ତେବେ ଅଳ୍ପ ବ୍ୟବଧାନରେ ପାର୍ବତୀ ରୌପ୍ୟ ପଦକରୁ ବଞ୍ଚିତ ହୋଇଛନ୍ତି । ଏହି ଇଭେଣ୍ଟରେ ଜର୍ମାନୀ ପ୍ରତିଯୋଗୀ ରୌପ୍ୟ ଓ ଚେକ୍ ରିପବ୍ଲିକ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆସନ୍ତା ୧ ତାରିଖରେ ପାର୍ବତୀଙ୍କର ମୁଖ୍ୟ ଇଭେଣ୍ଟ ଡିସକସ ଥ୍ରୋ ଅନୁଷ୍ଠିତ ହେବ। ଏଥିରେ ସେ ସ୍ୱର୍ଣ୍ଣ ପଦକ ଜିତିବାର ଆଶା ରଖିଛନ୍ତି ବୋଲି ଇଟାଲୀରୁ ସୂଚନା ଦେଇଛନ୍ତି। ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ ପାର୍ବତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରଜନେଶଙ୍କ ବିଜୟ ଅଭିଯାନ

**ଲସ୍ କାବୋସ (ମେକ୍ସିକୋ), ୩୦।୭ (ପି.ଟି.):** ଭାରତର ଶ୍ରେଷ୍ଠ ସିଙ୍ଗଲ୍ସ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଏଠାରେ ଅନୁଷ୍ଠିତ ଏଟିପି ଲସ୍ କାବୋସ ଇଭେଣ୍ଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବିଶ୍ୱ ମାନ୍ୟତାର ୯୦ତମ ସ୍ଥାନରେ ରହିଥିବା ଏହି ବାମହାତୀ ଖେଳାଳି ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୬-୪, ୧-୬, ୬-୨ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲ୍‌ମ୍ୟାନଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୬୭ତମ ସ୍ଥାନରେ ରହିଥିବା ମିଲ୍‌ମ୍ୟାନଙ୍କୁ ହରାଇବାକୁ ପ୍ରଜନେଶଙ୍କୁ ଏକ ଘଣ୍ଟା ୪୯ ମିନିଟ୍ ସମୟ ଲାଗିଥିଲା। ଦ୍ୱିତୀୟ ରାଉଣ୍ଡରେ ପ୍ରଜନେଶଙ୍କ ମୁକାବିଲା ବିଶ୍ୱ ମାନ୍ୟତାର ୨୮ତମ ସ୍ଥାନରେ ରହିଥିବା ଆମେରିକାର ଟେଲର ଫ୍ରିଡ୍‌ଜଙ୍କ ସହ ହେବାର ସମ୍ଭାବନା ରହିଛି।

## ରେଲୱେକୁ ହରାଇଲା ଓଡ଼ିଶା ପୋଲିସ

**କଟକ ଅଫିସ,୩୦।୭**

କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୨-୧ ଗୋଲରେ ପୂର୍ବତଟ ରେଲୱେକୁ ପରାସ୍ତ କରିଛି। ଓଡ଼ିଶା ପୋଲିସ ପକ୍ଷରୁ ଅରୁଣ ବୁଦୁଲା ୧୪ତମ ମିନିଟରେ ଓ ବିଜୟ ଘାଲାନ ୧୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରେଲୱେ ପକ୍ଷରୁ ସନାତନ ଲୋହାର ୪୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧରେ ଓଡ଼ିଶା ପୋଲିସ ୨-୧ରେ ଅଗ୍ରଣୀ ରହିଥିଲା। ରେଲୱେ ଦ୍ୱିତୀୟାର୍ଦ୍ଧରେ ଗୋଲ ସ୍କୋର ନ କରି ପାରିବା ଫଳରେ ପରାଜୟ ବରଣ କରିଥିଲା ।



ଓଡ଼ିଶା ପୋଲିସ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଏମ୍.ବି. ସ୍ମାରକୀ କ୍ରୀଡ଼ା ସମ୍ମାନ ପାଇବେ ୫ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୩୦।୭(କ୍ରୀଡ଼ା ପ୍ରତିନିଧି)**

ମକୁନ୍ଦ ବରାଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ୫ କ୍ରୀଡ଼ାବିତ୍‌ଙ୍କୁ ଏମ୍.ବି. ସ୍ମାରକୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ ଫୁଟବଲ ପ୍ରତିଭା ଲକ୍ଷ୍ମୀପ୍ରିୟା ଲେଙ୍କା, କରାଟେକା ମଧୁପ୍ରିୟା, ରେସଲର ଶିବାନୀ ଜେନା ଓ ଜୁଡୋକା ନିତ୍ୟା ମାଝିଙ୍କୁ ୪ର୍ଥ ଏମ୍.ବି. କ୍ରୀଡ଼ା ପ୍ରତିଭା ସମ୍ମାନ ଏବଂ ମନିଷା ମେରେଲଙ୍କୁ ଏମବି ମେମୋରିଆଲ-ଅନୁରାଧା ବିଶ୍ୱାଳ ସମ୍ମାନ ପ୍ରଦାନ କରାଯିବ। ମନୋନୀତ ପ୍ରତିଭାମାନଙ୍କୁ ମାନପତ୍ର, ଉପଢୌକନ ସହ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟର ଅଧକ୍ଷ ନବରଞ୍ଜନ ପଟ୍ଟନାୟକ ଓ ଟ୍ରଷ୍ଟି କୈବଲ୍ୟ ବରାଳ ସୂଚନା ଦେଇଛନ୍ତି। ଅଗଷ୍ଟ ୧୦ରେ ସୂଚନାଭବନଠାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରାଯିବା ସହ ଅତୀତର କ୍ରୀଡ଼ା ଗୁରୁ ଓ ସେମାନଙ୍କ ଶିଷ୍ୟଙ୍କୁ ଲୋକ ଲୋଚନକୁ ଆଣିବା ଏବଂ ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ଲକ୍ଷ୍ୟରେ ଟ୍ରଷ୍ଟ ପକ୍ଷରୁ ୨୦୧୬ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୁରୀ ସହରର ପ୍ରଥମ କୁସ୍ତି ଗୁରୁଭାବେ ପରିଚିତ ମକୁନ୍ଦ ବରାଳଙ୍କ ନାମରେ ନାମିତ ଏହି ଟ୍ରଷ୍ଟ ପୁରାତନ ଓ ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରି ଆସୁଛି।



ନିତ୍ୟା ମାଝୀ, ଶିବାନୀ ଜେନା, ଲକ୍ଷ୍ମୀପ୍ରିୟା ଲେଙ୍କା, ମଧୁପ୍ରିୟା ଓ ମନିଷା ମେରେଲ।

## ସୌଭାଗ୍ୟଙ୍କୁ ଆଇରନ ମ୍ୟାନ୍ ଟାଇଟଲ

**କଟକ ଅଫିସ,୩୦।୭:** ଓଡ଼ିଶାର ସୌଭାଗ୍ୟ କୁମାର ରଥ ଆଇରନ ମ୍ୟାନ୍ ଟାଇଟଲ ହାସଲ କରିଛନ୍ତି। ଜର୍ମାନୀର ହାମବର୍ଗଠାରେ ଅନୁଷ୍ଠିତ ଆଇରନ ମ୍ୟାନ ପ୍ରତିଯୋଗିତାର ସବୁ ରାଉଣ୍ଡକୁ ସଫଳତାର ସହ ଶେଷ କରି ସୌଭାଗ୍ୟ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ପୂର୍ବରୁ ସିଦ୍ଧାର୍ଥ ରାଉତରାୟ ଆଇରନ ମ୍ୟାନ୍ ଟାଇଟଲ ହାସଲ କରିଥିଲେ। ବିଶ୍ୱର ବଛାବଛା ୨୬୫୦ ପ୍ରତିଯୋଗୀଙ୍କୁ ନେଇ ହାମବର୍ଗରେ ଏହି ପ୍ରତିଯୋଗିତା ହୋଇଥିଲା। ୧୬ଜଣ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରୁ ସୌଭାଗ୍ୟ ଏକମାତ୍ର ଓଡ଼ିଆ ପ୍ରତିଯୋଗୀ ଥିଲେ। ଆଇରନ ମ୍ୟାନ ପ୍ରତିଯୋଗିତାରେ ଆଲଷ୍ଟର ନଦୀରେ ୩.୮କିମି ସନ୍ତରଣ, ୧୮୦କିମି ସାଇକେଲ ଚାଳନା ଓ ୪୨କିମି ଦୌଡ଼ ସାମିଲ ଥିଲା । ଉକ୍ତ ୩ଟି ଯାକ ଇଭେଣ୍ଟକୁ ୧୫ ଘଣ୍ଟା ୫୦ମିନିଟରେ ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସୌଭାଗ୍ୟ ୧୫ଘଣ୍ଟା ୨୭ମିନିଟ ୫୯ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରି ଉକ୍ତ ସଫଳତା ସାଉଁଟିଥିଲେ। ୧୬ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରୁ ୨ଜଣ ନିର୍ଦ୍ଧାରିତ ସମୟ ମଧ୍ୟରେ ଲକ୍ଷ୍ୟ ଅତିକ୍ରମ କରି ପାର ନ ଥିଲେ। ପୂର୍ବରୁ ଶ୍ରୀଲଙ୍କାରେ ଓ ଜର୍ମାନୀରେ ଆଇରନ ମ୍ୟାନ ପ୍ରତିଯୋଗିତାରେ ମଧ ସୌଭାଗ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଏବେ ଲକ୍ଷ୍ୟ ପୂରଣ ହୋଇଥିବାରୁ ବିଭିନ୍ନ ବର୍ଗରୁ ସୌଭାଗ୍ୟଙ୍କୁ ଶୁଭେଚ୍ଛା ମିଳିବାରେ ଲାଗିଛି । ନିଜ ପ୍ରତିକ୍ରିୟାରେ ସୌଭାଗ୍ୟ କହିଛନ୍ତି ଯେ, ଶ୍ରୀଲଙ୍କାର କଲମ୍ବୋ ପ୍ରତିଯୋଗିତା ପରେ ଜର୍ମାନୀ ନିମନ୍ତେ ବହୁତ ପରିଶ୍ରମ କରିଥିଲି । ଶୁଭେଚ୍ଛୁଙ୍କ ଭଲ ପାଇବା ଓ ପିତାମାତା, ଭଗବାନଙ୍କ ଆଶୀର୍ବାଦ ମୋ ସହିତ ଥିଲା । ଜର୍ମାନୀରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପ୍ରତିଯୋଗିତା ବହୁ କଷ୍ଟଦାୟକ ଥିଲା। ମା’ ବାସନ୍ତୀ ରଥ ଓ ପିତା ସ୍ୱର୍ଗତ ପଞ୍ଚାନନ ରଥଙ୍କ ପୁତ୍ର ସୌଭାଗ୍ୟଙ୍କ ଘର ନୟାଗଡ଼ ଜିଲାରେ ।



## ନେମାରଙ୍କ ବିରୋଧରେ ତଦନ୍ତ ଶେଷ

**ସାଓ ପାଉଲୋ,୩୦।୭(ଏଏଫ୍‌ପି)**

ବ୍ରାଜିଲ ଫୁଟବଲ ସୁପରଷ୍ଟାର ନେମାରଙ୍କ ବିରୋଧରେ ଆସିଥିବା ବଳାତ୍କାର ଅଭିଯୋଗର ତଦନ୍ତ ଶେଷ ହୋଇଛି। ପ୍ରମାଣ ଅଭାବରୁ ବ୍ରାଜିଲ ପୋଲିସ ତଦନ୍ତ ଆଗକୁ ନ ବଢାଇ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛି ବୋଲି ସାଓ ପାଉଲୋ ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟ ତରଫରୁ

**ବଳାତ୍କାର ଅଭିଯୋଗ**

କୁହାଯାଇଛି। ପୋଲିସର ଏହି ନିଷ୍ପତ୍ତି ସମ୍ପର୍କରେ ରିପୋର୍ଟ ପ୍ରସେକ୍ୟୁଟରଙ୍କ ପାଖକୁ ପଠାଇଦିଆଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ପ୍ରସେକ୍ୟୁଟର ଏହି ମାମଲାର ମୂଲ୍ୟାଙ୍କନ କରିବେ। ତେବେ ବିଚାରପତି ଏ ସଂକ୍ରାନ୍ତରେ ଅନ୍ତିମ ରାୟ ପ୍ରଦାନ କରିବେ। ଏ ନେଇ ନେମାରଙ୍କ ମୁଖପାତ୍ର କିଛି କହିବାକୁ ଅକ୍ଷମ ବୋଲି କହିଛନ୍ତି। ମଙ୍ଗଳବାର ପୋଲିସ ଏ ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେବାର କାର୍ଯ୍ୟକ୍ରମ ରହିଛି।



ଉଲ୍ଲେଖଥାଉ କି, ଗତ ମେ ମାସରେ ପ୍ୟାରିସର ଏକ ହୋଟେଲରେ ନେମାର ବଳାତ୍କାର କରିଛନ୍ତି ବୋଲି ବ୍ରାଜିଲର ଜଣେ ମହିଳା ଅଭିଯୋଗ ଆଣିଥିଲେ। ତେବେ ନେମାର ଏଭଳି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଥିଲେ। ସେତେବେଳେ ଏ ନେଇ ବ୍ରାଜିଲ୍‌ରେ ଜୋରଦାର ଚର୍ଚ୍ଚା ଚାଲିଥିଲା ଓ ଏହା ଦ୍ୱାରା ବ୍ରାଜିଲର କୋପା ଆମେରିକା ପ୍ରସ୍ତୁତିକୁ ମଧ ପ୍ରଶଂସକମାନେ ସେତେଟା ଗୁରୁତ୍ୱ ଦେଇ ନ ଥିଲେ। ଏହି ଟୁର୍ନାମେଣ୍ଟ ଫାଇନାଲରେ ବ୍ରାଜିଲ ୩-୧ ଗୋଲରେ ପେରୁକୁ ହରାଇ ରେକର୍ଡ ନବମଥର ପାଇଁ ଟାଇଟଲ ହାସଲ କରିଥିଲା। ଏହି ମାମଲାରେ ନେମାର ସାଓ ପାଉଲୋ ପୋଲିସ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ମେ’ ଶେଷ ଆଡକୁ ତାଙ୍କୁ ପୋଲିସ୍ ପଚରା ଉଚାର ମଧ କରିଥିଲା। ତେଣୁ ନେମାର ଏହି ମାମଲାରେ ନିର୍ଦ୍ଦୋଷ ବୋଲି ଅଧିକାଂଶ ବ୍ରାଜିଲ ଅଧିବାସୀ ବିଚାର କରନ୍ତି। ଜଣାଶୁଣା ଫୁଟବଲ କ୍ଲବ୍ ପ୍ୟାରିସ- ସେଣ୍ଟ- ଜର୍ମାନ ପାଇଁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିବା ନେମାର ଚଳିତ ମାସ ପ୍ରାରମ୍ଭରେ ଫ୍ରାନ୍ସ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୦୧୭ରେ ସେ ଏହି କ୍ଲବ୍‌ରେ ଯୋଗ ଦେଇଥିଲେ। ଏବେ ସେ ବାର୍ସିଲୋନା ପାଇଁ ପୁଣି ଖେଳିବାକୁ ଇଚ୍ଛା ଜାହିର କରିଛନ୍ତି।

ମହମ୍ମଦ ଅମିର ଟେଷ୍ଟ କ୍ରିକେଟରୁ ଅବସର ନେବା ନେଇ ମୁଁ ଆଶ୍ଚର୍ଯ୍ୟାନ୍ୱିତ ନୁହେଁ, କାରଣ ସ୍ପଟ୍ ଫିକ୍ସିଂ ପାଇଁ ବାସନ୍ଦ ଦଣ୍ଡ ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେଇଥିଲା ।
–ମିକି ଆର୍ଥର, ପାକିସ୍ତାନ ମୁଖ୍ୟ କୋଚ୍



ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପନ୍ଥା ଅନୁକରଣ କଲେ ଅଧଃପତନ ଘଟିଥାଏ, ବରଂ ନିଜ ପେସାରେ ଯେପରି ଅଧିକ ପରିପକ୍ୱ ହୋଇପାରିବ ସେ ଦିଗରେ ଧ୍ୟାନଦେବା ଉଚିତ ।
–ବେନ୍ ଷ୍ଟୋକ୍ସ, ଇଂଲଣ୍ଡ କ୍ରିକେଟର



## ସଂକ୍ଷେପରେ

### ଆଇସିସି ଏଲିଟ୍ ଅମ୍ପାୟର ପ୍ୟାନେଲରେ ଗଫ୍, ୱିଲସନ୍



**ଦୁବାଇ, ୩୦।୭ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏହାର ଏଲିଟ୍ ଅମ୍ପାୟର ପ୍ୟାନେଲରେ ମଙ୍ଗଳବାର ୨ଜଣ ନୂଆ ସଦସ୍ୟଙ୍କୁ ସାମିଲ କରିଛି। ଏହି ଦୁଇଜଣ ହେଲେ ଇଂଲଣ୍ଡ ମାଇକେଲ୍ ଗଫ୍ ଓ ୱେଷ୍ଟଇଣ୍ଡିଜର ଜୋଏଲ୍ ୱିଲସନ। ବାର୍ଷିକ ରିଭ୍ୟୁ ଓ ଚୟନ ପ୍ରକ୍ରିୟା ପରେ ଉଭୟ ଗଫ୍ ଓ ୱିଲସନଙ୍କୁ ଆଗାମୀ ୨୦୧୯-୨୦ ସିଜନ ଲାଗି ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ୍ ଅମ୍ପାୟର ତାଲିକାରେ ସ୍ଥାନ ମିଳିଛି। ଏହି ଦୁଇ ଅମ୍ପାୟର ପୂର୍ବରୁ ଏମିରେଟ୍ସ ଆଇସିସି ଇଣ୍ଟରନ୍ୟାଶନାଲ ଅମ୍ପାୟର ପ୍ୟାନେଲରେ ରହି ମ୍ୟାଚ୍ ପରିଚାଳନା କରୁଥିଲେ। ତେବେ ଆଇସିସି ଜେନେରାଲ ମ୍ୟାନେଜର (କ୍ରିକେଟ୍) ଜେଫ୍ ଅଲାର୍ଡିକ, ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ବର୍ତ୍ତମାନ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ସଞ୍ଜୟ ମଞ୍ଜରେକର, ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେ ଓ ଡେଭିଡ୍ ବୁନ୍‌ଙ୍କୁ ନେଇ ଗଠିତ ଚୟନ ପ୍ୟାନେଲ ଉଭୟ ଗଫ୍ ଓ ୱିଲସନଙ୍କୁ ଏମିରେଟ୍ସ ଆଇସିସି ଏଲିଟ୍ ଅମ୍ପାୟର ମଣ୍ଡଳୀକୁ ପଦୋନ୍ନତି ଦେଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ଉଭୟଙ୍କର ପୂର୍ବରୁ ଅନେକ ଅଭିଜ୍ଞତା ରହିଛି। ଗଫ୍ ୯ ଟେଷ୍ଟ, ୫୯ ଦିନିକିଆ ଓ ୧୪ ଟି୨୦ ମ୍ୟାଚ୍ ପରିଚାଳନା କରିସାରିଛନ୍ତି। ସେହିଭଳି ୱେଷ୍ଟଇଣ୍ଡିଜ ଅମ୍ପାୟର ୱିଲସନଙ୍କର ୧୩ ଟେଷ୍ଟ, ୬୩ ଦିନିକିଆ ଓ ୨୬ ଟି୨୦ ମ୍ୟାଚ୍ ପରିଚାଳନା କରିବାର ଅଭିଜ୍ଞତା ରହିଛି। ନିକଟରେ ଅବସର ନେଇଥିବା ଇଆନ୍ ଗୁଲ୍ଡ ଓ ଭାରତର ସୁନ୍ଦରାମ ରବିଙ୍କ ସ୍ଥାନରେ ଉଭୟ ଆଇସିସି ଏଲିଟ୍ ଅମ୍ପାୟର ପ୍ୟାନେଲରେ ସ୍ଥାନ ପାଇଛନ୍ତି। ଏକମାତ୍ର ଅମ୍ପାୟର ଭାବେ ରହିଥିବା ରବି କିନ୍ତୁ ଏଥର ଆଇସିସି ଏଲିଟ୍ ଅମ୍ପାୟର ପ୍ୟାନେଲରେ ସ୍ଥାନ ବଜାୟ ରଖିବାରେ ବିଫଳ ହୋଇଛନ୍ତି।

### ଏସ୍. ରବି ବାଦ୍



**ନୂଆଦିଲ୍ଲୀ, ୩୦।୭:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ନୂଆ ଏମିରେଟ୍ସ ଆଇସିସି ଏଲିଟ୍ ଅମ୍ପାୟର ପ୍ୟାନେଲ୍ ପ୍ରକାଶ ପାଇଛି। ପୂର୍ବରୁ ଏହି ପ୍ୟାନେଲରେ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଥିବା ସୁନ୍ଦରାମ ରବି ୧୨ ଜଣିଆ ନୂତନ ତାଲିକାରେ କିନ୍ତୁ ସ୍ଥାନ ବଜାୟ ରଖିବାରେ ବିଫଳ ହୋଇଛନ୍ତି। କର୍ଣ୍ଣାଟକ ଜନ୍ମିତ ୫୩ ବର୍ଷୀୟ ରବି ୨୦୧୫ରେ ଆଇସିସି ଏଲିଟ୍ ଅମ୍ପାୟର ପ୍ୟାନେଲରେ ସ୍ଥାନ ପାଇଥିଲେ। ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ରବି ଭାରତୀୟ ଅମ୍ପାୟର ଭାବେ ଏହି ସମ୍ମାନଜନକ ପ୍ୟାନେଲରେ ସ୍ଥାନ ପାଇବାର ସୌଭାଗ୍ୟ ଲାଭ କରିଥିଲେ। ତାଙ୍କ ପୂର୍ବରୁ ଶେଷଥର ପାଇଁ ଏସ୍. ଭେଙ୍କଟରାଘବନ ଆଇସିସି ଏଲିଟ୍ ଅମ୍ପାୟର ପ୍ୟାନେଲରେ ସ୍ଥାନ ପାଇ ୨୦୦୪ରେ ଅବସର ନେଇଥିଲେ।

### ଶ୍ରୀୟଙ୍କାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୩୦।୭(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତାରକା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ କ୍ୟାରିୟରରେ ଆଉ ଏକ ସଫଳତାଲାଭ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ୧୨ତମ ସର୍ଦ୍ଦାର ସାଜନ ସିଂ ସେଠୀ ମେମୋରିଆଲ ମାଷ୍ଟର୍ସ ମିଟ୍ ଶୁଟିଂର ୧୦ ମିଟର ଏୟାର ରାଇଫଲ ମହିଳା ବ୍ୟକ୍ତିଗତ ବିଭାଗରେ ସେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହା ଏକ ସମ୍ମାନଜନକ ଜାତୀୟ ସ୍ତରୀୟ ଶୁଟିଂ ପ୍ରତିଯୋଗିତା। ଏଥିରେ କେବଳ ଦେଶର ଶୀର୍ଷସ୍ଥାନୀୟ ଶୁଟରଙ୍କୁ ଭାଗ ନେବାକୁ ନିମନ୍ତ୍ରଣ କରାଯାଇଥାଏ। ଶ୍ରୀୟଙ୍କାଙ୍କ ଇଭେଣ୍ଟରେ ଅଞ୍ଜୁମ ମୁଦଗିଲ ସ୍ୱର୍ଣ୍ଣ ଓ ମେହୁଲି ଘୋଷ ରୌପ୍ୟ ପଦକ ହାସଲ କରିଛନ୍ତି।

# ପୃଥ୍ୱୀ ଶ’ ୮ ମାସ ବାସନ୍ଦ

**ନୂଆଦିଲ୍ଲୀ,୩୦।୭(ପି.ଟି.)**



ଉଦୀୟମାନ ଭାରତୀୟ ଓପନର ପୃଥ୍ୱୀ ଶ’ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଫଳରେ ତାଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର କ୍ରିକେଟର ସବୁ ପ୍ରକାର ଫର୍ମାଟରୁ ୮ ମାସ ପାଇଁ ବାସନ୍ଦ କରିଛି। ଗତ ସୟଦ ମୁସ୍ତାକ୍ ଅଲି ଟି୨୦ ଟୁର୍ନାମେଣ୍ଟ ଅବସରରେ ପୃଥ୍ୱୀଙ୍କ ପରିସ୍ରା ନମୁନାର ପରୀକ୍ଷଣ ହୋଇଥିଲା। ଆଣ୍ଟି ଡୋପିଂ ତଥା ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଯାୟୀ ଏହି ପରୀକ୍ଷା କରାଯାଇଥିଲା। ଏଥିରେ ତାଙ୍କ ନମୁନାରେ ନିଷିଦ୍ଧ ଟର୍ବୁଟାଲାଇନ ମିଳିଥିଲା। ୨୦୧୯ ଫେବୃୟାରୀରେ

## ଡୋପ୍ ଟେଷ୍ଟରେ ବିଫଳ

ନମୁନା ପରୀକ୍ଷା କରାଯାଇଥିଲା। ସେ ଆଗାମୀ ନଭେମ୍ବର ୧୫ ପର୍ଯ୍ୟନ୍ତ ସେ କ୍ରିକେଟରୁ ଦୂରେଇ ରହିବେ। ତାଙ୍କ ବାସନ୍ଦ ଅବଧି ମାର୍ଚ୍ଚ ୧୬ରୁ ଆରମ୍ଭ ହୋଇ ନଭେମ୍ବର ୧୫ରେ ଶେଷ ହେବ। ଫଳରେ ସେ ଏବେ ଆଗାମୀ ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରୁ ବାଦ୍ ପଡିବା ସ୍ପଷ୍ଟ ହୋଇଛି।

ଅଜାଣତରେ ସେ ଏହି ନିଷିଦ୍ଧ ପଦାର୍ଥ ସେବନ କରିଥିଲେ। ପ୍ରଦର୍ଶନରେ ଉନ୍ନତି ଆଣିବାକୁ ନୁହଁ ବରଂ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେବାରୁ ଏହି ନିଷିଦ୍ଧ ପଦାର୍ଥ ସେବନ କରିଥିଲେ ବୋଲି ସେ ସଫେଇ ଦେଇ କହିଛନ୍ତି। ପୃଥ୍ୱୀଙ୍କ ସ୍ପଷ୍ଟୀକରଣକୁ ବିସିସିଆଇ ହୃଦୟଙ୍ଗମ କରିଛି। ଏବେ ତାଙ୍କୁ ଆହୁରି କିଛି ଦିନ ପାଇଁ କ୍ରିକେଟରୁ ଦୂରେଇ ରହିବାକୁ ହେବ। ନିଷିଦ୍ଧ ଟର୍ବୁଟାଲାଇନ ସାଧାରଣତଃ କଫ୍ ସିରପ୍‌ରେ ମିଳିଥାଏ। ପୃଥ୍ୱୀଙ୍କୁ ବାଦ୍ ଦେଲେ ବିଦର୍ଭ ୨୩ ବର୍ଷରୁ କମ୍ କ୍ରିକେଟର ଅକ୍ଷୟ ଦୁଲ୍ଲାରବାର, ରାଜସ୍ଥାନର ୧୯ ବର୍ଷରୁ କମ୍ କ୍ରିକେଟର ଦିବ୍ୟ ଗଜରାଜ ମଧ୍ୟ ନିଷିଦ୍ଧ ପଦାର୍ଥ ସେବନ କରି ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଏହି ଦୁଇ ଖେଳାଳିଙ୍କୁ ମଧ୍ୟ ବୋର୍ଡ ବାସନ୍ଦ କରିଛି। ବିସିସିଆଇ ଆଣ୍ଟିଡୋପିଂ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଫେବୃୟାରୀ ୨୨ରେ ମୁସ୍ତାକ ଅଲି ଟ୍ରଫି ଅବସରରେ ପୃଥ୍ୱୀଙ୍କ ପରିସ୍ରା ନମୁନା ନିଆଯାଇଥିଲା। ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା) ଟର୍ବୁଟାଲାଇନ୍‌କୁ ବାସନ୍ଦ କରିଛି। ତେଣୁ ଦେଶ ଓ ବିଦେଶରେ ଖେଳାଯାଉଥିବା ସବୁ କ୍ରୀଡ଼ାରେ ଏହି ପଦାର୍ଥ ନିଷିଦ୍ଧ ହୋଇଛି। ସେ ବିସିସିଆଇ ନିଶା ନିବାରଣ ନିୟମ (ଏଡିଆର) ୨.୧ର ଉଲ୍ଲଂଘନ କରିଛନ୍ତି ବୋଲି ବୋର୍ଡ ତରଫରୁ କୁହାଯାଇଛି।

୧୯ ବର୍ଷୀୟ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ପୃଥ୍ୱୀ ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ ଖେଳି ୨୩୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ଗୋଟିଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛଇ। ହିପ୍ ଇଞ୍ଜୁରି ବା ଅଣ୍ଟାରେ ଆଘାତ ସମସ୍ୟା କାରଣରୁ ରିହାବିଲିଟେସନରେ ରହିଛନ୍ତି। ଏବେ ସେ ଜାତୀୟ କ୍ରିକେଟ ଏକାଡେମୀ







(ଏନ୍‌ସିଏ)ରେ ରିହାବିଲିଟେଶନ ପ୍ରକ୍ରିୟାରେ ସାମିଲ ରହିଛନ୍ତି। ଫଳରେ ସେ ୱେଷ୍ଟଇଣ୍ଡିଜ ଏ’ ବିପକ୍ଷ ଦିନିକିଆ ସରିଜ ଓ ଟେଷ୍ଟ ସରିଜରେ ଭାରତ ଏ’ ଦଳରେ ସ୍ଥାନ ପାଇ ନ ଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ ଚାମ୍ପିୟନ ଦଳର ସଦସ୍ୟ ପୃଥ୍ୱୀ ଜଣେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ରୂପେ ବିବେଚିତ ହେଉଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ପଦାର୍ପଣରେ ସେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏକ ଅଭ୍ୟାସ ମ୍ୟାଚ୍ ଅବସରରେ ସେ ଗୋଇଠିରେ ଆଘାତ ପାଇବା କାରଣରୁ ଭାରତର ଅଷ୍ଟ୍ରେଲିଆ ଗସ୍ତ ଅଧାରୁ ସ୍ୱଦେଶ ଫେରିଥିଲେ।

# ବିନା ପାରିଶ୍ରମିକରେ ଖେଳିବେ ଜିମ୍ବାୱେ କ୍ରିକେଟର

**ହରାରେ, ୩୦।୭ (ପି.ଟି.):** ଦେଶରେ ଖେଳକୁ ବଞ୍ଚାଇ ରଖିବା ପାଇଁ ଜିମ୍ବାୱେ କ୍ରିକେଟରମାନେ ବିନା ପାରିଶ୍ରମିକରେ ଖେଳିବାକୁ ରାଜି ଅଛନ୍ତି। ସରକାରୀ ହସ୍ତକ୍ଷେପ କାରଣରୁ ନିକଟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଜିମ୍ବାୱେ କ୍ରିକେଟ (ଜେଡ୍‌ସି)କୁ ସାମୟିକ ବାସନ୍ଦ କରିଛି। ଫଳରେ ବାସନ୍ଦ ଦଣ୍ଡ ନ ଉଠିବା ପର୍ଯ୍ୟନ୍ତ ଏହି ଦେଶ ବର୍ତ୍ତମାନ କୌଣସି ଆଇସିସି ଇଭେଣ୍ଟରେ ଅଂଶଗ୍ରହଣ କରିପାରିବ ନାହିଁ। ଏହା ସତ୍ତ୍ୱେ ଆସନ୍ତା ବିଶ୍ୱ ଟି୨୦ କ୍ୱାଲିଫାୟର୍ସରେ ଭାଗନେବା ଲାଗି ଦେଶର କ୍ରିକେଟରମାନେ ଆଗ୍ରହୀ। ଅଗଷ୍ଟରେ ମହିଳା ଟି୨୦ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବାକୁ ଥିବାବେଳେ ପୁରୁଷ କ୍ୱାଲିଫାୟର୍ସ ଅକ୍ଟୋବରରେ ହେବା କାର୍ଯ୍ୟକ୍ରମ ରହିଛି। ଜିମ୍ବାୱେ ସିନିୟର କ୍ରିକେଟ ଦଳର ଜଣେ ସଦସ୍ୟ କହିଛନ୍ତି, ସମସ୍ୟାର ସମାଧାନ ପର୍ଯ୍ୟନ୍ତ ଅପେକ୍ଷା ନ କରି ଆମେ ମାଗଣାରେ ଖେଳିବାକୁ ପ୍ରସ୍ତୁତ ଅଛୁ। ଆମର ପ୍ରଥମ ଲକ୍ଷ୍ୟ କ୍ୱାଲିଫାୟର୍ସ ଉପରେ ରହିଛି। ଉଭୟ ଦୁଇ ମହିଳା ଓ ପୁରୁଷ ସିନିୟର ଦଳର ଖେଳାଳିମାନେ ଗତ ଦୁଇ ମାସ ହେଲା ସେମାନଙ୍କ ପରିଶ୍ରମିକ ପାଇ ନାହାନ୍ତି। ପୁରୁଷ ଦଳ ନିକଟରେ ନେଦରଲାଣ୍ଡସ ଏବଂ ଆୟର୍ଲାଣ୍ଡ ଗସ୍ତ କରିଥିଲା। ସେତେବେଳେ ସେମାନଙ୍କୁ ମ୍ୟାଚ ଫି’ ମିଳି ନ ଥିଲା। ସସ୍‌ପେଣ୍ଡ ହୋଇଥିଲେ ମଧ୍ୟ ଜିମ୍ବାୱେ ଦ୍ୱିପାକ୍ଷିକ ସିରିଜ ଖେଳିପାରିବ। ଏପରିକି ସେମାନେ ଯଦି କୌଣସି ଦ୍ୱିପାକ୍ଷିକ ସିରିଜ ଆୟୋଜନ କରନ୍ତି ତେବେ ଆଇସିସି ସେମାନଙ୍କୁ ମ୍ୟାଚ୍ ଅଫିସିଆଲ ଯୋଗାଇଦେବ। କିନ୍ତୁ ଆଇସିସିରୁ ପାଣ୍ଠି ନ ମିଳିଲେ କୌଣସି ସିରିଜ ଆୟୋଜନ କରିବା କଷ୍ଟକର ହୋଇପଡ଼ିବ। ଫ୍ୟୁଚର ଟୁର୍ ପ୍ରୋଗ୍ରାମ (ଏଫ୍‌ଟିପି) ଅନୁସାରେ ଜିମ୍ବାୱେ ଅଗଷ୍ଟରେ ଆଫଗାନିସ୍ତାନ ଏବଂ ଅକ୍ଟୋବର-ନଭେମ୍ବରରେ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜ ଆୟୋଜନ କରିବା କଥା। ଦଳ ପୁଣି ୨୦୨୦ ଜାନୁୟାରୀରେ ଏକ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବା ଲାଗି ଭାରତ ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ଜିମ୍ବାୱେ କ୍ରିକେଟର କାମଚଳା କମିଟି ଗୁରୁବାର ସୁଦ୍ଧା ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦାନ କରିବା ଲାଗି ନିର୍ଦ୍ଦେଶ ଦେଇଛି। ତା’ ନ ହେଲେ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଧମକ ଦେଇଛି। ମହିଳା ଓ ପୁରୁଷ ଜାତୀୟ ଦଳର ଅଧିନାୟକ ନିକଟରେ କ୍ରୀଡ଼ା ମନ୍ତ୍ରୀ କିର୍ଷ୍ଟି କୋଭେଣ୍ଟ୍ରିଙ୍କୁ ଚିଠି ଲେଖିଛନ୍ତି। ସେମାନଙ୍କୁ ପୁଣି ଶୀଘ୍ର କ୍ରିକେଟ ଖେଳିବାକୁ ଅନୁମତି ଦିଆଯାଉ ବୋଲି ଅନୁରୋଧ କରିଛନ୍ତି। କୌଣସି ଜାତୀୟ କ୍ରିକେଟ ବୋର୍ଡ ଉପରେ ସରକାରୀ ହସ୍ତକ୍ଷେପ ଅର୍ଥ ଆଇସିସି ସମ୍ବିଧାନକୁ ଅମାନ୍ୟ କରିବା। ଏ ଜିମ୍ବାୱେ ବୋର୍ଡର ନିର୍ବାଚିତ ସଦସ୍ୟମାନଙ୍କୁ ସରକାରୀ ଏଜେନ୍ସି ସ୍ପୋର୍ଟ୍ସ ଆଣ୍ଡ ରିକ୍ରେଶନ କମିଟି (ଏସ୍‌ଆର୍‌ସି) ସସ୍‌ପେଣ୍ଡ କରିଛି।

# ଭେନୁଗୋପାଳ ରାଓଙ୍କ ଅବସର



**ମୁମ୍ବାଇ, ୩୦।୭ (ପି.ଟି.):** ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ତଥା ଆନ୍ଧ୍ର ପ୍ରଦେଶ ଦଳର ଅଧିନାୟକ ୱାଇ. ଭେନୁଗୋପାଳ ରାଓ ମଙ୍ଗଳବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ଭାରତ ପକ୍ଷରୁ ୧୬ଟି ଏକଦିବସୀୟ ଅନ୍ତର୍ଜାତୀୟ ଏବଂ ୬୫ଟି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚ ଖେଳିଥିବା ଭେନୁଗୋପାଳଙ୍କ ଅବସର ସମ୍ପର୍କରେ ଆନ୍ଧ୍ର କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୦୫ ଜୁଲାଇ ୩୦ରେ ଦାମ୍ବୁଲାଠାରେ ଶ୍ରୀଲଙ୍କା ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଏହି ୩୭ ବର୍ଷୀୟ ବିଶାଖାପାଟଣା ବାସିନ୍ଦା ଭାରତ ପକ୍ଷରୁ ୧୧ଟି ଇନିଂସ ଖେଳି ଗୋଟିଏ ଅର୍ଦ୍ଧଶତକ ସହାୟତାରେ ୨୧୮ ରନ ସଂଗ୍ରହ କରିଥିଲେ। ୨୦୦୬ ମେ ୨୩ରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ବାସେଟେରେଠାରେ କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଥିଲେ। ତେବେ ସେ ୧୨୧ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୭ ଶତକ ଏବଂ ୩୦ ଅର୍ଦ୍ଧଶତକ ସହାୟତାରେ ସେ ୭,୦୮୧ ରନ ସଂଗ୍ରହ କରିଥିଲେ। ଆଇପିଏଲ୍‌ରେ ସେ ୨୦୦୮ରୁ ୨୦୧୪ ମଧ୍ୟରେ ଡେକାନ ଚାର୍ଜର୍ସ ଓ ସନ୍‌ରାଇଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

### ଡେଭିସ୍ କପ୍

## ସୁରକ୍ଷା ପ୍ରତିଶ୍ରୁତି ଚାହିଁଲେ ଭାରତୀୟ ଖେଳାଳି

**ନୂଆଦିଲ୍ଲୀ, ୩୦।୭ (ପି.ଟି.):** ଡେଭିସ୍ କପ୍ ଖେଳିବା ଲାଗି ଭାରତୀୟ ଟେନିସ୍ ଖେଳାଳିମାନେ ପାକିସ୍ତାନ ଯିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ମାତ୍ର ଇସ୍‌ଲାମାବାଦରେ ପହଞ୍ଚିବା ପୂର୍ବରୁ ସେମାନେ ସମସ୍ତ ପ୍ରକାର ସୁରକ୍ଷାଜନିତ ପ୍ରତିଶ୍ରୁତି ଚାହିଁଛନ୍ତି। ପାକିସ୍ତାନ ରାଜଧାନୀ ସହରରେ ଡେଭିସ୍ କପ୍ ମ୍ୟାଚ ସେପ୍ଟେମ୍ବର ୧୪-୧୫ ଦୁଇ ଦିନ ଧରି ଖେଳାଯିବ। ଦୀର୍ଘ ୫୫ ବର୍ଷ ପରେ ଏକ ଭାରତୀୟ ଟେନିସ ଦଳ ପାକିସ୍ତାନ ଟୁର୍‌ରେ ଯିବ। ମହେଶ ଭୂପତି ଦଳର ଅଣ ଖେଳାଳି ଅଧିନାୟକ। ଦେଶର ନମ୍ବରୱାନ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଦଳରେ ସ୍ଥାନ ପାଇଛନ୍ତି। ଖବର ଅନୁସାରେ ଭୂପତି ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ)କୁ ଏକ ଚିଠି ଲେଖିଛନ୍ତି। ଗସ୍ତ ଏବଂ ରହଣୀ ବେଳେ ସେ ଖେଳାଳିଙ୍କ ଲୋଡିଛନ୍ତି। ଏଆଇଟିଏ ସାଧାରଣ ସମ୍ପାଦକ ହିରନ୍ମୟ ଚାଟାର୍ଜୀଙ୍କୁ ଏ ବିଷୟରେ ପଚରାଯିବାରେ ଭୂପତିଙ୍କ ସମସ୍ତ ପ୍ରଶ୍ନର ଉତ୍ତର ସେ ଦେଇ ସାରିଥିବା କହିଛନ୍ତି।

# ଗାଭାସ୍କରଙ୍କ ସହ ଏକମତ ନୁହଁନ୍ତି ମଞ୍ଜରେକର

**ନୂଆଦିଲ୍ଲୀ,୩୦।୭(ପି.ଟି.)**



ସୁନୀଲ ଗାଭାସ୍କର, ବିରାଟ କୋହଲି, ସଞ୍ଜୟ ମଞ୍ଜରେକର।

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଚୟନକର୍ତ୍ତାଙ୍କୁ ନେଇ ବ୍ୟାଟିଂ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ପୂର୍ବତନ ବ୍ୟାଟ୍ସମ୍ୟାନ ସଞ୍ଜୟ ମଞ୍ଜରେକର ଭିନ୍ନ ମତ ପୋଷଣ କରିଛନ୍ତି। ଗାଭାସ୍କରଙ୍କ ମତସହ ଏକମତ ନୁହଁ ବୋଲି ମଞ୍ଜରେକର କହିଛନ୍ତି। କୋହଲିଙ୍କୁ ଅଧିନାୟକ ପଦରେ ବଜାୟ ରଖିବା ନେଇ ଗାଭାସ୍କର ପ୍ରଶ୍ନ ଉଠାଇଥିଲେ। ରିଭ୍ୟୁ ମିଟିଂ ବିନା କୋହଲି କିପରି ଅଧିନାୟକ ପଦ ବାଜୟ ରଖିଲେ ଓ ତାଙ୍କୁ ଏହି ପଦରେ ପୁନଃ ନିଯୁକ୍ତି କିପରି ଦିଆଗଲା ବୋଲି ସେ ପ୍ରଶ୍ନ କରିଥିଲେ। ପୁଣି ଏମ୍.ଏସ.କେ. ପ୍ରସାଦଙ୍କ ନେତୃତ୍ୱରେ ଗଠିତ କମିଟିର କାର୍ଯ୍ୟକ୍ଷମତାକୁ ନେଇ ମଧ୍ୟ ସେ ପ୍ରଶ୍ନ କରିଥିଲେ। ବିଶ୍ୱକପ୍ ବିପର୍ଯ୍ୟୟ ପରେ ଚୟନ କମିଟି କୋହଲିଙ୍କ ନେତୃତ୍ୱ ଓ ଦଳର ପ୍ରଦର୍ଶନ ନେଇ ତର୍ଜମା କରିବାର ଆବଶ୍ୟକତା ଥିଲା ବୋଲି ଗାଭାସ୍କର ତାଙ୍କ ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଦଳ ଘୋଷଣା ପୂର୍ବରୁ ଚୟନ କମିଟି ଏ ନେଇ ଅତିକମ୍‌ରେ ଏକ ଔପଚାରିକ ବୈଠକ ଡାକିବାର ଆବଶ୍ୟକତା ଥିଲା ବୋଲି ସେ କହିଥିଲେ।

ବିଶ୍ୱକପ୍‌ରେ ହଟ୍ ଫେଭରାଇଟ୍ ବିବେଚିତ ହେଉଥିଲେ ମଧ୍ୟ ଭାରତ ସେମିଫାଇନାଲରେ ଅପ୍ରତ୍ୟାଶିତ ଭାବେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା ଓ ଏହା ପ୍ରଶଂସକଙ୍କ ସମେତ ଅନେକଙ୍କର ହଜମ ହୋଇ ନ ଥିଲା। ବିଶ୍ୱକପ୍‌ରେ ଭାରତ ୯ଟି ମ୍ୟାଚ୍ ଖେଳି ୭ଟିରେ ବିଜୟୀ ହୋଇଥିଲା। ଏଭଳି ପ୍ରଦର୍ଶନ ପ୍ରଶଂସନୀୟ ବୋଲି ମଞ୍ଜରେକର କହିଛନ୍ତି। ତେଣୁ ଗାଭାସ୍କରଙ୍କ ମତ ସହ ସମ୍ମାନର ସହିତ ଅସମତି ଜଣାଉଛି ବୋଲି ସେ କହିଛନ୍ତି। କୋହଲିଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ୍‌ରେ ୭ଟି ମ୍ୟାଚ୍ ଜିତିଥିବା ବେଳେ ୨ଟି ମ୍ୟାଚ୍‌ରେ ପରାଜୟ ବରଣ କରିଥିଲା। ତେଣୁ କୋହଲିଙ୍କ ନେତୃତ୍ୱ ନେଇ ପ୍ରଶ୍ନ ଉଠାଇବା ଠିକ୍ ନୁହଁ ମଞ୍ଜରେକର ଟୁଇଟ କରିଛନ୍ତି। ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ ୩ଟି ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଆଦୌ ଖରାପ୍ ନ ଥିଲା। ତେଣୁ କୋହଲି ଓ ଚୟନ କମିଟିର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ମଞ୍ଜରେକର କହିଛନ୍ତି।

# ହରିୟାଣା ଝିଅଙ୍କୁ ବାହା ହେବେ ହାସାନ

**କରାଚି, ୩୦।୭ (ପି.ଟି.)**

ପାକିସ୍ତାନ ଦ୍ରୁତ ବୋଲର ହାସାନ ଅଲି ଜଣେ ଭାରତୀୟ ଝିଅଙ୍କୁ ବିବାହ କରିବେ ବୋଲି ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ଯୁବତୀ ଜଣଙ୍କ ହେଉଛନ୍ତି ହରିୟାଣା ମେୱାତ୍ ଜିଲାର ଶାମିଆ ଆର୍‌ଜୋ। ରିପୋର୍ଟ ମୁତାବକ, ଅଗଷ୍ଟ ୨୦ରେ ଦୁବାଇସ୍ଥିତ ଆଟ୍‌ଲାଣ୍ଟିଆ ପ୍ଲାମ ହୋଟେଲରେ ଶାମିଆଙ୍କ ସହ ହାସାନ ବିବାହ ବନ୍ଧନରେ ଆବଦ୍ଧ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଜିଓ ନ୍ୟୁଜ୍‌ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶାମିଆଙ୍କ ବାପା ଲିଆକତ୍ ଅଲି, ଭାଇ ଆକବର୍, ମା’ ରାହିଶାଙ୍କ ସମେତ ପରିବାରର ୧୦ଜଣ ସଦସ୍ୟ ଏହି ବିବାହ ଉତ୍ସବରେ ଯୋଗଦେବା ପାଇଁ ଅଗଷ୍ଟ ୧୭ରେ ଦୁବାଇ ଗସ୍ତ କରିବେ ବୋଲି ଜଣାପଡ଼ିଛି। ହରିୟାଣାସ୍ଥିତ ମାନବ ରଚନା ବିଶ୍ୱବିଦ୍ୟାଳୟରୁ ଶାମିଆ ବି. ଟେକ୍ (ଏରୋନଟିକାଲ୍) ଡିଗ୍ରୀ



ପାକିସ୍ତାନୀ ପେସ୍ ବୋଲର ହାସାନ ଅଲି।

ହାସଲ କରି ଜେଟ୍ ଏୟାରୱେଜ୍‌ରେ ଚାକିରି କରିଥିଲେ। କିନ୍ତୁ ବର୍ତ୍ତମାନ ସେ ଏମିରେଟ୍ସ ଏୟାରଲାଇନ୍ସରେ ଫ୍ଲାଇଟ୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଏବଂ ଦୁବାଇରେ ଅବସ୍ଥାନ କରୁଛନ୍ତି। ଜଣେ ବନ୍ଧୁଙ୍କ ସହାୟତାରେ ହାସାନ ପ୍ରଥମଥର ଲାଗି ଶାମିଆଙ୍କୁ ଦୁବାଇରେ ଭେଟିଥିଲେ।

୨୫ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ହାସାନ ୨୦୧୬ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ପାକିସ୍ତାନ ପକ୍ଷରୁ ୯ ଟେଷ୍ଟ, ୫୩ ଦିନିକିଆ ଓ ୩୦ ଟି୨୦ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ଯଥାକ୍ରମେ ୩୧, ୮୨ ଓ ୩୫ ଉଇକେଟ୍ ଅକ୍ତିଆର କରିଛନ୍ତି। ୨୦୧୭ ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତକୁ ପରାସ୍ତ କରିବାରେ ହାସାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଠାରେ ସ୍ମରଣଯୋଗ୍ୟ, ଭାରତୀୟ ଝିଅକୁ ବିବାହ କରିବାରେ ହାସାନ ପ୍ରଥମ ପାକିସ୍ତାନ କ୍ରିକେଟର୍ ନୁହଁନ୍ତି। ତାଙ୍କ ପୂର୍ବରୁ ନିକଟରେ କ୍ରିକେଟରୁ ଅବସର ନେଇଥିବା ସୋଏବ ମଲିକ ଭାରତୀୟ ଟେନିସ ଲଳନା ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ। ସେହିଭଳି ଅନ୍ୟତମ ପାକିସ୍ତାନ କ୍ରିକେଟର୍ ଜାହିର୍ ଆବାସ ଓ ମୋହସିନ ହାସାନ ଖାଁ ମଧ୍ୟ ଭାରତରେ ବିବାହ କରିଛନ୍ତି।

# ଗତ ଦଶନ୍ଧିରେ ଭାରତୀୟ ଫୁଟବଲ ଉନ୍ନତି କରିଛି: ଛେତ୍ରୀ

**ନୂଆଦିଲ୍ଲୀ, ୩୦।୭(ପି.ଟି.)**

ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ଫୁଟବଲର ଉନ୍ନତି ହୋଇଛି ବୋଲି ତାରକା ଫୁଟବଲର ସୁନୀଲ ଛେତ୍ରୀ କହିଛନ୍ତି। ତେବେ ଅନ୍ୟ ଶକ୍ତିଶାଳୀ ଏସୀୟ ଦେଶ ତୁଳନାରେ ଭାରତ ପଛରେ ରହିଛି। ଖାସ୍ କରି ତୃଣମୂଳ ସ୍ତରରେ ଓ ପ୍ରତିଭା ଅନ୍ୱେଷଣ ଓ ବିକାଶରେ ଭାରତ ଏବେ ବି ବହୁତ ପଛରେ ପଡିଛି ବୋଲି ସେ କହିଛନ୍ତି। ଏହି ଏସୀୟ ପାୱାରହାଉସ୍ ତଥା ଦେଶଗୁଡିକ ସହ ଭାରତର ବ୍ୟବଧାନ କମ୍ କରିବାକୁ କାର୍ଯ୍ୟକରିବାର ଆବଶ୍ୟକତା ରହିଛି। ଏସିଆର ଶ୍ରେଷ୍ଠ ୧୦ଟି ଦେଶଗୁଡିକ ମଧ୍ୟରେ ଭାରତ ସାମିଲ ହେବା ନିହାତି ଜରୁରୀ ବୋଲି ସେ କହିଛନ୍ତି। ଟପ୍ ୧୦ରେ ସାମିଲ ହେବା ଏବେ ମଧ୍ୟ ଭାରତ ପାଇଁ ଏକ ବଡ଼ ସ୍ୱପ୍ନ ସଦୃଶ ହୋଇଛି। ଆମର ଯେତେ ଉନ୍ନତି ହେଉଥିଲେ ମଧ୍ୟ ଏହି ଦେଶଗୁଡିକ ତୁଳନାରେ ନଗନ୍ୟ ମନେହେଉଛି। ତେବେ ଭାରତ ଠିକ୍ ଦିଗରେ ଅଗ୍ରଗତି କରୁଛି ବୋଲି ଛେତ୍ରୀ କହିଛନ୍ତି।

ପ୍ରତିଭା ଚିହ୍ନଟରେ ଆମେ ଏବେ ବି ଆଶାନୁରୂପ କାର୍ଯ୍ୟ କରିପାରିନାହୁଁ। ଭିତ୍ତିଭୂମୀ ବିକାଶରେ ମଧ୍ୟ ଆମେ ପଛରେ ପଡିଛୁ। ଏବେ ବି ବହୁତ ଦୂର ଯିବାକୁ ବାକି ଅଛି। ଏତିକିରେ ସନ୍ତୁଷ୍ଟ ହେଲେ ଚଳିବ ନାହିଁ। ଆହୁରି କଠିନ ପରିଶ୍ରମ କରିବାକୁ ପଡିବ। ଆମ ଦେଶରେ ଲୋକସଂଖ୍ୟା ୧୩୦ କୋଟି ହୋଇଥିବାରୁ ପ୍ରତିଭା ନିଶ୍ଚିତ ରହିଛି। କେବଳ ଚିହ୍ନଟ ଓ ବିକାଶ କରିବାର ଆବଶ୍ୟକତା ରହିଛି। ଭାରତୀୟ ୧୭ ବର୍ଷରୁ କମ୍ ଦଳର ଅଧିନାୟକ ଅମରଜିତ ସିଂ ଓ ନରିନ୍ଦର ଗାହଲଟ ଜାତୀୟ ସିନିୟର ଦଳରେ ସ୍ଥାନ ପାଇଛନ୍ତି। ଏହି ଦୁଇ ଖେଳାଳି ଉଦାହରଣ ସୃଷ୍ଟି କରିଛନ୍ତି ଓ ଦେଶ ପାଇଁ ଆଶା ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି।

## ୭ କୁକୁଡ଼ା ପାଇଁ ଜୀବନ ଗଲା

# କାଠଫାଳିଆରେ ପିଟି ନାବାଳିକାଙ୍କୁ ହତ୍ୟା

ନୂଆଗାଁ, ୩୦।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଗୋପୁର କୁମ୍ଭାଟୋଲାରେ ଏକ ଅଭାବନୀୟ ଘଟଣା ଘଟିଛି। ୭ଟି କୁକୁଡ଼ା ପାଇଁ ଜଣଙ୍କ ଜୀବନ ଯାଇଛି। କାଠଫାଳିଆରେ ପିଟି ରୋଶନୀ ଡୁଙ୍ଗଡୁଙ୍ଗ୍ (୧୪) ନାମ୍ନୀ ଜଣେ ନାବାଳିକାଙ୍କୁ ହତ୍ୟା କରାଯାଇଛି। ପୋଲିସ ମଙ୍ଗଳବାରସକାଳେଅଭିଯୁକ୍ତସମୀରଡୁଙ୍ଗଡୁଙ୍ଗ୍(୩୬)ଙ୍କୁଗିରଫକରିକୋର୍ଟଚାଲାଣକରିଛି।

ଗୋପୁର କୁମ୍ଭାଟୋଲାର ସମୀର ଓ କିଶୋର ଡୁଙ୍ଗଡୁଙ୍ଗ୍ ପଡୋଶୀ ତଥା ସମ୍ପର୍କୀୟ ଭାଇ। କିଶୋର କିଛି କୁକୁଡ଼ା ଘରେ ପାଳିଛନ୍ତି। ଏହି କୁକୁଡ଼ାଗୁଡ଼ିକ ସମୀରଙ୍କ ଅଗଣାକୁ ଆସି ଚରାବୁଲା କରନ୍ତି। ସୋମବାର ସମୀର ଭାତରେ ବିଷମିଶାଇ ପକାଇଥିଲେ। ସେହି ବିଷାକ୍ତ ଭାତ ଖାଇ ୭ଟି କୁକୁଡ଼ା ମରିଯାଇଥିଲେ। ଏନେଇ କିଶୋର ଓ ତାଙ୍କ ଝିଅ ରୋଶନୀ ସୋମବାର ସନ୍ଧ୍ୟାରେ ସମୀରଙ୍କୁ ପଚାରିବାକୁ


ଗିରଫ ଅଭିଯୁକ୍ତ ସମୀର ଡୁଙ୍ଗଡୁଙ୍ଗ୍।

ଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ କିଶୋର ଓ ରୋଶନୀ ଘରକୁ ଚାଲିଆସିଥିଲେ। ହେଲେ ରୋଶନୀ ରାତିରେ ସମୀରଙ୍କ ଘରେ ଛାଡ଼ି ଦେଇଆସିଥିବା ଚପଲ ଆଣିବାକୁ ଯାଇଥିଲେ। ସମୀର ରୋଶନୀଙ୍କୁ ଦେଖି ପୁଣି ଝଗଡ଼ା କରିବାକୁ ଆସିଛନ୍ତି ଭାବି କାଠଫାଳିଆରେ ପିଟିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରୋଶନୀ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନୂଆଗାଁ ଫାଣ୍ଡି ଅଧିକାରୀ କୈଳାସଚନ୍ଦ୍ର ନାଏକ ସଦଳବଳ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସମୀରଙ୍କୁ ଗିରଫ କରିଥିଲେ। ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ବୀରମିତ୍ରପୁର ଏସ୍‌ଡିପିଓ ପି.କେ. ପାତ୍ର ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୪୯/୨୦୧୯) ରୁଜୁ ହୋଇଛି।

BDS Admission Guidance
Course fee package as low as 10 lac in India

| Catagory | Eligibilty Criteria | Cut off score (Out of 720) |
| --- | --- | --- |
| General | 50th percentile | 134 |
| OBC/SC/ST | 40th percentile | 107 |

UTKAL ACADEMY
YOUR TRUST I ଆପଣଙ୍କ ବିଶ୍ୱାସ
(A Unit of Vardham Metropolish Pvt. Ltd)
Toll-Free No: 1800 123 89 5400
BHUBANESWAR: 1190/A, Jagmohan Nagar, ITER Square, Khandagiri, 751030, Mob: 9090053338, 8917405105
BERHAMPUR: Panitanki Square, Mob: 9778162762
WEB: www.utkalacademy.com

# ବର୍ଷାରେ ଭୁଶୁଡ଼ିଲା ପୋଲ, ଯାତାୟାତ ବାଧାପ୍ରାପ୍ତ

ଜୁନାଗଡ,୩୦।୭(ଡି.ଏନ.ଏ.)

■ଯୋଗାଯୋଗରୁ ବିଚ୍ଛିନ୍ନ କଛାରପଡାବାସୀ

■ବିପଦସଙ୍କୁଳ ଅବସ୍ଥାରେ ନାଳରେ ପାରହେଉଛନ୍ତି

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଗତ ରବିବାର, ସୋମବାର ୨ ଦିନ ଲଗାଣ ବର୍ଷାରେ ଚାରିଆଡେ ଜଳମଗ୍ନ ହୋଇଥିଲା। ଏଥିଯୋଗୁ ନାଳ(ଯୋର), ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ-କଛାରପଡାକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟର ଏକ ନାଳର ପୋଲ ମଙ୍ଗଳବାର ମଧ୍ୟାହ୍ନରେ ହଠାତ ଭୁଶୁଡି ପଡିଥିଲା। ଫଳରେ କଛାରପଡାଠାରୁ ଗୌଡଛେଣ୍ଡିଆକୁ ଯାନବାହନ ଚଳାଚଳ ବନ୍ଦ ରହିଛି। ପଛପଟେ ହାତୀନଦୀ ଓ ଆଗପଟେ ଏହି ନାଳ ଥିବାରୁ ପଡାବାସୀ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଛନ୍ତି। ବର୍ତ୍ତମାନ ଅତି ଜରୁରୀ କାମ ପାଇଁ ବିପଦସଙ୍କୁଳ ଅବସ୍ଥାରେ ପଡାବାସୀ ନାଳରେ ପାରହୋଇ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ ଏହି ପୋଲ ରକ୍ଷଣାବେକ୍ଷଣ ଅଭାବରୁ


କଛାରପଡା-ଗୌଡଛେଣ୍ଡିଆ ମଧ୍ୟରେ ଭୁଶୁଡିପଡିଥିବା ପୋଲ ।

ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏଠାରେ ଏକ ନୂତନ ପୋଲ ନିର୍ମାଣ କରିବା ପାଇଁ ପଡାବାସୀ ସ୍ଥାନୀୟ ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି । କଛାରପଡା-ଗୌଡଛେଣ୍ଡିଆ ଅଢେଇ କି.ମି. ରାସ୍ତାକୁ ଗତ କିଛିଦିନ ତଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇଛି। ଜଣେ ଠିକାଦାର ବର୍ତ୍ତମାନ ରାସ୍ତା କାମ ଆରମ୍ଭ କରି ମାଟି ଓ ମୋରମ ପକାଉଛନ୍ତି। ତେବେ ଏହି ପୋଲ ନିର୍ମାଣ ପାଇଁ କୌଣସି ଇଷ୍ଟିମେଟ୍ ନ ଥିବା ଜଣାପଡିଛି। ଏହାକୁ ନେଇ କଛରାପଡାବାସୀ ଏବେ ଚିନ୍ତାରେ ରହିଛନ୍ତି। ଏହି ପଡାରେ ଥିବା ପ୍ରାଥମିକ ବିଦ୍ୟାଳୟ କମ୍ ଛାତ୍ରୀଛାତ୍ର ଯୋଗୁ ଗତ କିଛିଦିନ ତଳେ ବନ୍ଦ ହୋଇଯାଇଛି। ଫଳରେ ଏଠାକାର ଛାତ୍ରୀଛାତ୍ର ଅଢେଇ କି.ମି. ଦୂର ଗୌଡଛେଣ୍ଡିଆ ପ୍ରାଥମିକ ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତି। ଏବେ ପୋଲ ଭୁଶୁଡିଯିବାରୁ ଛୋଟ ପିଲାମାନେ କିପରି ନାଳ ପାର ହୋଇ ସ୍କୁଲକୁ ଯିବେ ତାହାକୁ ନେଇ ସ୍ଥାନୀୟ ଅଭିଭାବକ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଏପଟେ ପୋଲ ଭୁଶୁଡିବା ଖବର ପାଇ ଗୌଡଛେଣ୍ଡିଆ ସରପଞ୍ଚ ମଞ୍ଜୁଳା ହାତୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭଗବାନ ଗୌଡଙ୍କୁ ପଚାରିବାରୁ ବୁଧବାର ଘଟଣାସ୍ଥଳ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଯାଇଥିଲେ ରୁଜ୍‌ଗାର କରି, ଫିରଲେ ଦିବ୍ୟାଙ୍ଗ ହେଇ

ଖଡ଼ିଆଳ, ୩୦।୭ (ଡି.ଏନ୍.ଏ.)

ଦାଦନ ଦୁଖ୍

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖଇରପଦର ଗାଁର ଚରଣ ମାଝି। ସେ ଆଦିବାସୀ ସମାଜର ହେଇଥିଲାବେଲେ କାମ୍‌ଧଁଦାର ଲାଗି ଗୁଜରାଟ ଗାନ୍ଧିଧାମ ଅଂଚଲକେ ଦାଦନ ଖଟି ଯାଇଥିଲେ। ହେଲେ ବାଟେ ଟ୍ରେନରୁ ତାକର ଗୋଡ଼ ଖସରି ଯାଇ ଦୁରଘଟନାର ଶିକାର ହେଲେ। ଏହେଦେ ସେ ଟଁକା ପଏସା ଅଭାବୁ ଚିକିସ୍ସା କରେଇ ନାଇଁପାରି କରି ଘରେ ଜୀବନ୍ ମରନ୍ ସଂଗେ ଯୁଝୁଛନ୍।

ସୂଚନା ହିସାବେ ଚଲତି ବଛର ଜୁଲାଇ ୧୨ ତାରିଖ ଖଇରପଦରର ଚରଣ ମାଝି ଗାଁର କେତେ ପିଲାକର ସଂଗେ ଗୁଜରାଟର ଗାନ୍ଧିଧାମ ଅଂଚଲକେ ଦାଦନ ଖଟବାର ଲାଗି ଟ୍ରେନରେ ଯାଇଥିଲେ। ହେଲେ ମହାରାଷ୍ଟ୍ରର ଅକୁଲା ରେଲ ଷ୍ଟେଶନରେ ଟ୍ରେନ ଅଟକିଲାରୁ ଚରଣ ପାଏନ୍ ଆନବାକେ ବାହାରକେ ଯାଇଥିଲେ। ଟ୍ରେନ ଷ୍ଟେଶନ ଛାଡ଼ଲା ସମିଆରେ ଚରଣ ତରାବୁରା ହେଇ ଟ୍ରେନକେ ଚଢ଼ଲାବେଲେ ତାକର ଗୋଡ଼ ଖସରି ଯାଇଥିଲା। ଯେନ୍‌ଥିରେ ଚରଣର ଭୁଜନି ଗୋଡ଼ ପୂରା ଭାଂଗି ଯାଇଥିଲାବେଲେ ଡେବ୍‌ରି ପାଦ୍‌ରେ ବନେ ଆଘାତ ଲାଗିଥିଲା। ଏନ୍‌ତାଥି ଚରଣକେ ଗୁରୁତର ଅବସ୍‌ତାରେ ସଂଗେ ଥିବାର ଗାଁର ପିଲାମାନେ ଉଧାର କରି ମହାରାଷ୍ଟ୍ର ଅକୁଲା ସରକାରୀ ଡାକ୍‌ତରଖାନାରେ ପ୍ରାଥମିକ ଚିକିସ୍ସା କରେଇଥିଲେ। ପଛେ ଗାଁର ପିଲାମାନେ ସେଠାନୁ ୨୨ ହଜାର ଟଁକାରେ ଗୁଟେ ଆମ୍ବୁଲାନ୍ସ ଭଡ଼ା କରି ଚରଣକେ ଖଇରପଦର ନିଜର ଗାଁକେ ଆନିଥିଲେ। ଗାଁରେ ପୁହୁଁଚିଲା ଉତାରୁ ପିଲାମାନେ ଗାଁବାସୀକରନୁ ଚାଁଦା କରି ୨୨ ହଜାର ଟଁକା ଆମ୍ବୁଲାନ୍ସ ଭଡ଼ା ଦେଇଥିଲେ। ଏହେଦେ ଚରଣର ଚିକିସ୍ସା ଲାଗି ଲକ୍ଷାଧିକ୍ ଟଁକା ଦରକାର ଥିଲାବେଲେ ଟଁକା ପଏସା ଅଭାବୁ ପରିବାର ଲୋକ୍ ଭାଂଗି ପଡ଼ିଛନ୍। ଇଆଡ଼େ ଚରଣ ଚିକିସ୍ସା ଅଭାବୁ ଘରେ ପଡ଼ିରହି ଜୀବନ୍ ମରନ୍ ସଂଗେ ଯୁଝୁଥିବାର ତାକର ମାଏକିନା ଚନ୍ଦ୍ରକାନ୍ତି ଆର ପରିବାର ଲୋକ୍ କହିଛନ୍। ଏନ୍‌ତାଥି ଚରଣଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ସାମିଲ କରି ଚିକିସ୍ସା ସୁବିଧା ଯୁଗେଇ ଦେବାକେ ଖଇରପଦର ଗାଁବାସୀ ନୂଆପଡ଼ା ଜିଲାପାଳଙ୍କୁ ଅନୁରୋଧ କରିଛନ୍। ଇ ବାବ୍‌ଦେ ଖଡ଼ିଆଳ ବ୍ଲକ ସାମାଜିକ କଲ୍ୟାଣ ସଂପ୍ରସାରଣ ଅଧିକାରୀ ନିର୍ମଳ ଧରୁଆଙ୍କୁଁ ପଚରାଲାରୁ ସରକାରୀ ନିୟମ ହିସାବେ ଚରଣଙ୍କୁଁ ସାହାଯ୍ ଯୁଗେଇ ଦିଆଯିବା ବଲି ସେ କଥା ଦେଇଛନ୍।


ଚିକିସ୍ସା ଅଭାବୁ ଚରଣ ଘରେ ପଡ଼ି ରହିଛନ୍।

■ଭୀମ ଭୋଇ ମେଡିକାଲ କଲେଜ କୋଠାରେ ପାଣି ଗଳିବା ସମସ୍ୟା

# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମୀକ୍ଷା

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ କୋଠାରେ ପାଣି ଗଳିବା ଓ ଅନ୍ୟ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିଛି। ମେଡିକାଲ କଲେଜ ସଂକ୍ରାନ୍ତରେ ମଙ୍ଗଳବାର ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିଧାନସଭା ପ୍ରକୋଷ୍ଠରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ବୈଠକରେ ଉପସ୍ଥିତ ରହି ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପାଣି ଗଳୁଥିବା ସ୍ଥାନକୁ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରି ଦିଆଯାଇଛି। ସେହିଭଳି ଏହି ମେଡିକାଲ କଲେଜ ପାଇଁ ଆଗାମୀ ବର୍ଷ ଛାତ୍ରାବାସର ଆବଶ୍ୟକତା ଥିବାରୁ ତୁରନ୍ତ ଏଥିପାଇଁ ଜମି ଚିହ୍ନଟ ସହ କାର୍ଯ୍ୟ ଆରମ୍ଭ ଲାଗି କୁହାଯାଇଛି। ମେଡିକାଲ କଲେଜର ଭିତ୍ତିଭୂମି ବିକାଶ ନେଇ ସ୍ୱାସ୍ଥ୍ୟ ଓ


ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରକୋଷ୍ଠରେ ଭୀମଭୋଇ ମେଡିକାଲ କଲେଜର ବିଭିନ୍ନ ସମସ୍ୟାର ସମୀକ୍ଷା କରାଯାଉଛି ।

ପୂର୍ତ୍ତ ବିଭାଗର ଅଧିକାରୀମାନେ ଆଲୋଚନା କରିଥିବାବେଳେ ଏଠାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ମେଡିକାଲ କଲେଜର ଅଧୀକ୍ଷକ, ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ସମେତ ମୁଖ୍ୟଯନ୍ତ୍ରୀ (କୋଠାବାଡି)ଙ୍କ ସମେତ ଦୁଇ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଧାନସଭାରେ କଂଗ୍ରେସ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମେଡିକାଲ କଲେଜ କୋଠାରେ ପାଣି ଗଳିବା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ପରେ ଏହା ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ତତ୍କାଳ ପଦକ୍ଷେପ ଗ୍ରହଣ କରିବାକୁ ସମୀକ୍ଷା ବୈଠକ କରିଥିଲେ।

## ପ୍ରତି ସୋମବାର ଝାରସୁଗୁଡ଼ା-ଦିଲ୍ଲୀ ଉଡ଼ାଣ ବନ୍ଦ ରଖିବ ସ୍ପାଇସ୍‌ଜେଟ୍

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ପ୍ରତି ସୋମବାର ଝାରସୁଗୁଡା-ଦିଲ୍ଲୀ ଉଡ଼ାଣ ବନ୍ଦ ରଖିବ ସ୍ପାଇସ ଜେଟ୍। ଅନ୍ୟ ଦିନଗୁଡିକରେ ବିମାନ ଚଳାଚଳ କରିବ। ସେହିଭଳି ସୋମବାରକୁ ବାଦ୍ ଦେଲେ ସପ୍ତାହର ଅନ୍ୟଦିନଗୁଡିକରେ ଅନ୍‌ଲାଇନରେ ଟିକେଟ ଉପଲବ୍ଧ ରହିବ। ବର୍ତ୍ତମାନ ଝାରସୁଗୁଡ଼ା ବିମାନ ବନ୍ଦରରୁ ଦିଲ୍ଲୀ, କୋଲକାତା ଓ ହାଇଦ୍ରାବାଦକୁ ସିଧାସଳଖ ବିମାନ ସେବା ଯୋଗାଉଛି ସ୍ପାଇସ୍ ଜେଟ୍। ସୋମବାର କେବଳ ଦିଲ୍ଲୀକୁ ଉଡ଼ାଣ ବନ୍ଦ ରଖାଯାଇଥିବାବେଳେ କୋଲକୋତା ଓ ହାଇଦ୍ରାବାଦକୁ ସେବା ଜାରି ରହିବ ବୋଲି ସ୍ପାଇସ୍‌ଜେଟ୍ ପକ୍ଷରୁ ଏକ ଟୁଇଟ୍ ମାଧ୍ୟମରେ କୁହାଯାଇଛି। ତେବେ ଏ ସମ୍ପର୍କରେ ସ୍ପାଇସ୍‌ଜେଟ ପକ୍ଷରୁ କୌଣସି ସୂଚନା ପାଇ ନ ଥିବା ଝାରସୁଗୁଡା ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ କହିଛନ୍ତି।

■ମହିଳାଙ୍କୁ ଦ୍ୱିତୀୟ ବିବାହ ମାମଲା

# ଅଭିଯୁକ୍ତଙ୍କୁ ୩ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ, ୩୦।୭(ସ୍ୱ.ପ୍ର.)

ପ୍ରଥମ ବିବାହ କରିଥିବା ଜଣେ ବ୍ୟକ୍ତି ପ୍ରତାରିତ କରି ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିବା ମାମଲାର ରାୟ ପ୍ରକାଶ ପାଇଛି। ବୌଦ୍ଧ ଜିଲା ଦୌରାଜଜ ଅରବିନ୍ଦ କୁମାର ଗୁରୁ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ବର୍ଷ କାରାଦଣ୍ଡ ଓ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ କାରାଦଣ୍ଡାଦେଶ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗବଜୋର ଗ୍ରାମର ଲକ୍ଷ୍ମୀଚରଣ ମେହେର ସମ୍ବଲପୁର ଜିଲା ରେଢାଖୋଲ ଥାନା ଖଣ୍ଡହତା ଗ୍ରାମର କାନ୍ତି ବେହେରାଙ୍କୁ ଖଣ୍ଡହତା ଶିବ ମନ୍ଦିରରେ ବିବାହ କରିଥିଲେ। ପରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଇତ୍ୟବସରେ କାନ୍ତି ଜାଣିବାକୁ ପାଇଲେ ଯେ, ଲକ୍ଷ୍ମୀଚରଣ ପୂର୍ବରୁ ବିବାହିତ ଓ ତାଙ୍କର ସନ୍ତାନସନ୍ତତି ଅଛନ୍ତି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଳିକଜିଆ ହେଉଥିଲା। ଲକ୍ଷ୍ମୀଚରଣ କାନ୍ତିଙ୍କୁ ମାରପିଟ କରିବା ସହିତ ନିର୍ଯାତନା ଦେଇ ଆସୁଥିଲେ ।

ଏଥର ଲକ୍ଷ୍ମୀଚରଣ ମା ଓ ଛୁଆଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। କୌଶଳକ୍ରମେ ବଲାଙ୍ଗୀର ଯିବାକୁ କହି କାନ୍ତିକୁ ସାଙ୍ଗରେ ଧରି ସେ ଛତିଶଗଡ ରାଜ୍ୟର ଦଦରାକୁ ଯାଇଥିଲେ। ସେଠାରେ ୭ମାସର ଶିଶୁପୁତ୍ର ସହ କାନ୍ତିଙ୍କୁ ୪୦ହଜାର ଟଙ୍କାରେ ବିକ୍ରି କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଉଦ୍ୟମ ବିଫଳ ହେବାପରେ କାନ୍ତିଙ୍କୁ ଗତ ତା୧୪।୭।୨୦୧୪ରିଖରେ ଟ୍ରେନରେ ବସାଇ ଘରକୁ ପଠାଇ ଦେଇଥିଲେ। ଏ ନେଇ ତା୨୧।୭।୧୪ ରିଖରେ ମନମୁଣ୍ଡା ଥାନାରେ କାନ୍ତି ଲିଖିତ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା (ନଂ.୯୧/୧୪)ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ତା୨୨।୭।୧୪ରିଖରେ ପୋଲିସ ଅଭିଯୁକ୍ତ ଲକ୍ଷ୍ମୀଚରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜଙ୍କ ଅଦାଲତରେ ବିଚାର ହୋଇଥିଲା। ୧୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଦୌରାଜଜ ଅରବିନ୍ଦ କୁମାର ଗୁରୁ ଅଭିଯୁକ୍ତ ଲକ୍ଷ୍ମୀ ଚରଣ ମେହେରଙ୍କ ବିରୋଧରେ ରାୟ ଶୁଣାଇଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ପୂର୍ବତନ ସରକାରୀ ଓକିଲ(ପିପି) ଧୂରୀଣ କୁମାର ଦେହୁରୀ ପରିଚାଳନା କରିଥିଲେ।

■ପାଟଣାଗଡ଼ ପାର୍ଶଲ ବୋମା ବିସ୍ଫୋରଣ ଘଟଣା

# ସ୍ୱାମୀଙ୍କ ସ୍ୱପ୍ନ ପୂରଣ ପାଇଁ ଅଣ୍ଟା ଭିଡ଼ିଲେ ରିମା

ବଲାଙ୍ଗୀର ଅଫିସ, ୩୦।୭

■ପିଜିରେ ଆଡମିଶନ ନେଲେ

■ପୁଅର ଇଚ୍ଛା ପୂରଣ ପାଇଁ ସମ୍ମତି ଜଣାଇଲେ ମା, ବାପା

ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ଲକ୍ଷ୍ୟ ନେଇ ଏକ ହୋଇଥିଲେ ସୌମ୍ୟ ଓ ରିମା। ବିବାହ ଉଭୟଙ୍କ ପାଇଁ ଥିଲା ସହଯାତ୍ରାର ପ୍ରଥମ ସୋପାନ ମାତ୍ର । ହେଲେ ପ୍ରଥମ ସୋପାନରୁ ହିଁ ଉଜୁଡି ଗଲା ସ୍ୱପ୍ନ ଓ ସଂସାର । ରିମାଙ୍କ ହାତରୁ ମେହେନ୍ଦି ଲିଭି ନ ଥିବାବେଳେ ଲିଭିଗଲା ସୌମ୍ୟଶେଖରଙ୍କ ଜୀବନ ଦୀପ। ପୁଞ୍ଜିଲାଲ ମେହେରଙ୍କ ପୁଞ୍ଜିଭୂତ କ୍ରୋଧାଗ୍ନିରେ ଛାରଖାର ହୋଇଗଲା ସାହୁ ପରିବାରର ସ୍ୱପ୍ନ ଓ ସମ୍ଭାବନା । ଏବେ ଭଙ୍ଗା ମନ ଏବଂ ଅନ୍ଧକାର ଭବିଷ୍ୟତକୁ ସଜାଡିବାକୁ ଚାଲିଛି ସାହୁ ପରିବାରର ସଂଘର୍ଷ । ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଇତିମଧ୍ୟରେ ପ୍ରାୟ ଦେଢ଼ବର୍ଷ ହୋଇଗଲାଣି। ମୃତ ସୌମ୍ୟ ଶେଖରଙ୍କୁ ଭୁଲି ନାହାନ୍ତି ସ୍ତ୍ରୀ ରିମା, ପିତା ଅଧ୍ୟାପକ ରବୀନ୍ଦ୍ର ସାହୁ ଓ ମାତା ସଂଯୁକ୍ତା ସାହୁ। ଏବେ ସୌମ୍ୟଶେଖରଙ୍କ ସ୍ୱପ୍ନକୁ ନେଇ ବଞ୍ଚିବାକୁ ଚେଷ୍ଟା କରୁଛନ୍ତି ସାହୁ ପରିବାର ସଦସ୍ୟ। କିଛିଦିନ ତଳେ ରିମା ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ବଲାଙ୍ଗୀର ରାଜେନ୍ଦ୍ର କଲେଜ ସେଣ୍ଟରରେ ପିଜି ପାଠ ପଢ଼ିବା ପାଇଁ ଆଡମିଶନ୍ କରିଥିବା ଜଣାପଡିଛି। ରିମା ଓଡିଆ ଭାଷା ସାହିତ୍ୟରେ ପିଜି କରିବେ। ଏନେଇ ରିମାଙ୍କ ଶ୍ୱଶୁର ଅଧ୍ୟାପକ ରବୀନ୍ଦ୍ର


ରିମା ସାହୁ, ଶ୍ୱଶୁର ଅଧ୍ୟାପକ ରବୀନ୍ଦ୍ର ସାହୁ ଓ ଶାଶୁ ସଂଯୁକ୍ତା ସାହୁଙ୍କ ଫାଇଲ ଫଟୋ ।

ସାହୁଙ୍କୁ ପଚାରିବାରୁ କହିଛନ୍ତି ଯେ, ସୌମ୍ୟଶେଖରଙ୍କ ଇଚ୍ଛା ଥିଲା ବିବାହ ପରେ ରିମା ଉଚ୍ଚତର ଶିକ୍ଷା ଲାଭ କରିବେ। ଏଥିପାଇଁ ସେମାନେ ବିବାହ ପୂର୍ବରୁ ଯୋଜନା ପ୍ରସ୍ତୁତ କରିଥିଲେ। ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ଲକ୍ଷ୍ୟ ନେଇ ଉଭୟେ ସଙ୍କଳ୍ପ କରିଥିଲେ । ହେଲେ ପୁଞ୍ଜିଲାଲଙ୍କ ଜଘନ୍ୟ ଷଡଯନ୍ତ୍ର ସେମାନଙ୍କ ସ୍ୱପ୍ନ ଓ ସଂସାରକୁ ଉଜାଡି ଦେଲା। ଏବେ ମୃତ ପୁତ୍ରଙ୍କ ଅଧୁରା ସ୍ୱପ୍ନକୁ ପୁଣି ଥରେ ସାକାର କରିବା ପାଇଁ ବାହାରିଛନ୍ତି ରିମା, ତାଙ୍କ ଶାଶୁ ଓ ଶ୍ୱଶୁର । ରିମାଙ୍କୁ ପିଜିରେ ଆଡମିଶନ କରି ତାଙ୍କ ପୁତ୍ରଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରିଛନ୍ତି ଅଧ୍ୟାପକ ସାହୁ । ରିମା ମଧ୍ୟ ପିଜି ପାଠ ସାରି ସୌମ୍ୟଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ଏକ ମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି । ଏବେ ସୌମ୍ୟଙ୍କ ସ୍ୱପ୍ନପୂରଣର ଲକ୍ଷ୍ୟ ଭିତରେ ଜୀବନ ସାମାନ୍ୟ ଗତିଶୀଳ ହେବ ବୋଲି କହିଛନ୍ତି ରିମା ଓ ଶ୍ୱଶୁର ରବୀନ୍ଦ୍ର ସାହୁ । ରିମା ଓ ସୌମ୍ୟଙ୍କ ବିବାହର ୫ ଦିନ ପରେ ୨୦୧୮ ଫେବୃୟାରୀ ୨୩ ତାରିଖ ଭୟଙ୍କର ପାର୍ସଲ ବୋମାରେ ସୌମ୍ୟଶେଖର ଓ ଜେଜେମାଁ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ସୌମ୍ୟ ଶେଖରଙ୍କ ମାତା ସଞ୍ଜୁକ୍ତା ସାହୁ କାର୍ଯ୍ୟ କରୁଥିବା ଭଇଁଷା କଲେଜର ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ବଦଳିଲେ ପ୍ରଧାନ ସେବକ

ବରଗଡ଼ ଅଫିସ୍,୩୦।୭- ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲି ସେବାଶ୍ରମ ସ୍କୁଲରେ ଦେଖାଯାଇଥିବା ବିବାଦର ଅବସାନ ହୋଇଛି । ସ୍କୁଲର ପ୍ରଧାନସେବକ କ୍ଷୀରେଶ୍ୱର ତାଣ୍ଡିଙ୍କୁ ବୀରମାଲ ସ୍କୁଲକୁ ବଦଳି ହୋଇଥିବା ସୂଚନା ମିଳିଛି । ସେହିପରି ତାଣ୍ଡିଙ୍କ ସ୍ଥାନରେ ବୀରମାଲ ସ୍କୁଲର ପ୍ରଧାନସେବକ ଗୋବିନ୍ଦ ପତିଙ୍କୁ ଅବସ୍ଥାପିତ କରାଯାଇଛି। ପ୍ରକାଶଥାଉକି, ପ୍ରଧାନସେବକ ତାଣ୍ଡିଙ୍କ ବିରୋଧରେ ସେବାଶ୍ରମ ସ୍କୁଲର କର୍ମଚାରୀ ଜିଲା ମଙ୍ଗଳ ଅଧିକାରୀଙ୍କୁ ଫେରାଦ ହୋଇଥିଲେ । ସେହିପରି ସେବାଶ୍ରମ ଛାତ୍ରୀନିବାସର ଅନ୍ତେବାସୀମାନେ ମଧ ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବାବେଳେ ଗତ କିଛି ଦିନ ତଳେ ଗ୍ରାମବାସୀ ମଧ ଆନ୍ଦୋଳନକୁ ଓହ୍ଲାଇଥିଲେ ।

### କେନାଲରୁ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୩୦।୭- ବରଗଡ଼ ବ୍ଲକ ଗୁଡ଼େଶିରା କେନାଲରେ ଭାସୁଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ମୃତଦେହ ଚିହ୍ନଟ ହୋଇପାରି ନ ଥିବାବେଳେ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ସୂଚନା ଅନୁଯାୟୀ, କେନାଲରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପୋଲିକୁ ଖବର ଦେଇଥିଲେ। ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କେନାଲରୁ ମୃତଦେହ ଉଦ୍ଧାର କରିଥିଲେ । ଏ ନେଇ ବରଗଡ଼ ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

### ପୋଲିସର ଚଢ଼ାଉ

ବରଗଡ଼ ଅଫିସ୍,୩୦ ।୭- ବରଗଡ଼ ଟାଉନ ଥାନା ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସହର ଉପକଣ୍ଠ ନାଗେନପାଲି ଓ ରୋହିଣିଆରେ ଚଢ଼ାଉ କରି ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ନାମ ରଣା ଓ ନିରଞ୍ଜନ ସେଠ । ପୋଲିସ ତାଙ୍କଠାରୁ ୫୦ଟି ଲେଖାଏଁ ଦେଶୀମଦ ପାଉଚ୍ ଜବତ୍ ହୋଇଥିବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି। ଏ ନେଇ ଟାଉନ ଥାନାରେ ପୃଥକଭାବେ ୨ଟି ମାମଲା ରୁଜୁ ହୋଇଛି ।

{ ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଇ ବୈଠକ

# ଜନପ୍ରତିନିଧି, ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଲୋଡ଼ା

**ବରଗଡ଼ ଅଫିସ୍,୩୦।୭**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ କମିଟି-ଇ ଚେୟାରମ୍ୟାନ ଶଙ୍କର ଖାଲ୍‌କୋ ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧି ଏବଂ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଜିଲା ପରିଷଦ ନିତ୍ୟାନନ୍ଦ ପ୍ରଧାନ ଜିଲାରେ କିଭଳି ଚାଷର ଉନ୍ନତି ହୋଇ ପାରିବ ସେନେଇ ମତ ରଖିଥିଲେ । ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହି ପାରିଲେ ବିକାଶ ସାଧିତ ହୋଇପାରିବ ବୋଲି ସେ କହିଥିଲେ ।

ଜିଲାର ଗୋପାଳନ ଓ ପଶୁସମ୍ପଦ ବିଭାଗର ଆଲୋଚନା ବେଳେ ଘାସଚାଷ ଉପରେ ବିଭାଗୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ । ଜିଲାରେ ୫୩୦ ଏକର ଜମିରେ ଘାସଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୨୩ ଏକର ଜମିରେ ଘାସଚାଷ ହୋଇଥିବା ସୂଚନା ଦିଆଯାଇଥିଲା । ଅଧ ଏକର ଜମିକୁ ୬ହଜାର ଟଙ୍କା ହିସାବରେ ୪୪୬ ଜଣଙ୍କୁ ସବସିଡ଼ି ଦିଆଯାଇଥିବା ବିଭାଗୀୟ ଅଧିକାରୀମାନେ କହିଥିଲେ। ଏନ୍‌ଏଲ୍‌ଏମ୍ ଜରିଆରେ ଘାସଚାଷ ପାଇଁ ୬୨.୫ ଏକର ଜମିରେ ଘାସଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଲକ୍ଷ୍ୟ ପୂରଣ ହୋଇଥିବା ଏବଂ ୧୦୭ଜଣଙ୍କୁ ୬ହଜାର ଟଙ୍କା ହିସାବରେ ସବସିଡ଼ି ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ଋତୁକାଳୀନ ଘାସଚାଷ(ଏସ୍‌ଏଫସି) ଯୋଜନାରେ ଆସିଥିବା ଘାସମଞ୍ଜିକୁ ୧୬୫୩ଜଣଙ୍କୁ ବଣ୍ଟନ କରାଯାଇଛି ବୋଲି ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ତରୁଣ କୁମାର ସାହୁ ସୂଚନା ଦେଇଥିଲେ।

ଜିଲା ଯୋଗାଣ ବିଭାଗର ସମୀକ୍ଷାବେଳେ ସମୁଦାୟ ଲୋକସଂଖ୍ୟା ୧୪ଲକ୍ଷ ୭୮ହଜାର ୮୩୩ ଜଣଙ୍କ ମଧ୍ୟରୁ ୧୧ଲକ୍ଷ ୬୬ହଜାର ୮୩୩ ଜଣଙ୍କୁ ରାଶନ କାର୍ଡ଼ ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ୨ଲକ୍ଷ ୮୮ହଜାର ୩୩୨ ଅଗ୍ରାଧିକାର ପରିବାର ମଧ୍ୟରୁ ୫୦ହଜାର ୩୭୧ଟି ଏଏୱାଇ, ୨୪୭୫ଟି ଅନ୍ନପୂର୍ଣ୍ଣା, ୬୯ହଜାର ୯୬୨ଟି ଏସଏଫଏସଏସ୍ କାର୍ଡ଼ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା । ଗାଇସିଲେଟ୍ ବ୍ଲକରେ ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ଅଭିଯୋଗ କରି ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସେହିପରି ଜଙ୍ଗଲ ବିଭାଗର ସମୀକ୍ଷାବେଳେ ହାତୀ ଘଉଡ଼ାଇବା ପାଇଁ କର୍ମଚାରୀ ନିଯୁକ୍ତି ସହ ଚାଷୀ ଓ ଜନ ପ୍ରତିନିଧିମାନଙ୍କୁ ମାଗଣାରେ ଚାରା ଯୋଗାଇ ଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପରେ ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟର ସମୀକ୍ଷା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସାର ପ୍ରଧାନ, ଅଞ୍ଜଳି ଭୁଏ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।


ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ନିଜ ମତ ରଖୁଛନ୍ତି ।

### ବାବେବିରା, ପୋଡ଼ବାଡ଼ିରେ ବୃକ୍ଷରୋପଣ

**ଅତାବିରା,୩୦।୭(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକର ବିଭିନ୍ନସ୍ଥାନରେ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାବେବିରା ହାଇସ୍କୁଲର ଇକୋ କ୍ଲବ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ସଚେତନତା ସଭା ହୋଇଥିଲା । ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ା ମୁଖ୍ୟଅତିଥି, ସରପଞ୍ଚ ସବିତା ଦୀପ, ହୃଷିକେଶ ବାରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଇକୋ କ୍ଲବ ଇନ୍‌ଚାର୍ଜ ଅମୃତ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଦିବ୍ୟାନୀ ନାଗ, ଆଶା ନାଗ, ଲିସା ପ୍ରଧାନ, ଲିନା ପେରା, ଦିପାଞ୍ଜଳି ଭୁଏ, ଦିପା ବାଗ ପ୍ରମୁଖ କୃତିତ୍ୱ ଅର୍ଜନ ସହିତ ପୁରସ୍କୃତ ହୋଇଥିଲେ । ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ । ଶେଷରେ ଶିକ୍ଷକ ଗୋପିନାଥ ପ୍ରଧାନ ଧନ୍ୟବାଦ ଦେଇଥିଲେ । ସେହିପରି ପୋଡ଼ବାଡ଼ିର ନେତାଜୀ କ୍ଲବ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ପୋଡ଼ବାଡ଼ି ଛକରୁ ଗ୍ରାମ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ପାର୍ଶ୍ୱରେ ବିଭିନ୍ନ ପ୍ରକାର ୩ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା ।

# ମା' କୋଳକୁ ଫେରିଲା ପୁଅ

**ବରଗଡ଼ ଅଫିସ୍,୩୦।୭**

କନ୍ଧମାଳ ଜିଲା କୋଟଗଡ଼ ଥାନା ଅଞ୍ଚଳରୁ ନିଖୋଜ ହୋଇ ବରଗଡ଼ରୁ ଉଦ୍ଧାର ହେବାର ୩ଦିନ ପରେ କଥା କହି ପାରୁ ନ ଥିବା ଜଣେ ଶିଶୁ ମଙ୍ଗଳବାର ନିଜ ମା କୋଳକୁ ଫେରିଛନ୍ତି । ଶିଶୁ ଜଣକ ହେଲେ, କୋଠଗଡ଼ ଥାନା କୋଠଗଡ଼(ଝରିଆପଦା) ଗ୍ରାମର ସ୍ୱର୍ଗତ ପରିକ୍ଷିତ ସାହାଣୀଙ୍କ ପୁଅ ପୃଥ୍ୱୀରାଜ ଓରଫ୍ ଚିନୁ(୧୧) । ମଙ୍ଗଳବାର ରାତ୍ରି ପ୍ରାୟ ୮ଟାରେ ମା' ପ୍ରଭାସିନୀ ନିଜ ସମ୍ପର୍କୀୟ ଓ ପୋଲିସ ସହିତ ବରଗଡ଼ ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲୁସି)ରେ ପହଞ୍ଚିବା ପରେ ଚିନୁ ମା' କୋଳକୁ ଫେରିଛନ୍ତି। ରାତ୍ରି ପ୍ରାୟ ୯ଟାରେ ସେମାନେ ବରଗଡ଼ରୁ କୋଟଗଡ଼ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ପ୍ରକାଶ ଯେ, ପ୍ରାୟ ୬ବର୍ଷ ତଳେ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ପ୍ରଭାସିନୀ ତାଙ୍କ ପୁଅ ଚିନୁ ଓ ଶିଶୁକନ୍ୟା ରୀତୁଙ୍କ ସହ ରହୁଥିଲେ । ହେଲେ ଗତ ୨୭ତାରିଖ ସକାଳ ପ୍ରାୟ ୮ଟାରେ ଚିନୁ ମା'ଙ୍କଠାରୁ ୧୦ଟଙ୍କା ନେଇ ବଜାରକୁ କୁରକୁରେ କିଣିଯାଉଛି କହି ଆଉ ଘରକୁ ଫେରି ନ ଥିଲେ । ଦିନ ୯ଟା ସୁଦ୍ଧା ସେ ଘରକୁ ନ ଆସିବାରୁ ପ୍ରଭାସିନୀ, ପଡ଼ୋଶୀ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ଚିନୁଙ୍କ ପତ୍ତା ମିଳି ନ ଥିଲା ଏବଂ ସେ ନେଇ ସେମାନେ କୋଟଗଡ଼ ଥାନାକୁ ଜଣାଇଥିଲେ। ପରେ କୋଟଗଡ଼ ଥାନା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଥିଲା ।


ନିଖୋଜ ପୁଅକୁ ଫେରି ପାଇ ମା କୋଳେଇ ଧରିଛନ୍ତି ।

ଧରିତ୍ରୀ ପ୍ରଭାବ

ଅନ୍ୟପଟେ ୨୭ତାରିଖ ବିଳମ୍ବିତ ରାତ୍ରିରେ ବରଗଡ଼ ରେଲଷ୍ଟେଶନ ପ୍ଲାଟଫର୍ମରେ ଅସହାୟ ଅବସ୍ଥାରେ ବସିଥିବା ବେଳେ ଆର୍‌ପିଏଫ ତାଙ୍କୁ ଉଦ୍ଧାର କରି ସିଡବ୍ଲୁସିରେ ଜିମା ଦେଇଥିଲା । ତେବେ ସେ କିଛି କଥା କହି ପାରୁ ନ ଥିବା ଯୋଗୁ ତାଙ୍କ ଠିକଣା ଠାବ କରିବା ସିଡବ୍ଲୁସି ପକ୍ଷେ କଷ୍ଟକର ହୋଇପଡ଼ିଥିଲା । ସୋମବାର ଧରିତ୍ରୀ ପୋର୍ଟାଲ ଫେସବୁକ୍ ପେଜ୍‌ରେ ଚିନୁଙ୍କ ଫଟୋ ସହିତ ଏକ ଖବର ସ୍ଥାନୀତ ହୋଇଥିଲା। ପରେ ତାଙ୍କ ଠିକଣା ଠାବ ହୋଇଥିଲା । ବରଗଡ଼ ସିଡବ୍ଲୁସି ଚେୟାରମ୍ୟାନ ସୁଜିତ୍ କୁମାର ଦାଶ କୋଟଗଡ଼ ପୋଲିସ ସହ ଯୋଗାଯୋଗ କରିଥିଲା। ମଙ୍ଗଳବାର ପ୍ରଭାସିନୀ ତାଙ୍କ ସମ୍ପର୍କୀୟ ସୁଶାନ୍ତ ପ୍ରଧାନ, କୋଟଗଡ଼ ଥାନା ଏସ୍‌ଆଇ ନୀଳାଞ୍ଚଳ ଜେନା, କନଷ୍ଟେବଳ ରାକେଶ ମଲ୍ଲିକଙ୍କ ସହ ବରଗଡ଼ ସିଡବ୍ଲୁସିରେ ପହଞ୍ଚି ଥିଲେ ଏବଂ ନିଜ ହଜିଲା ପୁଅକୁ ଫେରି ପାଇଥିଲେ ।

ପୁଅକୁ ଫେରି ପାଇବା ପରେ ପ୍ରଭାସିନୀ ଭାବବିହ୍ୱଳ ହୋଇ କାନ୍ଦି ପକାଇ ଥିଲେ। ଚିନୁଙ୍କୁ ତାଙ୍କ ମାଙ୍କୁ ହସ୍ତାନ୍ତର କରିବା ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଦାଶଙ୍କ ସମେତ ସଭ୍ୟା ଅଞ୍ଜୁ ଅଗ୍ରୱାଲ, ସଭ୍ୟ ବିଦ୍ୟୁତ୍ ଦାଶ, ବୀରେନ୍ଦ୍ର ମେହେର, କବିତା ମେହେର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସରୋଜ ପ୍ରଧାନ, ରେଲଷ୍ଟେଶନରୁ ଚିନୁଙ୍କୁ ଉଦ୍ଧାର କରିଥିବା ସ୍ଥାନୀୟ ଆର୍‌ପିଏଫ ଇନ୍ସପେକ୍ଟର ଡି.କେ ମିଶ୍ର, ଏସ୍‌ଆଇ ଏସ୍.ସି ପରିଡ଼ା, ଖଲିଆପାଲି ବିମଳାଦେବୀ ବାଳାଶ୍ରମର ସୁଶିଳ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଜଣେ ପୋଲିସ ଅଧିକାରୀ ଈଶ୍ୱର ତାଣ୍ଡି ଧରିତ୍ରୀ ପୋର୍ଟାଲ ଫେସବୁକ ପେଜ୍‌ରେ ପ୍ରକାଶିତ ଚିନୁଙ୍କ ନିଖୋଜ ମାମଲା ସମ୍ପର୍କିତ ଖବରକୁ ଶେୟାର କରିବା ପରେ ତାଙ୍କ ଠିକଣା ମିଳିଥିଲା । ତେବେ ପ୍ରଭାସିନୀ ତାଙ୍କ ପୁଅକୁ ଆଉ ଫେରି ପାଇବେ କି ନାହିଁ ସେ ନେଇ ସବୁବେଳେ ଚିନ୍ତିତ ଥିଲେ ଏବଂ ବିଭିନ୍ନ ଦେବ ଦେବୀ ମନ୍ଦିରରେ ମାନସିକ କରିଥିବା କହିଥିଲେ । ଏବେ ପୁଅକୁ ଫେରି ପାଇ ସେ ଖୁସି ଅନୁଭବ କରୁଛନ୍ତି ବୋଲି ପ୍ରଭାସିନୀ କହିଛନ୍ତି।

■ ସହରରେ ଏମ୍‌ଭିଆଇ ଧରପଗଡ଼

# ବାଇକ୍ ଚାଳନା ବେଳେ ମୋବାଇଲରେ କଥା ହେଲେ ଜରିମାନା

**ବରଗଡ଼ ଅଫିସ୍,୩୦।୭**

ବରଗଡ଼ ସହରରେ ମଙ୍ଗଳବାର ଗାଡ଼ି ଯାଞ୍ଚ ତଥା ଏମଭିଆଇ ଧରପଗଡ଼ ଚାଲିଥିଲା । ବାଇକ୍ ଚାଳନା କରି ମୋବାଇଲରେ କଥାବାର୍ତ୍ତା କରୁଥିବା ଲୋକଙ୍କୁ ଏମ୍‌ଭିଆଇ(ମୋଟର ଭେହିକିଲ ଇନ୍ସପେକ୍ଟର) ଟିମ୍ ସେମାନଙ୍କୁ ଅଟକାଇ ଯାଞ୍ଚ କରୁଥିଲେ । ଏପରି କି ବାଇକ୍ ଚଳାଉଥିବାବେଳେ ମୋବାଇଲରେ କଥାବାର୍ତ୍ତା ନ ହେବା ପାଇଁ ପରାମର୍ଶ ଦେବା ସହିତ ସେଭଳି ଚାଳକଙ୍କଠାରୁ ଆଇନ ଅନୁଯାୟୀ ଜରିମାନା ଅସୁଲି କରାଯାଇଥିଲା । ତେବେ ସଡ଼କ ସୁରକ୍ଷା ଅଭିଯାନ ନେଇ ଏଭଳି କାର୍ଯ୍ୟକ୍ରମ ଆଗକୁ ମଧ ଜାରି ରହିବ ବୋଲି ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ କହିଛନ୍ତି ।


ବରଗଡ଼ ସହରରେ ଚାଲିଥିବା ଏମ୍‌ଭିଆଇ ଧରପଗଡ଼ ।

# ଶାନ୍ତି ସରକାରୀ ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ


ବନମହୋତ୍ସବ ପାଳନ ଅବସରରେ ଚାରାରୋପଣ କରାଯାଉଛି।

**ଭଟଲି,୩୦।୭(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆମେରିକିଆନ୍ ଇଣ୍ଡିଆନ ଫାଉଣ୍ଡେଶନର ଜିଲା ସଂଯୋଜକ ମୋହନଚାନ୍ଦ ପ୍ରଧାନ, ଫରେଷ୍ଟର ସୁଦାମ ଜଗଦଲା, ଅର୍ଜୁନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ମୋ ସ୍କୁଲ ଅଭିଯାନ ଏବଂ ଆମେରିକିଆନ୍ ଇଣ୍ଡିଆନ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ତଥା ବିଦ୍ୟାଳୟ ପାର୍ଶ୍ୱ ରାସ୍ତାକଡ଼ରେ ଚାରାରୋପଣ କରାଯାଇଥିଲା।

ଅନୁଷ୍ଠିତ ସଭାରେ ଫରେଷ୍ଟର ଜଗଦଲା ଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ଚାରା ରୋପଣ କରି ସବୁଜ ବିପ୍ଳବରେ ଭାଗ ନେବାକୁ ଅନୁରୋଧ କରିଥିଲେ। ଏପରି କି ବୃକ୍ଷ ବଞ୍ଚିଲେ ମାନବ ଆମେ ବଞ୍ଚି ପାରିବା। ଏନେଇ ଜନସାଧାରଣଙ୍କୁ ଚାରା ରୋପଣ କରି ଯତ୍ନ ନେବାକୁ ସମସ୍ତଙ୍କ ଅନୁରୋଧ କରିଥିଲେ। ସେହିପରି ମୋହନଚାନ୍ଦ ପ୍ରଧାନ, ଅର୍ଜୁନ ସାହୁ ପ୍ରମୁଖ ଅନ୍ତତଃ ନିଜ ଜନ୍ମଦିନରେ ଗୋଟିଏ ଗଛ ଲଗାଇ ତାର ସଠିକ୍ ଯତ୍ନ ନେଲେ ନିଜର ଜନ୍ମଦିନ ପାଳନ ସାର୍ଥକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ବିଦ୍ୟାଳୟରେ ବନ ସଂରକ୍ଷଣ ଶୀର୍ଷକ ଏକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରି ଚିତ୍ର ଅଙ୍କନ କରିଥିଲେ । ପରେ ବନ ବିଭାଗ ପକ୍ଷରୁ ଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ଛାତ୍ରୀମାନଙ୍କୁ ଚାରା ରୋପଣ କରିବାକୁ ଉତ୍ସାହିତ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ରୀତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

■ ମନେପଡ଼ୁଛି ପୁରୁଣା ପୋଲ, ବଢ଼ିଲା ଯାତାୟାତ ଚିନ୍ତା

# ଧୋଇଗଲା ଅସ୍ଥାୟୀ ରାସ୍ତା

**ବରଗଡ଼ ଅଫିସ୍,୩୦।୭**

ଜୀରାନଦୀର ବନ୍ୟା ଜଳରେ ଅସ୍ଥାୟୀ ରାସ୍ତା ଧୋଇ ହୋଇଯାଇଛି । ଫଳରେ ବରଗଡ଼ ସହରରୁ ଅମ୍ବାପାଲିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ହଳଦୀପାଲି ଛକ ଦେଇ ସହରକୁ ରାସ୍ତା ଥିଲେ ମଧ ତାହା ଦୀର୍ଘ ୫କି.ମି ଦୂର ପଡୁଛି । ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବାବେଳେ ଦୋକାନୀଙ୍କ ବେପାର ପ୍ରଭାବିତ ହୋଇଛି । ଏପରି କି ଉକ୍ତ ରାସ୍ତା ଦେଇ ସରକାରୀ, ବେସରକାରୀ କର୍ମଚାରୀ ନିୟମିତ ଯାତାୟାତ କରୁଥିବାବେଳେ ରାସ୍ତା ଧୋଇ ହୋଇଯିବା ପରେ ସେମାନଙ୍କୁ ମଧ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି ।

ଜୀରାନଦୀ ଉପରେ ବ୍ରିଟିଶ ଅମଳରୁ ଏକ ପୋଲ ନିର୍ମାଣ ହୋଇଥିଲା ଏବଂ ତାହା ବରଗଡ଼ ସହରରୁ ଅମ୍ବାପାଲିକୁ ସଂଯୋଗ କରୁଥିଲା । ପୋଲ ବିପଦସଙ୍କୁଳ ଅବସ୍ଥାକୁ ଆସିବା ପରେ ପୋଲକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କାମ ଚାଲିଛି । ନୂତନ ପୋଲ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଭଙ୍ଗାଯାଇଥିବା ପୁରୁଣା ପୋଲ ବଦଳରେ ବରଗଡ଼ରୁ ଅମ୍ବାପାଲିକୁ ସଂଯୋଗ ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା । ଲୋକେ ସେହି ରାସ୍ତା ଦେଇ ଯାତାୟାତ କରୁଥିଲେ । ରାସ୍ତା ଧୋଇହୋଇ ଯିବା ପରେ ଲୋକଙ୍କ ସମସ୍ୟା ବଢ଼ିଯାଇଛି । ବ୍ରିଟିଶ ଅମଳର ସେହି ପୁରୁଣା ପୋଲକୁ ଲୋକେ ମନେ ପକାଉଛନ୍ତି ।

ବ୍ରିଟିଶ ଅମଳର ସେହି ପୋଲ ସେମାନଙ୍କ ଜୀବନ ଜୀବିକାରେ ଏକ ଅଂଶଭାବେ କାମ ଦେଉଥିଲା । ଏହି ପୋଲ ଦେଇ ଯାତାୟାତ କରି ଲୋକେ ନିଜ ବେପାର ବଣିଜ କରୁଥିବାବେଳେ ଚାଷୀ, ଛାତ୍ରୀଛାତ୍ରଠାରୁ ଆରମ୍ଭ କରି ସାଧାରଣ ଲୋକେ ଉପକୃତ ହେଉଥିଲେ। ତେବେ ନୂତନ ପୋଲ ନିର୍ମାଣ ନ ସରିବା ପର୍ଯ୍ୟନ୍ତ ପୁରୁଣା ପୋଲକୁ ଭାଙ୍ଗିବା ନ ଥିଲା ଏବଂ ପୁରୁଣା ପୋଲ ସ୍ଥାନରେ ନୂତନ ପୋଲ ନିର୍ମାଣ ନ କରି ତା'ଠାରୁ କିଛିଦୂରରେ ନୂତନ ପୋଲ ନିର୍ମାଣ ନିର୍ମାଣ କରାଯାଇଥିଲେ ଅସ୍ଥାୟୀ ରାସ୍ତାର ଆବଶ୍ୟକତା ନ ଥିଲା କିମ୍ବା ଆଜିକାର ସମସ୍ୟା ଉପୁଜି ନ ଥାନ୍ତା ବୋଲି କହି ଲୋକେ ଏବେ ବ୍ରିଟିଶ ଅମଳର ସେହି ପୁରୁଣା ପୋଲକୁ ମନେ ପକାଉଛନ୍ତି ।


ଧୋଇ ହୋଇକକଯାଇଥିବା ଜୀରାନଦୀର ଅସ୍ଥାୟୀର ରାସ୍ତା ।

## ସେମାନେ ଯାହା କୁହନ୍ତି...


" ଅସ୍ଥାୟୀ ରାସ୍ତା ଧୋଇହେବା ପରେ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ମୁଖ୍ୟତଃ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ବେଶି ଅସୁବିଧା ହେଉଛି । ହଳଦୀପାଲି ଛକ ଦେଇ ସେମାନଙ୍କୁ ବୁଲି ଯିବାକୁ ପଡୁଛି । ରିକ୍ସା ଚଳାଚଳ ମଧ ଅମ୍ବାପାଲିରେ ଆଉ ଦେଖିବାକୁ ମିଳୁ ନାହିଁ । ଫଳରେ ବରଗଡ଼ ସହରକୁ ଯାତାୟାତ ପାଇଁ କିଛି ଅସ୍ଥାୟୀ ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି ।

**ସୁରେଶ କୁମାର ମହାପାତ୍ର**, ଅମ୍ବାପାଲି


" ବ୍ରିଟିଶ ଅମଳର ପୋଲଟି ବହୁ ପୁରୁଣା ହୋଇଥିଲା । ପୋଲ ଦେଇ ନିୟମିତ ବରଗଡ଼ ସହରର ନିଜ ଦୋକାନକୁ ଯିବା ଆସିବା କରୁଥିଲି । ତାହା ବିପଦସଙ୍କୁଳ ଥିବା ଯୋଗୁ ଭଙ୍ଗାଯାଇ ନୂତନ ବ୍ରିଜ ନିର୍ମାଣ କରାଯାଉଛି ଏବଂ ଯାତାୟାତ ପାଇଁ ଅସ୍ଥାୟୀ ରୋଡ୍ ତିଆରି ହୋଇଥିଲା । ସେହି ରାସ୍ତା ଦେଇ ଦୋକାନକୁ ଯିବା, ଆସିବା କରୁଥିଲି । ଏବେ ୫କି.ମି ବୁଲି ଯିବାକୁ ପଡୁଛି ।

**ରବୀନ୍ଦ୍ର ପୂଜାରୀ**, ଅମ୍ବାପାଲି


" ଉକ୍ତ ରାସ୍ତା ଦେଇ ନିୟମିତ ବରପାଲି ସମବାୟ ବ୍ୟାଙ୍କକୁ ଯିବା ଆସିବା କରୁଥିଲି। ତାହା ସୁବିଧା ହେଉଥିଲା । ଏବେ ଅଧିକ ୫କି.ମି ଦୂର ଅତିକ୍ରମ କରିବାକୁ ପଡୁଛି । ନୂତନ ପୋଲ ନିର୍ମାଣ ନ ସରିବା ପର୍ଯ୍ୟନ୍ତ ପୁରୁଣା ପୋଲକୁ ଭଙ୍ଗାଯାଇ ନ ଥିଲେ ଏଭଳି ସମସ୍ୟା ଉପୁଜି ନ ଥାନ୍ତା ବୋଲି ଭାବୁଛି।

**ଶିବାନନ୍ଦ ମଟାରୀ**, ବରଗଡ଼



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ



ସଂକ୍ଷେପରେ

## ଘର କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

ଜହ୍ନାପଙ୍କ,୩୦।୭(ଡି.ଏନ୍‌.ଏ.) ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ଜଗତୀ ଗ୍ରାମରେ ସୋମବାର ସକାଳ ପ୍ରାୟ ୮ଟାରେ ଏକ କାନ୍ଥ ଭୁଶୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସରୋଜିନୀ ପାଣିଗ୍ରାହୀ(୬୦)। ମିଳିଥିବା ସୂଚନା ମୁତାବକ, ସରୋଜିନୀ ପଡୋଶୀ ଘରୁ କ୍ଷୀର ଆଣୁଥିଲେ। ସେତିକିବେଳେ ପଡୋଶୀ ଘର କାନ୍ଥ ଭୁଶୁଡି ପଡି ତାଙ୍କ ଦେହରେ ପଡିଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିଲା। ହେଲେ ବାଟରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଚାରିଶମ୍ଭୁ ବ୍ରହ୍ମ ସମାଜର ସମ୍ପାଦକ ସୁଶୀଳ ପାଣିଗ୍ରାହୀଙ୍କ ସ୍ତ୍ରୀ। ସେ ଜଣେ ଧର୍ମପରାୟଣ ଓ ମିଷ୍ଟଭାଷୀ ତଥା ମେଳାପୀ ଥିଲେ। ତାଙ୍କ ବିୟୋଗରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତଦେହ ଗ୍ରାମରେ ପହଞ୍ଚିଲା ପରେ ଗ୍ରାମବାସୀଙ୍କ ସହ ଜ୍ଞାତି, କୁଟୁମ୍ବ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ଥାନୀୟ ମହାନଦୀ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର କୁମୁଦ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ଘଣ୍ଟାପଡ଼ା,୩୦।୭(ଡି.ଏନ୍‌.ଏ.): କଣ୍ଟାପଡ଼ା ବ୍ଲକ ଘଣ୍ଟାପଡ଼ା ବନ ବିଭାଗ ଅଫିସ ସମ୍ମୁଖରେ ସୋମବାର ରାତିରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଘଣ୍ଟାପଡ଼ା ପଞ୍ଚାୟତ ସୁର୍କାଭଟା ଗ୍ରାମର ସତ୍ୟ ରଣା(୨୯) ।

ମିଳିଥିବା ସୂଚନା ମୁତାବକ, ସତ୍ୟ ବର୍ଷେ ହେବ କେନ୍ଦୁପତ୍ର ବିଭାଗ ଅଫିସ ଛକରେ ଏକ ପାନ ଦୋକାନ କରି ପରିବାର ଚଳାଉଛନ୍ତି। ସୋମବାର ରାତି ପ୍ରାୟ ୯ଟାରେ ସତ୍ୟ ଶାଶୁଘର ଲଣ୍ଡାପଦର ଗ୍ରାମରୁ ଫେରୁଥିଲେ। ହେଲେ ଘଣ୍ଟାପଡ଼ା ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏକ ଟିପ୍ପ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ସତ୍ୟଙ୍କ ମୁଣ୍ଡରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋନପୁର ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଣ୍ଟାପଡ଼ା ଫାଣ୍ଡି ଅଧିକାରୀ ବଳଭଦ୍ର ଗଣ୍ଡା ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଥିଲେ। ଏନେଇ ଆହତଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଫାଣ୍ଡି ଅଧିକାରୀ ଗଣ୍ଡା କହିଛନ୍ତି।

## ୩୧ତମ ବିଦ୍ୟାଳୟ ଜ୍ଞାନବିଜ୍ଞାନ ମେଳା

ବୌଦ୍ଧ,୩୦।୭(ସ୍ୱ.ପ୍ର.): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୩୧ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ବିଦ୍ୟାମନ୍ଦିରର ୨୧୩ ଜଣ ଶିଶୁ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଆରତୀ ସାହୁ, ସମ୍ପାଦକ ରାଜକିଶୋର ମହାରଣା, କୋଷାଧକ୍ଷ ରଞ୍ଜିତ ଅମାତ, ସଦସ୍ୟା ପୂର୍ଣ୍ଣିମା ନାୟକ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା, ବିଭାଗ ପ୍ରମୁଖ ରାଜ କୁମାର ପ୍ରଧାନ, ଉପସଭାପତି ସାର ପ୍ରଧାନ, ବିଜ୍ଞାନ ଶିକ୍ଷୟିତ୍ରୀ କାର୍ତ୍ତ୍ୟାୟନୀ ପାଢି ଯୋଗ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ନରେନ୍ଦ୍ର ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ସୁବାଷ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ ଏବଂ ଉପସଭାପତି ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

### ଅଧାପନ୍ତରିଆ ଉଠାଜଳସେଚନ ପ୍ରକଳ୍ପ

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମନମୁଣ୍ଡା,୩୦।୭(ଡି.ଏନ୍‌.ଏ.): ମନମୁଣ୍ଡା ପଞ୍ଚାୟତ ଭାଲିଆପଡ଼ା ଗ୍ରାମରେ ନିର୍ମାଣାଧୀନ ଉଠାଜଳସେଚନ ପ୍ରକଳ୍ପ କାମ ଅଧାପନ୍ତରିଆ ଭାବେ ପଡିରହିଛି। ଏନେଇ ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ସୋମବାର ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅନୁଷ୍ଠିତ ଏକ ବୈଠକରେ ଉପଜିଲାପାଳ ଏନ୍‌.ସି ଜ୍ୟୋତିରଞ୍ଜନ, ବିଡିଓ ରବୀନ୍ଦ୍ର କହଁର, ତହସିଲ୍‌ଦାର ବନ୍ଦନା ଖଟୁଆଙ୍କ ଉପସ୍ଥିତିରେ ଗ୍ରାମବାସୀ ଜିଲାପାଳ ମିଶ୍ରଙ୍କ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏପରି କି ଅଞ୍ଚଳରେ ଦେଖାଦେଇଥିବା ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ। ପ୍ରାୟ ୧କୋଟି ବ୍ୟୟ ଅଟକଳରେ ୪ଟି ପଏଣ୍ଟ ମାଧ୍ୟମରେ ପ୍ରାୟ ୨୫୦ ହେକ୍ଟର ଜମିରେ ଜଳସେଚନ ସୁବିଧା ପାଇଁ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହା ଦ୍ୱାରା ଚିର ମରୁଡ଼ି ପ୍ରପୀଡିତ ଭାଲିଆପଦର ଓ ନୂର୍ପା ଗ୍ରାମର ପ୍ରାୟ ୧୨୦ ଚାଷୀ ଜଳସେଚନର ସୁବିଧା ପାଇ ଲକ୍ଷ୍ୟ ରହିଛି।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଅନ୍ୟପକ୍ଷେ ଦୁଇ ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏହି ପ୍ରକଳ୍ପ ମଞ୍ଜୁର କରିଥିଲେ। ଏପରି କି ପ୍ରକଳ୍ପ ଚଳିତ ଖରିଫ ପୂର୍ବରୁ କାର୍ଯ୍ୟକ୍ଷମ ହେବା କଥା। ହେଲେ ଠିକାଦାରଙ୍କ ମନମୁଖୀ କାମ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚଳିତ ଖରିଫ ପୂର୍ବରୁ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଥିଲେ ଜମିକୁ ଜଳସେଚିତ ହୋଇ ବର୍ତ୍ତମାନ ଦେଖାଦେଇଥିବା ସମ୍ଭାବ୍ୟ ମରୁଡ଼ିରୁ ରକ୍ଷା କରାଯାଇଥାନ୍ତା, ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି। ତଥାପି ଯୁଦ୍ଧକାଳୀନ ଭିତ୍ତିରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ କରାଗଲେ ଏହାର ସୁଫଳ ମିଳି ପାରିବ ବୋଲି ଚାଷୀ ଅମୂଲ୍ୟ ବାଘ, ନକୁଳ କ୍ଷେତି, ଉଷତ ସାହୁ, ଚକ୍ରଧର ସାହୁ, ଅନ୍ତ ଭୋଇ, ରମେଶ ମହାକୁଡ଼, ଦଗଦୀଶ ସେଠୀ, ଗୋପୀନାଥ ପ୍ରଧାନ, ବିଘ୍ନେଶ୍ୱର ମହାକୁଡ଼, ଷଣ୍ଢେଶ୍ୱର ପ୍ରଧାନ, ନରୋତ୍ତମ ମହଲା, ସର୍ତ୍ତିକ ଜାଲ, ସମ୍ବାରୁ ସେଠ ପ୍ରମୁଖ ଜିଲାପାଳଙ୍କୁ ଜଣାଇଥିଲେ। ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରି ଅବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ମିଶ୍ର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ମନମୁଣ୍ଡା ପଞ୍ଚାୟତ ନୂଆ ଗ୍ରାମର ୨ ସମାଜିକ କର୍ମୀ ଦିବାକର ଏବଂ ଶିତାଂଶୁ ତେଲ ନଦୀ ପୋଲରୁ ବାଲି ଓ ଗୋବର ସଫା କରୁଛନ୍ତି।

## ରୁଦ୍ର ଭୈରବୀ କ୍ଲବ ଗଠିତ

ବୌଦ୍ଧ,୩୦।୭(ସ୍ୱ.ପ୍ର.): ବୌଦ୍ଧରେ ରୁଦ୍ର ଭୈରବୀ କ୍ଲବ ଗଠିତ ହୋଇଯାଇଛି। ସ୍ଥାନୀୟ ଛାପାଖାନା ପଡ଼ିଆରେ ଅସ୍ଥାୟୀ ସଭାପତି ଷଷ୍ଠ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ଷଷ୍ଠ କୁମାର ପୁରୋହିତଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ଆଇନଜୀବୀ ଆଶୁତୋଷ ଦାଶ, ସମ୍ପାଦକ ରାୟ ସଞ୍ଜୀବ କୁମାର ଦେଓ, ସହସମ୍ପାଦକ ସଞ୍ଜୟ କୁମାର ସାହୁ ଓ କୋଷାଧକ୍ଷ ଭାବେ ରାମକୃଷ୍ଣ ବନଛୋରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ଗଣ୍ଡାରାମ ମହାରଣା, ସଞ୍ଜୀବ ନାଏକ, ପ୍ରେମଜିତ ଝାଙ୍କର, ଆଶିଷ ମେହେର, ଅଶୋକ ମହାନନ୍ଦିଆ, ସୌମ୍ୟଜିତ ଦାନୀ, ଅବିନାଶ ନାଏକ, ସରୋଜ କୁମାର ମେହେରଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ପ୍ରଭୁଦତ୍ତ ଦଲାଲ, ଅମ୍ବରୀଶ ପ୍ରଧାନ, ଦଶରଥ ମେହେର, ଅରୁଣ ମେଣ୍ଡିଲି ଏବଂ ସମ୍ପିତ ଦାନୀଙ୍କୁ ମନୋନୀତ କରାଯାଇଛି। ଉପସଭାପତି ଆଶୁତୋଷ ଦାଶ ଧନ୍ୟବାଦ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘିଅ ହାଣ୍ଡିରେ ଘିଅ ପଶେ**
**ଟାଙ୍ଗରା ମୁଣ୍ଡରେ ବୋଝ ବସେ ।**

ଧନୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ପାଦ ତଳେ ଭଲ ଭଲ ଜିନିଷ ଅଜାଡି ଦେଇଥାନ୍ତି। କିନ୍ତୁ ଯିଏ ଅଭାବ ଅନଟନରେ ରହି କଠିନ ପରିଶ୍ରମ କରି ପେଟକୁ ଦି'ମୁଠା ଦାନା ଯୋଗାଡ଼ କରିଥାନ୍ତି ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ଆଡ଼ଆଖିରେ ମଧ୍ୟ ତାଙ୍କୁ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖିବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ବାୟା ଚଢ଼େଇ ବସା**
**ମୁଣ୍ଡରେ ରାମ ଟହଲିଆ ଖୋସା ।**

ଅନେକକ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ବାହାରେ ବୁଲି ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଉପକରଣ ପ୍ରଦର୍ଶନୀ



ଛାତ୍ରୀଛାତ୍ରମାନେ ବିଭିନ୍ନ ଉପକରଣ ପ୍ରଦର୍ଶନ କରୁଛନ୍ତି।

ମନମୁଣ୍ଡା,୩୦।୭(ଡି.ଏନ୍‌.ଏ.): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ପ୍ରାରମ୍ଭରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଷୟରେ ଉପକରଣ ପ୍ରଦର୍ଶନୀ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡ଼ମାଳୀ କାର୍ଯ୍ୟକ୍ରମରେ ତତ୍ତ୍ୱାବଧାନ କରିଥିଲେ। ଭାଷା, ଗଣିତ, ପରିବେଶ ବିଜ୍ଞାନ, ଇତିହାସ, ଭୂଗୋଳ, ଇଂଲିଶ, ସଂସ୍କୃତ, ହିନ୍ଦୀ ଆଦି ବିଷୟରେ ଉପକରଣ ପ୍ରଦର୍ଶନ କରାଯାଇଥିଲା। ଶିଶୁ, ଅଭିଭାବକ, ଉପକରଣ ବୁଲି ଦେଖିଥିଲେ। ନେପାଳ ଭୋଇ, ବାସୁଦେବ ପାଢ଼ୀ, ଅନସୂୟା ନାଏକ, ସିନ୍ଧୁସୂତା ମହାନ୍ତି, ବ୍ରଜମୋହନ କର୍ମୀ, ଶକୁନ୍ତଳା ପ୍ରଧାନ, ମମତା ମେହେର, ଅଞ୍ଜଳି ପାତ୍ର, ରାଜଲକ୍ଷ୍ମୀ ମିଶ୍ର ଗୀତାଞ୍ଜଳୀ ମହାପାତ୍ର, ପ୍ରମୋଦ କୁମାର ମେହେର, ଝରଣା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BUSINESS

ASTROLOGY

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS
ଖାଲିଥିବା ଜମି ଓ ଛାତ ଉପରେ
ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହିମ୍ ଲିଙ୍କନ



## ସଂକ୍ଷେପରେ



### ଜିଲାପାଳଙ୍କ ହସ୍ତକ୍ଷେପ: ସନ୍ତଙ୍କୁ ମିଳିବ ଝିଅ ବିବାହ ସହାୟତା ରାଶି

**ସୋନପୁର,୩୦।୭(ନି.ପ୍ର.):** ନିର୍ମାଣ ଶ୍ରମିକ ସନ୍ତ ନାଏକଙ୍କୁ ସରକାରୀ ଯୋଜନା ଅନୁଯାୟୀ ଝିଅ ବିବାହ ସହାୟତା ରାଶି ମିଳିବ। ସନ୍ତଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ପାଇଁ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ସନ୍ତଙ୍କ ଆକାଉଣ୍ଟରେ ସହାୟତା ରାଶି ୨୫ହଜାର ଟଙ୍କା ଜମା କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଜଣାଇଛନ୍ତି। ପ୍ରକାଶ ଯେ, ତରଭା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଗତ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲା ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା ସରଗଜର ନିର୍ମାଣ ଶ୍ରମିକ ସନ୍ତ ନାଏକ ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ଦୀର୍ଘଦିନ ପୂର୍ବରୁ ଆବେଦନ କରିଥିଲେ ହେଁ ତାଙ୍କୁ ଝିଅ ବିବାହ ସହାୟତା ରାଶି ମିଳି ନଥିବା ସେ ଜିଲାପାଳଙ୍କୁ ଜଣାଇଥିଲେ ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ତରଭା, ୩୦।୭(ଡି.ଏନ.ଏ.):** ତରଭା ନିକଟସ୍ଥ ଖାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶେଷଦେବ ମିଶ୍ରଙ୍କ ଅଧକ୍ଷତା ଓ ଶିଶୁ ବାଟିକା ପ୍ରମୁଖ ନିହାର ରଞ୍ଜନ ମଲ୍ଲିକଙ୍କ ପରିଚାଳନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନା ସମିତି ସଭାପତି ରଘୁନାଥ ବେହେରା ଓ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଏହି ଅବସରରେ ଉପସ୍ଥିତ ଥିଲେ। ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ପୁଷ୍ପାଞ୍ଜଳି ପଣ୍ଡା ପ୍ରଦୀପ ପ୍ରଜ୍ବଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସୋନପୁର,୩୦।୭(ନି.ପ୍ର.):** ସହର ସ୍ଥିତ ଦୟାନନ୍ଦ ପ୍ଲେ/ପବ୍ଲିକ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସରୋଜ କୁମାର ପଟେଲ ଓ ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ ବିଦ୍ୟାଳୟର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ହୃଷିକେଶ ମିଶ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି ସା, ଶିକ୍ଷୟିତ୍ରୀ ନିହାରିକା ମହାନ୍ତି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଅସରାଏ ବର୍ଷାରେ ସ୍କୁଲ ପରିସର ଜଳାର୍ଣ୍ଣବ

**ବିନିକା, ୩୦।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିସର ଅସରାଏ ବର୍ଷାରେ ଜଳାର୍ଣ୍ଣବ ହୋଇ ଯାଉଛି। ଏଥିପାଇଁ ସ୍କୁଲ ନିକଟ ଡ୍ରେନେଜ ବ୍ୟବସ୍ଥାକୁ ସ୍କୁଲ ପ୍ରଧାନଶିକ୍ଷକ ଓ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଦାୟୀ କରିଛନ୍ତି।

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୮ଶ୍ରେଣୀ ଯାଏଁ ୧୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲକୁ ଲାଗି କରି ଥିବା ୨ଟି ଅଙ୍ଗନୱାଡି କେନ୍ଦ୍ରରେ ୩୦ଜଣ ଶିଶୁଙ୍କ ପ୍ରି-କ୍ଲାସ କରାଯାଏ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ଟି ଶ୍ରେଣୀ କୋଠରି ରହିଛି। ବର୍ଷା ହେଲେ ସମସ୍ତ କୋଠରିରେ ପାଣି ପଶିଯାଉଛି। ମଧ୍ୟାହ୍ନ ଭୋଜନ ଗୃହରେ ମଧ୍ୟ ଆଣ୍ଠୁଏ



ସ୍କୁଲ ପରିସରରେ ଜମିଥିବା ପାଣିରେ ପଶି ପିଲାମାନେ ବାହାରୁଛନ୍ତି।

ପାଣି ଜମୁଛି । ଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ନାହିଁ ନ ଥିବା ସମସ୍ୟା ହେଉଛି । ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲା ମଧ୍ୟାହ୍ନଭୋଜନ ଠିଆ ହୋଇ ଖାଉଥିବା ବେଳେ ପ୍ରଥମରୁ ୪ର୍ଥ ଶ୍ରେଣୀ ଯାଏ ପିଲା ସ୍କୁଲ ଅଫିସ୍ ଗୃହରେ ଭୋଜନ କରୁଛନ୍ତି। ପ୍ରଧାନଶିକ୍ଷକ ଦୟାସାଗର ପଧାନଙ୍କ କହିବା ଅନୁସାରେ ସ୍କୁଲକୁ ଲାଗି ଏକ ଡ୍ରେନ୍ ରହିଛି । ମାତ୍ର ଡ୍ରେନ ଅଳିଆ ଆବର୍ଜନାରେ ପୋତି ହୋଇ ଯାଇଛି। ଏହାର ସଫେଇ ହେଉ ନ ଥିବାରୁ ସ୍କୁଲ ପରିସରର ପାଣି ଡ୍ରେନ୍‌ରେ ନିଷ୍କାଷିତ ହୋଇ ନ ପାରି ଏଭଳି ଅବସ୍ଥା ହେଉଛି। ଅଙ୍ଗନୱାଡି କେନ୍ଦ୍ର ଦ୍ୱୟର କର୍ମୀ ବାଲେଶ୍ୱରୀ ମଲ୍ଲିକ ଓ ମଞ୍ଜୁଲତା ମହାକୁର ମଧ୍ୟ ଡ୍ରେନେଜ୍ ଅବ୍ୟବସ୍ଥା ଯୋଗୁ ଏହି ସମସ୍ୟା ସୃଷ୍ଟି ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ବିଭାଗୀୟ କର୍ତ୍ତୃପକ୍ଷ ସ୍କୁଲ ନିକଟ ଡ୍ରେନକୁ ସଫେଇ କରି ଜଳ ନିଷ୍କାସନ ବ୍ୟବସ୍ଥାରେ ସୁଧାର ଆଣିବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ସାତ ଫୁଟର ଅଜଗର ଉଦ୍ଧାର

**ତରଭା, ୩୦।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭାଠାରୁ ପ୍ରାୟ ୫ କି.ମି. ଦୂରରେ ଅବସ୍ଥିତ ବଡଭଇଁରୋ ପଞ୍ଚାୟତ ଅନ୍ତର୍ଗତ ସାନଭଇଁରୋ ଗ୍ରାମର ରେଢାଘାଟ ନାଳରୁ ମଙ୍ଗଳବାର ଏକ ସାତ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର ହୋଇଛି । ଉକ୍ତ ନାଳରେ ମାଛ ମରାଜାଲରେ ଅଜଗର ସାପଟି ଛନ୍ଦି ହୋଇ ପଡିଥିବା ଲୋକମାନେ ଦେଖିଥିଲେ । ଖବର ପ୍ରଚାରିତ ହେବା ପରେ ଅଜଗରକୁ ଦେଖିବା ପାଇଁ ସେଠାରେ ପ୍ରବଳ ଭିଡ ଜମିଥିଲା । ସ୍ନେକ ହେଲ୍ପଲାଇନ ସଦସ୍ୟ ଆଲୋକ ରଞ୍ଜନ ହୋତା ଘଟଣାସ୍ଥଳରେ ପହଞ୍ଚି ଜାଲ କାଟି ଅଜଗରକୁ ଉଦ୍ଧାର କରିଥିଲେ। ଖାରୀ ବନ ବିଭାଗ ଫରେଷ୍ଟର ଗୋପାଳ ପଣ୍ଡା, ୱାଚର ଉମେଶ ଷାଣ୍ଢ ଉଦ୍ଧାର ଅଜଗରକୁ ନିକଟସ୍ଥ ଖାରୀ ଜଙ୍ଗଲରେ ଛାଡି ଦେଇଥିଲେ ।

## ଆଶିଷଙ୍କୁ ବିଦ୍ୟାଳୟରେ ନାମଲେଖା ସୁଯୋଗ ମିଳିଲା

**ସୋନପୁର,୩୦।୭(ନି.ପ୍ର.)**

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଶିଷ ସୁନାଙ୍କୁ ନାମଲେଖା ସୁଯୋଗ ମିଳିଲା। ସେ ଛାତ୍ରାବାସରେ ରହି ମାଗଣାରେ ପାଠ ପଢିବେ। ସ୍ଥାନୀୟ ପୁଟୁକିପାଲି ଗ୍ରାମର ଅନୁସୂଚିତ ଜାତି ବର୍ଗର ଅସହାୟ ମହିଳା ସୁବାଷିନୀ ସୁନା ନିଜ ପୁଅ ଆଶିଷର ବିଦ୍ୟାଳୟରେ ନାମଲେଖା ପାଇଁ ଜିଲାପାଳଙ୍କୁ ତରଭା ବ୍ଲକ ଜନଶୁଣାଣି ଶିବିରରେ ଅନୁରୋଧ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର ଆଶିଷଙ୍କ ନାମଲେଖାର ବ୍ୟବସ୍ଥା କରିଛନ୍ତି। ଜନଶୁଣାଣି ଶିବିର ସରିବା ପରେ ଜିଲାପାଳ ବାନାର୍ଜୀ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବଡଭଇଁରୋ ଆଶ୍ରମ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଛାତ୍ରୀ



ମା' ସୁବାଷିନୀଙ୍କ ସହ ଆଶିଷ ।

ନିବାସ ପରିଦର୍ଶନ କରିବା ସହିତ ଛାତ୍ରୀମାନଙ୍କୁ ମିଳୁଥିବା ବିଭିନ୍ନ ସୁଯୋଗ ଉପରେ ପ୍ରଧାନଶିକ୍ଷକ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଉଲୁଣ୍ଡା,୩୦।୭ (ଡି.ଏନ.ଏ)**

ଉଲୁଣ୍ଡା ଥାନା ଅନ୍ତର୍ଗତ କୁଡ଼ାପଡା ଗ୍ରାମର ଚନ୍ଦ୍ରମଣି ବାଘ(୨୪) ନାମକ ଜଣେ ଯୁବକଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ପୋଲିସର ସୂଚନା ଅନୁସାରେ ଚନ୍ଦ୍ରମଣି ସୋମବାର ସନ୍ଧ୍ୟାରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ବର୍ଗ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ମଙ୍ଗଳବାର ସକାଳେ ପୋଖରୀରେ ଚନ୍ଦ୍ରମଣିଙ୍କ ଚପଲ ଓ କିଛି କପଡ଼ା ଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ସନ୍ଦେହ କରି ପରିବାର ଲୋକେ ଘଟଣା ସମ୍ପର୍କରେ ଉଲୁଣ୍ଡା ପୋଲିସକୁ ଖବର ଦେଇଥିଲେ। ପରେ ଉଲୁଣ୍ଡା ପୋଲିସ ଉପସ୍ଥିତିରେ ସ୍ଥାନୀୟ ଦମକଳ ବାହିନୀ ପୋଖରୀରେ ଖୋଜି ଚନ୍ଦ୍ରମଣିଙ୍କ ମୃତଦେହ ଉଦ୍ଧାର କରିଥଲେ। ଏନେଇ ଉଲୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୧୯) ରୁଜୁ ହୋଇଥିବା ଥାନା ଅଧିକାରୀ ବିଧୁଭୂଷଣ ପୁଟା ସୂଚନା ଦେଇଛନ୍ତି। ଏପଟେ ରାତି ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ବୁଧବାର ସକାଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ଦିବ୍ୟାଙ୍ଗ ଯୋଗେଶ୍ୱରଙ୍କୁ ମିଳିଲା ଟ୍ରାଇ ସାଇକେଲ

**ଡୁଙ୍ଗୁରିପାଲି, ୩୦।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ଅନ୍ତର୍ଗତ ପହଣ୍ଡି ଗ୍ରାମର ଦିବ୍ୟାଙ୍ଗ ଯୋଗେଶ୍ୱର ପୁଟେଲଙ୍କୁ ସହାୟତା ଦେଇଛି ପ୍ରଶାସନ। ବିଡିଓ ସହଦେବ ସମାଧିଆ ମଙ୍ଗଳବାର ତାଙ୍କୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରଛନ୍ତି। ଏଥି ସହିତ ବିଜୁ ପକ୍କା ଘର ଯୋଜନାରେ ତାଙ୍କୁ ଏକ ଘର ମଞ୍ଜୁର କରିବା ବ୍ୟବସ୍ଥା କରାଯାଉଛି ବୋଲି ବ୍ଲକ କାର୍ଯ୍ୟାଳୟରେ ପ୍ରକାଶ କରିଛନ୍ତି।

**ଧରିତ୍ରୀ ପ୍ରଭାବ**

ସୁନାପାଲି ଗ୍ରାମ ପଞ୍ଚାୟତ ପହଣ୍ଡି ଗ୍ରାମର ଶିବ ପୁଟେଲଙ୍କ ପୁଅ ଯୋଗେଶ୍ୱର (୨୦) ଜନ୍ମରୁ ଭିନ୍ନକ୍ଷମ। ତାଙ୍କର ଗୋଡହାତ ଠିକ ଭାବେ କାମ କରୁନାହିଁ। କଥା କହି କିମ୍ବା ଶୁଣି ପାରୁ ନାହାନ୍ତି। ୨୦୦୩ ମସିହାରୁ ଜିଲା ମେଡିକାଲ ବୋର୍ଡ ତାଙ୍କୁ ୧୦୦ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣ ପତ୍ର ଦେଇଛି। ତାଙ୍କ ପରିବାର ବିପିଏଲ୍ ଶ୍ରେଣୀ ହୋଇଥିବା ବେଳେ ବାପା ଚାଷ ବାସ କରି ପରିବାର ପ୍ରତିପୋଷଣ କରନ୍ତି। ଜନ୍ମରୁ ଭିନ୍ନକ୍ଷମ ହୋଇଥିଲେ ବି ଯୋଗେଶ୍ୱର ରାଶନ କାର୍ଡ, ଆବାସ ଯୋଜନାରେ ପକ୍କାଘର ମଧ୍ୟ ଖଣ୍ଡେ ପାଇବାରୁ ବଞ୍ଚିତ। କେବଳ ଭିନ୍ନକ୍ଷମ ଭତ୍ତା ମାସିକ ୭୦୦ ଟଙ୍କା ତାଙ୍କୁ ମିଳୁଛି। ଯୋଗେଶ୍ୱରଙ୍କୁ ବିଭିନ୍ନ



ଯୋଗେଶ୍ୱରଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି।

ସରକାରୀ ଯୋଜନାରେ ସାମିଲ କରିବା ପାଇଁ ମା ବାପା ସ୍ଥାନୀୟ ପଞ୍ଚାୟତରୁ ବ୍ଲକ ଅଫିସ ଯାଏ ଦୌଡି ନିରାଶ ହୋଇଛନ୍ତି। ଗତ ଜୁଲାଇ ୯ ତାରିଖ ଦିନ 'ଶହେ ପ୍ରତିଶତ ଅକ୍ଷମ ଯୋଗେଶ୍ୱର: ଭତ୍ତାରେ ସୀମିତ ସରକାରୀ ସରକାରୀ ସାହାଯ୍ୟ' ଶୀର୍ଷକ ଖବର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଜୁଲାଇ ୨୨ ରେ ଡୁଙ୍ଗୁରିପାଲି ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଧରିତ୍ରୀରେ ପ୍ରକାଶିତ ଖବରକୁ ଯୋଗେଶ୍ୱରଙ୍କ ବାପା ଶିବ ପୁଟେଲ ଜିଲାପାଳଙ୍କୁ ଦେଖାଇଥିଲେ । ଏହି ଅବସରରେ ବିଡିଓ ତାଙ୍କୁ ଏକ ଟ୍ରାଇ ସାଇକେଲ ସହ ଆବାସ ଯୋଜନା ଓ ରାଶନ କାର୍ଡ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହିକ୍ରମରେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ଯୋଗେଶ୍ୱର ପଟେଲଙ୍କୁ ତାଙ୍କ ମା' ବାପାଙ୍କ ଉପସ୍ଥିତିରେ ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି।

# ଆଇନ ସଚେତନତା ଶିବିର

**ଅମରପାଲି,୩୦।୭(ଡ଼ି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ ପରିସରରେ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତଥା ବୀରମହାରାଜପୁର ବାର୍ ଆସୋସିଏଶନ୍ ସମ୍ପାଦକ ସନ୍ତୋଷ କୁମାର ଚାନ୍ଦଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଶିବିରରେ ବୀରମହାରାଜପୁର ଏସ୍‌ଡିଜେଏମ୍ ବବିତା ଦାସ ଅଧକ୍ଷତା କରିଥିଲେ। ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ କୁମାର ଚୋପଦାର, ଜୁଭେନାଇଲ ଜଷ୍ଟିସ ବୋର୍ଡ




ବୀରମହାରାଜପୁର ବାଳକ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅଧିକାରୀ।

ସଦସ୍ୟ ଛବିଳ କର୍ଣ୍ଣ, ସ୍ଥାନୀୟ ଅତିରିକ୍ତ ତହସିଲଦାର ଗଙ୍ଗାରାମ ବୁଡେକ ଓ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ଶିବିରରେ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଏବଂ ଜୁଭେନାଇଲ ଜଷ୍ଟିସ୍ ବିଷୟରେ ଆଲୋଚନା ହେଇଥିଲା। ପ୍ରଧାନ ଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

**ସୋନପୁର,୩୦।୭(ନି.ପ୍ର.)**

ସୁବର୍ଣ୍ଣପୁର ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ ସୋନପୁର କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ୪୦ଟି କଲେଜର ଅଧକ୍ଷା ଅଧକ୍ଷ ଓ ଯୁବ ରେଡକ୍ରସର ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ସୋନପୁର କଲେଜର ଅଧକ୍ଷ ତରୁଣ କୁମାର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ସେବା ମନୋଭାବ ରଖି ରେଡକ୍ରସର ମୂଳଲକ୍ଷ୍ୟକୁ ସାକାର କରିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଅଧକ୍ଷ ମିଶ୍ର ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସର ଜିଲା ସଂଯୋଜକ ତଥା ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଉମାକାନ୍ତ ନାଗ ସ୍ୱାଗତ ଭାଷଣ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ସୋନପୁର




ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

କଲେଜର ଉପାଧକ୍ଷା କୃଷ୍ଣପ୍ରିୟା ମହାପାତ୍ର ଓ କଳ୍ପନା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ରେଡକ୍ରସର ବାର୍ଷିକ ଯୋଜନାକୁ ଚୂଡାନ୍ତ ରୂପ ଦିଆଯାଇଥିଲା। କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ସମୂହିକ ବୃକ୍ଷରୋପଣ, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ଓ ପୌଷ୍ୟ ଗ୍ରାମ ଗ୍ରହଣ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର, ସରସ୍ୱତୀ ଦାଶ, ବର୍ଷାରାଣୀ ଗୁରୁ, ଅଧ୍ୟାପକ ରଘୁନାଥ ସିଂ ସେନାପତି, ସୁମନ୍ତ ମିଶ୍ର, ଆର୍ତ୍ତତ୍ରାଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫନୀ ବାତ୍ୟାଞ୍ଚଳରେ ପ୍ରଭାବିତ ଲୋକଙ୍କୁ ରିଲିଫ ସାମଗ୍ରୀ ଯୋଗାଣ ଓ ସେବାମୂଳକ କାର୍ଯ୍ୟ ପାଇଁ ସିଦ୍ଧାର୍ଥ କଲେଜ ବିନିକାର ଯୁବ ରେଡକ୍ରସ ପରାମର୍ଶଦାତା ବିଶ୍ୱନାଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବର୍ଷା ପାଇଁ ଇନ୍ଦ୍ରପୂଜା, ହୋମଯଜ୍ଞ

**ଅମରପାଲି,୩୦।୭(ଡ଼ି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦର ଗ୍ରାମରେ ବର୍ଷା ପାଇଁ ଇନ୍ଦ୍ରପୂଜା ଓ ହୋମଯଜ୍ଞ କରାଯାଇଛି। ଚଳିତବର୍ଷ ବିଳମ୍ବ ବର୍ଷା ସହିତ ଅନାବୃଷ୍ଟି ଯୋଗୁ ଚାଷ କାର୍ଯ୍ୟରେ ବ୍ୟାଘାତ ଦେଖାଯାଇଛି। ପରମ୍ପରା କ୍ରମେ ଭଲବର୍ଷା ପାଇଁ ଗାଁ ଗାଁରେ ଘୃତଯଜ୍ଞ ସହିତ ଇନ୍ଦ୍ରପୂଜା କରାଯାଇଥାଏ। ଏହି କ୍ରମରେ ଗ୍ରାମର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚଳିତବର୍ଷ ଇନ୍ଦ୍ରପୂଜା ସହିତ ହୋମଯଜ୍ଞ, ମହା ଜଳଶାୟୀ ଓ ତୁଳସୀ ରାମାୟଣ କରାଯାଇଛି। ଏଥିରେ ଯଜ୍ଞ ଆଚାର୍ଯ୍ୟ ସୀତାରାମ ପାଢ଼ୀ, ପୁରୋହିତ ବଳରାମ ପଣ୍ଡା, ଚତୁହୋତ୍ରୀ ଆଶୁତୋଷ ପୁରୋହିତ, ଯପକ କାମପାଳ ମିଶ୍ର, କର୍ତ୍ତାଭାବେ ମନୋଜ କୁମାର ବେହେରାମାଳୀ ଓ ତାଙ୍କ ସ୍ତ୍ରୀ ସଚଳା ବେହେରାମାଳି କାର୍ଯ୍ୟ ତୁଲାଇଥିଲେ। ପୂଜାର୍ଚ୍ଚନା, ଘୃତଯଜ୍ଞ ସହିତ ମହା ଜଳଶାୟୀ ମଧ୍ୟ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ତୁଳସୀ ରାମାୟଣ ପାରାୟଣ ମଧ୍ୟ କରାଯାଇଥିଲା। ଏଥିରେ ରଘୁବୀର ମିଶ୍ର ବ୍ୟାସଭାବେ ପାରାୟଣ ପଠନ କରିଥିଲେ। ମନ୍ଦିରରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।



କାଦୋଦରରେ ବର୍ଷା ପାଇଁ ଇନ୍ଦ୍ରପୂଜା କରାଯାଇଛି ।

# କେଜିବିଭିରେ ସମୂହ ରକ୍ତ ପରୀକ୍ଷା

**ଅମରପାଲି,୩୦।୭(ଡ଼ି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ରେ ସମୂହ ରକ୍ତ ପରୀକ୍ଷା କାର୍ଯ୍ୟକ୍ରମ ସହ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଭିବିଡିଟିଏସ୍ ବିଦ୍ୟୁତ୍ ପ୍ରକାଶ ଖମାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଅନ୍ତେବାସିନୀମାନଙ୍କର ଆର୍‌ଡିଟି ସାହାଯ୍ୟରେ ରକ୍ତପରୀକ୍ଷା କରାଯାଇଥିଲା। ୮୮ଜଣଙ୍କ ରକ୍ତ ନମୂନା ପରୀକ୍ଷା କରାଯାଇଥିବାବେଳେ ଗୋଟିଏ ବି ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇ ନ ଥିଲା। ଏହାପରେ ଜାତୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମ ଓ ମୋବାଇଲ ହେଲଥ୍ ଟିମ୍ ଉପଖଣ୍ଡ ଚିକିତ୍ସାଳୟ

**ମ୍ୟାଲେରିଆ, ଡେଙ୍ଗୁ ସଚେତନତା ସଭା**



ଛାତ୍ରୀମାନଙ୍କର ରକ୍ତ ପରୀକ୍ଷା କରାଯାଉଛି।

ବୀରମହାରାଜପୁରର ଡାକ୍ତରୀ ଦଳଙ୍କ ଦ୍ୱାରା ସମସ୍ତ ଛାତ୍ରୀମାନଙ୍କର ବିଭିନ୍ନ ରୋଗର ଚିହ୍ନଟୀକରଣ ଓ ଚିକିତ୍ସା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ଦୀପଙ୍କର କର୍ମୀ, ଡା. ଆଜାଦ ସବର ଚିକିତ୍ସା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସୁବଳୟା ହାଇସ୍କୁଲର ସମସ୍ତ ଛାତୀଛାତ୍ରଙ୍କୁ ନେଇ ଏକ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ସଚେତନତା ସଭା କରାଯାଇଥିଲା। ପୁରୁଷ ସ୍ୱାସ୍ଥ୍ୟକର୍ମୀ ସନ୍ତୋଷ କୁମାର ଦାଶ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆର ଲକ୍ଷଣ, କାରଣ ଓ ନିରାକରଣ ଉପରେ ଅବଗତ କରିଥିଲେ। ବିଦ୍ୟୁତ୍ ପ୍ରକାଶ ଖମାରୀ ବୀରମହାରାଜପୁର ବ୍ଲକରେ ମ୍ୟାଲେରିଆ, ଡେଙ୍ଗୁର ସ୍ଥିତି ବିଷୟରେ ଆଲୋକପାତ କରିଥିଲେ। A ଚତୁପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଶୋଇବା ବେଳେ ମଶାରୀ ନିଶ୍ଚିତ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ସୁବଳୟା ହାଇସ୍କୁଲର ପ୍ରଧାନଶିକ୍ଷକ ସଦାନନ୍ଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡ଼ିବ ନାହିଁ।
- ଏଡ୍ୱିନ୍ ହବେଲ ଚାପିନ୍



## ସଂକ୍ଷେପରେ

### କୃଷିପରାମର୍ଶ କେନ୍ଦ୍ରରୁ ସୋଲାର ପ୍ୟାନେଲ ଚୋରି

**ଦେଓଗାଁ, ୩୦।୭(ଡି.ଏନ.ଏ):** ଦେଓଗାଁ ବ୍ଲକ ଅନ୍ତର୍ଗତ କୃଷି ପରାମର୍ଶ କେନ୍ଦ୍ର ପରିସରରୁ ସୋମବାର ରାତିରେ କେହି ସୋଲାର ପ୍ୟାନେଲକୁ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଖବର ପାଇ ସହକାରୀ ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକ ଏ ସଂକ୍ରାନ୍ତରେ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ସୋଲାର ପ୍ୟାନେଲ ନ ହେଲେ ବୃଷ୍ଟିପାତ ରେକର୍ଡ କରାଯାଇପାରିବନାହିଁ। ଏଣୁ ଏହା ନିତାନ୍ତ ଆବଶ୍ୟକ ବୋଲି କୃଷି ଅଧିକାରୀ ପ୍ରକାଶ କରିଛନ୍ତି।

### ତୁଷୁରା ଶାରଦୀୟ ପୂଜା କମିଟି ଗଠିତ

**ଗୁଡଭେଲା,୩୦।୭(ଡି.ଏନ.ଏ.):** ତୁଷୁରା ସହର ସ୍ଥିତ ମାଁ ସମଲେଶ୍ୱରୀ ମନ୍ଦିର ପରିସରରେ ଦଶହରା ଶାରଦୀୟ ପୂଜା ମହାସମାରୋହରେ ପାଳନ କରିବା ପାଇଁ ଲୋକନାଥ ଦାଶଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରଭାସ ଚନ୍ଦ୍ର ପ୍ରଧାନ, ଉପସଭାପତି ଭାବେ ଚିତ୍ତରଞ୍ଜନ ମହାରଣା ଓ ରତନ ଜୈନ, ସାଧାରଣ ସଂପାଦକ ଭାବେ ଟଙ୍କଧର ପ୍ରଧାନ, ସଂପାଦକ ଭାବେ ରାଖାଲ ସରାଫ, ସହ-ସଂପାଦକ ଭାବେ ଗୋପାଳ ବାଗ ରହିଛନ୍ତି। ବିଜୟ ବାଗ, ରାହାସ ବିହାରୀ ପ୍ରଧାନ, ବିଚିତ୍ରାନନ୍ଦ ପଟ୍ଟନାୟକ, ନୀରୋଦ ଗଡତ୍ୟା, ନିରଞ୍ଜନ ଶର୍ମା, ଆଶିଷ ଦଣ୍ଡସେନା, ବିମଳ ଜୈନ, ସୁନିଲ ଜୟସ୍ୱାଲ ଆଦି ୨୯ ଜଣ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହେଇଛନ୍ତି।

### ବର୍ଜ୍ୟବସ୍ତୁ ପରିଚାଳନା ଶିବିର

**ଟିଟିଲାଗଡ଼,୩୦।୭(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟଠାରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମୋତିଲାଲ ସୁଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ଆସନ୍ତା ୧୫ ତାରିଖ ସୁଦ୍ଧା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରସ୍ତାବ ଗ୍ରହଣ କରାଯିବ। ଦ୍ରବୀଭୁତ ଓ ଅଣଦ୍ରବୀଭୁତ ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ କରି ସେସବୁ ପରିଚାଳନା ପାଇଁ ସ୍ୱତନ୍ତ୍ର କମିଟି କାର୍ଯ୍ୟ କରିବ। ବୈଠକରେ ଡା. ମିନକେତନ କିଷାନ, ଏବିଡିଓ ମହେନ୍ଦ୍ର ପ୍ରଧାନୀ, ସିଡିପିଓ ଗିତାଞ୍ଜଳି ଭୋଇ, ମିଲି ମୁଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ବରିଷ୍ଠ ସରପଞ୍ଚ ଦୟାରାମ ଅଗ୍ରୱାଲ, ସଞ୍ଜୀବ ସାହୁ, ନବ କିଶୋର ନାୟକ, ଦୁବଲ କଟା, ପୂର୍ଣ୍ଣଚନ୍ଦ୍ର ହିଆଲ, ଲୟ ଜାନୀ, ଟଙ୍କଧର ବଗର୍ତି, ସସ୍ମିତା ମାଝୀଙ୍କ ସମେତ ସମସ୍ତ ଯନ୍ତ୍ରୀ, ଇଓ, ଜିଆର୍‌ଏସ୍ ବୈଠକରେ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ହସ୍ତକ୍ଷେପ: ସନ୍ତଙ୍କୁ ମିଳିବ ଝିଅ ବିବାହ ସହାୟତା ରାଶି

**ସୋନପୁର,୩୦।୭(ନି.ପ୍ର.):** ନିର୍ମାଣ ଶ୍ରମିକ ସନ୍ତ ନାଏକଙ୍କୁ ସରକାରୀ ଯୋଜନା ଅନୁଯାୟୀ ଝିଅ ବିବାହ ସହାୟତା ରାଶି ମିଳିବ। ସନ୍ତଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ପାଇଁ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ସନ୍ତଙ୍କ ଆକାଉଣ୍ଟରେ ସହାୟତା ରାଶି ୨୫ହଜାର ଟଙ୍କା ଜମା କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଜଣାଇଛନ୍ତି। ପ୍ରକାଶ ଯେ, ତରଭା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଗତ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲା ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା ସରଗଜର ନିର୍ମାଣ ଶ୍ରମିକ ସନ୍ତ ନାଏକ ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ଦୀର୍ଘଦିନ ପୂର୍ବରୁ ଆବେଦନ କରିଥିଲେ ହେଁ ତାଙ୍କୁ ଝିଅ ବିବାହ ସହାୟତା ରାଶି ମିଳି ନଥିବା ସେ ଜିଲାପାଳଙ୍କୁ ଜଣାଇଥିଲେ।

■ ଦେଓଗାଁ ବ୍ଲକରେ ଷ୍ଟାଣ୍ଡିଂ କମିଟି ବୈଠକ

# ଜଳସେଚନ, ପାନୀୟଜଳ, ପାଇଖାନାକୁ ଗୁରୁତ୍ୱ

**ଦେଓଗାଁ,୩୦।୭(ଡି.ଏନ.ଏ.)**



ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ସଦସ୍ୟାସଦସ୍ୟ ବୃନ୍ଦ।

ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ବ୍ଲକସ୍ତରୀୟ ଷ୍ଟାଣ୍ଡିଂ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରୀନା ମେହେର ଏଥିରେ ଅଧକ୍ଷତା କରିଥିଲେ।ଚାଷ ଜମିକୁ ଜଳସେଚନ, ଗାଁକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଓ ପ୍ରତ୍ୟେକ ଘରେ ପାଇଖାନା ନିର୍ମାଣ ପାଇଁ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ଅନେକ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା କମିଟି ସଦସ୍ୟ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ କହିଲେ ଯେ, ବର୍ତ୍ତମାନ ଦେଓଗାଁ ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷକାର୍ଯ୍ୟ ଆଗେଇ ପାରିନାହିଁ । ଏଣୁ ଯେଉଁ ଚାଷୀଙ୍କ ଗଭୀର ନଳକୂଅ ଅଚଳ ହୋଇପଡିଛି ଅବା କାର୍ଯ୍ୟକ୍ଷମ ହୋଇନାହିଁ ତାହାକୁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଉ। କୁନ୍ଦେଇମାଲ ପ୍ରୋଜେକ୍ଟକୁ କ୍ଷୁଦ୍ରଜଳସେଚନ ବିଭାଗ ନିଜ ଅଧୀନକୁ ନେଲେ ଅନେକ ଚାଷୀ ଉପକୃତ ହେବେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବ୍ଲକର ୧୨୬ଟି ରାଜସ୍ୱ ଗ୍ରାମର ପାନୀୟ ଜଳ ସମସ୍ୟା ଉପରେ ସମୀକ୍ଷା କରାଯାଇଥିଲା। ବ୍ଲକ ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ ଯୋଗଦେଇ ପାନୀୟଜଳ ଯୋଗାଣ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଅଦ୍ୟାବଧି ବ୍ଲକର ୧୨୬ଟି ଗାଁରୁ ୭୧ଟି ଗାଁରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାମ କରୁଛି। ଆଉ ୫୫ଟି ଗାଁକୁ ୨୦୨୨ ସୁଦ୍ଧା ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ କରାଯିବ ବୋଲି ଯନ୍ତ୍ରୀ ରାଉତ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ବରକାନୀ, ବଗଡା, ମକୁନ୍ଦପୁର, ରାମଚନ୍ଦ୍ରପୁର, ଗୁଡଖାପଲା, କରୁଆଁଝର, ଚୋରମରା, ଅଫାମରା, ତାଳପାଲି, ବୁଡବାହାଲ, ନାଇକେନସିରା, ଗଡଦ୍ୱାର, ମଧୁପୁର, ଗଏଲପିଟା ଓ ବରାହକନା ଆଦି ୧୫ଟ ଗାଁରେ ପାନୀୟଜଳ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବା ଉପରେ ରହିଛି। ନୂତନଭାବେ କେନ୍ଦୁଘାଟ, ବହଲି ଓ ସାରସବାହାଲରେ ବସୁଧା ଯୋଜନାରେ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ତେବେ ଚିପାକାନୀ ଗାଁରେ କେବଳ ଗୋଟିଏ ଟେଣ୍ଡର ପଡିଥିବାରୁ କାମ ଆରମ୍ଭ ହୋଇପାରି ନ ଥିବା ସେ ସୂଚନା ଦେଇଥିଲେ । ତେବେ ନାଇକେନସିରା ଗାଁ ନିକଟସ୍ଥ ଦାବଲିକାନୀକୁ ପାନୀୟଜଳ ଯୋଗାଣ ସଂଯୋଗ ହୋଇପାରୁ ନ ଥିବା ବେଳେ ଉକ୍ତ ଗାଁରେ ନଳକୂଅରୁ ଫ୍ଲୋରାଇଡ ବାହାରୁଛି । ଏଣୁ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ଜିଲା ପରିଷଦ ସଭ୍ୟ ସୁଶୀଳ କୁମାର ଚାନ୍ଦ ଦାବି ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ପାଇଖାନା ନିର୍ମାଣ ବାଧ୍ୟତା ମୂଳକ କରିବାକୁ ମଧ୍ୟ ସେ ଦାବି କରିଥିଲେ । ହେଲେ ନାଇକେନସିରା ଓ ଦାବଲିକାନୀ ମଧ୍ୟରେ ରେଳ ଲାଇନ ଯାଇଥିବାରୁ ସମସ୍ୟା ଉପୁଜିଥିବା ଯନ୍ତ୍ରୀ ରାଉତ କହିବା ସହ ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି କହିଥିଲେ। ତେବେ ପରିମଳ ବ୍ୟବସ୍ଥାର ଅଗ୍ରଗତି ଉପରେ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା । ବ୍ଲକର ୧୦୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ କୋଲ ଇଣ୍ଡିଆ ତରଫରୁ ୧ଲକ୍ଷ ୫୮ ହଜାର ଟଙ୍କାରେ ନିର୍ମିତ ଶୌଚାଳୟ ଅଧାପନ୍ତରିଆ ହୋଇପଡିଛି। ଏଣୁ ତଦାରଖ କରି ଆବଶ୍ୟକ ପଦକ୍ଷେପ ନେବାକୁ କୁହା ଯାଇଛି। ବିଭାଗୀୟ ସୂଚନା ଅନୁସାରେ ବ୍ଲକରେ ୨୧ହଜାର ୨୬୫ଟି ପାଇଖାନା ନିର୍ମାଣର ଟାର୍ଗେଟ ରହିଥିଲା। ସେଥିରୁ ୨ହଜାର ୩୨୨ଟି ପାଇଖାନା ପୂର୍ବରୁ ଥିବା ଦର୍ଶାଯାଉଥିବାରୁ ବର୍ତ୍ତମାନ ମୋଟ ୧୮ ହଜାର ୯୪୩ଟି ଟାର୍ଗେଟ ରହିଛି । ସେଥିରୁ ଅଦ୍ୟାବଧି ୧୪ ହଜାର ୧୧୭ଟି ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ ହେବା ଉପରେ ରହିଥିବା ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ(ଖ) ସୂଚନା ଦେଇଥିଲେ । ବ୍ଲକର ୮ଟି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କଲେ ରାସ୍ତା ଉନ୍ନତ ମାନର ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ବିଡିଓ ବେର୍ଣ୍ଣାଦେତ ଲାକ୍ରା, ବିପିଏମ କୁମୁଦ ରଞ୍ଜନ ନାଏକ, ଜିପିଇଓ ପ୍ରତାପ ସିଂ ନାଏକ, ଉପରଝର ସମିତିସଭ୍ୟା ବିଣାପାଣି ବିଶ୍ୱାଳ, ରାମଚନ୍ଦ୍ରପୁର ସମିତିସଭ୍ୟା ବୁନି ବାଗ, ସିଂହାମୁଣ୍ଡା ସମିତିସଭ୍ୟ ଯୁଗୁନୁ ପଧାନ, ବଡବନ୍ଧ ସମିତିସଭ୍ୟ ଅମର ସିଂ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



### ସିଲଚରରେ ଓଡ଼ିଆ ଯବାନଙ୍କ ମୃତ୍ୟୁ

**ଲୋଇସିଂହା,୩୦।୭(ଡି.ଏନ.ଏ.)**

ଆସାମର ସିଲଚରରେ ସୋମବାର ଜଣେ ଓଡିଆ ଯବାନଙ୍କ ମୃତ୍ୟୁ ଘଟିଛି । ମୃତ ଯବାନ ଜଣକ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କୁଟେନପାଲି ଗ୍ରାମର ଯୁଧିଷ୍ଠିର ଧରୁଆ(୩୭)। ୨୦୦୩ରେ ସେ ସିଆରପିଏଫରେ ଯବାନ ଭାବେ ଯୋଗ ଦେଇଥିଲେ। କିଛିମାସ ତଳେ ସେ ଗୌହାଟିସ୍ଥିତ ୧୭୫ ସିଆରପିଏଫ କ୍ୟାମ୍ପରେ ଯୋଗଦେଇ ସିଲଚରରେ ଟ୍ରେନିଂ ନେଉଥିଲେ । ସୋମବାର ଟ୍ରେନିଂ ବେଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତୁରନ୍ତ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ହସ୍ତଗତ ହୋଇଛି। ମୃତ ଯବାନଙ୍କ ସ୍ତ୍ରୀ,୨ ପୁଅଝିଅ ଅଛନ୍ତି। ମର ଶରୀରକୁ ଗାଁକୁ ଆଣିବା ବ୍ୟବସ୍ଥା କରାଯାଉଛି। ତେବେ ତାଙ୍କ ମୃତ୍ୟୁ ଖବର କୁଟେନପାଲି ଏବଂ ସ୍ଥାନୀୟ ଅଞ୍ଚଳରେ ଜଣାପଡିବା ପରେ ଶୋକର ଛାୟା ଖେଳିଯାଇଛି।

ଖର୍ସେଲଡୁଙ୍ଗୁରି-ଉଡାର ରାସ୍ତା

## ଆଣ୍ଠୁଏ କାଦୁଅରେ ପଶି ଯିବାଆସିବା କରିବାକୁ ପଡୁଛି

**ଦେଓଗାଁ,୩୦।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତର ଖର୍ସେଲଡୁଙ୍ଗୁରି (ଝାରମୁଣ୍ଡା)ରୁ ଉଡାର ରାସ୍ତା ଏବେ କାଦୁଅପୂର୍ଣ୍ଣ ହୋଇ ଲୋକଙ୍କପାଇଁ ବିପଦପୂର୍ଣ୍ଣ ପାଲଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତାରେ ଏବେ ବର୍ଷା ହେଲା ପରେ ଆଣ୍ଠୁଏ କାଦୁଅ ହୋଇଯାଇଥିବାରୁ ଗାଁବାସୀ ଓ ଛାତ୍ରୀଛାତ୍ର କାଦୁଅରେ ସରସର ହୋଇ ପଞ୍ଚାୟତ ଓ ସ୍କୁଲକୁ ଯିବାଆସିବା କରୁଛନ୍ତି । ଅନ୍ୟପଟେ ରୋଗୀମାନେ ମଧ୍ୟ ବହୁ କଷ୍ଟରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବାରୁ ଗାଁରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏହି ଗ୍ରାମକୁ ରାସ୍ତା ପାଇଁ ଅନେକଥର ସରପଞ୍ଚ ଓ ବିଡିଓଙ୍କୁ ଲୋକେ ଅଭିଯୋଗ କରିସାରିଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି । ଫଳରେ ଗ୍ରାମବାସୀ ହଟହଟା ହେଉଛନ୍ତି। ଏହି ରାସ୍ତା ତୁରନ୍ତ ନିର୍ମାଣ କରା ନ ଗଲେ ଗାଁବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲିର ରଞ୍ଜନ ମହାକୁର, କଂସାରୀ ସାହୁ, ଶଙ୍କର୍ଷଣ ସାହୁ, ସୁବାଷ ସାହୁ, ମେଘ ପରୁଆ, ଟୁନା ପଧାନ, କପିଲେ ପଧାନ, ପରଦେଶୀ ଛତ୍ରିଆ, ଅବନୀ ସାହୁ, ବିଷ୍ଣୁ ସାହୁ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଖର୍ସେଲଡୁଙ୍ଗୁରିରୁ ଉଡାର ରାସ୍ତା କାଦୁଅପୂର୍ଣ୍ଣ ହୋଇଛି।



ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ହେପାଜାତରେ ଅଭିଯୁକ୍ତ।

### ବ୍ୟବସାୟୀଙ୍କଠୁ ୯ କେଜି ୯ ଶହ ଗଞ୍ଜେଇ ଜବତ

**ଲୋଇସିଂହା,୩୦।୭(ଡି.ଏନ.ଏ.)**

ବଲାଙ୍ଗୀର ଅବକାରୀ ବିଭାଗ ଲୋଇସିଂହା ବ୍ଲକ କୁଶଙ୍ଗ ଗ୍ରାମରେ ମଙ୍ଗଳବାର ଚଢାଉ କରି ଜଣେ ଯୁବ ବ୍ୟବସାୟୀଙ୍କଠାରୁ ୯ କେଜି ୯ ଶହ ଗ୍ରାମ ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଲେ ଗ୍ରାମର କାହ୍ନା ବେହେରା (୨୨) । ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନମିଳିବାରୁ ତାଙ୍କୁ ଜେଲ ପଠାଇ ଦିଆ ଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ।

## ଫସଲ ଚିନ୍ତାରେ କୃଷି ଅଧିକାରୀ

**ଟିଟିଲାଗଡ଼, ୩୦।୭ (ଡି.ଏନ.ଏ.)**



କୃଷି ବିଭାଗ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ବିଗତ ବର୍ଷ ଗୁଡିକ ପରି ଚଳିତ ବର୍ଷ ତତଲାଗଡ ରୂପେ ପରିଚିତ ଟିଟିଲାଗଡ ଅଞ୍ଚଳରେ ଅନାବୃଷ୍ଟି ଚାଷୀଙ୍କ ଚିନ୍ତା ବଢାଇଛି। ଜୁଲାଇ ମାସ ସରିବା ବେଳକୁ ବସିଲାଣି। ହେଲେ କୌଣସି ନାଳ, ପୋଖରୀ, ଚାଷ ଜମିରେ ପାଣି ନାହିଁ। ଯାହା କିଛି କେବେ କେମିତି ଝିପିଝିପି ବର୍ଷା ହେଉଛି ତାହା ଟାଣ ଖରା ପାଇଁ ଶୁଖିଯାଉଛି। ବିଳମ୍ବିତ ବର୍ଷା ହେତୁ ଅନେକ ସ୍ଥାନରେ ଧାନ ଚାରା ପୋଡି ଯାଇଛି। କୌଣସି ଚାଷ ଜମିରେ ରୁଆ ବେଉଷଣ ହୋଇନାହିଁ। ଏ ନେଇ ବିଗତ ଚାରି ବର୍ଷ ଧରି ମରୁଡିର ଶିକାର ହୋଇଚାଲିଥିବା ଚାଷୀ ଚିନ୍ତାରେ ଘାରି ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଟିଟିଲାଗଡ କୃଷି ଜିଲା ଅଧିକାରୀ ବାଲକୃଷ୍ଣ ଗୌଡ ତାଙ୍କ କାର୍ଯ୍ୟାଳୟରେ ଉପଖଣ୍ଡ ଅନ୍ତର୍ଗତ କୃଷି ଅଧିକାରୀଙ୍କ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଅଦ୍ୟାବଧି ଉପଖଣ୍ଡ ଅଞ୍ଚଳରେ ଧାନ ଫସଲ ଧାର୍ଯ୍ୟ ୬୮୯୫୦ ହେକ୍ଟର ମଧ୍ୟରୁ ୪୬୯୫୩ ହେକ୍ଟର ତଥା ୬୮ ପ୍ରତିଶତ ଜମିରେ କିଛିଟା ଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି କପା ଫସଲ ଧାର୍ଯ୍ୟ ୧୪,୪୦୪ ହେକ୍ଟର ମଧ୍ୟରୁ ୧୫୫୦୫ ହେକ୍ଟରରେ ଚାଷ ହୋଇଛି। ସମୁଦାୟ ୧,୨୧,୨୩୫ ହେକ୍ଟର ଚାଷ ଜମି ମଧ୍ୟରୁ ଅଦ୍ୟାବଧି ୮୧୮୪୨ ହେକ୍ଟର ଅର୍ଥାତ ୬୭ ପ୍ରତିଶତ ଜମିରେ ଚାଷ କାର୍ଯ୍ୟ ହୋଇଛି। ଜୁନ ତଥା ଜୁଲାଇ ମାସ ଶେଷ ବେଳକୁ ସାଧାରଣ ବୃଷ୍ଟିପାତ ୫୬୮.୩ ଏମଏମ ସ୍ଥାନରେ ୩୭୯.୪ ଏମଏମ ରେକର୍ଡ ହୋଇଛି। ବୈଠକରେ ସିନ୍ଧେକେଲା ଏଏଓ ଅମିତ ପଟେଲ, କଣ୍ଟାବାଞ୍ଜି ଏଏଓ ରତିକାନ୍ତ ସେଠୀ, ହଳଦି ଏଏଓ ଅମ୍ରିତ ଲାଗୁନ, ମୁରିବାହାଲ ଏଏଓ ଉମ୍ବରୁଧର ବାଗ, ସଇଁତଲା ଏଏଓ ନିଶାନ୍ତ ଦାଶ, ହେଡକ୍ୱାର୍ଟର ଏଏଓ ଗୌନ୍ତିଆ ରଣା, ତୁରେକେଲା ଏଏଓ ଭକ୍ତଚରଣ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସୋନପୁର,୩୦।୭(ନି.ପ୍ର.)**

ସହର ସ୍ଥିତ ଦୟାନନ୍ଦ ପ୍ଲେ/ପବ୍ଲିକ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିର ଆୟୋଜିତ ହୋଇଥିଲା। ଡାକ୍ତର ସରୋଜ କୁମାର ପଟେଲ ଓ ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ ବିଦ୍ୟାଳୟର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାଶିଷ୍ଟ ହୃଷିକେଶ ମିଶ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି ସା, ବିଦ୍ୟାଳୟର ଶିକ୍ଷୟତ୍ରୀ ନିହାରୀକା ମହାନ୍ତି, ଆରତୀ ତିର୍କୀ, ମଧୁସ୍ମିତା ସାହୁ, ମିତାଲିତି ସିଂ, ଟିଙ୍କିନା ପାଣିଗ୍ରାହୀ ଓ ଶିକ୍ଷକ ମନ୍ମଥ ପଧାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଛେଲବାହାଲ ବନ୍ଧହିଡ଼, ନଦୀ ରାସ୍ତା ଶୋଚନୀୟ

**ଲୋଇସିଂହା,୩୦।୭(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଛେଲବାହାଲ-ଖଲିଆସର ନଦୀରାସ୍ତା ଏବଂ ଗ୍ରାମକୁ ସଂଯୋଗ କରୁଥିବା ବନ୍ଧ ହିଡ ରାସ୍ତା ଶୋଚନୀୟ ହୋଇ ପଡିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏହି ରାସ୍ତା ଦ୍ୱୟର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେଉ ନାହିଁ। ଏଣୁ ଛେଲବାହାଲ ଗ୍ରାମବସୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି।

କିଛି ବର୍ଷ ପୂର୍ବେ କେଉଁଟିପାଲିରୁ-ଛେଲବାହାଲ ଦେଇ ଆଗଲାପାଲିକୁ ପ୍ରଧାନମନ୍ତ୍ରୀ ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । କେଉଁଟିପାଲିରୁ ଛେଲବାହାଲ ପୋଖରୀର ମହିଳା ଘାଟ ପର୍ଯ୍ୟନ୍ତ ପିଚୁ ଏବଂ କଂକ୍ରିଟ କରଣ କରାଯାଇଛି । ହେଲେ ଗ୍ରାମକୁ ସଂଯୋଗ କରୁଥିବା ଅବଶିଷ୍ଟ ରାସ୍ତା ଦୀର୍ଘ ବର୍ଷ ହେଲା ଅସମ୍ପୂର୍ଣ୍ଣ ହୋଇ ପଡି ରହିଛି । ଉକ୍ତ ଶହେ ମିଟର ରାସ୍ତା କଂକ୍ରିଟ କରଣ ପାଇଁ ଗ୍ରାମବସୀ ଏବଂ ଗ୍ରାମର ସମିତି ସଭ୍ୟ ବ୍ଲକ ପ୍ରଶାସନକୁ ଜଣାଇ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷ ଛେଲବାହାଲ ଗ୍ରାମର ଖଲିଆସର ଦେଇ ସୁକତେଲ ନଦୀକୁ ରାସ୍ତା ଯାଇଛି । ଗତକିଛି ବର୍ଷ ହେଲା ଉକ୍ତ ନଦୀ ଶଯ୍ୟାରୁ ବାଲି ଉଠାଣ ପାଇଁ ତହସିଲ ପକ୍ଷର ଲିଜ୍ ପ୍ରଦାନ କରାଯାଇ ଆସୁଛି । ପ୍ରତିଦିନ ଶହଶହ ଟ୍ରିପ୍ ବାଲି ଟ୍ରାକ୍ଟରରେ ଉଠୁଛି । ନିୟମିତ ଭାବେ ଟ୍ରାକ୍ଟର ଯିବାଆସିବା କରୁଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ବର୍ଷା ଦିନରେ ଚାଷୀମାନେ ଜମିକୁ ଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ପକ୍ଷରୁ ଉକ୍ତ ରାସ୍ତାର ମରାମତି ଲାଗି ପ୍ରତି ଆର୍ଥିକ ବର୍ଷରେ ଉନ୍ନୟନ କାମ ହାତକୁ ନିଆଯାଉଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ଅନୁଦାନ ମୁତାବକ ଠିକ ଭାବେ କାମ ହେଉନି। ସ୍ଥାୟୀ ରସ୍ତା ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆ ଯାଉନାହିଁ । କେବଳ ମାଟି ପକାରେ କାମ ସୀମିତ ରହୁଛି । ମୋରମ, ମେଟାଲି ବିଛାଇ ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଏଣୁ ଟ୍ରାକ୍ଟର ଯାତାୟତ କରୁଥିବାରୁ ରସ୍ତା ପୁଣି ଖାଲଖମାରେ ଭରି ଯାଉଛି। ବର୍ଷାଦିନରେ ସେହି ଅଞ୍ଚଳର ଚାଷୀମାନେ ଅସୁବିଧା ଭୋଗି ଆସୁଥିବା ଗ୍ରାମାବସୀ କହନ୍ତି। ଏହି ରାସ୍ତା ମାଟି କାମରେ ନିୟୋଜିତ କେତେକ ଶ୍ରମିକଙ୍କ ପ୍ରାପ୍ୟ ଆତ୍ମସାତ କରାଯାଇଥିବା ମଧ୍ୟ ଅଭିଯୋଗ ଆସିଛି। ନଦୀ ରାସ୍ତା ମେଟାଲିକ୍ କରିବା ସହ ବ୍ଲକ ପ୍ରଶାସନ ପୋଖରୀ ହିଡ ଶହେ ମିଟର ରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ସମିତି ସଭ୍ୟ ହେମାଳ ମେଶ୍ୱା ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଫଟୋରେ ଖବର








ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି କରଣ ସମାଜ ମହିଳା ଶାଖା ତରଫରୁ ଗିରିଗୋବର୍ଦ୍ଧନଠାରେ ବୃକ୍ଷରୋପଣ କରାଯାଉଛି (ବାମ)। ବଲାଙ୍ଗୀର ଜିଲା ଯାଦବ ସମାଜର ନିର୍ବାଚନ ପରେ ନୂତନ କର୍ମକର୍ତ୍ତା (ମଝି)। ବଲାଙ୍ଗୀର-ଟିଟିଲାଗଡ ରୋଡରେ ଥିବା ସ୍ୱର୍ଗଦ୍ୱାର ଅବ୍ୟବସ୍ଥାରେ। (ଫଟୋ- ସୁନୀଲ)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ



### କାଦୁଅରେ ପଚ ପଚ ଖଡ଼ିଆଳ ନୂଆ ବସ୍‌ଷ୍ଟାଣ୍ଡ

**ଖଡ଼ିଆଳ, ୩୦।୭ (ଡି.ଏନ.ଏ.) :** ନୂଆପଡ଼ା ଜିଲା ଖଡ଼ିଆଳ ସହର ହେଉଛି ଜିଲାର ଏକ ପ୍ରମୁଖ ବାଣିଜ୍ୟ ସହର। ସହରକୁ ପ୍ରତିଦିନ ହଜାର ହଜାର ଲୋକ ଯିବାଆସିବା କରିଥାନ୍ତି। ହେଲେ ସହରରେ ଥିବା ନୂଆ ବସ୍‌ଷ୍ଟାଣ୍ଡର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଖଡ଼ିଆଳ ସହରରୁ ପ୍ରତ୍ୟହ ନୂଆପଡ଼ା, ବୋଡ଼େନ, ସିନାପାଲି, ଭବାନୀପାଟଣା, ବଲାଙ୍ଗୀର, ରାୟପୁର, କଟକ, ଭୁବନେଶ୍ୱରକୁ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ହେଲେ ବସ୍‌ଷ୍ଟାଣ୍ଡରେ ଅନେକ ଜାଗାରେ ଖାଲ ହୋଇ ଟିକିଏ ବର୍ଷାରେ ପାଣି ଜମା ହୋଇ କାଦୁଅ ହୋଇ ଶୋଚନୀୟ ଅବସ୍ଥାରେ ରହିଥାଏ। ଯାତ୍ରୀମାନେ କାଦୁଅରେ ଯିବାଆସିବା କରୁଥିବାବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ସର୍ଗିମୁଣ୍ଡା ଅନାହାର ପ୍ରସଙ୍ଗ ଆନ୍ଦୋଳନ କରିବାକୁ ଯୁବ କଂଗ୍ରେସର ଚେତାବନୀ

**ନୂଆପଡା ଅଫିସ/ବୋଡେନ,୩୦।୭:** ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କର୍ଲାକୋଟ ଗ୍ରାମପଞ୍ଚାୟତ ସର୍ଗିମୁଣ୍ଡା ଗାଁର ଗୌତମ ବେହେରାଙ୍କ ଅନାହାର ମୃତ୍ୟୁ ଘଟଣା ପରେ ପ୍ରଶାସନ ଚୁପ ହୋଇ ରହିଥିବା ନେଇ ଯୁବ କଂଗ୍ରେସ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ଗୁରୁବାର ବ୍ଲକ ଘେରାଉ କରିବା ସହ ବୋଡେନ ବ୍ଲକ ସମ୍ମୁଖରେ ଧାରଣା ଦେବେ ବୋଲି କୁହାଯାଇଛି । ମଙ୍ଗଳବାର ରାଜ୍ୟ ସାଧାରଣ ସମ୍ପାଦକ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଏକ ଟିମ ପୂର୍ବାହ୍ନ ୧୧ଟାରେ ବୋଡେନ ଥାନାଧିକାରୀ ସରୋଜ କୁମାର ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ, ଗୌତମ ବେହେରା ଗତ ୯ ତାରିଖରେ ଅନାହାରରେ ମୃତ୍ୟୁବରଣ କରିଛନ୍ତି । ପୁଣି ତାଙ୍କ ଭଉଣୀ ଦେବନ୍ତୀ ବେହେରା ମଧ୍ୟ ଭୋକ ଉପାସରେ ଦିନକାଟୁଛନ୍ତି । ପ୍ରଶାସନ ଏହାର ସରଜମିନ ତଦନ୍ତ କରିବା ବଦଳରେ ବିଭିନ୍ନ ବାହାନା କରି ଟାଳି ଚାଲିଛି । ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଯୁବଂ କଂଗ୍ରେସ ଦାବି କରିଛି । ଆସନ୍ତା ଗୁରୁବାର ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ସେହି ଦିନଠାରୁ ବୋଡେନ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି ।

### ବର୍ଷାରେ ଭାଙ୍ଗିଲା ଘର, ଉଡ଼ିଲା ଛପର

**ଭବାନୀପାଟଣା,୩୦।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ତାଳବନ୍ଧପଡାର ଜଣେ ବିଧବା ବୃଦ୍ଧାଙ୍କ ମାଟି ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବୃଦ୍ଧା ଜଣକଙ୍କ ଘର ଭାଙ୍ଗିବା ବେଳେ ଅନୁପସ୍ଥିତ ଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏବେ ବର୍ଷା ଦିନରେ ବୃଦ୍ଧା ଜଣକ କେଉଁଠି ରହିବେ ତାହାକୁ ନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି । ପ୍ରାପ୍ତ ସୂଚନାନୁସାରେ ଥୁ. ରାମପୁର ତାଳବନ୍ଧପଡାର ବିଧବା ବୃଦ୍ଧା ପଦ୍ମତୋଲା ଧଙ୍ଗଡାମାଝି ସ୍ୱାମୀଙ୍କ ଦେହାନ୍ତ ପରେ ସେ ଏକ ମାଟି ଘରେ ଦୀର୍ଘ ଦିନ ହେବ ରହୁଥିଲେ। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଘର ମରାମତି କରି ପାରୁନାହାନ୍ତି। ବର୍ଷାରେ ତାଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଛପର ଉଡିଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ ଗରିବ ଓ ଖଟିଖିଆଙ୍କ ପାଇଁ ଆବାସ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ ଅର୍ଥ ସହାୟତା କରିଆସୁଛନ୍ତି। କିନ୍ତୁ ପରିତାପର ବିଷୟ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ପଦ୍ମାତୋଲାଙ୍କ ଘରେ ପ୍ରତି ପ୍ରଶାସନର କିପରି ଦୃଷ୍ଟି ପଡି ପାରିଲା ନାହିଁ। ଯାହା ସରକାରଙ୍କ ଘୋଷଣା କାର୍ଯ୍ୟକାରୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ଥୁଆମୂଳ ରାମପୁର ତହସିଲଦାର ତଥା ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ବିନୟ କୁମାର ଭୋଇଙ୍କୁ ପଚାରିବାରୁ ସମ୍ପୃକ୍ତ ବୃଦ୍ଧାଙ୍କ ଘର ଭାଙ୍ଗିଥିବା ନେଇ ସେ ରାଜସ୍ୱ ନିରୀକ୍ଷକ ମାଧମରେ ତଦନ୍ତ କରି ସରକାରଙ୍କ ନିୟାମାବଳୀ ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ବିଡିଓ ନବିନ ଚନ୍ଦ୍ର ନାୟକ ତୁରନ୍ତ ପ୍ରଶାସନ ତରଫରୁ ଅସହାୟ ବିଧବାଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବା ନେଇ କହିଥିଲେ।

## ସାରାବଙ୍ଗ ପଞ୍ଚାୟତରେ ଆନ୍ଦୋଳନ ପ୍ରସଙ୍ଗ

# ପିଡିଙ୍କୁ ଭେଟିଲେ ସରପଞ୍ଚ ସଂଘ କର୍ମକର୍ତ୍ତା

**ନୂଆପଡା ଅଫିସ,୩୦।୭**

ସଦର ବ୍ଲକ ସାରାବଙ୍ଗ ଗ୍ରାମପଞ୍ଚାୟତରେ ଅନିୟମିତତା ହୋଇଥିବା ନେଇ ସାରାବଙ୍ଗ ଗ୍ରାମବାସୀ ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଧାରଣାରେ ବସିଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଧାରଣା ଯୋଗୁ ପଞ୍ଚାୟତରେ ସାଧାରଣ ସେବା ବ୍ୟାହତ ହୋଇଥିବା ନେଇ ସରପଞ୍ଚ ସଂଘ ଡିଆରଡିଏ ପିଡିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି ।

ସୂଚନାଯୋଗ୍ୟ ଯେ, ସାରାବଙ୍ଗ ପଞ୍ଚାୟତରେ ସରପଞ୍ଚ ବିଭିନ୍ନ ଯୋଜନାରେ ଅନିୟମିତତା କରିଥିବା ନେଇ ଗ୍ରାମ୍ୟ କମିଟି ସହ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ ଗେଟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏଠାକୁ ବିଭିନ୍ନ ସମୟରେ ବିଡିଓ, ଡିଆରଡିଏ ପିଡିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ମୁଖ୍ୟ ମଧ୍ୟ ଆସିଛନ୍ତି। ଦାବିଗୁଡିକ ଉପରେ ଦେଖି କାର୍ଯ୍ୟାନୁଷ୍ଠାନ ସକାଶେ ପଦକ୍ଷେପ ନିଆଯାଉଥିବା କଥା କହିଛନ୍ତି। ହେଲେ କାର୍ଯ୍ୟାନୁଷ୍ଠାନ ନ ହେବାଯାଏ ଏଠାରୁ ନିବୃତ୍ତ ହେବେ



ଡିଆଡିଏ ସମ୍ମୁଖରେ ପଞ୍ଚାୟତିରାଜ ପ୍ରତିନିଧିସମୂହ।

ନାହିଁ ବୋଲି ଆନ୍ଦୋଳନକାରୀମାନେ ଅଡି ବସିଛନ୍ତି। ଦିନ ପରେ ଦିନ ଗଡି ଚାଲିଛି। ପଞ୍ଚାୟତ ସାମନାରେ ଆନ୍ଦୋଳନ ଚାଲିଥିବା ଯୋଗୁ ଖାଉଟି ବଣ୍ଟନ, ଭତ୍ତା ବଣ୍ଟନ ଭଳି ମୌଳିକ ସେବା ବାଧାପ୍ରାପ୍ତ ହେଉଥିବା ସରପଞ୍ଚ ଭରତଲାଲ ଅଭିଯୋଗ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଧାରଣା ଉପରେ କାର୍ଯ୍ୟାନୁଷ୍ଠାନ ସକାଶେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ନିଜ ସମର୍ଥକଙ୍କ ସହ ମିଶି ସୋମବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିବାବେଳେ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଧନୀରାମ ସାହୁ, ବ୍ଲକ ଉପାଧ୍ୟକ୍ଷ ଚିନିଲାଲ ସାହୁ, ସାରାବଙ୍ଗ ସରପଞ୍ଚ ଭରତଲାଲ ରାଉତଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସମିତି ସଭ୍ୟ ସରପଞ୍ଚ ପିଡି ବୃଷଭ ଚନ୍ଦ୍ର ନାଏକଙ୍କୁ ଭେଟିଛନ୍ତି। ମଧ୍ୟାହ୍ନ ୧୨ଟାରେ ପିଡି ନାଏକଙ୍କୁ ଭେଟି ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବାବେଳେ ସାରାବଙ୍ଗ ପଞ୍ଚାୟତ ସମ୍ପର୍କରେ ଅବଗତ କରିଥିଲେ। ଲୋକଙ୍କ ଆନ୍ଦୋଳନ କରିବାର ଅଧିକାର ରହିଛି। ଏହା ଲୋକଙ୍କମାନଙ୍କ ଶାସନ। ପଞ୍ଚାୟତବାସୀ ଯେ କୌଣସି ସମୟରେ ମୋ ସହ ପଞ୍ଚାୟତ ସମସ୍ୟା ସମ୍ପର୍କରେ ଆଲୋଚନା କରିପାରିବେ। ଏଥିପାଇଁ ମୁଁ ପ୍ରସ୍ତୁତ ରହିଛି। ଗ୍ରାମବାସୀ ଯେଉଁ ୭ଟି ଅଭିଯୋଗ ଆଣିଛନ୍ତି। ସେଥିରେ ମୋର କୌଣସି ପ୍ରକାର ସମ୍ପୃକ୍ତି ନାହିଁ। ଯେକୌଣସି ଯୋଜନାରେ ବ୍ଲକ ତଥା ଜିଲା ପ୍ରଶାସନର ଅଙ୍କୁଶ ରହିଛି। ଯଦି ଅନିୟମିତତା ଧରା ପଡେ କାର୍ଯ୍ୟାନୁଷ୍ଠାନ ସ୍ୱୀକାର କରିବେ ବୋଲି କହିଛନ୍ତି। ହେଲେ ପଞ୍ଚାୟତ ସମ୍ମୁଖରେ ବସିଥିବା ହେତୁ ସାଧାରଣ ସେବା ବ୍ୟାହତ ହେଉଛି। ଏହା ଉପରେ ପିଡିନାଏକ ଦୃଷ୍ଟିଦେବାକୁ ଦାବି କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘିଅ ହାଣ୍ଡିରେ ଘିଅ ପଶେ**
**ଟାଙ୍ଗରା ମୁଣ୍ଡରେ ବୋଝ ବସେ ।**

ଧନୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ଅୟସରେ ଚଳୁଥିଲେ ମଧ ତାଙ୍କ ପାଦ ତଳେ ଭଲ ଭଲ ଜିନିଷ ଅଜାଡି ଦେଇଥାନ୍ତି। କିନ୍ତୁ ଯିଏ ଅଭାବ ଅନଟନରେ ରହି କଠିନ ପରିଶ୍ରମ କରି ପେଟକୁ ଦି'ମୁଠା ଦାନା ଯୋଗାଡ଼ କରିଥାନ୍ତି ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ଆଡ଼ଆଖିରେ ମଧ ତାଙ୍କୁ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖିବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ବାୟା ଚଢ଼େଇ ବସା**
**ମୁଣ୍ଡରେ ରାମ ଟହଲିଆ ଖୋସା ।**

ଅନେକକ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ । ତେବେ ଅଭାବୀ ବ୍ୟକ୍ତି ବାହାରେ ବୁଲି ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ



ପୁରୁଣା ବ୍ଲକସ୍ଥିତ ସଦଭାବନା ସଭାଗୃହରେ ସ୍ୱାଧୀନତା ଦିବସ ପାଳନ ନେଇ ଆଲୋଚନା ।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**କୋମନା,୩୦।୭(ଡି.ଏନ.ଏ.):**

ସ୍ଥାନୀୟ ପୁରୁଣା ବ୍ଲକସ୍ଥିତ ସଦଭାବନା ସଭାଗୃହରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋମନା ବିଡିଓ ଶ୍ୟାମଳା ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏବିଡିଓ ଦେବାଶିସ ସିହ୍ନା ମଞ୍ଚ ପରିଚାଳନା କରିଥିବା ବେଳେ ଏବିଓ ପ୍ରଫୁଲ୍ଲ ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ବିଜୟ ନାଏକ, ସାମାଜିକ କର୍ମୀ ଈଶ୍ୱର ସାହୁ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟାଧନ ପ୍ରଧାନ, କୋନାବିରା ସରପଞ୍ଚ ଈଶ୍ୱର ନାଏକ ଓ ବିମଳ ଜୋଷୀ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣରାଜ ମହାପାତ୍ରଙ୍କ ସମେତ କୋମନା ଅଞ୍ଚଳର ବହୁ ବୁଦ୍ଧିଜିବୀ ଉପସ୍ଥିତଥିଲେ। ପୂର୍ବବର୍ଷ ଭଳି ଆଡମ୍ବରରେ ସ୍ୱାଧୀନତା ଦିବସ ପାଳନ ପାଇଁ ବୈଠକରେ ସ୍ଥିର କରାଯାଇଛି।

# ଅସହାୟ ୨ ଶିଶୁଙ୍କୁ ଉଦ୍ଧାରକଲା ପ୍ରଶାସନ: ମୁକ୍ତ ଆଶ୍ରୟସ୍ଥଳରେ ଥଇଥାନ



ଉଦ୍ଧାର କରାଯାଇଥିବା ୨ ଶିଶୁଙ୍କ ସହ ଅଧିକାରୀମାନେ।

**ନୂଆପଡା ଅଫିସ,୩୦।୭**

ନୂଆପଡା ଜିଲା ସିନାପାଲି ବ୍ଲକ ନୂଆପଡା ଗ୍ରାମପଞ୍ଚାୟତ ସଦର ଗାଁର ମା'ବାପାଙ୍କ ମୃତ୍ୟୁ ପରେ ଅସହାୟ ଭାବେ ଜୀବନ କାଟୁଥିବା ଦୁଇ ଶିଶୁଙ୍କୁ ଜିଲା ପ୍ରଶାସନ ଉଦ୍ଧାର କରି ମୁକ୍ତ ଆଶ୍ରମ ସ୍ଥଳରେ ଥଇଥାନ କରିଛି । ଜିଲାପାଳଙ୍କ ମଧୁସ୍ମିତା ସାହୁଙ୍କୁ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉଦ୍ଧାର କରିଛି। ଆଜକୁ ୨ ବର୍ଷ ତଳେ ବାପା ବଳରାମ ଜ୍ୱରରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଯାଇଥିଲେ। ସେହି ଦିନଠାରୁ ୨ ଶିଶୁ ଏବଂ ରୋଗୀଣା ମା'ଙ୍କୁ ସ୍ଥାନୀୟ ସରପଞ୍ଚ ନିଜର ତତ୍ତ୍ୱାବଧାନରେ ଆଶ୍ରୟ ଦେଇଥିଲେ। ହେଲେ ଆଜିକୁ ମାସକ ତଳେ ମା' ଯଶୋବନ୍ତୀ ଅଜଣା ରୋଗରେ ମୃତ୍ୟୁବରଣ କରିଥିଲେ। ସେହି ଦିନଠାରୁ ଶିଶୁ ୨ ଜଣ କାନ୍ଦି କାନ୍ଦି ଦିନ କାଟୁଛନ୍ତି। ଶେଷରେ ଶିଶୁଙ୍କ ବଡବାପା ସିନାପାଲିଠାରେ ଚାଲିଥିବା ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଜଣାଇଥିଲେ । ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି ଦୁହିଁଙ୍କୁ ଉଦ୍ଧାର କରି ଥଇଥାନ କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ଅଧିକାରୀ ବଳଦେବ ରଥ ନିଜ ସହ ଯୋଗୀଙ୍କ ସହ ନୂଆପଡାକୁ ଯାଇ ଶିଶୁ ଦୁହିଁଙ୍କୁ ଉଦ୍ଧାର କରି ଜିଲା ଶିଶୁ କଲ୍ୟାଣ ସମିତିରେ ହାଜର କରିଥିଲେ । ପରେ ଖଡିଆଳସ୍ଥିତ ମୁକ୍ତ ଆଶ୍ରୟ ସ୍ଥଳରେ ରଖାଯାଇଛି। ଉଦ୍ଧାର ଟିମରେ ଅନ୍ୟମାନଙ୍କ ମଧ୍ୟରେ ପୋନିକ ରବୀନ୍ଦ୍ର କୁମାର ମହାଲିକ, ଶ୍ରୀନିବାସ ବେହେରା, ସ୍ଥାନୀୟ ସରପଞ୍ଚ ବିଦ୍ୟାଧର ବୋଡ଼ିକିଆ ପ୍ରମୁଖ ସାମିଲ ଥିଲେ। ବର୍ତ୍ତମାନ ଶିଶୁ ୨ ଜଣ ସୁସ୍ଥ ଏବଂ ସୁରକ୍ଷିତ ଅବସ୍ଥାରେ ରହିଥିବା ଜଣାପଡିଛି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

DHARITRI Career appointment Every Wednesday

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

BUSINESS
ASTROLOGY

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

BUSINESS
ଖାଲିଥିବା ଜମି ଓ ଛାତ ଉପରେ
ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ

**ସୋନପୁର,୩୦।୭(ନି.ପ୍ର.):** ସୁବର୍ଣ୍ଣପୁର ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ ସୋନପୁର କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ୪୦ଟି କଲେଜର ଅଧକ୍ଷା ଅଧକ୍ଷ ଓ ଯୁବ ରେଡକ୍ରସର ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ସୋନପୁର କଲେଜର ଅଧକ୍ଷ ତରୁଣ କୁମାର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ସେବା ମନୋଭାବ ରଖି ରେଡକ୍ରସର ମୂଳଲକ୍ଷ୍ୟକୁ ସାକାର କରିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଅଧକ୍ଷ ମିଶ୍ର ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସର ଜିଲା ସଂଯୋଜକ ତଥା ପ୍ରାଣୀ ବିଜ୍ଞାନ ବିଭାଗର ଅଧାପକ ଉମାକାନ୍ତ ନାଗ ସ୍ୱାଗତ ଭାଷଣ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ସୋନପୁର କଲେଜର ଉପାଧକ୍ଷା କୃଷ୍ଣପ୍ରିୟା ମହାପାତ୍ର ଓ କଳ୍ପନା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ରେଡକ୍ରସର ବାର୍ଷିକ ଯୋଜନାକୁ ଚୂଡାନ୍ତ ରୂପ ଦିଆଯାଇଥିଲା। କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ସମୂହିକ ବୃକ୍ଷରୋପଣ, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ଓ ପୌଷ୍ୟ ଗ୍ରାମ ଗ୍ରହଣ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଅଧାପିକା ପୂର୍ଣ୍ଣିମା ମିଶ୍ର, ସରସ୍ୱତୀ ଦାଶ, ବର୍ଷାରାଣୀ ଗୁରୁ, ଅଧାପକ ରଘୁନାଥ ସିଂ ସେନାପତି, ସୁମନ୍ତ ମିଶ୍ର, ଆର୍ତ୍ତତ୍ରାଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଚିତ୍ର ସ୍ଥିତିରେ ରାଜେନ୍ଦ୍ର କଲେଜ



ବଲାଙ୍ଗୀର ରାଜେନ୍ଦ୍ର କଲେଜ ମୁଖ୍ୟ ଗେଟ୍‌ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଲେଖାଯାଇଛି।



ଆଡମିନିଷ୍ଟ୍ରେଟିଭ୍ ବ୍ଲକ୍‌ରେ ରାଜେନ୍ଦ୍ର ନାରାୟଣ ବିଶ୍ୱବିଦ୍ୟାଳୟ ଲେଖା ରହିଛି।



କଲେଜର ଅନ୍ୟ ଏକ ଗେଟ୍‌ରେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖା ରହିଛି।

**ବଲାଙ୍ଗୀର ଅଫିସ, ୩୦।୭**

- ‘ରାଜ୍ୟ ସରକାର ଧୋକା ଦେଇଛନ୍ତି’
- ଚଳିତବର୍ଷ ହିଁ ଆରମ୍ଭ ହେଉ ବିଶ୍ୱବିଦ୍ୟାଳୟ

୭୫ବର୍ଷରେ ପଦର୍ପଣ କରିସାରିଥିବା ପଶ୍ଚିମ ଓଡିଶାର ସର୍ବପୁରାତନ ମହାବିଦ୍ୟାଳୟ ଏବେ ବିଚିତ୍ର ସ୍ଥିତିରେ ରହିଛି । ଏହି କଲେଜକୁ ଗତ ମାର୍ଚ୍ଚ ୨ ତାରିଖ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ କରାଗଲା ବୋଲି ନୋଟିସ ଜାରି କରିଥିଲେ । କଲେଜ ମୁଖ୍ୟ ଫାଟକରେ ରାଜେନ୍ଦ୍ର ମହାବିଦ୍ୟାଳୟ ବଦଳରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସାଇନବୋର୍ଡ ଲାଗିଥିଲା । ତେବେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଗେଜେଟ୍ ନୋଟିଫିକେସ ନ କରିବାରୁ ଏହି କଲେଜର ବିଶ୍ୱବିଦ୍ୟାଳୟ ଘୋଷଣା ସାଇନ୍‌ବୋର୍ଡରେ ସୀମିତ ରହିଥିବା ଚର୍ଚ୍ଚାର ବିଷୟ ହୋଇଥିଲା । ସୋମବାର ରାଜେନ୍ଦ୍ର କଲେଜ ପୁରାତନ ଛାତ୍ର ସଂଘ ପ୍ରତିନିଧି ମଣ୍ଡଳୀ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଓ ଶାସନ ସଚିବଙ୍କୁ ଭେଟିଥିଲେ । ଏହାପରେ ଚଳିତବର୍ଷରୁ ଆଉ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆରମ୍ଭ ନ ହୋଇ ଆସନ୍ତା ଶିକ୍ଷା ବର୍ଷରେ ଯାଇ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବ ବୋଲି ଜଣାପଡିଥିଲା । ମନ୍ତ୍ରୀ ଓ ସଚିବଙ୍କଠାରୁ ଏଭଳି ମନ୍ତବ୍ୟ ଶୁଣିବା ପରେ ବଲାଙ୍ଗୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନିର୍ବାଚନ ପୂର୍ବରୁ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ସରକାର ଘୋଷଣା କରିଥିଲେ ମଧ ୨୦୧୯-୨୦ ଶିକ୍ଷା ବର୍ଷରୁ ଏହାକୁ ଆରମ୍ଭ ନ କରି ସରକାର ବଲାଙ୍ଗୀରବାସୀଙ୍କୁ ଧୋକା ଦେଇଥିବା କିଛି ଛାତ୍ର, ପୁରାତନ ଛାତ୍ର ଓ ବୁଦ୍ଧିଜୀବୀ କହିଛନ୍ତି । ସରକାର ଏଭଳି ଚାଲବାଜି ବନ୍ଦ କରି ତୁରନ୍ତ ଚଳିତ ଶିକ୍ଷାବର୍ଷରୁ ହିଁ ଏହି ଘୋଷିତ ବିଶ୍ୱବିଦ୍ୟାଳୟକୁ ଆରମ୍ଭ କରିବାକୁ ଦାବି କରିଛନ୍ତି । ଏବେ କଲେଜ ମୁଖ୍ୟ ଗେଟ୍‌ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଲେଖା ଥିବାବେଳେ ଆଡମିନିଷ୍ଟ୍ରେଟିଭ୍ ବ୍ଲକ୍‌ରେ ରାଜେନ୍ଦ୍ର ନାରାୟଣ ବିଶ୍ୱବିଦ୍ୟାଳୟ ଲେଖା ରହିଛି । ଏହାସହିତ କଲେଜର ଅନ୍ୟ ଏକ ଗେଟ୍‌ରେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖା ରହିଛି । ତେବେ ଏହି ତିନିଟାରୁ କେଉଁଟା ଠିକ୍ ତାକୁ ନେଇ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଜନସାଧାରଣ ଦ୍ୱନ୍ଦରେ ପଡିଛନ୍ତି । ଏନେଇ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ଅଧକ୍ଷ ବିନୟ କୁମାର ଜେନାଙ୍କୁ ପଚାରିବାରୁ ଉଚ୍ଚଶିକ୍ଷା ବିଭାଗ ଗତ ମାର୍ଚ୍ଚ ୨ରେ ନୋଟିସ୍ କରିଥିଲେ । ଏହାପରେ ଆଉ କୌଣସି ନୋଟିସ ପହଞ୍ଚିନାହିଁ । ଚଳିତ ଶିକ୍ଷାବର୍ଷର ପାଠ ଆରମ୍ଭ ହୋଇଗଲାଣି ଓ ଏହା ଏବେ ସ୍ୱୟଂଶାସିତ କଲେଜ ଭାବେ କାର୍ଯ୍ୟ କରୁଛି ବୋଲି କହିଛନ୍ତି । ପୁରାତନ ଛାତ୍ର ଡ ବିପିନ କୁଶଲିଆ ତୁରନ୍ତ ରାଜ୍ୟ ସରକାର ଏହି ବିଶ୍ୱବିଦ୍ୟାଳୟକୁ ଚଳିତବର୍ଷରୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି । ଏହା ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

## ସେଲ୍‌ଫ ଫାଇନାନ୍ସିଂ କଲେଜ ସରକାରୀ କଲେଜ ତଣ୍ଟି ଚିପିଲେଣି

**ଭୁବନେଶ୍ୱର,୩୦।୭ (ବ୍ୟୁରୋ)**

**ମୁଲତବୀ ଆଲୋଚନା**
- ଶିକ୍ଷାକୁ ବ୍ୟବସାୟୀକରଣ କରାଗଲାଣି: କଂଗ୍ରେସ

ଚାରିଆଡ଼େ ଛତୁଫୁଟିଲା ଭଳି ସେଲ୍ଫ ଫାଇନାନ୍ସିଂ କଲେଜ । ସେଗୁଡିକ ସରକାରୀ କଲେଜ ତଣ୍ଟି ଚିପିଲେଣି। ଛାତ୍ରୀଛାତ୍ରଙ୍କୁ ଲୁଟ୍ କରୁଛନ୍ତି। ଶିକ୍ଷାକୁ ବ୍ୟବସାୟୀକରଣ କରାଗଲାଣି। ମାତାପିତା ଲକ୍ଷ ଲକ୍ଷ ଟଙ୍କା ଗଣିଦେଉଛନ୍ତି। ହେଲେ ପାଠପଢ଼ା ଶୂନ। ସରକାରୀ କଲେଜଗୁଡିକୁ ଅବହେଳା କରାଯାଉଛି। ଉଚ୍ଚଶିକ୍ଷା ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ଚାଲିଗଲାଣି। ଅଧାପକ ଅଭାବ। ସରକାର ତୁରନ୍ତ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ନଚେତ ପରିସ୍ଥିତି ଆଗକୁ ଆହୁରି ବିଗିଡ଼ିଯିବ। ମଙ୍ଗଳବାର ମୁଲତବୀ ଆଲୋଚନା ବେଳେ ବିରୋଧୀ ଦଳ ସରକାରଙ୍କୁ ଏଭଳି ଢଙ୍ଗରେ ଚେତାଇ ଦେଇଥିଲେ।

ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଦ୍ୱାରା ଆଗତ ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ହ୍ରାସ ଶୀର୍ଷକ ମୁଲତବୀ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଥିଲେ ଯେ, ଓଡ଼ିଶାକୁ ହୁଏନ୍‌ସାଂ ପାଠ ପଢିବାକୁ ଆସିଥିଲେ। ବୌଦ୍ଧ ସାହିତ୍ୟର ବିକାଶ ହୋଇଥିଲା। କାଳିଦାସ ମେଘଦୂତ ଲେଖିଥିଲେ। ଆଜି ଓଡ଼ିଶାର ଉଚ୍ଚଶିକ୍ଷା ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ଚାଲିଆସିଛି। ଦେଶର ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାର ସ୍ଥାନ ନାହିଁ। ବ୍ରିଟିଶ ବେଳେ ଯେଉଁ ଶିକ୍ଷା ମିଳୁଥିଲା ସ୍ୱାଧୀନତା ପରେ ତାହା ନାହିଁ। ଅଧାପକ ଅଭାବ ବଢିଚାଲିଛି। ଏବେ କଟାଶ ସଂଖ୍ୟା ଅଧିକ କୁକୁଡ଼ା ସଂଖ୍ୟା କମ୍। ଆମ ଗାଁ ଆମ ବିକାଶ ପାଇଁ ଟଙ୍କା ଅଛି କଲେଜ ଲାଗି ନାହିଁ। ବିଶ୍ୱବିଦ୍ୟାଳୟରେ ୧୩୮୫ ଅନୁମୋଦିତ ପଦବୀରୁ ୭୯୦ ପଦବୀ ଖାଲିରହିଛି। ୫୨ ସରକାରୀ ଡିଗ୍ରୀ କଲେଜରେ ବହୁ ପଦବୀ ଫାଙ୍କା ପଡ଼ିଛି। ୧୪୧ ପ୍ରଫେସର ପଦବୀରୁ ୮୬ ପଦବୀ ଖାଲି ଅଛି। ସମାନ କାମ ପାଇଁ ସମାନ ଦରମା ନାହିଁ। ଜଣେ ସରକାରୀ କଲେଜ ଅଧାପକ ୧ ଲକ୍ଷ ଉପରେ ଦରମା ପାଉଥିବା ବେଳେ ୭ କିଲୋମିଟର ଦୂର ବ୍ଲକଗ୍ରାଣ୍ଟ କଲେଜ ଅଧାପକ ଦରମା ପାଉନାହାନ୍ତି। ସରକାର ଉଚ୍ଚଶିକ୍ଷାକୁ ବଞ୍ଚାଇବାକୁ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ରାଜ୍ୟ ସରକାର ଆଇନ କଲେଜ କଥା ଭୁଲିଗଲେ। ସେହି କଲେଜକୁ ଟଙ୍କାଟିଏ ବି ଅନୁଦାନ ଦେଉନାହାନ୍ତି। ବଲାଙ୍ଗୀର ମହିଳା କଲେଜରେ ୧୮ ଶିକ୍ଷକ ପଦବୀରୁ ୭ଟି ଖାଲିପଡିଛି। ରାଜେନ୍ଦ୍ର କଲେଜ ଅଟୋନୋମସ ଷ୍ଟାଟସ୍ ହରାଇଛି। ବଲାଙ୍ଗୀରରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ନରସିଂହ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଭାଜପା ସଭ୍ୟ ସନାତନ ବିଜୁଳି କହିଥିଲେ ଯେ, ଦରମା ପାଇଁ ଶିକ୍ଷକମାନେ ରାଜରାସ୍ତାରେ ବସୁଛନ୍ତି। ପିଲା ଅଭାବରୁ ୯୬୬ ସ୍କୁଲ ବନ୍ଦ ହୋଇଛି। ସମାନ କାମକୁ ସମାନ ଦରମା ମିଳୁନି। ଶିକ୍ଷକମାନେ ବାରମ୍ବାର ଆନ୍ଦୋଳନ କରୁଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଥିଲେ ଯେ, ସବୁ କଲେଜରେ ଅଧାପକ ଖାଲି। କୌଣସି କଲେଜରେ ସ୍ଥାୟୀ ଅଧାପକ ନାହାନ୍ତି। ପିଲାଙ୍କ ପାଇଁ ଖେଳପଡିଆ ନାହିଁ। ବିଜ୍ଞାନ ପରୀକ୍ଷାଗାର ନାହିଁ। ଚାରିଆଡ଼େ ଛତୁଫୁଟିଲା ଭଳି ଘରୋଇ କଲେଜ। ପିଲାଙ୍କୁ ଲୁଟ୍ କରି ଚାଲୁଥିଲେ ମଧ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ମଧ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଅନ୍ୟ ପକ୍ଷରେ ଧ୍ୟାନଆକର୍ଷଣକାରୀ ପ୍ରସ୍ତାବ ଆଣି ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, ସୌଭିକ ବିଶ୍ୱାଳ, ଧ୍ରୁବ ଚରଣ ସାହୁ ଏବଂ ସୁବାସ ବେହେରା ଗତ ୨୦ବର୍ଷରେ ସରକାର ଉଚ୍ଚଶିକ୍ଷା ପାଇଁ କ'ଣ କରିଛନ୍ତି ତାହା ବଖାଣି ଥିଲେ।

ଦୁର୍ନୀତି ପାଇଁ ଶିକ୍ଷକ, ବ୍ୟବସାୟୀ, ଶିକ୍ଷା ବିଭାଗ ଅଧିକାରୀଙ୍କ ମଧରେ ସଲାସୁତୁରା

## ଟଙ୍କା ନ ଆସି ବି ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ମିଳିଛି

**ଗୁଡଭେଲା,୩୦।୭(ଡି.ଏନ.ଏ.)**

**ଗୁଡଭେଲା ବ୍ଲକ**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକକୁ ଟଙ୍କା ଆସିନି। ହେଲେ କିଛି ବିଦ୍ୟାଳୟରେ ପୋଷାକ ଓ ଜୋତା ଦିଆଯାଇଥିବା ଅଭିଯୋଗ ହେଉଛି । ପ୍ରତି ବର୍ଷ ପୋଷାକ ଓ ଜୋତା କିଣାରେ ଏହି ବ୍ଲକରେ ପ୍ରାୟ ୧୦ରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ଏହି ପୋଷାକ ଓ ଜୋତା କିଣାରେ ଦୁର୍ନୀତି ହେଉଥିବା ବ୍ଲକର ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି। ହେଲେ ସମସ୍ତେ ଚୁପ୍। ଏହା ଏବେ ଅଞ୍ଚଳରେ ଆଲୋଚନାର ହେଉଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପୋଷାକ ଓ ଜୋତା କିଣାରେ ପିସି କରବାର ଯୋଗୁ ଆଗୁଆ ଏହି ବଣ୍ଟନ କରାଯାଇଥିବା କିଛି ଶିକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି। ଜଣେ ଛାତ୍ରୀ/ଛାତ୍ରଙ୍କ ପିଛା ୬ ଶହ ଟଙ୍କା ଲେଖାଏଁ ରାଜ୍ୟ ସରକାର ଯୋଗାଇ ଦେଇଥାନ୍ତି । କିନ୍ତୁ ଟଙ୍କା ଯୋଗାଇ ଦିଆଯାଇ ନ ଥିଲେ ମଧ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା କିଣିବା ପାଇଁ ଟଙ୍କା କେଉଁଠୁ ଆସିଲା ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କିଛି ଅସାଧୁ ବ୍ୟବସାୟୀ ସ୍କୁଲଗୁଡ଼ିକୁ ଯାଇ ଛାତ୍ରୀଛାତ୍ରଙ୍କ ମାପ ନେଇଛନ୍ତି। ଏମାନେ ସ୍ଥାନୀୟ ସିଆରସିମାନଙ୍କୁ ଭେଟି ପିସି ଦିଆନିଆ ଆରମ୍ଭ କରି ଦେଇଥିବା ମଧ ଚର୍ଚ୍ଚା ହେଉଛି। ସ୍କୁଲ ପରିଚାଳନା କମିଟି ସଭାପତି, ଶିକ୍ଷକ, ସିଆରସି ଏବଂ ପୋଷାକ ଯୋଗାଣକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଏହା ହେଉଛି। ଯେଉଁ ପୋଷାକ ଖୋଲା ବଜାରରେ ୭୦ରୁ ୧୦୦ ଟଙ୍କାରେ ମିଳୁଛି ଏବଂ ଦିଲ୍ଲୀରେ ଯେଉଁ ଯୋତା ଓ ମୋଜା ମିଶି ୬୦ରୁ ୧୦୦ ଟଙ୍କା ଭିତରେ ମିଳୁଛି ତାହାକୁ ୨ ଶହ ଟଙ୍କା ଦର୍ଶାଇ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ଅଭିଯୋଗ ହେଉଛି । ସରକାରଙ୍କ ଗାଇଡ଼ଲାଇନ ଅନୁଯାୟୀ ଜିଏସଟି ନମ୍ବର ଥିବା ତିନୋଟି ଦୋକାନୀଙ୍କଠାରୁ ତିନୋଟି କୋଟେସନ ଆହ୍ୱାନ କରିବା ପରେ ଉନ୍ନତମାନର ସାମଗ୍ରୀ ହୋଇଥିବା ସହ କମ୍ ମୂଲ୍ୟ ଥିବା ଦୋକାନୀଙ୍କଠୁ କିଣିବାର ନିୟମ ରହିଛି। କିନ୍ତୁ ସମସ୍ତ ଆଇନ କାନୁନକୁ ଖାତିର ନ କରି କିଛି ସ୍କୁଲରେ ଏପିରି ବଣ୍ଟନ ଚାଲିଥିବା ଗତ ବର୍ଷ ଗୁଡଭେଲା ବ୍ଲକ ଅଧକ୍ଷ ଓ ବିଡିଓ ପ୍ରମାଣ ପାଇବା ପରେ ଏହାର ତଦନ୍ତ ଦାୟିତ୍ୱ ବ୍ଲକ ଶିକ୍ଷାଧିକାରୀ ଦେଇଥିଲେ। ଦୁର୍ନୀତି ଅଭିଯୋଗକୁ ପ୍ରଥମେ ସ୍ୱୀକାର କରିଥିବା ବେଳେ ପରବର୍ତ୍ତୀ ସମୟରେ ସବୁ ଠିକ୍ ଠାକ୍ ଚାଲିଛି ବୋଲି ଶିକ୍ଷା ବିଭାଗ ପକ୍ଷରୁ ସଫେଇ ଦିଆଯାଇଥିଲା। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଥିଲା। ଏଥିରୁ ପ୍ରମାଣ ମିଳୁଛି ଯେ ଗୁଡ଼ଭେଲା ବ୍ଲକରେ ଶିକ୍ଷକ, ବ୍ୟବସାୟୀ, ଶିକ୍ଷା ବିଭାଗ ମଧରେ ମଧୁର ସମ୍ପର୍କ ରହିଛି। ତେବେ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପ କହନ୍ତି ଯେ, ଏବେ ପର୍ଯ୍ୟନ୍ତ ଟଙ୍କା ଆସି ନାହିଁ । ବାକି ଅଭିଯୋଗ ମନଗଢା ବୋଲି ସଫେଇ ଦେଇଥିଲେ।

## ଆଇନ ସଚେତନତା ଶିବିର

**ଅମରପାଲି,୩୦।୭(ଡ଼ି.ଏନ.ଏ.)**


ବୀରମହାରାଜପୁର ବାଳକ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅଧିକାରୀ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ ପରିସରରେ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତଥା ବୀରମହାରାଜପୁର ବାର୍ ଆସୋସିଏଶନ୍ ସମ୍ପାଦକ ସନ୍ତୋଷ କୁମାର ଚାନ୍ଦଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଶିବିରରେ ବୀରମହାରାଜପୁର ଏସ୍‌ଡିଜେଏମ୍ ବବିତା ଦାସ ଅଧକ୍ଷତା କରିଥିଲେ। ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ କୁମାର ଚୋପଦାର, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ଛବିଳ କର୍ଣ୍ଣ, ସ୍ଥାନୀୟ ଅତିରିକ୍ତ ତହସିଲଦାର ଗଙ୍ଗାରାମ ବୁଡେକ ଓ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ଶିବିରରେ ବାଧତାମୂଳକ ଶିକ୍ଷା ଅଧିକାର ଏବଂ ଜୁଭେନାଇଲ ଜଷ୍ଟିସ୍ ବିଷୟରେ ଆଲୋଚନା ହେଇଥିଲା। ପ୍ରଧାନ ଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶିଷଙ୍କୁ ବିଦ୍ୟାଳୟରେ ନାମଲେଖା ସୁଯୋଗ ମିଳିଲା

**ସୋନପୁର,୩୦।୭(ନି.ପ୍ର.)**


ମା' ସୁବାଷିନୀଙ୍କ ସହ ଆଶିଷ ।

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଶିଷ ସୁନାଙ୍କୁ ନାମଲେଖା ସୁଯୋଗ ମିଳିଲା। ସେ ଛାତ୍ରାବାସରେ ରହି ମାଗଣାରେ ପାଠ ପଢିବେ। ସ୍ଥାନୀୟ ପୁଟୁକିପାଲି ଗ୍ରାମର ଅନୁସୂଚିତ ଜାତି ବର୍ଗର ଅସହାୟ ମହିଳା ସୁବାଷିନୀ ସୁନା ନିଜ ପୁଅ ଆଶିଷର ବିଦ୍ୟାଳୟରେ ନାମଲେଖା ପାଇଁ ଜିଲାପାଳଙ୍କୁ ତରଭା ବ୍ଲକ ଜନଶୁଣାଣି ଶିବିରରେ ଅନୁରୋଧ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର ଆଶିଷଙ୍କ ନାମଲେଖାର ବ୍ୟବସ୍ଥା କରିଛନ୍ତି। ଜନଶୁଣାଣି ଶିବିର ସରିବା ପରେ ଜିଲାପାଳ ବାନାର୍ଜୀ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବଡଭଇଁରୋ ଆଶ୍ରମ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଛାତ୍ରୀ ନିବାସ ପରିଦର୍ଶନ କରିବା ସହିତ ଛାତ୍ରୀମାନଙ୍କୁ ମିଳୁଥିବା ବିଭିନ୍ନ ସୁଯୋଗ ଉପରେ ପ୍ରଧାନଶିକ୍ଷକ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ ।

ଦୁଇ ବର୍ଷ ହେଲା ଅଧାଗଢା ଡୁଡୁମଦର୍ହା ସ୍କୁଲ କୋଠା

## ଭଙ୍ଗା ଘରେ ଚାଲିଛି ପାଠପଢ଼ା

**ଖପ୍ରାଖୋଲ,୩୦।୭ (ଡି.ଏନ.ଏ.)**


ଡୁଡୁମଦର୍ହା ସ୍କୁଲର ପୁରୁଣାକୋଠା ।


ଦୁଇବର୍ଷ ହେଲା ନୂଆକୋଠା କାମ ସରୁନି।

‘ସମସ୍ତେ ପଢନ୍ତୁ, ସମସ୍ତେ ବଢନ୍ତୁ’ ବୋଲି ସରକାର ସ୍ଲୋଗାନ ଦେଉଛନ୍ତି। ହେଲେ ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଯାହା ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । ଏମିତି ଏକ ବିଦ୍ୟାଳୟ ହେଉଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ ତଳି ଡୁଡୁମଦର୍ହା ଗାଁ ବିଦ୍ୟାଳୟ। ଏହି ବିଦ୍ୟାଳୟଟି ୧୯୭୩ରୁ ଆରମ୍ଭ ହୋଇଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ରହିଛି । ମୋଟ ଛାତ୍ରୀଛାତ୍ର ସଂଖ୍ୟା ୩୮ । ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ହେଲେ ଶ୍ରେଣୀ ଗୃହ ପାଇଁ ସମସ୍ୟା ହେଉଛି। ଗତ ବର୍ଷ ବର୍ଷାରେ ସ୍କୁଲ ଘର ଭାଙ୍ଗି ଯାଇଥିଲା। ଏଣୁ ଗାଁ ଲୋକ ମିଶି ଏକ ଛପର ଘର ତିଆରି କରିଥିଲେ। ସେଠି ପାଠ ପଢା ଚାଲିଥିଲା । ଏ ନେଇ ଧରିତ୍ରୀରେ ଗତ ସେପ୍ଟେମ୍ବରରେ ଖବର ପ୍ରକାଶିତ ହୋଇଥିଲା। ଏହା ଜାଣିବା ପରେ ଖପ୍ରାଖୋଲ ବିଡିଓ ତରଣୀ ସୁନା ଗାଁରେ ପହଞ୍ଚିଥିଲେ।

୨ ବର୍ଷ ତଳେ ବିଦ୍ୟାଳୟ ଅବସ୍ଥା ଦେଖି ସର୍ବ ଶିକ୍ଷା ଅଭିଯାନ ତରଫରୁ ୬ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ ବରାଦରେ କୋଠା ନିର୍ମାଣ ଆରମ୍ଭ ହୋଇଛି। ହେଲେ ଆଜି ଯାଏଁ ତାହା ଅଧଗଢା ହୋଇ ପଡି ରହିଛି । କୋଠାଟି ସର୍ବ ଶିକ୍ଷା ଅଭିଯାନ ମାଧ୍ୟମରେ କାମ ହେଉଥିବାରୁ କେତେ ଟଙ୍କା ଅସିଲା କେତେ ଖର୍ଚ୍ଚ ହେଲା ତାହା ମଧ୍ୟ ଗ୍ରାମବାସୀ କି ସ୍କୁଲ କମିଟି ଜାଣି ପାରୁ ନାହାନ୍ତି। ନିର୍ମାଣ କାର୍ଯ୍ୟ କରୁଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ମଧ୍ୟ ଲୋକେ ଭେଟି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ କୋଠା ତିଆରି କାର୍ଯ୍ୟ ଶେଷ ନ କଲେ ଆନ୍ଦୋଳନ କରିବାକୁ ସ୍କୁଲ କମିଟି ସଭାପତି ଚୈତନ୍ୟ ବାଗ, ୱାର୍ଡମେମ୍ବର ଗଜାନନ ପଧାନ, ରୋହିତ ଭୋଇ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଖପ୍ରାଖୋଲ ବ୍ଲକ ସହ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ସାହୁଙ୍କୁ ପଚାରିବାରୁ ସ୍କୁଲ ଘର ଶେଷ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଅନେକ ଥର କୁହାଯାଇଥିବା କହିଛନ୍ତି। ସେହିପରି ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ଗତ ବର୍ଷ ସେପ୍ଟେମ୍ବରରେ ନଡା ଛପର ତଳେ ପିଲା ପାଠ ପଢୁଥିବା ନେଇ ଗଣମାଧ୍ୟମରୁ ଜାଣିଲା ପରେ ପୁରୁଣା କୋଠାକୁ ମରାମତି କରି ସେଠାରେ ପାଠ ପଢାଇବାକୁ କୁହାଯାଇଛି । ଅଧାଗଢା କୋଠା ଶେଷ କରିବାକୁ ଶିକ୍ଷା ବିଭାଗ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



■ ମରୁଡ଼ି ଘୋଷଣା ଦାବି

# ଭାଜପାର ତହସିଲ ଅଫିସ ଘେରାଉ

ନୂଆପଡା ଅଫିସ/ବୋଡେନ,୩୦।୭

ନୂଆପଡା ଜିଲାରେ କୃଷି ଏବଂ କୃଷକଙ୍କ ସମସ୍ୟା ସୀମା ଉଲ୍ଲଘଂନ କରୁଛି । ଜିଲା ପ୍ରତିବର୍ଷ ମରୁଡି କବଳିତ ହେଉଥିବାବେଳେ ଏଠାରେ ଚାଷୀଙ୍କ ଗୁହାରି ଶୁଣିବାକୁ କର୍ତ୍ତୃପକ୍ଷ ହେଳା କରୁଥିବା ଅଭିଯୋଗ କରି ବୋଡେନ ବ୍ଲକ ଭାଜପା ତରଫରୁ ତହସିଲ ଅଫିସ ଘେରାଉ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ୧୨ଦଫା

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଦାବିପତ୍ର ପ୍ରଦାନ କରାଯାଇଛି ।

ବୋଡେନ ବ୍ଲକ ପାତାଳ ଗଙ୍ଗା ମଣ୍ଡଳ ସଭାପତି ନୀଳାମ୍ବର ମେହେରଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍କର୍ମକର୍ତ୍ତାମାନେ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରୁ ଏକ ରାଲିରେ ବାହାରିଥିଲେ। ବୋଡେନ ବସ୍ତିପରିକ୍ରମା କରି ସରକାରଙ୍କ କୃଷୀ ଏବଂ କୃଷକ ମାରଣାନୀତି ଉପରେ ବିଭିନ୍ନ ସ୍ଲୋଗାନମାନେ ଦେଇଥିଲେ। ଶେଷରେ ବୋଡେନ ତହସିଲ ଗେଟ ସମ୍ମୁଖରେ ଠୁଳ ହୋଇ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ସ୍ଥାନୀୟ ତହସିଲଦାର ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ବୋଡେନ ସମେତ ସମଗ୍ର ନୂଆପଡା ଜିଲାକୁ ମରୁଡି ଘୋଷଣା କରିବା, ଗତ ୨୦୧୭-୧୮ବର୍ଷର କୃଷୀ ବୀମା, ୨୦୧୮ର ମରୁଡି ସହାୟତା, ଜଳ ସେଚନର ସୁବିଧା, ପ୍ରଧାନମନ୍ତ୍ରୀ ସମ୍ମାନିଧି ଯୋଜନାରେ ସାମିଲ କରିବା ଆଦି ୧୨ ଦଫା ଦାବି କରାଯାଇଛି । ଏହାକୁ ତୁରନ୍ତ ପୂରଣ କରାଯିବାକୁ ଦାବି କରାଯାଇଥିଲା। ଏହି ଆନ୍ଦୋଳନରେ ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡ, ଅନନ୍ତରାମ ଚିନ୍ଦା, ଜିଲା ସାଧାରଣ ସମ୍ପାଦକ ସୁବ୍ରତ ଠାକୁର, ଅତିନ୍ଦ୍ର ଜିତ ସିଂ ମଲ୍ଲିକ, କିର୍ତନ ବାଗ, ମନିଜର ଆର୍ଯ୍ୟ, ବିଜୟ କୁମାର ବେହେରା, ଅମର ମାଝି, ଅଜୟ ଦାସ, ମୂରଲୀ ହଂସ, ରାଧା ପଟେଲ ପ୍ରମୁଖ ସାମିଲ ଥିଲେ।




ରାଲିରେ ଭାଜପାର କର୍ମକର୍ତ୍ତାମାନେ ବସ୍ତି ପରିକ୍ରମା କରୁଛନ୍ତି ।

■ ଗମନାଗମନରେ ଦାଉ ସାଧୁଛେ କାଦୋ ରାସ୍ତା

# ଅଂଚଲବାସୀଙ୍କର ଦାବି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

କଲମପୁର,୩୦।୭ (ଡି.ଏନ୍.ଏ.):

କେନ୍ଦ୍ର ଆର ରାଏଜ୍ ସରକାର ଗାଁଗଁଲିନୁ ସହର ତକ୍ ଗମନାଗମନ ସୁବିଧା ଲାଗି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଆଏଜ୍ ବି ଅନେକ ଗାଁଗଡ଼ାକେ ଫିଦିନଆଁ ରାସ୍ତା ଖଁଡ଼େ ନାଁଇଁନ। ଆରକେତେ ଗାଁରେ ଥିବାର ରାସ୍ତାଘାଟ ମରାମତି ଅଭାବୁ ଲୁକ୍କର ଲାଗି ମରନ୍ୟଁତା ପାଲଟୁଛେ। ଏନ୍ତା ଗୁଟେ ଅବହେଳିତ ରାସ୍ତା ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ପଁଚେତ୍ରେ।

ସୂଚନା ଅନ୍ସାରେ ମିନଗୁର ପଁଚେତ୍ ଭଇଁରିଠାନୁ ଧନପୁର ହାଇସ୍କୁଲ ତକ୍ ଯାଇଥିବାର ରାସ୍ତାର ଅବସ୍ତା ବହୁତ ଖରାପ ଅଛେ। ରାସ୍ତାଟା ଅଂଚଲର ଗୁଟେ ମୁଖିଆ ରାସ୍ତା ଆଏ। ଫିଦିନ ଇ ରାସ୍ତା ଦେଇ ଭଇଁରି, ମାନପଡ଼ା, ଭିରକାପଡ଼ା, ମିନଗୁର, ସର୍ଗିପଡ଼ା, ସିସୋପଡ଼ା, ଧନପୁର, ଭେଲାଗାଁର ଶତାଧିକ୍ ଛାତ୍ରୀଛାତ୍ର ସ୍କୁଲକେ ଯାଆସ କରୁଛନ୍। ହେଲେ ମରାମତି, ଦେଖିଭାଲ ଅଭାବୁ ଇ ରାସ୍ତାଟା ଏହେଦେ କାଦୋ ସରସର ହେଇଯାଇଛେ। ଫିଦିନ ଶହ ଶହ ଲୋକ୍ ଇ କାଦୋ ପଚ୍ପଚ୍ ରାସ୍ତାରେ ଗଲାଆଏଲା ବେଲେ ବଡ଼ଭାରି ସମସିଆର ସାମନା କରୁଛନ୍। ସେନ୍ତା ଶିଶୋପଡ଼ାର ଆରଡି ରାସ୍ତା, ଭଇଁରିନୁ ମାନପଡ଼ା ରାସ୍ତା ଆର ଭଇଁରିନୁ ଗୁନଗୁନିଆ ରାସ୍ତାର ଅବସ୍ତା ବି ନିହାତି ଖରାପ ଅବସ୍ତାରେ ରହିଛେ। ଇ ରାସ୍ତାରେ ବଡ଼ ବଡ଼ ଖାଲ ରହିଥିଲାବେଲେ ଖାଲମାନକେ ବରଷା ପାଏନ୍ ଭରି ରାସ୍ତାଟା ସମାନ ଦିଶୁଛେ। ହେଲେ ଲୋକ୍ ଗାଡ଼ିମଟର, ସାଇକେଲରେ ଗଲାଆଏଲା ବେଲେ ହିଚିହାବଡ଼ି ପଡ଼ି ଖଁଡ଼ିଆଡଁଡ଼ିଆ ହେଉଛନ୍। ଇ ଭଇଁରିନୁ ଗୁନଗୁନିଆ ରାସ୍ତାଟା ମୋଟେର ଜୟପାଟଣାର ମୁଖିଆ ରାସ୍ତା ସଂଗେ ଯୁଡ଼ି ହେଇଛେ। ହେଲେ ମରାମତି ଅଭାବୁ ବହୁତ୍ ଦିନ ହେଲା ଇ ରାସ୍ତା ଲୁକ୍କର ଲାଗି ମରନ୍ୟଁତା ପାଲଟିଛେ।



ଭଇଁରିରୁ ଗୁନଗୁନିଆ ଯାଇଥିବାର ମୁଖିଆ ରାସ୍ତାର ଅବସ୍ତା।

ଇ ରାସ୍ତା ଦେଇ ଅଂଚଲବାସୀ କଲମପୁର ବ୍ଲକ, ଡାକ୍ତରଖାନା, ତହସିଲ, ବ୍ୟାଙ୍କ ଆର ଉନିଆ ସରକାରୀ ଦପ୍ତରମାନକୁ ଯିବାର ଆଏବାର କରୁଛନ୍। ସେନ୍ତା ଇ ସବୁ ରାସ୍ତା କଲମପୁର ଆର ଜୟପାଟଣା ବ୍ଲକକେ ସଂଯୋଗ କରୁଛେ। ସେନ୍ଥିରଲାଗି ଅଂଚଲବାସୀ ଇ ରାସ୍ତାକେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରବାକେ ଦାବି କରିଛନ୍। ଇ ବାବ୍ଦେ ମିନଗୁର ସରପଁଚ୍ ହରିପ୍ରିୟା ରଣାକୁଁ ପଚରାଲାରୁ ଆମେ ୨୦୧୮-୧୯ ଏକ୍ସନପ୍ଲାନରେ ଇ ସବୁ ରାସ୍ତାର ମରାମତି ଲାଗି ପଁଚେତ୍ ସମିତିକେ ଜନେଇ ଦେଇଛୁଁ ବଲି ସେ କହିଥିଲେ। ସେନ୍ତା ଇ ବାବ୍ଦେ କଲମପୁର ବିଡିଓ ହେମସାଗର ଭୋଇକୁଁ ପଚରାଲାରୁ ଇ ରାସ୍ତାମାନ ବୁଲି ଦେଖିଲା ଉତାରୁ ଯେତେ ଜଲଦି ହେବା ମରାମତି ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

# ଏସ୍ଏଚ୍ଜିଙ୍କୁ ମତ୍ସ୍ୟଚାଷ ତାଲିମ

ନୂଆପଡା ଅଫିସ,୩୦।୭

ସ୍ଥାନୀୟ ଜିଲା ମତ୍ସ୍ୟ ଚାଷ ଅଧିକାରୀଙ୍କ କାର୍ଯ୍ୟାଳୟରେ ମହିଳା ସ୍ୱଂୟ ସହାୟକ ଏବଂ ପ୍ରାଣୀ ମିତ୍ରଙ୍କୁ ନେଇ ବୈଜ୍ଞାନିକ ପ୍ରଣାଳୀରେ କିପରି ମତ୍ସ୍ୟ ଚାଷ କରାଯିବ ସେ ଉପରେ ତାଲିମ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ଶୈଳେଶ କୁମାର ରଥ ଅଧ୍ୟକ୍ଷତା କରିଥିବାବେଳେ ଜିଲା ମିଶନ ଶକ୍ତି ସମ୍ପାଦକ ରାମ ତାଣ୍ଡି, ନୂଆପଡା ବ୍ଲକ ବିପିସି ସ୍ମୃତି ରଞ୍ଜନ ପାଣିଗ୍ରାହୀ, ବିପିସି କୋମନା ଧନୀରାମ ଶବର, ସହକାରୀ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆପଡା ବ୍ଲକର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ସ୍ୱଂୟ ସହାୟକ ଦଳ ମହିଳାମାନଙ୍କୁ କିପରି ଉନ୍ନତମାନର ପ୍ରଣାଳୀରେ ମତ୍ସ୍ୟଚାଷ କରାଯାଇ ପାରିବ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ମହିଳାମାନେ ମଧ୍ୟ ବିଭିନ୍ନ ବିଷୟରେ ସେମାନଙ୍କ ପ୍ରଶ୍ନ ରଖି ଉତର ପାଇଥିଲେ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସରକାର ମହିଳାମାନଙ୍କୁ ମତ୍ସ୍ୟ ଚାଷ କରିବା ସକାଶେ ପ୍ରୋତ୍ସାହନ ଯୋଗାଇଆସୁଛନ୍ତି। ଆଗକୁ ଆସି ବିଭିନ୍ନ ଗାଁରେ ପୋଖରୀଗୁଡିକୁ ନିଲାମରେ ନେଇ ମତ୍ସ୍ୟ ଚାଷ କରି ବେଶ ଲାଭବାନ ହେଉଛନ୍ତି । ଏହିଭଳି ପ୍ରାଣୀ ମିତ୍ର ଭାବେ ଚୟନ କରାଯାଇଥିବା ଚାଷୀମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଇଥିଲା । ମହିଳାମାନଙ୍କୁ ପ୍ଲାଷ୍ଟିମ ନେଟ, ପଟାସିୟମ ପାରାମାଙ୍ଗାନେଟ, ପିଏଚ ପେପର ଆଦି ପ୍ରଦାନ କରାଯାଇଥିଲା । ଏଗୁଡିକର ବ୍ୟବହାର ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟଚାଷ ଅଧିକାରୀ ସହଦେବ ଭୋଇ ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।


**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**

**Cont.15 (359)/2019/JNP-PLB** **Date : 30.07.2019**

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular **Road Transport Contractor(s)** for transportation of food grains from **RH, Jagannathpur/FSD, Jagannathpur/SWC, Jagannathpur/ CWC, Berhampur to FSD, Phulbani** for a period of two years. The tender documents containing detailed terms and conditions can be obtained from **https://eprocure.gov.in/ eprocure/app** or FCI website **www.fci.gov.in.**

REGIONAL INSTITUTE OF PLANNING, APPLIED ECONOMICS AND STATISTICS
**(RIPAE&S); PLOT NO.-A/65, NAYAPALLI, BHUBANESWAR-12**
**(A Govt. Training Institute under Planning & Convergence Department)**
**No. 931/ RIPAE&S/17/2019 Bhubaneswar Dt.30.07. 2019**

**TENDER CALL NOTICE**

[For award of contract for catering services to RIPAE&S, Bhubaneswar]

**No.06-X:-** Sealed tenders are invited from intending service providers having valid GST Registration No. for providing catering services to RIPAE&S, Bhubaneswar.

The detailed tender document may either be downloaded from the website **www.ripaesodisha.nic.in** or can be obtained in person from the Office of Director, RIPAE&S, Bhubaneswar in any working day from **31.07.2017 to 14.08.2019** between 11.00 A.M. to 4.00 P.M. on payment of Rs.500/- in cash or in shape of Bank Draft for Rs.500/- which is non-refundable. The downloaded Tender Document from the website should be submitted along with a Bank Draft/Bankers Cheque of Rs.500/- (non-refundable). The Bank Draft/ Bankers cheque should be in favour of **Assistant Director, RIPAE&S, A/65, Nayapalli, Bhubaneswar-12.**

The tender document will be received only through speed post/ registered post during office hour. The last date and time for receipt of filled in Tender Documents is **16.08.2019 by 5.00 P.M.** The office shall not be responsible for any kind of postal delay.

**Tender Schedule**

- Sale of tender Papers: - **31.07.2019 to 14.08.2019** between 11.00 A.M. to 4.00 P.M.
- Last date of submission of filled-in tender paper:- **16.08.2019** by 5.00 PM.
- Date, time & venue of opening of tender paper:–**17.08.2019** in the office of the Director, RIPAE&S, A/65, Nayapalli, Bhubaneswar at 11.00 A.M.

Tenders received after due date and time will be summarily rejected. The undersigned reserves the right to extend the date and accept or reject any or all tenders without assigning any reasons thereof.

**Sd./-**
**21005/11/0003/1920** **Director**

**JAJPUR MUNICIPALITY, JAJPUR**
**QUOTATION CALL NOTICE**

**No.1890** **Dt.30.07.19**

Jajpur Municipality invites sealed quotation for lifting of dumping garbages from existing municipal trenching ground at Kodandpur at Jajpur Municipality for execution of Micro Compost Centre & Material recovery Centre for SWM. Intending contractors / firms for execution of the above work can take part in the quotation. The detailed quotation paper containing general bid information including terms & conditions for execution of works will be available on payment of Rs.4000.00/- (Rupees Four Thousand) towards paper cost from 30.07.2019 to dt.09.08.2019 by 12 noon in the working days & hours respectively in Municipal Office, Jajpur. The bidders / quotationist are to pay 1% of the quoted rate towards EMD in shape of demand draft drawn in favour the Executive Officer, Jajpur Municipality payable at Jajpur. The bidders / quotationers are to drop the quotation paper duly filled in the tender box kept in the Municipal Office on or before dtd.09.08.2019 by 2.00 P.M/ which shall be opened on dtd.09.08.2019 at 03.00 P.M. in presence of the bidders or their authorized representatives. The date of opening shall not be deferred in the absence of either the bidders or their authorized representatives.

The authority reserves the right to reject or cancel the notice without assigning any reason thereof.

**Sd./- Executive Officer**
**Jajpur Municipality**

**GOVERNMENT OF ODISHA** **No. 163-A:**
**e-Procurement Notice**
**OFFICE OF THE SUPERINTENDING ENGINEER**
**KBK MINOR IRRIGATION CIRCLE-II, JEYPORE**
Phone/Fax (06854) 230802, sekbkmi2@yahoo.co.in

No. **1276**, WE Dt.25.07.2019

**e-Procurement Notice**
**BID ID No. SEKBKMIC-II 02/2019-20**

1. Name of the Work : Construction of Head works of Karanja MIP (D/W) in Chandrapur Block of Rayagada District under RIDF-XXIV
2. No. of works : 1 (One) No.
3. Estimated Cost : Approximately Rs. 244.89 Lakh
4. Period of Completion : 11 (Eleven) Calendar Months
5. Date and time of availability of Bid documents in portal : From 06.08.2019 (10.00AM) to 26.08.2019 (5.00PM) in Website (www.tendersodisha.gov.in)
6. Last Date/time for receipt of Bids in the portal : 26.08.2019 (Upto 5.00PM) through online only.
7. Date of opening of Bid : 11.00AM onwards on 27.08.2019
8. Date of receipt of Bid cost and Bid Security on online Payment mode : From 06.08.2019 (10.00AM) to 26.08.2019 (5.00PM)
9. Name and Address of OIT : Superintending Engineer, KBK MI Circle-II, Jeypore

Further details can be seen from the e-Procurement market place http://tendersodisha.gov.in.

*Superintending Engineer*
*KBK MI Circle-II, Jeypore*
32262/11/0002/1920

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର**

ପତ୍ରସଂଖ୍ୟା: ୩୮୮୯/ **ବିଜ୍ଞାପନ** ତାରିଖ: ୩୦।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଅଧୀନରେ ଥିବା ସାତଗୋଟି ବ୍ଲକ୍ ଯଥା:- କେନ୍ଦୁଝର, ଘଟଗାଁ, ହରିଚନ୍ଦନପୁର, ପାଟଣା, ସାହାରପଡ଼ା, ବାଂଶପାଳ ଓ ତେଲକୋଇ ବ୍ଲକ୍ ଅନ୍ତର୍ଭୁକ୍ତ ଅନୁସୂଚିତ ଜନଜାତି (ST) ଯେଉଁମାନେ BPL ଅନ୍ତର୍ଭୁକ୍ତ ଥିବେ କିମ୍ବା ବାର୍ଷିକ ଆୟ ମୋଟ ଟ.୩୦,୦୦୦/- ମଧ୍ୟରେ ହୋଇଥିବ ସେମାନଙ୍କୁ ଜିଲ୍ଲା ତଥା ଜିଲ୍ଲା ବାହାରେ ଅବସ୍ଥିତ ବିଭିନ୍ନ ତାଲିମ୍ କେନ୍ଦ୍ରମାନଙ୍କରେ କୌଶଳ ବିକାଶ ଓ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ (Skill Development & Placement Linked Employability Training) ପ୍ରଦାନ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆବେଦନକାରୀଙ୍କ ବୟସ ସୀମା ତା୦୧।୧୨।୨୦୧୯ରିଖ ସୁଦ୍ଧା ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହି ତାଲିମ୍ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଯେଉଁମାନେ ITDA ତରଫରୁ ଏହି ତାଲିମ୍ ପୂର୍ବରୁ ପାଇଛନ୍ତି ତଥା ବର୍ତ୍ତମାନ କୌଣସି ଶିକ୍ଷାନୁଷ୍ଠାନରେ ପଢୁଛନ୍ତି, ସେମାନଙ୍କର ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର କିମ୍ବା ନିଜ ବ୍ଲକ୍ ଅନ୍ତର୍ଗତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (WEOs)ଙ୍କ କାର୍ଯ୍ୟାଳୟରେ ନିମ୍ନରେ ପ୍ରଦତ୍ତ ଆବେଦନ ଫର୍ମରେ ଆବଶ୍ୟକୀୟ ପ୍ରମାଣପତ୍ର ଯଥା- ଆଧାରକାର୍ଡ଼, ଶିକ୍ଷାଗତ ଯୋଗ୍ୟତା, ଆବାସିକ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ବୟସ ପ୍ରମାଣପତ୍ର, ବି.ପି.ଏଲ୍. କିମ୍ବା ଆୟ ପ୍ରମାଣପତ୍ର ସଂଲଗ୍ନ କରି ତା୧୪।୦୮।୨୦୧୯ରିଖ ସୁଦ୍ଧା ଦାଖଲ କରିବେ। ପ୍ରମାଣପତ୍ର ଯାଞ୍ଚ ତଥା ପରାମର୍ଶ (Counselling) ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ତା୨୦।୦୮।୨୦୧୯ରିଖଠାରୁ ୨୧।୦୮।୨୦୧୯ରିଖ ପର୍ଯ୍ୟନ୍ତ ଆବେଦନକାରୀ ଅସଲି ପ୍ରମାଣପତ୍ର (Original documents) ସହ ଉପସ୍ଥିତ ରହିବେ। ଏହାର ସବିଶେଷ ବିବରଣୀ ଅତ୍ର କାର୍ଯ୍ୟାଳୟ/ ସାତଗୋଟି ବ୍ଲକ୍ ଅଫିସ୍‌ର WEO ଏବଂ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.inରେ ଉପଲବ୍ଧ ହେବ।

ସ୍ୱା./- ପ୍ରକଳ୍ପ ପ୍ରଶାସକ
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର

**THE ODISHA STATE CO-OPERATIVE MILK PRODUCERS' FEDERATION LIMITED**
omfed www.omfed.com
D/2, Sahid Nagar, Bhubaneswar, Pin-751007, Odisha
Ph.: 0674-2540273 / 2546030, 2544576, Tele Fax : 0674-2540974, E-mail : omfed@yahoo.com

**TENDER FOR PARTITION WORK AT OMFED CORPORATE OFFICE**

OMFED invites sealed Tenders from experienced civil contractors for execution of the **"PLANNING, INTERIOR DESIGN, INTERNAL ELECTRIFICATION WITH FURNITURE/ FIXTURE/ WORK STATION FOR SET UP A MANAGER & ASST. MANAGER ROOM AT THIRD FLOOR OF OMFED CORPORATE OFFICE, SAHID NAGAR, BHUBANESWAR".** Interested bidders may download the Tender document from the OMFED website **www.omfed.com**. Bid document will be available in the website from **10.00 AM** of **31/07/2019** to **5.00 PM** of **14/08/2019** for bidding. Bid shall be opened at **03.00 PM** on **16/08/2019** at the OMFED Corporate Office in the presence of the interested bidders. The corrigendum, if required, shall only be published in Omfed website. Management reserves the right to accept or reject any or all the bid documents or part thereof without assigning any reason. **Managing Director**

**Request for Proposal (RFP) for Outsourcing of Mechanized Laundry Services at the health institutions of Subarnapur District**

**Advt. No.967** **Date : 29.07.2019**

Sealed proposal as per the prescribed RFP documents are invited from interested eligible bidders for Outsourcing of Mechanized Laundry Services with Supply of Bed Sheets at Govt. Health Institutions of the District. The details of the tender is available website: **https://subarnapur.nic.in.**

Proposal completed in all respect should reach this office by Speed Post / Registered Post / Courier on or before 29.08.2019 (till 12.00 Noon) & the technical proposal shall be opened on 29.08.2019 at 4.00 PM in the DTU. The bidders or their representatives may present at the time of opening.

The undersigned reserves the right to reject any or all the proposals without assigning any reason thereof.

**Sd./- (Dr. P.K Guru)**
**CDM & PHO, Subarnapur**

ଫୋନ-୦୬୬୭୮-୨୨୧୨୩୯
ଇ.ମେଲ୍.-ଏନଏସିକେଏଚଆରଡ଼ି@ରେଡିଫମେଲ.କମ୍

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ**

**ପତ୍ର ସଂଖ୍ୟା.2510** **ଟେଣ୍ଡର ନୋଟିସ** **ତାରିଖ.29.07.2019**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମଙ୍ଗଳବଜାର ସାପ୍ତାହିକ ହାଟ ତା.୧୯।୦୮।୨୦୧୯ରିଖଠାରୁ ତା.୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବା ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା.୨୯।୦୭୨୦୧୯ରିଖଠାରୁ ତା.୦୮।୦୮।୨୦୧୯ରିଖ ମଧ୍ୟରେ କାର୍ଯ୍ୟଦିବସଗୁଡିକରେ ପୂର୍ବାହ୍ନ ଘ.୧୦ଟିକାରୁ ଅପରାହ୍ନ ଘ.୫.୩୦ମିନିଟ୍ ମଧ୍ୟରେ ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ **www.nuapada.nic.in**ରୁ ଦେଖିପାରିବେ।

**ସ୍ୱା./- ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ**
**ଖରିଆର ରୋଡ**

Government of Odisha
Social Security & Empowerment of PwDs Department
**SIDR Building, Capital Hospital Campus, Unit-6, Bhubaneswar-751001**

**Expression of Interest for providing/ managing services for Promotion of Transgender equality & justice under SWEEKRUTI scheme**

**No. 6717** **Date: 30.07.2019**

**No.09-gg:-** The EOI aims to empanel successful agencies that will be responsible for Promotion of Transgender equality & justice under SWEEKRUTI scheme. The details of scope of work, eligibility criteria and submission of details can be downloaded from website http://www.ssepd.gov.in. Last date and time for submission of the EOI documents by speed post/ Registered post / courier/ hand in all working days up to 4:00 PM of 19/08/2019.

This EOI does not entail any commitment on the part of SSEPD Deptt, Govt. of Odisha either financial or otherwise. SSEPD Deptt, Govt. of Odisha reserves the right to accept or reject any or all without incurring any obligation to inform the affected applicant/s of the grounds. The EOI will be evaluated based on the information provided.

**Sd./- Joint Secretary,**
**46001/11/0009/1920** **SSEPD Deptt., Govt. of Odisha**

**NOTIFIED AREA COUNCIL, DIGAPAHANDI**
**GANJAM, ODISHA, PIN-761012**
**Phone : 06814-247330, Fax : 06814-247331**
**(E-mail) : dgp_nac@yahoo.com, digapahandi@ulborissa.gov.in**
**Letter No.1410/DIGNAC** **Date : 29.07.2019**

**QUOTATION CALL NOTICE**

Sealed quotations are invited from different manufacturers/ Authorised dealers/ Suppliers for supply of Sanitary Items. The rate should be quoted against the item including all taxes and delivery charges of the goods at NAC, Digapahandi . The Quotationers / bidders must enclose their GST Registration certificate, PAN card, Copy of latest IT return etc. The Quotationers /bidders shall be required to produce the original copy of the required documents before the undersigned at the time of opening of Quotation for Certification. The schedule is available in NAC, Digapahandi in office hours.(i.e from 30-07-2019 to 07-08-2019). The Quotation should reach to the undersigned by hand / by regd. Post /Dropped in Office Sealed Tender Box on or before Date-07-08-2019, Time-1.00 P.M , Same will be opened on same date- i.e 07-08-2019, Time - 4.00 P.M in presence of respective quotationers or their authorised representatives. If the Opening date will be in holiday then the next date will open the Tender. The Authority reserves the right to reject any or all the quotations without assigning any reason thereof.

| Item description | Paper cost |
|---|---|
| Sanitary goods detali in office schedule | Rs.200/- (Rupees Two hundred) only |

**Sd./- Executive Officer**
**N.A.C, Digapahandi**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BALLIGUDA
Phone No.-06846-243114
Mobile No: 9437562286 **No.207-O**
E-Mail: rw_balliguda@yahoo.com

**No. 2196 / RWDB** **Dated: 20.07.2019**

Government of Odisha e-Procurement Notice
**Bid Identification No. Online Tender/ 01 /EE RWD BLG/2019-20**

1 **Name of the work : Building Works.**
2 **Total Number of Works : 9 (Three) Nos.**
3 **Estimated cost : As per Annexure**
4 **Class of Contractors : As per Annexure**
5 **Period of Completion : As per Annexure**
6 **Others Details**

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works Division Balliguda | Online Tender/ 01 /EE RWD BLG/ 2019-20 | 01.08.2019 at 10.00 AM | 15.08.2019 up to 5.00 PM |

Further details can be seen from the e-procurement portal website **www.tendersorissa.gov.in**

**Executive Engineer**
**Rural Works Division**
25150/11/0001/1920 **Balliguda**

DISTRICT PROJECT OFFICE
SAMAGRA SHIKSHA, SAMBALPUR

**No.1265/MIS** **Date : 27.07.2019**

**SHORT TENDER CALL NOTICE**
**FOR**
**SUPPLY OF OFFICE STATIONERIES AND COMPUTER CONSUMABLES IN DPO, SSA, SAMBALPUR**

Sealed tenders are invited from local registered firms/ suppliers of Sambalpur having GST Registration, PAN No. etc. towards supply of Office Stationeries and Computer Consumables in piecemeal for the District Project Office, SSA, Sambalpur. The last date of receipt of sealed tender is dt 09.08.19 upto 03.00 P.M. The completed tender document should be sent to the undersigned by Speed Post/ Registered post/ Courier only. The envelope containing tender document must be superscribed as 'Tender for supply of office stationeries and Computer Consumables for DPO, SSA, Sambalpur". Interested eligible bidders may download all Documents from website **www.sambalpur.nic.in.** Corrigendum/ Addendum if any will be uploaded in the mentioned website. So the interested eligible bidders are requested to be in continuous touch with the mentioned website.

The authority reserves the nght to reject the tender without assigning any reason thereof.

***By order of Collector-cum-Chairman, SSA, Sambalpur.***

**Sd./- District Project Coordinator**
**SSA, Sambalpur**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୧ ଜୁଲାଇ, ୨୦୧୯



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ



### କଂଗ୍ରେସରୁ ଇସ୍ତଫା ଦେଲେ ସୁଧାଂଶୁ ବରାଡ

**ଜୁନାଗଡ,୩୦।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ନଗର କଂଗ୍ରେସ ସଭାପତି ତଥା ପୂର୍ବତନ ଏନ୍ଏସି ଅଧକ୍ଷ ସୁଧାଂଶୁ ଶେଖର ବରାଡ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଏହି ଇସ୍ତଫା ପତ୍ରକୁ ଜିଲା ସଭାପତିଙ୍କୁ ପ୍ରେରଣ କରିଛନ୍ତି। ତାଙ୍କ ଇସ୍ତଫା ପରେ ଜୁନାଗଡ କଂଗ୍ରେସରେ ଭୂକମ୍ପନ ସୃଷ୍ଟି ହୋଇଛି। ଗତ ସାଧାରଣ ନିର୍ବାଚନରେ ଜୁନାଗଡ ନିର୍ବାଚନ ମଣ୍ଡଳୀରେ ଉଭୟ ଲୋକସଭା ଓ ବିଧାନସଭାରେ କଂଗ୍ରେସର ପରାଜୟ ପାଇଁ ନିଜକୁ ଦାୟୀ ମନେକରି ଓ ବ୍ୟକ୍ତିଗତ କାର୍ଯ୍ୟବ୍ୟସ୍ତତା ଯୋଗୁ ସେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।



### ହାତୀ ନଦୀରୁ ବିରଳ ମାଛ ଉଦ୍ଧାର

**ଭବାନୀପାଟଣା,୩୦।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର କରମେଲ ଗ୍ରାମକୁ ଲାଗି ପ୍ରବାହିତ ହାତୀ ନଦୀରେ ବର୍ଷା ପାଣି ବୋହୁଛି। ଏହି ସମୟରେ ଗୋକୁଳ ବେହେରା ନାମକ ଜଣେ ମାଛ ଧରାଳି ମାଛ ଧରୁଥିବା ବେଳେ ତାଙ୍କ ଜାଲରେ ଏକ ବିରଳ ପ୍ରଜାତିର ମାଛ ଧରାପଡିଥିଲା । ମାଛର ଅନୁମାନିକ ଓଜନ ୨୦ କି.ଲୋ. ହୋଇଥିବା ବେଳେ ପୂର୍ବରୁ ଏହି ପ୍ରଜାତିର ମାଛ ଦେଖି ନ ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି । ଏହି ପ୍ରଜାତିର ମାଛକୁ ଦେଖିବାକୁ ଗାଁ ଲୋକଙ୍କ ଭିଡ ଜମିଥିଲା ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଭବାନୀପାଟଣା,୩୦।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ସବଇନ୍ସପେକ୍ଟର ଉଗ୍ରେସନ ପଟେଲଙ୍କ ଗୋଲାମୁଣ୍ଡା ଥାନାକୁ ବଦଳି ହୋଇଛି। ଥୁଆମୂଳ ରାମପୁର ସଚେତନ ନାଗରିକ କମିଟି ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଥୁଆମୂଳ ରାମପୁର ବ୍ଲକ୍ ପ୍ରେସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ପ୍ରଦୀପ ପଣ୍ଡା, ଭାନୁପ୍ରତାପ ମୁଣ୍ଡ, ବଳଭଦ୍ର ବାଗ, କୈଳାସ ଚନ୍ଦ୍ର ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ । ପଶ୍ଚିମ ଓଡିଶା ବିକାଶ ପରିଷଦ ବୈଷୟିକ କମିଟି ସଭ୍ୟ ମାଣିକ୍ୟ ଚନ୍ଦ୍ର ନାଏକ, ମାଣିକେଶ୍ୱରୀ ହାୟର ସେକଣ୍ଡରୀ ବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନ୍ନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ଥାନା ଅଧିକାରୀ ମନୋରଞ୍ଜନ କୁମାରଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

■ ବେଦାନ୍ତ ଗେଟ୍ ସମ୍ମୁଖରେ ଓଆଇଏସ୍ଏଫ୍ ଯବାନ, ଦାନୀ ବାତ୍ରାଙ୍କ ମୃତ୍ୟୁ ଘଟଣା

# ଛତ୍ରପୁର ଗାଁର ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ

**ଭବାନୀପାଟଣା/ଲାଞ୍ଜିଗଡ, ୩୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ କାରଖାନା ସମ୍ମୁଖରେ ଗ୍ରାମବାସୀ ଧାରଣା ଦେବା ସମୟରେ ଗତ ମାର୍ଚ୍ଚ ୧୮ରେ ବେଦାନ୍ତର ସୁରକ୍ଷା କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର ଛତ୍ରପୁର ଗାଁର ମହିଳାମାନେ ଭବାନୀପାଟଣା ଆସି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏସପି ବାତୁଳା ଗଙ୍ଗାଧରଙ୍କୁ ଭେଟି ନିଜ ଦୁଃଖ ଜଣାଇଥିଲେ। କିନ୍ତୁ ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ମୁଁ କିଛି କରିପାରିବି ନାହିଁ ବୋଲି ଏସ୍‌ପି କହିଥିଲେ। ଏହାକୁ ନେଇ ଉତ୍ତ୍ୟକ୍ତ ମହିଳା ଏସ୍‌ପିଙ୍କ ଗାଡି ସମ୍ମୁଖରେ ଶୋଇ ଏସପିଙ୍କ ଗାଡି ଯିବାକୁ ଛାଡି ନ ଥିଲେ। ସେଠାରେ ଉପସ୍ଥିତ ଥିବା ବେଦାନ୍ତ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହିତ ଆମଭିଟା ମାଟି ଆମଠୁ ଛଡାଇ ନେଲ, ଆମ ଜାଗାରେ କାରଖାନା କରାଗଲା ଓ ଶେଷରେ ଆମ ଲୋକଙ୍କୁ ଜେଲ ପଠାଇଲ। ଆମେ ଆଉ ପୋଲିସ ଏବଂ ବେଦାନ୍ତର ଏହି ଜୁଲମ୍ ସହିବୁ ନାହିଁ, ଆମ ଲୋକ ନ ଫେରିବା ପର୍ଯ୍ୟନ୍ତ ପୁଣି ଥରେ ବେଦାନ୍ତ ଗେଟ୍ ସାମନାରେ ଧାରଣାରେ ବସିବୁ ବୋଲି ଉପସ୍ଥିତ ଥିବା ବେଦାନ୍ତ କର୍ମଚାରୀଙ୍କୁ ରୋକଠୋକ୍ ଭାବେ ଶୁଣାଇ ଦେଇଥିଲେ। ଏସପିଙ୍କ ଗାଡି ସମ୍ମୁଖରେ ବିକ୍ଷୋଭ କରୁଥିବା ମହିଳାମାନଙ୍କୁ ପରେ ପୋଲିସ ଉଠାଇବା ସହିତ ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ



ଏସପିଙ୍କ ଗାଡି ସମ୍ମୁଖରେ ବିକ୍ଷୋଭ କରୁଥିବା ମହିଳାମାନଙ୍କୁ ପୋଲିସ ଉଠାଉଛି।

ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ନିଜ ଗ୍ରାମକୁ ଫେରି ଯାଇଥିଲେ।

**କାର୍ଯ୍ୟାଳୟ ସମ୍ମୁଖରେ ଧାରଣା**

ସୂଚନାଯୋଗ୍ୟ ଯେ, ଲାଞ୍ଜିଗଡସ୍ଥିତ ବେଦାନ୍ତ କାରଖାନା ସମ୍ମୁଖରେ ଗତ ମାର୍ଚ୍ଚ ୧୮ ତାରିଖରେ ବେଦାନ୍ତର ସୁରକ୍ଷା କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳରେ ଛତ୍ରପୁର ଗ୍ରାମର ଦାନୀ ବାତ୍ରା ଓ ଜଣେ ଓଏସଏଫ୍ ମେଜରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଲାଞ୍ଜିଗଡ ପୋଲିସ ଓସଏଫ୍ ମେଜରଙ୍କ ମୃତ୍ୟୁ ମାମଲାରେ ଛତ୍ରପୁର ଗ୍ରାମର ୨୯ ଜଣଙ୍କୁ ଗିରଫ କରି ଜେଲ ପଠାଯାଇଛି। ଅନ୍ୟପକ୍ଷେ ଗିରଫ ଭୟରେ ଛତ୍ରପୁର ସମେତ ଅନ୍ୟାନ୍ୟ ଆଖପାଖ ଗ୍ରାମର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପୁରୁଷ ଗାଁ ଛାଡ଼ି ଚାଲିଯାଇଛନ୍ତି । ଏଣୁ ସେମାନଙ୍କ ପରିବାରବର୍ଗ ଭୋକ ଉପାସରେ ଏବେ ଦିନ କାଟୁଛନ୍ତି। ଅନ୍ୟପଟେ ଛତ୍ରପୁର ଗ୍ରାମର ଦାନି ବାତ୍ରାଙ୍କ ମୃତ୍ୟୁ ଘଟଣାର ବର୍ତ୍ତମାନ ସୁଦ୍ଧା କୌଣସି ଓଏସଏଫ୍ କର୍ମଚାରୀଙ୍କୁ ଗିରଫ କରାଯାଇ ନ ଥିବା ବେଳେ ଏହି ଘଟଣାର ତଦନ୍ତ ଚାଲୁଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଜେ ଏସପି ବାତୁଲା ଗଙ୍ଗାଧର ଗତ ୨୪ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ଖବାରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ। ବେଦାନ୍ତର ଚାପରେ ପୋଲିସ ଗ୍ରାମବାସୀଙ୍କୁ ଗିରଫ କରି ଜେଲ ପଠାଉଛି କିନ୍ତୁ ଆମର ଲୋକଙ୍କୁ ମାରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରା ନ ଯିବା ଆଦି ଦାବି ନେଇ ଗତ ୨୨ ତାରିଖରେ ଛତ୍ରପୁର ମହିଳାମାନେ ବେଦାନ୍ତ କାରଖାନାର ମୁଖ୍ୟ ଫାଟକ ସାମନାରେ ଧାରଣା ଦେଇଥିଲେ। ଧାରଣା ସ୍ଥଳକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଲାଞ୍ଜିଗଡ ତହସିଲଦାର ଓ କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇ ଆସି ମହିଳାମାନଙ୍କୁ ୩୦ ତାରିଖରେ ଭବାନୀପାଟଣା ଏସପି ଅଫିସରେ ଆଲୋଚନା କରାଯିବ ଓ ଗାଁର ପୁରୁଷମାନେ କିଭଳି ଘରକୁ ଫେରିବେ ସେ ନେଇ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଧାରଣା ସ୍ଥଳରୁ ଚାଲିଯାଇଥିଲେ।

## ରୋଟାରି କ୍ଲବ ପକ୍ଷରୁ ଚାରାରୋପଣ

**ଭବାନୀପାଟଣା,୩୦।୭(ଡି.ଏନ.ଏ.)**

ଭବାନୀପାଟଣା ରୋଟାରି କ୍ଲବ ପକ୍ଷରୁ ସମସ୍ତ କାର୍ଯ୍ୟକର୍ତ୍ତା, ସରକାରୀ ସ୍ୱୟଂସାସିତ ମହାବିଦ୍ୟାଳୟ, ଭବାନୀପାଟଣାର ସମର ଶାକ୍ଷାର୍ଥୀ ବାହିନୀ ଓ ଆୟୁଧ କଳାହାଣ୍ଡି ସହଯୋଗରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରୋଟାରିଆନ୍ ସୁରଜିତ ସିଂ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । ସ୍ୱୟଂ ଶାସିତ ମାହାବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଲାଇ ସାମ୍ପ୍ରତିକ ପରିସ୍ଥିତିରେ ଜଙ୍ଗଲକ୍ଷୟ ଅନୁପାତରେ ନୂତନ ଜଙ୍ଗଲ ସୃଷ୍ଟି ନ ହେବା ଦ୍ୱାରା କିପରି ଭୟାଭୟ ପରିସ୍ଥିତି ସୃଷ୍ଟି ହେଉଛି ସେ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ବାଳିକା ଛାତ୍ରବାସ ଓ ବିଜ୍ଞାନ ବିଭାଗରେ ୪୨୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଏନସିସି ଅଧିକାରୀ କ୍ୟା. ଜୟଦେବ ସାହୁ, ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଏନସିସି ଅଧିକାରୀ ରବିପ୍ରସାଦ କାନୁନ୍‌ଗୋ, ବିଏମ୍ ହାଇସ୍କୁଲର ଏନସିସି ଅଧିକାରୀ ଶରତଚନ୍ଦ୍ର ପୁରୋହିତ, ବରିଷ୍ଠ ରୋଟାରିଆନ୍ ଡା. ଲମ୍ବୋଦର ସାହୁ, ରୋଟାରିଆନ୍ ହାଜିଅମିନ୍ ଖାଁ, ରୋଟାରିଆନ୍ ଜଗମୋହନ ଅଗ୍ରୱାଲ, କିସ୍ ଓ କିଟ୍‌ର ଜିଲ୍ଲା ସଂଯୋଜକ ଦୁଷ୍ମନ୍ତ ପ୍ରଧାନ, ରୋଟାରି କ୍ଲବର ସମ୍ପାଦକ ନିତେଶ ଜୈନ, ରୋଟାରି ମନୋଜ କୁମାର ଅଗ୍ରୱାଲ, ମୁରାରି ଅଗ୍ରୱାଲ, ପ୍ରକାଶ ମିସନ, ସୁବ୍ରତ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ଏନସିସି କ୍ୟାଡେଡ୍ ମାତା ଅମୃତା ନନ୍ଦ ମୟୀ ମଠର ଯୁବଶାଖା ଆୟୁଧ ସଦସ୍ୟମାନେ ମିଳିତ ଭାବେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧ ହଜାର ଚାରା ରୋପଣ କରାଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି ବୋଲି ବ୍ରାଟାରି କ୍ଲବ ଅଧକ୍ଷ ହେମନ୍ତ କୁମାର ମୁଣ୍ଡ ପ୍ରକାଶ କରିଛନ୍ତି।




ରୋଟାରି କ୍ଲବ ପକ୍ଷରୁ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ଅତିଥି ।




ବିଜୁ ମହିଳା ଜନତା ଦଳର ଚାରାରୋପଣ କାର୍ଯ୍ୟକ୍ରମ ।

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଚାରା ରୋପଣ

**ଜୁନାଗଡ,୩୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ହାଇସ୍କୁଲ ପଡିଆ ଓ ଧାନମଣ୍ଡିଠାରେ ମଙ୍ଗଳବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ବିଭିନ୍ନ କିସମର ଶହେରୁ ଉର୍ଦ୍ଧ୍ୱ ଚାରା ଲଗାଯାଇଥିଲା। ଏଥିରେ ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ପୂର୍ବତନ ଏନ୍ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଚାରବାହାଲ ସରପଞ୍ଚ ସୁଶିଳା ଦଳପତି, ସ୍ଥାନୀୟ ପଞ୍ଚାୟତ ସଭାନେତ୍ରୀ ସଙ୍ଗୀତା ନାଏକ, ସାମାଜିକ କର୍ମୀ ଅମିତ ପୁରୋହିତ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ।

## ଦିବ୍ୟାଙ୍ଗ ଝିଅ'ର ଚିକିତ୍ସାରେ ଟଙ୍କା ବାଧକ୍

**ଭବାନୀପାଟଣା,୩୦।୭(ଡି.ଏନ୍.ଏ.):**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ଗାଁର ଚଞ୍ଚରାପଡ଼ାର ପୂର୍ଣ୍ଣଚନ୍ଦ୍ର ମାଝିଙ୍କର ସାନ ଝିଅ ଗୁଡ୍ଡିସ୍ମିତା(୮)। ଜନ୍ମୁ ତାକର ମଲଦୁଆର ନାଇଁନ, ମା'ବାପ୍ ଧାର ଉଧାର କରି ଭିନେ ଭିନେ ଡାକ୍ତରଖାନା ନେଇ ଚିକିତ୍ସା କରାଲେ। ଶେଷେ ଛୁଆର ଡେବ୍‌ରିଫାଲେ ଅପରେଶନ କରି ଝାଡ଼ା ଯିବାର ବେବସ୍ତା କରାଗଲା। ହେଲେ ବଏସ୍ ବଢ଼ବାର ସଂଗେ ଏହେଦେ ଝିଅ ଝାଡ଼ା ଗଲାବେଲେ ବହୁତ୍ ଦୁଖ୍ ଭୁଗୁଛେ, ଅନେକ ସମିଆରେ ରକତ୍ ବାହାରି ପଡୁଛେ ବଲି ତାକର ମା' ପୁଷ୍ପା କହିଛନ୍। ଏନ୍‌ତାଥି ଗରିବ୍ ମା'ବାପ୍ ଝିଅ'ର ଚିକିତ୍ସା ଚିନ୍‌ତାରେ ହରମେଶା ଘାରି ହେଉଛନ୍। ଇଆଡ଼େ ବାପ୍ ପୂର୍ଣ୍ଣଚନ୍ଦ୍ର ବ୍ଲକନୁ ଜିଲା ପରଶାସନ ତକ୍ ଝିଅ'ର ଚିକିତ୍ସା ସାହାୟ୍ ଲାଗି ଗୁହାରି କରି ନିରାଶ ହେଇଛନ୍। ଶେଷେ ସେ ଉପେ ଶୁଇନ୍ ହେଇ ବାହାର ରାଏଜ୍‌କେ ଦାଦନ୍ ଖଟି ଯାଇଛନ୍। ସେନ୍‌ତା ଝିଅ ଦିବ୍ୟାଙ୍ଗ ହେଇଥିଲେ ବି ଭିନ୍ନକ୍ଷମ ଭତାରୁ ବଁଚିତ୍ ହେଇଥିବାର ପରିବାର ଲୋକ୍ ଅଭିଯୋଗ କରିଛନ୍। ଜିଲା ପରଶାସନ, ସରକାରୀ ବେସରକାରୀ ଅନୁଷ୍ଠାନ କି କେହେନ୍‌ସି ସହୃଦ୍ ଲୋକ ଇ ଦୁଖି ଝିଅ'ର ଉପରେ ଦୁରୁଷ୍ଟି ଦେଇ ଚିକିତ୍ସା ସାହାୟ୍ ଯୁଗେଇ ଦେବାକେ ପରିବାର ଲୋକ୍ ନିବେଦନ କରିଛନ୍।

■ କଳାହାଣ୍ଡି ପୋଲିସ ପକ୍ଷରୁ 'ପରୀ-୩' କାର୍ଯ୍ୟକ୍ରମ ଶୁଭାରମ୍ଭ

## ନିଖୋଜ ନାବାଳିକାନାବାଳକଙ୍କୁ ଉଦ୍ଧାର କରାଯିବ

**ଭବାନୀପାଟଣା,୩୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ନାବାଳିକା ନାବାଳକ ଏବଂ ବିଭିନ୍ନ ଦୋକାନ ବଜାର, କାମ କରୁଥିବା ନାବାଳିକାନାବାଳକଙ୍କୁ ଉଦ୍ଧାର କରିବା ସହିତ ସେମାନଙ୍କ ଉପଯୁକ୍ତ ରକ୍ଷଣା ବେକ୍ଷଣ ଓ ଥଇଥାନ ବ୍ୟବସ୍ଥା କରାଯିବ। ଏଥିପାଇଁ ମଙ୍ଗଳବାର କଳାହାଣ୍ଡି ଜିଲା ପୋଲିସ ପକ୍ଷରୁ 'ପରୀ-୩' କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଚାଲିବ। ଏଥିରେ ବିଭିନ୍ନ ଥାନା ଅଞ୍ଚଳରେ ଥିବା ଏନ୍‌ଜିଓମାନେ ସହଯୋଗ କରିବା ସହିତ ସେମାନଙ୍କ

**ସମସ୍ତଙ୍କ ରକ୍ଷଣା ବେକ୍ଷଣ ବ୍ୟବସ୍ଥା କରାଯିବ**

ଥଇଥାନ ପାଇଁ ଜିଲା ଶିଶୁ ସୁରକ୍ଷା କମିଟି କାର୍ଯ୍ୟ କରିବେ ବୋଲି ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି 'ପରୀ-୩' କାର୍ଯ୍ୟକ୍ରମ ଏକ ମହତ ଉଦ୍ଦେଶ୍ୟ ନେଇ ସରକାର ଆରମ୍ଭ କରିଛନ୍ତି। ପୂର୍ବରୁ 'ପରୀ-୧' ଓ 'ପରୀ-୨' ଜିଲାରେ ସଫଳତା ସହିତ କାର୍ଯ୍ୟ କରିଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ୧୬ଟି ଥାନାରେ ୧୧୭ ଜଣ ନିଖୋଜ ହୋଇଥିବା ନାବାଳିକାନାବାଳକମାନଙ୍କୁ ଉଦ୍ଧାର କରିବା ସହିତ ବିଭିନ୍ନ ଜିଲା ଓ ରାଜ୍ୟ ବାହାରୁ ଯେଉଁ ଶିଶୁମାନେ ଘରୁ ପଳାଇ ଆସି ବିଭିନ୍ନ ଚା ଦୋକାନ, ଜଳଖିଆ ଦୋକାନ, ଗ୍ୟାରେଜ ଏବଂ ଅନ୍ୟାନ୍ୟ ସ୍ଥାନରେ କାମ କରୁଛନ୍ତି ସେମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଉପଯୁକ୍ତ ରକ୍ଷଣା ବେକ୍ଷଣ ଓ ଥଇଥାନ ବ୍ୟବସ୍ଥା କରାଯିବ। ଏଥିପାଇଁ ଜିଲାର ବିଭିନ୍ନ ଥାନାର ପୋଲିସ, ଶ୍ରମ ବିଭାଗ, ଜିଲା ପ୍ରଶାସନ, ବିଭିନ୍ନ ଏନ୍‌ଜିଓ, ସିଡବ୍ଲ୍ୟୁସି ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଏକ ମିଳିତ ଟିମ୍ ଗଠନ କରାଯାଇ ଏହି ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ଏସପି କହିଛନ୍ତି । ଏଥିପାଇଁ ଜିଲାର ସମସ୍ତ ଜନସାଧାରଣ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଯେଉଁ ନାବାଳିକା ନାବାଳକମାନଙ୍କୁ ଉଦ୍ଧାର କରାଯିବ ସେମାନଙ୍କୁ ସିଡବ୍ଲ୍ୟୁସି ନିକଟରେ ପ୍ରଥମେ ହାଜର କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଗୋପୀନାଥ ମଣିପାତ୍ର, ଅତିରିକ୍ତ ଏସପି ପି.କେ. ମହନ୍ତ, ସିଡବ୍ଲ୍ୟୁସି ଅଧକ୍ଷ ରାଜେଶ ନାୟକ, ଡିସିପିଓ ଶୈଳେନ୍ଦୁ ଶେଖର ମାହାପାତ୍ରଙ୍କ ସମେତ ବିଭିନ୍ନ ଥାନାର ଆଇଆଇସି ଓ ଅଧିକାରୀମାନେ ଯୋଗଦେଇଥିଲେ।




ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଉଛନ୍ତି ।

## ମକ୍କା ମଦିନାକୁ ହଜ୍ ଯାତ୍ରାରେ ବାହାରିଲେ ମୁସଲିମ୍ ଭଉଣୀଭାଇ

**ଭବାନୀପାଟଣା,୩୦।୭(ଡି.ଏନ.ଏ.)**

ଭବାନୀପାଟଣାର ଭଉଣୀଭାଇମାନେ ମଙ୍ଗଳବାର ଇସଲାମ ଧର୍ମର ପବିତ୍ର ପୀଠ ମକ୍କା ମଦିନାକୁ ହଜ୍ ଯାତ୍ରା ଆରମ୍ଭ କରୁଛନ୍ତି । ଏହି ଅବସରରେ ସ୍ଥାନୀୟ ମସଜିଦ୍ ପରିସରରେ ହଜ୍ ଯାତ୍ରୀମାନଙ୍କୁ ଭବାନୀପାଟଣା ମୁସଲିମ୍ ଜମାତ୍ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ହଜ୍ ଯାତ୍ରା ସଫଳ ପାଇଁ କାମନା କରାଯାଇଥିଲା। ମସଜିଦ୍ ମେନେଜିଙ୍ଗ କମିଟି ସଭାପତି ଜନାବ୍ ହାଜି ସାହାଦତ ଖାନ, ସମ୍ପାଦକ ଶେଖ ସଲିମ୍ ହାଜି, ମେହେବୁବ୍ ଖାନ ହାଜି, ମୁସ୍ତାକ ଖାନ ହାଜି, ଜନାବ ଖାନ ଙ୍କ ସମେତ ବହୁ ମାନ୍ୟଗନ୍ୟବ୍ୟକ୍ତି ଉପସ୍ଥିତ ରହି ଯାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଯାତ୍ରାରେ ଭବାନୀପାଟଣାରୁ ଆକବର ଖାନ ତାଙ୍କ ସ୍ତ୍ରୀ ବହିଦା ବେଗମ୍ ଭଉଣି ହାଜି ୱହିଦା ବେଗମ୍, ଏମ୍‌ଡି ଖଲିଉଲ୍ଲା ରେମେମାନ୍, ତାଙ୍କ ପତ୍ନୀ ସରିଫା ବେଗମ୍ ଓ ସୋଭନ୍ ଖାନ, ତାଙ୍କ ପତ୍ନୀ ଚମ୍‌ନାରା ବେଗମ୍ ପ୍ରମୁଖ ସାମିଲ ଅଛନ୍ତି।



ହଜ୍ ଯାତ୍ରା ଆରମ୍ଭ କରିଥିବା ଭବାନୀପାଟଣାର ଭଉଣୀଭାଇମାନେ ।

■ କଳାହାଣ୍ଡି ଜିଲାରେ ୩ ଦିନ ଧରି ପ୍ରବଳ ବର୍ଷା

# ଉଛୁଳିଲା ନଦୀ, ପୋଲ ଉପରେ ପାଣି

**ଭବାନୀପାଟଣା,୩୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଗତ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ଗତ ୨୭ ତାରିଖରେ ଜିଲାର ଥୁ.ରାମପୁର ବ୍ଲକରେ ସର୍ବାଧିକ ୧୪୦ ମି.ମି. ବର୍ଷା ହୋଇଥିବା ବେଳେ କର୍ଲାମୁଣ୍ଡା ବ୍ଲକରେ ସର୍ବନିମ୍ନ ୩୦.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଗତ ୨୮ ତାରିଖରେ ଥୁ.ରାମପୁରରେ ସର୍ବାଧିକ ୭୦ ମି.ମି. ବର୍ଷା ହୋଇଥିବା ବେଳେ ଭବାନୀପାଟଣା ବ୍ଲକରେ ସର୍ବନିମ୍ନ ୨ମି.ମି. ବର୍ଷା ରେକର୍ଡ କରାଯାଇଛି। ୨୯ ତାରିଖରେ ଭବାନୀପାଟଣା ବ୍ଲକରେ ୨୧.୪ ମି.ମି. ବର୍ଷା ହୋଇଛି। କେସିଙ୍ଗା ବ୍ଲକରେ ୧୦.୮ମି.ମି., କର୍ଲାମୁଣ୍ଡା ବ୍ଲକରେ ୬.ମି.ମି. ମଦନପୁର ରାମପୁରରେ ୧୮ମି.ମି. ଥୁ. ରାମପୁରେ ୧୯୫ ମି.ମି., ଧର୍ମଗଡରେ ୨୬ ମି.ମି., ଜୁନାଗଡରେ ୪୪ ମି.ମି., କଲମପୁରରେ ୧୨୨ ମି.ମି., କୋକସରରେ ୭୮.୧ ମି.ମି., ଗୋଲାମୁଣ୍ଡା ବ୍ଲକରେ ୩୧ ମି.ମି. ବର୍ଷା ହୋଇଥିବା ସରକାରୀ ଭାବେ ରେକର୍ଡ କରାଯାଇଛି । ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ହାତୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି । କଲମପୁର ବ୍ଲକର ମଣ୍ଡଳ ରାସ୍ତା ଭେଲା ଗାଁ ନିକଟ ରାସ୍ତା ପୋଲ ଉପରେ ୩ ଫୁଟ ପାଣି ଚାଲୁଥିବା ଯୋଗୁ ଯାନବାହନ ଚଳାଚଳ ଓ ଯାତାୟାତ ବାଧାପ୍ରାପ୍ତ ହୋଇଛି । କଲମପୁର ବ୍ଲକର ବାଲିଛଡା, ଟେମରା, ଖଇଙ୍ଗରାଗୁଡା, ବିରିପୁର, ମାଟିଖାଲ, ଜାମପଡା, କରମେଲ, ଦେପୁର, କଚ୍ଛାରପଡା ଗାଁରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବନ୍ୟା ପ୍ରଭାବିତ ହେବାର ଆଶଙ୍କା ରହିଛି । ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପଇବାରେ ଲାଗିଥିବା ବେଳେ ବର୍ଷା ଯୋଗୁ ନଇକୁଳୀଆ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି । ପାଣିପାଗ ସୂଚାନ ଅନୁଯାୟୀ ପୁଣି ବର୍ଷା ହେବାର ସମ୍ଭାବନା ଥିବା ଯୋଗୁ ବନ୍ୟା ଆଶଙ୍କା ରହିଛି । ନଦୀକୁଳ ଅଞ୍ଚଳର ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ରହିଛି। ବର୍ତ୍ତମାନ ହାତୀ, ତେଲ, ଶଗଡା, ଉଦନ୍ତୀ ବଂଶଧାରା ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ହାତୀନଦୀ ବ୍ୟାରେଜରୁ ପ୍ରଥମ ବନ୍ୟାଜଳ ଛଡ଼ାହେଲା

**ଭବାନୀପାଟଣା,୩୦।୭(ଡି.ଏନ.ଏ.):** ଗତ କିଛି ଦିନ ହେଲା ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁ ହାତୀ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ହାତୀ ନଦୀ ବ୍ୟାରେଜରୁ ନଦୀ ଗର୍ଭକୁ ୨୧୫.୯୫ କ୍ୟୁସେକ୍ସ ବନ୍ୟା ଜଳ ଛଡା ଯାଇଛି। ଗତ ୨୮ ତାରିଖରେ ଥୁଆମୂଳ ରାମପୁରରେ ୧୫୫ ମି.ମି. ଓ ୨୯ ତାରିଖ ୫୫ ମି.ମି. ବର୍ଷା, ନବରଙ୍ଗପୁର ୧୮୫ ମି.ମି., ପାପଡାହାଣ୍ଡି ୧୫୫ ମି.ମି.. ତେନ୍ତୁଲିଖୁଣ୍ଟି ୧୫୪.୪ ମି.ମି. ଓ କାଶୀପୁରଠାରେ ୧୭୬ ମି.ମି. ବର୍ଷା ହେବା ପରେ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର ୧.୧୩ ମିଟର ବୃଦ୍ଧି ପାଇ ୬୩୨.୪୭ରେ ପହଞ୍ଚିଥିବା ରେକର୍ଡ କରାଯାଇଛି। ହାତୀନଦୀର କ୍ୟାଚମ୍ୟାଣ୍ଟ ଏରିଆ ପାପଡାହାଣ୍ଡି, ତେନ୍ତୁଲିଖୁଣ୍ଟି, ଥୁଆମୂଳ ରାମପୁର, ଜୟପାଟଣା, କଲମପୁର, କୋକସରା, ଜୁନାଗଡ ବ୍ଲକର ଅନେକାଂଶ ଅଞ୍ଚଳରୁ ବର୍ଷା ପାଣି ନଦୀରେ ପ୍ରବେଶ କରିଛି। ଗତ ୨୪ ଘଣ୍ଟାରେ ବର୍ଷା ପାଣି ହାତୀ ନଦୀରେ ପ୍ରବାହିତ ହେବାରୁ ବନ୍ୟା ଆଶଙ୍କ ସୃଷ୍ଟି ହୋଇଛି। ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜର ଜଳସ୍ତର ସର୍ବସୀମା ୨୫୬ ମିଟର ରହିଥିବା ବେଳେ ୩ଟି ଗେଟ୍ ଖୋଲି ୨୧୫ କ୍ୟୁସେକ୍ସ ବନ୍ୟାଜଳ ଛଡା ଯାଉଥିବା ଜଣାପଡିଛି। ହାତୀ ବ୍ୟାରେଜର ଜଳସ୍ତର ସ୍ୱାଭାବିକ ଅବସ୍ଥାକୁ ଆସି ଅପରାହ୍ନ ବେଳେ ୨୫୦.୭ ମିଟରରେ ପହଞ୍ଚିଥିବା ସହକାରୀ ଯନ୍ତ୍ରୀ ରଘୁନାଥ ମୁଣ୍ଡା ସୂଚନା ଦେଇଛନ୍ତି। ଫଳରେ ହାତୀ ନଦୀରସ୍ଥିତି ସ୍ୱାଭାବିକ ରହିବ ବୋଲି ଅନୁମାନ କରାଯାଉଛି। ପରେ ଉଭୟ ବାମ ଓ ଦକ୍ଷିଣ କେନାଲରେ ଜଳ ସେଚନ କମେଇ ଦିଆଯାଇ ୮.୯୮ ଓ ୬.୯୨ କ୍ୟୁସେକ୍ସ ରଖାଯାଇଛି। ମୁଖିଗୁଡା ପାୱାର ହାଉସରୁ ମଧ ବନ୍ୟା ପରିସ୍ଥିତି ଆଶଙ୍କା କରି ୫୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଣଜଳସେଚିତ ଅଞ୍ଚଳରେ ବର୍ଷାଭାବରୁ ନିରାଶ ହୋଇଥିବା ଚାଷୀଙ୍କ ପାଇଁ ଆଶାର ଆଲୋକ ଦେଖାଦେଇଛି।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



**ସଂକ୍ଷେପରେ**

## ଶକ୍ତି କ୍ଲବର ନୂଆ କର୍ମକର୍ତ୍ତା

ରାଉରକେଲା,୨୯।୭
ଶକ୍ତିନଗରଠାରେ ଥିବା ଶକ୍ତି କ୍ଲବ ପକ୍ଷରୁ ଏହାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ବିପ୍ର ଚରଣ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗାମି ବର୍ଷ ପାଇଁ ନୂତନ କର୍ମତର୍ଓା ତଥା କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ରୂପେ କୈଳାସ ପ୍ରଧାନ, ଉପସଭାପତି ବିପ୍ର ବିଶ୍ୱାଳ ଓ ନୀରଞ୍ଜନ ସେନାପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇ ଥିଲା। ସାଧାରଣ ସଂପାଦକ ରୂପେ ଅକ୍ଷୟ ପାତ୍ର, ସଂପାଦକ ସୁକଦେବ ସିଂ, ସୁମିତା ମହାନ୍ତି ଓ ଦେବପ୍ରସାଦ ସାହୁ ନୂତନ ଦାୟିତ୍ୱ ଗ୍ରହଣ କରିଥିଲେ। କୋଷାଧକ୍ଷ ଦାୟିତ୍ୱରେ ମିହିର ମହାପାତ୍ରଙ୍କୁ ଚୟନ କରାଯାଇ ଥିଲା। କାର୍ଯ୍ୟ ନିର୍ବାହୀ କମିଟିକୁ ଉତ୍ତମ ବେହେରା, ହେମନ୍ତ ପାଲଟାସିଂ, କ୍ରିଷ୍ଣା ସିଂ, ଶିଶିର ମୁଦାଲି, ଶିବନାରାୟଣ ଦାସ, ଗୋପାଳ ପାତ୍ର, ଚକ୍ରଧର ମଲ୍ଲିକ, ସନାତନ ସାମଲ, ରଂଜିତ ପ୍ରଧାନ ଓ ଦୀପକ ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ।

### ଆଜି କ'ଣ କେଉଁଠି

■ମ୍ୟୁଜିକାଲ ଇଭିନିଂ ଓ ସାମ ଇ ରଫି, ଭଞ୍ଜଭବନ ଅଡିଟୋରିୟମ, ସଂଧ୍ୟା ୬ଟା ୩୦।

# କେନ୍ଦ୍ରସରକାର ଶ୍ରମିକ ସ୍ୱାର୍ଥ ବିରୋଧୀ

ରାଉରକେଲା,୩୦।୭

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ମଙ୍ଗଳବାର ସିଆଇଟିୟୁ ୟୁନିୟନ ପକ୍ଷରୁ ବ୍ୟାପକ ସଚେତନତା ନେଇ ପଦକ୍ଷେପ ନିଆଯାଇଛି। ରାଉରକେଲା ବିଶ୍ରା ଛକରେ ୟୁନିୟନ କର୍ମକର୍ତ୍ତା ମିଳିତ ହୋଇ କେନ୍ଦ୍ରର ଭାଜପା ସରକାର ବିରୋଧରେ ଯୁଦ୍ଧ ଡାକରା ଦେଇଛନ୍ତି। ଏହି ଆନ୍ଦୋଳନକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍‌, ସିଆଇଟିୟୁ, ଏଆଇୟୁଟିୟୁସି, ଜିଏମ୍‌ଏମ୍‌, ସିୟର, ଏବଂ ଏସଡବ୍ଲ୍ୟୁ ପ୍ରମୁଖ ଆସୋସିଏଶନ ପକ୍ଷରୁ ଦୃଢ ସମର୍ଥନ ଜ୍ଞାପନ କରାଯାଇଛି। ସମ୍ବିଧାନିକ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରି କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ସରକାର ଶ୍ରମ ଆଇନକୁ କୋଡରେ ପରିଣତ କରି ଶ୍ରମିକଙ୍କ ନାଯ୍ୟ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ବସିଛି। ମୋଟ ୪୪ଟି ଶ୍ରମ ଆଇନକୁ ପରିବର୍ତ୍ତନ କରି ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ ନିମନ୍ତେ ଏହାକୁ ସଂକୁଚିତ କରିଛନ୍ତି। ମାତ୍ର ୪ଟି କୋଡରେ ଶ୍ରମ ଆଇନକୁ ସୀମିତ କରି ଦିଆଯାଇଛି। ଗତ ଜୁଲାଇ ୨୩ରେ ସରକାର ଲୋକ ସଭାରେ ଏଭଳି ଆଇନ ଆଗତ କରିଛନ୍ତି। ଏହା ଦ୍ୱାରା ସର୍ବନିମ୍ନ ମଜୁରି ଆଇନ ୧୯୪୮, ପେମେଣ୍ଟ ଅଫ ୱେଜେସ ଆକ୍ଟ ୧୯୩୬, ପେମେଣ୍ଟ ଅଫ ବୋନସ ଆକ୍ଟ ୧୯୬୫, ଇକ୍ୟୁଆଲ ରେମୁନେରେସନ ଆକ୍ଟ ୧୯୭୬ ଆଦି ଉଚ୍ଛେଦ ହୋଇଯିବ। ସେହିଭଳି କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା, ସ୍ୱାସ୍ଥ୍ୟ, ଚାକିରି ସର୍ତ୍ତାବଳି ଆଦି ବହୁଳ ପ୍ରଭାବିତ ହେବ। ୧୩ଟି ଗୁରିତ୍ୱପୂର୍ଣ୍ଣ ଶ୍ରମ ଆଇନକୁ ଉଚ୍ଛେଦ କରି ଦିଆଯିବ। ଫ୍ୟାକ୍ଟ୍ରି ଆକ୍ଟ ୧୯୪୮, ମାଇନ୍ସ ଆକ୍ଟ ୧୯୫୨, ବିଲ୍ଡିଂ ଏଣ୍ଡ ଅଦର କନଷ୍ଟ୍ରକସନ ଆକ୍ଟ ୧୯୯୬, ପ୍ଲାଣ୍ଟେସନ ଲେବର ଆକ୍ଟ ୧୯୫୧, କଣ୍ଟ୍ରାକ୍ଟ ଲେବର ରେଗୁଲେଶନ ଏଣ୍ଡ ଆବୋଲିଶନ ଆକ୍ଟ ୧୯୭୦, ଇଣ୍ଟର ଷ୍ଟେଟ ମାଇଗ୍ରାଣ୍ଟ ୱାର୍କମେନ ଆକ୍ଟ ୧୯୭୯, ୱାର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟ ୧୯୫୫ ଓ ୧୯୫୮, ବିଡି ଏବଂ ସୁଗାର ୱାର୍କସ ଆକ୍ଟ ୧୯୬୬, ସିନେ ଥିଏଟର୍ସ ଆକ୍ଟ ୧୯୮୧ ଆଦିର ମୂଳୋତ୍ପାଟନ କରାଯିବ। ଏନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନେ ସରକାରଙ୍କୁ ଯେତେ ଯାହା ଆପତ୍ତି କଲେ ମଧ ଏହା ଫଳବତି ହୋଇ ପାରିନି। ଉପରୋକ୍ତ ଆଇନ ଦ୍ୱାରା ଉପକୃତ ଶ୍ରମିକ ଶ୍ରେଣୀ ସବୁଦିନ ପାଇଁ ନିଜ ଅଧିକାର ହରାଇବେ। ସରକାର ନିଜ ହୀନ ଉଦ୍ଦେଶ୍ୟ ସାଧନ ପାଇଁ ଦେଶର ନିରିହ ଶ୍ରମିକଙ୍କୁ ବଳି ଦେବାକୁ ବସିଛନ୍ତି ବୋଲି ସିଆଇଟିୟୁ ଅଭିଯୋଗ କରିଛି। ଶ୍ରମିକଙ୍କ ମଜୁରୀ କୋଡରେ ଏପରି ଅବ୍ୟବସ୍ଥା କରାଯାଇଛି ଯେ ଦେଶର ଶ୍ରମିକଙ୍କ ଆଖିରୁ ସବୁ ଦିନ ପାଇଁ ଲୁହ ଝରିବ । ଏହା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ବିଧି ବ୍ୟବସ୍ଥା। ଏଥିରେ ଭାରତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତିକୁ ସଂପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରାଯାଇଛି। ସରକାର ସର୍ବନିମ୍ନ କେନ୍ଦ୍ରୀୟ ମଜୁରି ଧାର୍ଯ୍ୟ ନେଇ ଯେଉଁ କମିଟି ଗଠନ କରିଛନ୍ତି ସେଥିରେ ଜଣେ ହେଲେ ଟ୍ରେଡ ୟୁନିୟନ ପ୍ରତିନିଧି ନାହାନ୍ତି। ଏମିତି ଭାବେ ଶ୍ରମିକଙ୍କ ସର୍ବନିମ୍ନ ମଜୁରୁ ଧାର୍ଯ୍ୟ କରା ଯାଉଛି। ଶ୍ରମିକଙ୍କ ପାଇଁ ମାସିକ ଜାତୀୟ ସର୍ବନିମ୍ନ ମଜୁରି ୪୬୨୮ ଟଙ୍କା ଘୋଷଣା କରାଯିବା ଏହାର ସଦ୍ୟ ଉଦାହରଣ। ଏପରି ଅବସ୍ଥାରେ ୭ମ ବେତନ କମିଶନଙ୍କ ସୁପାରିଶ ଓ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଗୁରୁତର ଭାବେ ନିଆଗଲେ ଏହା ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସ୍ପଷ୍ଟ କରୁଛି। ଏଭଳି ଶ୍ରମିକ ମାରଣ ନୀତି ବରୋଧରେ ସିଆଇଟିୟୁ ପକ୍ଷରୁ ମଙ୍ଗଳବାର ବିର୍ଶା ଛକରେ ପ୍ରତିବାଦ କରାଯାଇଥିଲା।



କେନ୍ଦ୍ର ସରକାରଙ୍କ ବିରୋଧରେ ମଙ୍ଗଳବାର ବିର୍ଶା ଛକରେ ପ୍ରତିବାଦ କରାଯାଉଛି।

## କାରଖାନାରେ ଦୁର୍ଘଟଣା, ଶ୍ରମିକ ମୃତ

ଝାରସୁଗୁଡ଼ା ଅଫିସ/ ଲଖନପୁର, ୩୦।୭ (ଡି.ଏନ୍.ଏ.)

ଝାରସୁଗୁଡ଼ା ବେଦାନ୍ତ କାରଖାନାରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଦୁର୍ଘଟଣା ଘଟି ଜଣେ ଠିକାଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ସ୍ଥାନୀୟ ଅଞ୍ଚଳର ମୁମତାଜ ଖାଁ (୪୪)। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସାଥୀ ଶ୍ରମିକ ଓ ସ୍ଥାନୀୟ ଲୋକେ ପ୍ରକଳ୍ପ ଫାଟକ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି। ସୂଚନାଯୋଗ୍ୟ, ବେଦାନ୍ତରେ ସେମ୍‌ଫିକ୍ସ ନାମ ଏକ ଠିକାସଂସ୍ଥା ମେଣ୍ଟେନାନ୍ସ କାର୍ଯ୍ୟ କରୁଛି। ଏଥିରେ ମୁମତାଜ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପ୍ରକଳ୍ପ ଭିତରେ ଏକ ଟ୍ରେନ୍ ମଝିରେ ପଶି ୨ ବଗିକୁ ଯୋଡୁଥିବାବେଳେ ମୁମତାଜ ଚାପିହୋଇ ଯାଇଥିଲେ। ଅପରପକ୍ଷରେ ଏହି ଦୁର୍ଘଟଣାକୁ କାରଖାନା ପକ୍ଷରୁ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। କେଉଁ କାରଣରୁ ଏଭଳି ଘଟଣା ଘଟି ଜଣେ ଶ୍ରମିକଙ୍କ ମୂଲ୍ୟବାନ ଜୀବନ ଗଲା, ସେ ନେଇ ତଦନ୍ତ ଚାଲିଛି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ବେଦାନ୍ତର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

## ଏକତ୍ର ପକ୍ଷରୁ ମାସିକ ନାଟ୍ୟ ଆସର



ସେକ୍ଟର-୨୦ କଳିଙ୍ଗ କଳା ପରିଷଦରେ ନାଟ୍ୟାନୁଷ୍ଠାନ ଏକତ୍ର ପକ୍ଷରୁ ମାସିକ ନାଟ୍ୟ ଆସରରେ କର୍ମକର୍ତ୍ତା।

ରାଉରକେଲା ଅଫିସ,୩୦।୭

ସେକ୍ଟର-୨୦ କଳିଙ୍ଗ କଳା ପରିଷଦରେ ନାଟ୍ୟାନୁଷ୍ଠାନ ଏକତ୍ର ପକ୍ଷରୁ ମାସିକ ନାଟ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏକତ୍ର ସହ ଯୋଡି ହୋଇ ରହିଥିବା ୨୨ଟି ଅନୁଷ୍ଠାନ କର୍ମକର୍ତ୍ତା ଏଥିରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାର ନିଜ ଜୀବନର ପ୍ରଥମ ନାଟ୍ୟ ପରିବେଷଣ ଉପରେ ଅନୁଭୂତି ପ୍ରକାଶ କରିଥିଲେ। ଓଡିଶା ନାଟ୍ୟ ସଂଘ ପକ୍ଷରୁ ଅଗଷ୍ଟ ୨୫ରେ ଅନୁଷ୍ଠିତ ହେବାକୁ ଥିବା ବୈଠକ ସମ୍ପର୍କରେ ଚର୍ଚ୍ଚା କରାଯାଇ ଥିଲା।

## ଅଞ୍ଚଳର ସମସ୍ୟାକୁ ନେଇ ଗୁରୁତ୍ୱାରୋପ

ଲଖନପୁର,୩୦।୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜା ଚାଣ୍ଟିପାଲିଠାରେ ବ୍ଲକ ଯୁବ ସଂଗଠନ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକକୁ ଡା. ଗିରିଶ ରାଉତ ସଞ୍ଚାଳନା କରିଥିଲେ। ସୁକୁମାର ପୁରୋହିତ ସୂଚନା ପ୍ରଦାନ କରିଥିଲେ। ଏଥିରେ ବ୍ଲକର କଣ୍ଡେଇକେଲା, ରେମତା, ଚାରପାଲି, ପିଥିଣ୍ଡା, କନକତୋରା, ବାଦିମାଲ, ଭିକମପାଲି, ଅତାବିରା, ମଚିଦା, ପଞ୍ଚଗାଁ, ପଲସଦା ଆଦି ପଞ୍ଚାୟତର ଶତାଧିକ ଯୁବକ ଉପସ୍ଥିତ ଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଗମାନାଗମନ, ଦୁର୍ଘଟଣା ଆଦି ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ୪୯ନଂ ଜାତୀୟ ରାଜପଥରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ଜାତୀୟ ରାଜପଥ ଏକପ୍ରକାର ମରଣଯନ୍ତା ପାଲଟିଛି। ଏହାର ସମାଧାନ ଦିଗରେ ଯୁବ ସଂଗଠନ ରାସ୍ତାରେ ଟ୍ରାଫିକ୍ ସଚେତନତା ସୃଷ୍ଟି କରିବା ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିଛି। ଆଗାମୀ ଦିନରେ ଏହାକୁ କିପରି ରୋକାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିନୋଦ ବିଶ୍ୱାଳ, କୁନ୍ଦନ ସିଂଦେଓ, ଯଦୁମଣି ଭଇଁଷାଲ, ମହେନ୍ଦ୍ର ସାଏ, ମୋତିଲାଲ ଦାସ, ମୋହନ ସାହୁ, ବାସୁଦେବ ପ୍ରଧାନ, ନବୀନ ବିଶ୍ୱାଳ, ଚକାନନ୍ଦ ସା, ଦ୍ୱିତୀୟ ଭୋଇ ପ୍ରମୁଖ ଯୋଗଦେଇଥିଲେ।

# ମହାନଗର ନିଗମ ନିର୍ବାଚନ କରାଯାଉ

ରାଉରକେଲା,୩୦।୭

ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ନିର୍ବାଚନ ଗତ ୬ବର୍ଷ ଧରି ଘୋଷଣା କରାଯାଉନି। ଏହା ଦ୍ୱାରା ସହରବାସୀ ମୌଳିକ ସେବା ସୁବିଧା ପାଇପାରୁ ନାହାନ୍ତି । କଂଗ୍ରେସ ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ମଙ୍ଗଳବାର ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ, ବୀରେନ ସେନାପତି, ଓ ଜିଲା ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆରଏମ୍‌ସି କମିଶନର ୟେଦୁଲ୍ଲା ବିଜୟଙ୍କୁ ସାକ୍ଷାତ କରି ଏଥିପାଇଁ ଏକ ଦାବିପତ୍ର ପ୍ରଦାନ କରି ଆଲୋଚନ କରିଥିଲେ।

ନିର୍ବାଚିତ ପ୍ରତିନିଧି ନ ଥିବାରୁ ବାସ୍ତବ ସମସ୍ୟା ଆରଏମସି ନିକଟରେ ପହଞ୍ଚି ପାରୁନାହିଁ କିମ୍ବା ସମାଧାନ ହୋଇ ପାରୁନି। ହେଲେ ନିର୍ବାଚନ ପାଇଁ ତାରିଖ ଘୋଷଣା କରା ନ ଯାଇ ନାଗରିକ କମିଟି ଚୟନ କରିବାକୁ ନଷ୍ପତ୍ତି ନିଆଯାଇଛି। ଯେଉଁ ୪୦ଟି ୱାର୍ଡରେ ନାଗରିକ କମିଟି ଗଠନ ପାଇଁ ଘୋଷଣା କରାଯାଇଛି ତାହା ତ୍ରୁଟିପୂର୍ଣ୍ଣ। ରାଉରକେଲାକୁ ଆରଏମସି ଘୋଷଣା ପୂର୍ବରୁ ମ୍ୟୁନିସିପାଲିଟି ଅଧୀନରେ ୩୩ଟି ୱାର୍ଡ ରହିଥିଲା। ପରେ ଦକ୍ଷିଣ ରାଉରକେଲାର ନବକୃଷ୍ଣନଗର, ଜଗଦା ଓ ଝାରତରଙ୍ଗ ପଞ୍ଚାୟତକୁ ମିଶାଇ ୪୦ଟି ୱାର୍ଡ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତି ବରୋଧରେ ଜଗଦା ଓ ଝାରତରଙ୍ଗ ପଞ୍ଚାୟତବାସୀ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ନ୍ୟାୟାଳୟ ରହିତାଦେଶ ଜାରି କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ଏଣୁ ମହାନଗର ନିଗମ ୪୦ଟି ୱାର୍ଡ କେଉଁଠୁ ଆଣିଲା ବୋଲି କଂଗ୍ରେସ ନେତା କମିଶନରଙ୍କୁ ପ୍ରଶ୍ନ ଉଠାଇଥିଲେ। ଏଣୁ ହାଇକୋର୍ଟ ଯାଇଥିବା ଅଞ୍ଚଳବାସୀଙ୍କୁ ନେଇ କେମିତି ନାଗରିକ କମିଟି ଗଠନ ଘୋଷଣା କରାଗଲା ତାହା ତଦନ୍ତ ସାପେକ୍ଷ। ଆରଏମସି ଯେଉଁ ୪୦ଟି ୱାର୍ଡ ଗଠନ କଥା କହୁଛି ତାହାର ତଥ୍ୟ ପ୍ରକାଶ କରାଯିବା ଆବଶ୍ୟକ। ପ୍ରତ୍ୟକ ୱାର୍ଡର ସୀମା ଓ ଏହା ମଧରେ ଅନ୍ତର୍ଭୁକ୍ତ ଅଞ୍ଚଳ, କେଉଁ ବର୍ଗଙ୍କ ପାଇଁ ଏହା ସଂରକ୍ଷିତ ସେ ନେଇ ଆଜି ପର୍ଯ୍ୟନ୍ତ ସୂଚନା ଦିଆଯାଉ ନାହିଁ ବୋଲି ଅଭିଯୋଗ କରାଯାଇଥିଲା। ତେବେ ୱାର୍ଡ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ କରିଥିଲେ ପ୍ରତିନିଧି ଦଳ। ପ୍ରଥମେ ୱାର୍ଡ ଗଠନ ଓ ଏହାର ସୀମା ନେଇ ରହିଥିବା ଦ୍ୱନ୍ଦ ଦୂର ହେବା ଆବଶ୍ୟକ। ଉନ୍ନୟନ ଉଦ୍ଦେଶ୍ୟରେ ପ୍ରତି ୱାର୍ଡରେ ଯେଉଁ ନାଗରିକ କମିଟି ଗଠନ କରାଯିବ ସେଥିରେ ସ୍ୱଚ୍ଛତା ଓ ନିରପପେକ୍ଷତା ରହିବା ଆବଶ୍ୟକ ବୋଲି କଂଗ୍ରେସ ନେତୃମଣ୍ଡଳୀ କମିଶନରଙ୍କୁ କହିଥିଲେ। ସହରର ସର୍ବାଙ୍ଗୀନ ବିକାଶ ପାଇଁ ତୁରନ୍ତ ସରକାର ନିର୍ବାଚନ ପାଇଁ ଘୋଷଣା କରନ୍ତୁ। ଅନ୍ୟଥା ଦଳ ଜନସ୍ୱାର୍ଥକୁ ନେଇ ଆନ୍ଦୋଳନ ଡାକରା ଦେବାକୁ ବାଧ ହେବ ବୋଲି କୁହାଯାଇଥିଲା। ଏହି ପ୍ରତିନିଧି ଦଳରେ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ରାମାନନ୍ଦ ଶ୍ରୀଚନ୍ଦନ, କୈଳାସ ସାହୁ, ପ୍ରଭାତୀ ମିଶ୍ର, ପ୍ରଦୀପ ମହାପାତ୍ର, ନିହାର ଦାସ, ଶିବୁ ଦୀପ, ସୁମିତ କଂସାରୀ, ପ୍ରସନ୍ନ ବଳିଆରସିଂ, ବିଶ୍ୱରଞ୍ଜନ ରାଉତ, ସୂର୍ଯ୍ୟକାନ୍ତ ବାରିକ, ବିନୋଦ ରାଉତ, ଉମେଶ ଶରଣ, ଗୀତା ସାହୁ ଓ ବସନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ମହାନଗର ନିଗମ କମିଶନରଙ୍କ ସହ କଂଗ୍ରେସ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ୩ ଦିନ ପରେ ମୃତଦେହ ଖୋଳି ବ୍ୟବଚ୍ଛେଦ

ଝାରସୁଗୁଡ଼ା ଅଫିସ/ ଲଖନପୁର, ୩୦।୭(ଡି.ଏନ୍.ଏ.)

■ଚିକିତ୍ସା ଅବହେଳାରୁ ଶିଶୁମୃତ୍ୟୁ ଅଭିଯୋଗ ଘଟଣା

■ଘାସି ସମାଜ ପକ୍ଷରୁ ଆନ୍ଦୋଳନ ୪ର୍ଥ ଦିନରେ

■ସହରରେ ସଫେଇ କାର୍ଯ୍ୟ ଠପ

■ଘାସି ସମାଜ ଅଭିଯୋଗ କ୍ରମେ ମାମଲା ରୁଜୁ

ଝାରସୁଗୁଡ଼ା ମାଳିମୁଣ୍ଡାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ୯ମାସର ଶିଶୁପୁତ୍ରର ମୃତ୍ୟୁ ହୋଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ଶିଶୁର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ପରିବାର ଲୋକେ ସ୍ଥାନୀୟ ଘାସି ସମାଜ ସଦସ୍ୟଙ୍କ ସହ ମଙ୍ଗଳବଜାରସ୍ଥିତ ପୁରୁଣା ଜିଲା ଚିକିତ୍ସାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଥିଲେ। ଏହି ଆନ୍ଦୋଳନ ମଙ୍ଗଳବାର ୪ର୍ଥ ଦିନରେ ପହଞ୍ଚିଛି। ଘାସି ସମାଜ ଲୋକେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ଆନ୍ଦୋଳନରେ ସାମିଲ ହୋଇଥିବାରୁ ରେଲୱେ ଷ୍ଟେଶନ, ପୌରାଞ୍ଚଳ, ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଆଦି ସ୍ଥାନରେ ସଫେଇ କାର୍ଯ୍ୟ ଠପ୍ ହୋଇଯାଇଛି। ଫଳରେ ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଆବର୍ଜନା ଗଦାହୋଇ ରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହା ଜିଲା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଛି। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମଙ୍ଗଳବଜାରସ୍ଥିତ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଘାସି ସମାଜ ଦାବି କରିଛି। ଅନ୍ୟପଟେ ଘାସି ସମାଜ ସଭାପତି ଉମେଶ ବେହେରା ସୋମବାର ଏ ନେଇ ଝାରସୁଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୪୮୧/୧୯) ରୁଜୁକରି ତଦନ୍ତ ଚଳାଇଛି। ପୋତି ଦିଆଯାଇଥିବା ଶିଶୁର ମୃତଦେହ ମଙ୍ଗଳବାର ମାଟିରୁ ଖୋଳି ପୋଲିସ ବ୍ୟବଚ୍ଛେଦ କରିଛି। ତଦନ୍ତ ଜାରି ରହିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ସାବିତ୍ରୀ ବଳ କହିଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ରେଲୱେ କଲୋନୀରେ ରହୁଥିବା ଶନି ଷଣ୍ଢଙ୍କ ୯ମାସର ପୁଅ ସାହିଲ ଗତ ୨୦ ତାରିଖରେ ଗରମ ଡାଲିରେ ପଡ଼ି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ମଙ୍ଗଳବଜାରସ୍ଥିତ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶନିବାର ସେଠାରେ ସାହିଲଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପାଇଁ ପରିବାର ଲୋକେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରିଛନ୍ତି।



ଘାସି ସମାଜ ପକ୍ଷରୁ ପୁରୁଣା ଜିଲା ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ଶିଶୁ ସେବାଶ୍ରମରେ ସାମୂହିକ ଜନ୍ମଦିନ

ରାଉରକେଲା ଅଫିସ,୩୦। ୭
ବାସନ୍ତୀ କଲୋନୀ ଶିଶୁ ସେବା ଆଶ୍ରମରେ ଅନ୍ୱେଷା ପକ୍ଷରୁ ୪୩ତମ ସାମୁହିକ ଜନ୍ମ ଦିବସ ପାଳନ ଯାଇଛି। ଜୁଲାଇରେ ଜନ୍ମିତ ଶିଶୁଙ୍କ ସାମୁହିକ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ରାଜେନ୍ଦ୍ର ପଣ୍ଡା ଅଧକ୍ଷତା କରିଥିଲେ। ସଭାନେତ୍ରୀ କଳ୍ପନା ଶତପଥୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପି.କେ. ସିଂ, ସୁକାନ୍ତ ଖୁଣ୍ଟିଆ, ବିଶ୍ୱରଞ୍ଜନ ସ୍ୱାଇଁ ଓ କୁଞ୍ଜବିହାରୀ ରାଉତ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଶେଖର ଶତପଥୀ, ମୋହନ ପଟ୍ଟନାୟକ, ପ୍ରଶାନ୍ତ ପାତ୍ର, ତରୁଲତା ସାମଲ, ସଚ୍ଚିନ ମହାନ୍ତି, ଅର୍ଚ୍ଚନା ଦେବତା, ଅମିତ ଚୌଧୁରୀ ଓ ଭବେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୬୫ ଲକ୍ଷ ଟଙ୍କା ଠକି ଦମ୍ପତି ଫେରାର

ଲଇକେରା, ୩୦।୭(ଡି.ଏନ.ଏ.)
ଝାରସୁଗୁଡ଼ା ଜିଲା ଲଇକେରା ଥାନା ନିକ୍ତିମାଲ ହରିଜନପଡ଼ାର ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ୍ ମହିଳାଙ୍କଠାରୁ ଅଧିକ ସୁଧ ପରିଶୋଧ ବାହାନାରେ ୬୫ଲକ୍ଷ ଟଙ୍କା ଠକିନେଇ ଏକ ଦମ୍ପତି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ମହିଳାମାନେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଶ୍ୱପତି ପଣ୍ଡା କହିଛନ୍ତି।ଅଭିଯୋଗ ଅନୁଯାୟୀ, ନିକ୍ତିମାଲ ହରିଜନପଡ଼ା ମହିଳାମାନଙ୍କୁ ସେହି ଗାଁର ଭାନୁମତି ଭୀମ ଏବଂ ତାଙ୍କ ସ୍ୱାମୀ କୁଚିଣ୍ଡା ନିକଟ ସଇଡ଼ା ଗ୍ରାମର ଉଦୟ କସ୍ତୁରା ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ଏମାନେ ବଡ଼ ବ୍ୟବସାୟ କରିବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ଅଧିକ ଟଙ୍କା ଆବଶ୍ୟକ କହି ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଋଣ ମାଗିଥିଲେ। ଅଧିକ ସୁଧ ଦେବାକୁ ଭାନୁମତି ଏବଂ ଉଦୟ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହିପରି ଏକାଧିକ ଏସ୍‌ଏଚ୍‌ଜିରୁ ଏହି ଦମ୍ପତି ପ୍ରାୟ ୬୫ ଲକ୍ଷ ଟଙ୍କା ଉଠାଇଥିଲେ ମଧ ତାହାକୁ ପରିଶୋଧ କରି ନ ଥିଲେ। ଫଳରେ ମହିଳାମାନେ ନିଜ ଘରର ଆସବାବପତ୍ର ବନ୍ଧକ ରଖି ଋଣ ଆଣିଥିବା ସଂସ୍ଥାକୁ ପରିଶୋଧ କରିଥିଲେ। ଭାନୁମତି ଏବଂ ଉଦୟଙ୍କ ସଇଡ଼ାସ୍ଥିତ ଘରେ ଏବେ ତାଲା ଝୁଲୁଛି । ଏନେଇ ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଦିବ୍ୟାଙ୍ଗ ଝିଅ'ର ଚିକିତ୍ସାରେ ଟଙ୍କା ବାଧକ୍

**ଭବାନୀପାଟଣା,୩୦।୭(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ଗାଁର ଚଞ୍ଚରାପଡ଼ାର ପୂର୍ଣ୍ଣଚନ୍ଦ୍ର ମାଝିଙ୍କର ସାନ ଝିଅ' ରୁଚିସ୍ମିତା(୮)। ଜନ୍ମୁ ତାକର ମଲଦୁଆର ନାଁଇଁନ, ମା'ବାପ୍ ଧାର ଉଧାର କରି ଭିନେ ଭିନେ ଡାକ୍ତରଖାନା ନେଇ ଚିକିତ୍ସା କରାଲେ। ଶେଷେ ଛୁଆର ଡେବ୍‌ରିଫାଲେ ଅପରେଶନ କରି ଝାଡ଼ା ଯିବାର ବେବସ୍ତା କରାଗଲା। ହେଲେ ବଏସ୍ ବଢ଼ବାର ସଂଗେ ଏହେଦେ ଝିଅ' ଝାଡ଼ା ଗଲାବେଲେ ବହୁତ୍ ଦୁଖ୍ ଭୁଗୁଛେ, ଅନେକ ସମିଆରେ ରକତ୍ ବାହାରି ପଡୁଛେ ବଲି ତାକର ମା' ପୁଷ୍ପା କହିଛନ୍। ଏନ୍‌ତାଥି ଗରିବ୍ ମା'ବାପ୍ ଝିଅ'ର ଚିକିତ୍ସା ଚିନ୍‌ତାରେ ହରମେଶା ଘାରି ହେଉଛନ୍। ଇଆଡ଼େ ବାପ୍ ପୂର୍ଣ୍ଣଚନ୍ଦ୍ର ବ୍ଲକନୁ ଜିଲା ପରଶାସନ ତକ୍ ଝିଅ'ର ଚିକିତ୍ସା ସାହାଯ୍ ଲାଗି ଗୁହାରି କରି ନିରାଶ ହେଇଛନ୍। ଶେଷେ ସେ ଉପେ ଶୁଇନ୍ ହେଇ ବାହାର ରାଏଜ୍‌କେ ଦାଦନ୍ ଖଟି ଯାଇଛନ୍। ସେନ୍‌ତା ଝିଅ' ଦିବ୍ୟାଙ୍ଗ ହେଇଥିଲେ ବି ଭିକ୍ଷମ ଭତାରୁ ବଁଚିତ୍ ହେଇଥିବାର ପରିବାର ଲୋକ୍ ଅଭିଯୋଗ କରିଛନ୍।

■ ଛତିଶଗଡ଼ କାରଖାନାକୁ କାମ କରିବାକୁ ଯାଇ ଶ୍ରମିକ ନିଖୋଜ

# ପ୍ରଶାସନର ଦ୍ୱାରସ୍ଥ ହେଲେ ପରିବାର

**ସୁନ୍ଦରଗଡ଼, ୩୦।୭ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ଓଡ଼ିଶା ସୀମାବର୍ତ୍ତୀ ବେହେରାମୁଣ୍ଡା ରାମପୁରା ଗ୍ରାମର ମନୋରଞ୍ଜନ ପ୍ରଧାନ (୩୦) ପଡୋଶୀ ଛତିଶଗଡର ଜାମଗାଁ ଠାରେ ଥିବା ଏକ ଷ୍ଟିଲ କାରଖାନାରେ ଗତ ୫ବର୍ଷ ହେବ ଠିକା ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିଲେ। ମାତ୍ର ଗତ୨୧ ତାରିଖରୁ ମନୋରଞ୍ଜନ ସବୁଦିନ ପରି ଘରଠାରୁ ମାତ୍ର ଅଢେଇ କିଲୋମିଟର ଦୂରରେ ଥିବା ଏହି କାରଖାନାକୁ କାମ କରିବା ପାଇଁ ଟିଫନ ଧରି ସାଇକେଲ ଯୋଗେ ଯାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ମନୋରଞ୍ଜନ ଘରକୁ ଫେରି ନ ଥିବା ଓ ତାଙ୍କର କୌଣସି ଖୋଜଖବର ମିଳୁ ନ ଥିବା ନେଇ ତାଙ୍କ ସ୍ତ୍ରୀ କଳ୍ପନା ମଙ୍ଗଳବାର ସୁନ୍ଦରଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ସ୍ୱାମୀଙ୍କ ସନ୍ଧାନ ପାଇଁ ଗୁହାରି କରିଛନ୍ତି। କାରଖାନାକୁ କାମ କରିବାକୁ ଯାଇ ତାଙ୍କ ସ୍ୱାମୀ ଗତ ୩ଦିନ ଧରି ଘରକୁ ନ ଫେରିବା ପରେ କଳ୍ପନା ଗ୍ରାମବାସୀଙ୍କ ସହ ଗତ ୨୪ ତାରିଖରେ ଜାମଗାଁସ୍ଥିତ ଏମଏସ୍‌ପି କାରଖାନାକୁ ଯାଇ ଦେଖିବା ପରେ ତାଙ୍କର ସାଇକେଲ ଓ ଟିଫିନ ଡବା ଯଥାସ୍ଥାନରେ ରହିଥିବାବେଳେ ତାଙ୍କର କୌଣସି ପତ୍ତା ମିଳୁନାହିଁ। କାରଖାନା ଅଧିକାରୀଙ୍କୁ କହି ସିସିଟିଭି କ୍ୟାମେରାରେ ରେକର୍ଡ ଦେଖିବାରେ ତାଙ୍କ ସ୍ୱାମୀ ମନୋରଞ୍ଜନ ଫାକ୍ଟ୍ରି ଭିତରକୁ ପ୍ରବେଶ କରିବାର ଫୁଟେଜ୍ ଥିବା ବେଳେ ଫେରିବାର କୌଣସି ରେକର୍ଡ ନାହିଁ। ଏନେଇ ଗତ ୨୫ ତାରିଖରେ ସ୍ତ୍ରୀ କଳ୍ପନା ସ୍ଥାନୀୟ ଚକ୍ରଧରନଗର (ଛତିଶଗଡ) ଥାନାରେ ଏ ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ମନୋରଞ୍ଜନଙ୍କ ନିଖୋଜ ତଦନ୍ତର ଅଗ୍ରଗତି ନେଇ ପୋଲିସ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା କଳ୍ପନା ଅଭିଯୋଗ କରିଛନ୍ତି। ଓଲଟା କମ୍ପାନୀ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଚୁପ୍ ରହିବା ପାଇଁ ଚାପ ପ୍ରୟୋଗ କରାଯାଉଛି ବୋଲି ସେ ଏହି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଏହି କାରଖାନାରେ ଥିବା ଠିକାଦାର ଜୀତେନ୍ ଗୁପ୍ତା ଓ ସୁପରଭାଇଜର ଶିବ ଗୁପ୍ତା ଓ ଭକ୍ତ ପ୍ରଧାନଙ୍କ ଅଧୀନରେ ମନୋରଞ୍ଜନ ଠିକା ଶ୍ରମିକ ଭାବେ କାମ କରୁଥିଲେ। ଏ ଦିଗରେ ସୁନ୍ଦରଗଡ ଜିଲା ପ୍ରଶାସନ ହସ୍ତକ୍ଷେପ କରି ତାଙ୍କ ସ୍ୱାମୀଙ୍କୁ ଠାବ କରି ଫେରାଇ ଆଣିବାକୁ କଳ୍ପନା ନିବେଦନ କରିଛନ୍ତି। ସ୍ୱାମୀଙ୍କର ପତ୍ତା ନ ମିଳିଲେ କଳ୍ପନା ସେହି କାରଖାନା ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ମନୋରଞ୍ଜନ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ବର୍ତ୍ତମାନ ସ୍ତ୍ରୀ ଓ ଦୁଇ ସନ୍ତାନ ସହ ୨ଟି ଅବିବାହିତା ଭଉଣୀ ମଧ୍ୟ ଅଛନ୍ତି।



ପ୍ରଶାସନ ନିକଟକୁ ଗୁହାରି କରିବାକୁ ଆସିଛନ୍ତି ମନୋରଞ୍ଜନ ପ୍ରଧାନଙ୍କ ସ୍ତ୍ରୀ।

## ଆର୍‌ଟିଓ ଅଫିସରୁ ୧୪ ମଧ୍ୟସ୍ଥି ବନ୍ଧା ହେଲେ

**ରାଉରକେଲା,୩୦।୭**

ଉଦିତନଗରଠାରେ ଥିବା ଜିଲା ପରିବହନ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ଆସ୍ଥାନ ଜମାଇଥିବା ମଧ୍ୟସ୍ଥଙ୍କ ମଧ୍ୟରୁ ମଙ୍ଗଳବାର ୧୪ଜଣଙ୍କୁ ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଗିରଫ କରାଯାଇଛି। ଏମାନେ ହେଲେ ପ୍ରଦୀପ ବାରିକ, ରାମମୋହନ ନାୟକ, ଏସ ସରକାର, ଦେବାଶିଷ ନନ୍ଦ, ଲକ୍ଷ୍ମୀଧର ସାହୁ, ବିଶ୍ୱଜିତ ଦାସ, ତ୍ରିଲୋଚନ ପାଢ଼ି, ଖଗେଶ୍ୱର ସାହୁ, ସୁଦୀପ୍ତ ସାହୁ, ରାଘବ ଦାସ, ସନ୍ତୋଷ ଗୁପ୍ତା. ଗୋବିନ୍ଦ ବିଶ୍ୱାଳ, ପ୍ରଶାନ୍ତ ମହାନ୍ତି ଓ ଶେଖ ଅନୱାର। ଅନ୍ୟ ଫେରାର ମଧ୍ୟସ୍ଥଙ୍କ ଉପରେ ମଧ ପୋଲିସ ନଜର ରହିଥିବା କୁହାଯାଇଛି। ସୂଚନାନୁସାରେ ଗତ କିଛି ବର୍ଷ ହେବ ରାଉରକେଲା ପରିବନ କାର୍ଯ୍ୟାଳୟ ସମ୍ମୁଖ ଓ ପଛରେ ଦୋକାନ ଖୋଲି ଗ୍ରାହକଙ୍କୁ ଲୁଟୁଥିବା କିଛି ମଧ୍ୟସ୍ଥଙ୍କ ବିରୋଧରେ ଅଭିଯୋଗ ହୋଇ ଆସୁଥିଲା। ଏମାନେ ଗାଡି ରେଜିଷ୍ଟ୍ରେସନ, ଡ୍ରାଇଭିଂ ଲାଇସେନ୍ସ, ନବୀକରଣ ଆଦି ନାଁରେ ସରକାରୀ ଧାର୍ଯ୍ୟ ଫି ଠାରୁ ଦୁଇ ତିନି ଗୁଣା ଅଧିକ ଆଦାୟ କରୁଥିଲେ। ପ୍ରତିଶ୍ରୁତି ଅନୁସାରେ ଗ୍ରାହକଙ୍କ କାମ କରୁ ନ ଥିଲେ। ଏ ନେଇ ଅନେକ ସମୟରେ ଲୋକଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଥିଲା। ବେଳେ ବେଳେ ଏହି ମଧ୍ୟସ୍ଥ ଓ ଗାଡି ମାଲିକଙ୍କ ମଧ୍ୟରେ ହାତାହାତି ଯାଏ କଥା ଯାଉଥିଲା। ପରିବହନ କାର୍ଯ୍ୟାଳୟରୁ ବିନା ବାଧାରେ ଏମାନେ ଆବଶ୍ୟକୀୟ କାଗଜ ପତ୍ର ଆଣିବା ସହ ଷ୍ଟାମ୍ପ ବ୍ୟବହାର କରି ପାରୁଥିଲେ। କେହି ଆପତ୍ତି ଅଭିଯୋଗ କଲେ ଖାତିର କରୁ ନ ଥିଲେ। ମଧ୍ୟସ୍ଥଙ୍କ ବିନା ବିଭାଗୀୟ କାର୍ଯ୍ୟାଳୟରେ ସହଜରେ କାମ ହେଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ବିଭାଗ ପକ୍ଷରୁ ବାରମ୍ବାର ଲୋକ ଦେଖାଣିଆ ତାଗିଦ କରାଯିବା ସହ ପୋଷ୍ଟର ବ୍ୟାନର ଲଗାଇ ଗ୍ରାହକଙ୍କୁ ସଚେତନ କରାଯାଉ ଥିଲା। ତଥାପି କାର୍ଯ୍ୟାଳୟରେ ମଧ୍ୟସ୍ଥି ରାଜ ଲାଗି ରହିଥିଲା। ଗତ କିଛି ଦିନ ପୂର୍ବେ ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କ ନିକଟରେ ଏନେଇ ନିର୍ଦ୍ଦିଷ୍ଟ ଅଭିଯୋଗ କରାଯାଇ ଥିଲା। ତା ପରଠୁ ସମ୍ପୃକ୍ତ ମଧ୍ୟସ୍ଥଙ୍କୁ କିପରି ଗିରଫ କରାଯିବ ସେନେଇ ପୋଲିସ ଜାଲ ବିଛାଇ ଥିଲା। ମଙ୍ଗଳବାର ମଧ୍ୟାହ୍ନରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଉଦିତନଗର ପୋଲିସ ଆରଟିଓ କାର୍ଯ୍ୟାଳୟ ସମ୍ମୁଖରୁ ୧୪ ଜଣଙ୍କୁ ଗିରଫ କରିଥିଲା। ସୁରାକ ପାଇ ଘଟଣା ସ୍ଥଳରୁ ଅନ୍ୟ କେତେଜଣ ଖସି ଯାଇଥିଲେ। ଗିରଫ ମଧ୍ୟସ୍ଥଙ୍କୁ ପଚାରା ଉଚରା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଷଡଙ୍ଗୀ ପ୍ରକାଶ କରିଛନ୍ତି।

■ ଏଲ୍‌ଆଇ ଯନ୍ତ୍ରୀଙ୍କ ସହ ଭାଜପା କର୍ମକର୍ତ୍ତାଙ୍କ ଆଲୋଚନା

## ୨୩ ପଏଣ୍ଟ ଅଚଳ, କାର୍ଯ୍ୟକ୍ଷମ ଲାଗି ଦାବି

**ବଡଗାଁ, ୩୦।୭ (ଡି.ଏନ.ଏ)**

ବଡଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ଉଠାଜଳ ସେଚନ ପଏଣ୍ଟ (ଏଲଆଇ) ଗୁଡିକ କିପରି ଅବସ୍ଥାରେ ଅଛି ତାର ସ୍ଥିତି ଉପରେ ବଡଗାଁ ମଣ୍ଡଳ ଭାଜପା କର୍ମକର୍ତ୍ତାମନେ କୃଷକ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କଠାରୁ ପଚାରିବୁଝିଲା ପରେ ବଡଗାଁ ପୂର୍ତ୍ତ ଡାକ ବଙ୍ଗଳାଠାରେ ସୁନ୍ଦରଗଡ ଏଲଆଇ ଯନ୍ତ୍ରୀ ବିପ୍ର ସୋରେଙ୍ଗଙ୍କ ସହିତ ଆଲୋଚନା କରିଥିଲେ। ଭାଜପା କର୍ମକର୍ତ୍ତା ଦିଲୀପ ସେନାପତି, ପ୍ରଫୁଲ୍ଲ ବିଶି, ଅଖିଳ ବେହେରା, ଅକ୍ଷୟ ଦେଓ, ପ୍ରେମାନନ୍ଦ ନାଏକ ପ୍ରମୁଖ ଯନ୍ତ୍ରୀଙ୍କୁ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବାରୁ ଏଲଆଇ ପଏଣ୍ଟ ଗୁଡିକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇବା ଦିଗରେ ପଦକ୍ଷେପ ନେବାକୁ ଦାବିକରିଥିଲେ। ଅଚଳ ଅବସ୍ଥାରେ ଥିବା ପଏଣ୍ଟଗୁଡିକର ତାଲିକା ଦେଇଥିଲେ। ରାଏଡିହି, ଭୋଇପାଲି, ଜରଙ୍ଗଲୋଇ, ଛାମୁଣ୍ଡା, କସ୍ତୁନା, ଡୁଡାଲଗା, ଚାରପାଲି, ବାଇବାଇ, ଟିଁକିଲିପଡା, ବାଙ୍କିବାହାଲ, ପାଣ୍ଡେରପାଲି, ବେଲଡିହି, ବେହେରାମାଲ, ସେମେଲବାହାଲ ଆଦି ବହୁ ସଂଖ୍ୟାକ ଗ୍ରାମର ପଏଣ୍ଟଗୁଡିକ ବିଭିନ୍ନ କାରଣରୁ ଅଚଳ ଥିବା କହିଥିଲେ। ଯନ୍ତ୍ରୀ ସୋରେଙ୍ଗ ପଏଣ୍ଟଗୁଡିକର ସ୍ଥିତି ଉପରେ ଠିକ ତଥ୍ୟ ଦେଇପାରି ନ ଥିଲେ। ସେ ୪୩ଟି ପଏଣ୍ଟରୁ ୨୦ ପଏଣ୍ଟ ଚାଲିଥିବା ଓ ବାକି ୨୩ ବିଭିନ୍ନ କାରଣରୁ ଚାଲୁ ନ ଥିବା କହିଥିଲେ। କେତେକ ସ୍ଥାନରେ ମୋଟର ଖରାପ, ବିଦ୍ୟୁତ ବିଲ ଅଧିକ ହୋଇଥିବାରୁ ସଂଯୋଗ ବିଚ୍ଛିନ୍ନ, ମରାମତି ଅଭାବ ଆଦି କେତେକ କାରଣରୁ ଅଚଳ ହୋଇ ରହିଥିବା ପ୍ରକାଶ କରିଥିଲେ। ଆମ ସହିତ ଓ ୱେସ୍କୋ କର୍ମଚାରୀଙ୍କ ସହିତ ଯୋଗାଯୋଗ କରି କାମ ହାସଲ କରାଇବାକୁ ପରାମର୍ଶ ଦେଇଥିଲେ। ଭାଜପା କର୍ମକର୍ତ୍ତାମାନେ ତଲସରା ବିଧାୟକଙ୍କ ବିଧାନସଭାରେ ପ୍ରଶ୍ନର ଉତ୍ତରରେ ନିର୍ବାଚନ ମଣ୍ଡଳୀର ୩ଟି ପଏଣ୍ଟକୁ ଛାଡି ବାକି ସମସ୍ତ ପଏଣ୍ଟ ଚାଲୁଥିବା କହିବା ଉପରେ ଯନ୍ତ୍ରୀଙ୍କଠାରୁ ପ୍ରକୃତ ସ୍ଥିତି ଜାଣିବାକୁ ଚାହିଁବାରୁ ସେ ଏହା ଉପରେ କହିବା ଠିକ ହେବନାହିଁ। ଆପଣମାନେ ଜାଣନ୍ତି କହି ସିଧାସଳଖ ଉତ୍ତର ଦେଇନଥିଲେ। ପାଣି ପଞ୍ଚାୟତ ଗଠନ ପରେ ଯନ୍ତ୍ରାଂଶ କିଣିବା ଓ ମରାମତି, ବାବଦ ଅର୍ଥ ଆସୁନଥିବା ସୂଚନା ଦେଇଥିଲେ। ଅଧିକାଂଶ ପଏଣ୍ଟର ବିଦ୍ୟୁତ ଦେୟ ଚାଷୀ ଦେଇପାରୁ ନ ଥିବାରୁ ସରକାରଙ୍କୁ ଜଣାଇବାକୁ କହିଥିଲେ। ସମସ୍ତ ପଏଣ୍ଟ ଗୁଡିକୁ ଯାଇ ଦେଖିବେ ଓ କିପରି କାର୍ଯ୍ୟକ୍ଷମ ହେବ ସେ ଦିଗରେ ପଦକ୍ଷେପ ନେବେ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଯନ୍ତ୍ରୀ ସୋରେଙ୍ଗଙ୍କୁ ପଚାରିବାରେ କେହି ଆମକୁ ଜଣାଉ ନ ଥିଲେ। ଯେଭଳି ଆପଣମାନେ ଆଲୋଚନା କଲେ ସେପରି ଯୋଗାଯୋଗ ରଖି ଆମଠାରୁ କାମ ହାସଲ କରାଇଲେ ଚାଷୀ ଉପକୃତ ହେବେ କହିଥିଲେ।

## ହାତୀ ନଦୀରୁ ବିରଳ ମାଛ ଉଦ୍ଧାର

**ଭବାନୀପାଟଣା,୩୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର କରମେଲ ଗ୍ରାମକୁ ଲାଗି ପ୍ରବାହିତ ହାତୀ ନଦୀରେ ବର୍ଷା ପାଣି ବୋହୁଛି। ଏହି ସମୟରେ ଗୋକୁଳ ବେହେରା ନାମକ ଜଣେ ମାଛ ଧରାଳି ମାଛ ଧରୁଥିବା ବେଳେ ତାଙ୍କ ଜାଲରେ ଏକ ବିରଳ ପ୍ରଜାତିର ମାଛ ଧରାପଡିଥିଲା। ମାଛର ଅନୁମାନିକ ଓଜନ ୨୦ କି.ଲୋ. ହୋଇଥିବା ବେଳେ ପୂର୍ବରୁ ଏହି ପ୍ରଜାତିର ମାଛ ଦେଖି ନ ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଏହି ପ୍ରଜାତିର ମାଛକୁ ଦେଖିବାକୁ ଗାଁ ଲୋକଙ୍କ ଭିଡ ଜମିଥିଲା।






ବ୍ୟାଘ୍ର ଦିବସ ଅବସରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ ବନବିଭାଗର ଅଧିକାରୀ ଉପସ୍ଥିତ।

## ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ

**ସୁନ୍ଦରଗଡ଼, ୩୦।୭ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ବନଖଣ୍ଡ ଆନୁକୂଲ୍ୟରେ କନକତୁରା ଉଚ୍ଚ ବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ, ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ବନବିଭାଗର ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ନେଇ ବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସୁନ୍ଦରଗଡ ବନଖଣ୍ଡ ଡିଏଫ୍‌ଓ ଡ. ଅରୁଣ କୁମାର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନଟିପିସି ଡୁଲିଙ୍ଗା କୋଇଲା ଖଣି ପ୍ରକଳ୍ପର ଜିଏମ୍ ଏସ.କେ ରାୟ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବ୍ୟାଘ୍ର ସମ୍ପର୍କରେ ଧାରଣା ଦେଇଥିଲେ। ଡିଏଫ୍‌ଓ ଡ. ଅରୁଣ କୁମାର ମିଶ୍ର ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସର ତାତ୍ପର୍ଯ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଘ୍ରମାନଙ୍କର ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ଏହି ପ୍ରାଣୀ ମାନଙ୍କର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତେଜରାଜ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କିଶୋର ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ମାହେଶ୍ୱରୀ ଯୁକ୍ତ ୨ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ ଅବସରରେ ଜଣେ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

## ମାହେଶ୍ୱରୀ ଯୁକ୍ତ ୨ ମହାବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ

**ସୁନ୍ଦରଗଡ଼, ୩୦।୭ (ଡି.ଏନ୍.ଏ)**

ସ୍ଥାନୀୟ ମାହେଶ୍ୱରୀ ଯୁକ୍ତ ୨ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ମଙ୍ଗଳବାର ୨୦ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ମହେଶ୍ୱର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ବେହେରା କାରଗିଲ ଯୁଦ୍ଧରେ ଶହୀଦ ବୀର ଯବାନମାନଙ୍କର ବୀରତ୍ୱ ଓ ବଳିଦାନ ସମ୍ପର୍କରେ ଆଲୋଚନା କରି ଛାତ୍ରୀ, ଛାତ୍ରଙ୍କ ମଧ୍ୟରେ ଦେଶପ୍ରେମର ଜାଗରଣ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସେବତୀ ନାୟକ ସଭାରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## କାର୍-ବାଇକ୍ ଧକ୍କା: ୨ ଗୁରୁତର

**କୁଆଁରମୁଣ୍ଡା, ୩୦।୭(ଡି.ଏନ.ଏ.):** ବୀରମିତ୍ରପୁର ଥାନା ଅନ୍ତର୍ଗତ ତଲସେରା ନିକଟସ୍ଥ ୧୪୩ ଜାତୀୟ ରାଜପଥରେ ମଙ୍ଗଳବାର ରାତି ୭ଟା ୪୫ରେ କାର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ବାଇକ୍‌ରେ ଥିବା ଆରୋହୀ ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଉରକେଲା ସରକାରୀ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ନଦୀଜଳ ପ୍ରଦୂଷଣ ରୋକିବାକୁ ୨୬ ସହରରେ ହେବ ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

■ ବାଲେଶ୍ୱର, କଟକରେ ଅକ୍ଟୋବର ସୁଦ୍ଧା କାମ ସାରିବେ ସରକାର

■ ରାଜ୍ୟର ୫ ନଦୀଜଳ ପ୍ରଦୂଷିତ

ରାଜ୍ୟର ସହରାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳକୁ ବିଶୋଧନ କରା ନ ଯାଇ ସିଧାସଳଖ ନଦୀକୁ ଛଡ଼ାଯାଉଥିବା ଯୋଗୁ ନଦୀଜଳ ପ୍ରଦୂଷିତ ହେଉଛି। ତେଣୁ ସହରାଞ୍ଚଳ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳର ବିଶୋଧନ ଏବଂ ପରିଚାଳନା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଧାୟକ ବ୍ୟୋମକେଶ ରାୟ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଲିଖିତ ଉତ୍ତରରେ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ରାଜ୍ୟର ସମସ୍ତ ସହରାଞ୍ଚଳରୁ ବାହାରୁ ଥିବା ଜୈବିକ ଓ ଅଣଜୈବିକ ବର୍ଜ୍ୟବସ୍ତୁକୁ ପୃଥକ୍‌ଭାବେ ସଂଗ୍ରହ କରାଯାଉଛି। ତାକୁ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରକୁ ପଠାଯାଇ କମ୍ପୋଷ୍ଟ ପ୍ରସ୍ତୁତ କରାଯାଉଛି। ତାହାକୁ ନେଇ କୃଷିକାର୍ଯ୍ୟରେ ବ୍ୟବହାର କରିବାକୁ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ପ୍ରବାହିତ ମହାନଦୀ, କୁଆଖାଇ, କାଠଯୋଡ଼ି ଏବଂ ବ୍ରାହ୍ମଣୀ ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଓଡବ୍ଲ୍ୟୁଏସ୍‌ଏସ୍‌ବି ମାଧ୍ୟମରେ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ରାଉରକେଲା ଆଦି ସହରଗୁଡିକରେ ନୂତନ ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହାସହ ୭ ସହର ଯଥା: ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ବାରିପଦା, ପୁରୀ ଓ ଢେଙ୍କାନାଳରୁ ନିର୍ଗତ ସେପ୍‌ଟେଜ୍‌କୁ ବିଶୋଧନ କରିବା ପାଇଁ ନୂତନ ସେପ୍‌ଟେଜ୍ ପ୍ଲାଣ୍ଟ ନିର୍ମାଣ ହେଉଛି। ବାଲେଶ୍ୱର ଏବଂ କଟକ ସହରର ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ମନ୍ତ୍ରୀ କହିଛନ୍ତି। ଅନୁଗୋଳରେ ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣାଧୀନ ରହିଛି। ଏହା ବ୍ୟତୀତ ରାଜ୍ୟର ଅନ୍ୟ ୨୬ ସହରାଞ୍ଚଳରେ ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଏହାବ୍ୟତୀତ ସହରର ନାଳରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ନଦୀକୁ ନ ଯିବା ଲାଗି ସମସ୍ତ ସହରରେ ଥିବା ନାଳରେ ଜାଲି ଲଗାଇବାକୁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଜେନା ଉତ୍ତର ରଖିଛନ୍ତି। ଯଦି ସରକାର ଏତେ ବ୍ୟବସ୍ଥା କରିଛନ୍ତି, ତେବେ ରାଜ୍ୟରେ ଥିବା ନଦୀଜଳ କାହିଁକି ପ୍ରଦୂଷିତ ହେଉଛି ତାକୁ ନେଇ ବିରୋଧୀ ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ସେହିପରି ବିଭିନ୍ନ ନଦୀକୂଳରେ ସରକାର ପ୍ରଦୂଷଣ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରିଛନ୍ତି ବୋଲି କହୁଥିଲେ ମଧ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଭିନ୍ନ।

ଅନ୍ୟପଟେ ସମାନଦିନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ କହିଛନ୍ତି, ରାଜ୍ୟରେ ୫ ନଦୀଜଳ ପ୍ରଦୂଷିତ ହୋଇଛି। ମହାନଦୀ, ଶଙ୍ଖ, କୋଏଲ, ବ୍ରାହ୍ମଣୀ ଓ ବୈତରଣୀ ନଦୀଜଳ ପ୍ରଦୂଷିତ ହୋଇଯାଇଛି। ମହାନଦୀର ୨ଟି, ଶଙ୍ଖ ଓ କୋଏଲ ନଦୀର ଗୋଟିଏ ସ୍ଥାନରେ ଜଳ ପ୍ରଦୂଷିତ ହୋଇଛି। ସେହିପରି ବ୍ରାହ୍ମଣୀର ୪ ଏବଂ ବୈତରଣୀର ୩ ସ୍ଥାନରେ ଜଳ ପ୍ରଦୂଷିତ ହୋଇଛି। କଟକ ଓ ସମ୍ବଲପୁର ସହରର ପରିତ୍ୟକ୍ତ ଜଳ ମହାନଦୀରେ ମିଶୁଥିବାରୁ ମହାନଦୀର ଦୁଇଟି ସ୍ଥାନରେ ଜଳ ପ୍ରଦୂଷିତ ହୋଇଛି। ସେହିପରି ରାଉରକେଲା ସହରର ପରିତ୍ୟକ୍ତ ପାଣି ଓ ଷ୍ଟିଲ ପ୍ଲାଣ୍ଟର ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁ ବ୍ରାହ୍ମଣୀ ନଦୀ ପ୍ରଦୂଷିତ ହେଉଥିବା ମନ୍ତ୍ରୀ ଆରୁଖ କହିଛନ୍ତି।

■ ସହରତଳି ବସ୍ତି ବାସିନ୍ଦାଙ୍କୁ ଥଇଥାନ

## ବାସଗୃହ ଦାବିରେ ପୌରପାଳିକା କାର୍ଯ୍ୟାଳୟ ଘେରାଉ

**ସୁନ୍ଦରଗଡ, ୩୦।୭ (ଡି.ଏନ୍.ଏ)**

ଦୀର୍ଘ ବର୍ଷ ଧରି ସରକାରୀ ଜମିରେ ବସବାସ କରିଆସୁଥିବା ସହର ତଳି ବସ୍ତିବାସିନ୍ଦାଙ୍କୁ ଥଇଥାନ ଓ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବା ଦାବିରେ ମଙ୍ଗଳବାର ୨ଘଣ୍ଟା ଶତାଧିକ ବସ୍ତି ବାସିନ୍ଦା ସୁନ୍ଦରଗଡ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରିଥିଲେ। ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ବର୍ଷାରେ ଭିଜି ଭିଜି ଏହି ମହିଳା ପୁରୁଷମାନେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ନ୍ୟାର୍ଯ୍ୟ ଅଧିକାର ପାଇଁ ଦାବି କରି ଅଡି ବସିଥିଲେ। ପରେ ଏନେଇ ପୌର ନିର୍ବାହୀ ଅଧିକାରୀ ମିଶ୍ରଙ୍କ ସହିତ ଆନ୍ଦୋଳନକାରୀମାନେ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ସହରତଳି ଅଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ହୋଇଥିବା ଜମି ଅଧିକାର ଆଇନ୍ ଅନୁଯାୟୀ ହିତାଧିକାରୀ ଚୟନବେଳେ ପାତରଅନ୍ତର ନୀତି ଓ ତ୍ରୁଟି ଯୋଗୁ ଅନେକ ବସ୍ତିବାସିନ୍ଦା ଘରଡିହ ପଟ୍ଟା ଓ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ହିତାଧିକାରୀମାନଙ୍କୁ ଘରଡିହ ପଟ୍ଟା ନ ମିଳିବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଘର ନ ଭାଙ୍ଗିବା, ୩୦ବର୍ଗମିଟର ଉପରେ ଥିବା ଜମିପାଇଁ ଟଙ୍କା ଦେଇ ପାରି ନ ଥିବା ବାସିନ୍ଦାଙ୍କୁ ଦେବାକୁ ଥିବା ବିନା କୌଣସି ଟଙ୍କାରେ ଘରଡିହ ପଟ୍ଟା ପ୍ରଦାନ କରିବା, ଇଚ୍ଛୁକ ଥିବା ୧୬୧ବର୍ଗଫୁଟ ଜମି କିଣିବା ପାଇଁ କିସ୍ତି ହିସାବରେ ଟଙ୍କା ନେବା, ସର୍ଭେ ହୋଇପାରି ନ ଥିବା ଅଞ୍ଚଳ ଓ ବାଦ ପଡିଯାଇଥିବା ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରାଯିବା ନିମନ୍ତେ ଦାବି କରାଯାଇଛି। ଏହି ଦାବିଗୁଡିକ ସମ୍ପର୍କରେ ସରକାରୀ ନିୟମ ମୁତାବକ ଏବଂ ଜିଲାପାଳଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ମିଶ୍ର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ବସ୍ତିବାସିନ୍ଦା ଆନ୍ଦୋଳନରୁ ଓହରି ଥିଲେ। ଏହି ଆନ୍ଦୋଳନରେ ବୈକୁଣ୍ଠ ବନଛୋର, ପ୍ରଜ୍ଞାଶ୍ରୀ ପଣ୍ଡା, ଶ୍ରୀମୟୀ ପଟେଲ, ରାମାମୟୀ ପଟେଲ, ରୀତାରାଣି ଦାସ, ସୁନିଲ ମହାନନ୍ଦ, ମହେଶ ତନ୍ତୀ, ଅବନୀ ମିଶ୍ର , କ୍ଷିତିଶ ବାଦୀ, ଏମ୍ ଡିଆୟୁବ, ନରେଶ ଇନ୍ଦୁଆର ପ୍ରମୁଖ ସାମିଲ ଥିଲେ।



ସୁନ୍ଦରଗଡ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯାଉଛି।